# ହୃଦୟଭିକ୍ଷା

ଡକ୍ଟର ବିଧୁପ୍ରଭା ରଥ





# ହୃଦୟଭିକ୍ଷା

ଡକ୍ଟର ବିଧୁପ୍ରଭା ରଥ

# ହୃଦୟଭିକ୍ଷା

ଲେଖିକା : ଡକ୍ଟର ବିଧୁପ୍ରଭା ରଥ

ପ୍ରକାଶକ :

କଲ୍ୟାଣୀ ନଗର, କଟକ-୧୩

ପ୍ରଥମ ସଂସ୍କରଣ : ୨୦୦୭

ପ୍ରଚ୍ଛଦ : ମନସ୍ୱିନୀ ମହାନ୍ତି

ମୁଦ୍ରଣ : ଟେକ୍‌ନୋ ଆର୍ଟସ ଅଫ୍‌ସେଟ୍,

କଲ୍ୟାଣୀ ନଗର, କଟକ-୧୩

ମୂଲ୍ୟ : ଟ. ୫୦/-

# HRUDAYAVIKSHA

Author : **Dr. Bidhuprava Rath**

Publisher : **Kahani**

Kalyani Nagar, Cuttack-13

First Edition : **2007**

Cover design : **Manaswini Mohanty**

Printed at **Techno Arts Offset,**

Kalyani Nagar, Cuttack-13

Price : **Rs. 50/-**

ସୁନା ତାରର ଆଗୁଂଠିକୁ
ଯିଏ କବିତାରେ, ନିଃଶବ୍ଦତାରେ
ସାଉଁଟି ପାରନ୍ତି
ସେହି ମୋର ପ୍ରିୟ କବି
ବିପିନ୍ ନାୟକଙ୍କୁ
ସଶ୍ରଦ୍ଧ ନିବେଦନ...

- ବିଧୁପ୍ରଭା

ମୁଁ ଚିରକାଳ ଅନୁଗୃହୀତ ମୋର ପ୍ରିୟ କବି, ଦରଦୀ ସ୍ନେହ ଛଳଛଳ ବ୍ୟକ୍ତିତ୍ୱ ଶ୍ରୀ ଗିରିଜା ବଳୀୟାର ସିଂହଙ୍କ ନିକଟରେ, ଯାହାଙ୍କର ଅନୁରାଗମୟ ଅନୁପ୍ରେରଣା ଓଡ଼ିଆ ଭାଷାକୁ ଲାବଣ୍ୟମୟୀ କରେ ।

ମୋ ଭଳି ଅକିଞ୍ଚନ ଲେଖିକାକୁ ନିଜର ପରିଚୟ ଖୋଜିବାରେ ପ୍ରେରଣା ଦିଏ ।

ପ୍ରୀତିପନ୍ନା, ପୃଥ୍ୱୀକ୍ ଓ ସରସ୍ୱତୀ ମତେ ବୁଝନ୍ତି ମୋର ସୃଜନପଣକୁ ଅନ୍ତରଙ୍ଗ ଆତ୍ମୀୟତାରେ, ଜୁଡୁବୁଡୁ କରନ୍ତି ବୋଲି ମୁଁ ବାରମ୍ବାର ଜୀଉଁଥାଏ, ଝୁରୁଥାଏ ।

- ବିଧୁପ୍ରଭା

# ଜୀବନ ସମ୍ମୋହନ

ରଣ ମରଣ ଭିତରୁ ଅପୂର୍ବ ଚିତ୍ରମୟ ଜୀବନର ସ୍ୱପ୍ନ ଦେଖିବା ଭିତରେ ବଞ୍ଚିବାର ଅନାଘ୍ରାତ ମହକଟି ଚିରକାଳ ସ୍ରଷ୍ଟା ମାନସକୁ ଆକର୍ଷିତ କରିଛି । ଆଦିଗନ୍ତ ଚେରେଇ ଯାଇଥିବା ସୂକ୍ଷ୍ମାତିସୂକ୍ଷ୍ମ ଅନୁଭବର ମୁକୁଳିତ ସ୍ତବକରେ ଛୁଇଁଦେଲେ ସ୍ମୃତିର ମୁହାଣରୁ ଆତ୍ମାକୁ ଶୃଙ୍ଗାୟିତ କରୁଥାନ୍ତି କବୀର, ମୀରାବାଈ, ଲାଓତ୍ସୁ, ଯୁରାଥୁଷ୍ଟ୍ର, ଯୀଶୁ, ବୁଦ୍ଧ, ମହାବୀର, ଚୈତନ୍ୟ, କୃଷ୍ଣମୂର୍ତ୍ତି, ଓଶୋ, କିରେକ୍ ଗାର୍ଡ, ଭାନଗଗ୍, ଜ୍ୟାଁପଲ୍ ସାର୍ତ୍ତ । ଜୀବନର ନିବିଡ଼ ସମ୍ମୋହନ, ନିଷ୍ପାପ କୁନି ଝିଅର ଖିଲ୍‌ଖିଲ ହସ, ମାତୃତ୍ୱର ବିଭୋର ସୁକୁମାର ପଣ, ପକ୍ଷୀର କିଚିରି ମିଚିରି, ଗଛର କୋହ, ଶିରାଳ ଶୀର୍ଣ୍ଣହାତରେ ବୁଢ଼ା ବାପାର ସ୍ନେହ ଜରଜର ମୁଠାକ ମମତା, ପ୍ରେମର ନିରୀହ ମଧୁର ମୌନମୁଖର ଶବ୍ଦରେ, ବାକ୍ୟରେ ଜୁଡୁବୁଡୁ ହୋଇଯାଏ ବୋଲି କାଙ୍ଗାଳ ହୃଦୟ ଅନ୍ଧାରର ଆନୁଗତ୍ୟ ସ୍ୱୀକାର କରି ଆଲୋକମୟ ସମ୍ଭାବନାର ପାହାଚ ତିଆରି କରେ ।

ଜୀବନ ଅନନ୍ୟ । ପ୍ରତିଟି ମୁହୂର୍ତ୍ତ ଅସଂଖ୍ୟ ଅଲୌକିକ ଉପହାର ନେଇ ମଣିଷ ନିକଟରେ ପହଞ୍ଚିଥାଏ । ପାଉଁଶର କଣିକାଏ ଝୁଲରେ ବି ବଞ୍ଚିବାର ରୁଟି ଦିପଟ ସେକି ହେଉଥାଏ । ଅଥଚ ଈଶ୍ୱରୀୟ ପ୍ରେରଣାର ପାଦଶବ୍ଦକୁ ଅଶୁଣା କରିଦିଏ ସେ । ପ୍ରତିଯୋଗିତାର ଦୌଡ଼ ଭିତରେ ହଜିଯାଏ । ତଥାପି ଗଛର ସବୁ ଡାଳପତ୍ରକୁ କାଟି ବାରମ୍ବାର ଥୁଣ୍ଟା କରିଦେଇ ଶେଷରେ ଗଣ୍ଡିଟାକୁ କାଟିଦେଲେ ବି କାଠ ମୁଣ୍ଡିଟି ସେମିତି ବ୍ୟାକୁଳ ହୋଇ ମଣିଷକୁ, ପ୍ରେମକୁ, ଜୀବନକୁ ଅପେକ୍ଷା କରେ । ତା' କୋଳର ଛାଇରେ ଆଉଁଷି ଦେବାକୁ ହାତ ବଢ଼ାଏ । କୃତଜ୍ଞତାରେ ନଇଁ ଯିବାକୁ ଚାହେଁ ।

– ବିଧୁ

# ପୃଷ୍ଠାରେ ପୃଷ୍ଠାରେ


| | | |
|---|---|---|
| ହୃଦୟଭିକ୍ଷା | ■ | ୯ |
| ସନ୍ଥକବି କବୀର | ■ | ୧୬ |
| ବଞ୍ଚିବାର ନିଶା | ■ | ୨୨ |
| ଗେହ୍ଲାପୁଅ | ■ | ୨୫ |
| ସ୍ୱପ୍ନର ଅସ୍ତିତ୍ୱ | ■ | ୩୨ |
| ବିଦ୍ରୋହ | ■ | ୪୦ |
| ଦୃଷ୍ଟିକୋଣ | ■ | ୫୬ |
| ପୋଷାକ | ■ | ୬୩ |
| ମହାଜ୍ଞାନ | ■ | ୭୪ |
| ପ୍ରତିଭା | ■ | ୮୩ |
| ବୋଝ | ■ | ୮୮ |
| ବିଭୋର ପ୍ରତୀକ୍ଷା | ■ | ୯୨ |

## ଡକ୍ଟର ବିଧୁପ୍ରଭାଙ୍କ ଅନ୍ୟାନ୍ୟ କୃତି

୧. ସନ୍ଥକବି ଅଭିରାମ ପରମହଂସଙ୍କ ସାହିତ୍ୟ ଓ ଦର୍ଶନ (ପ୍ରବନ୍ଧ)

୨. ସୀତାକାନ୍ତ ମହାପାତ୍ରଙ୍କ କାବ୍ୟମାନସ ମିଥ୍ (ପ୍ରବନ୍ଧ)

୩. ପ୍ରେମ ଏବଂ ପ୍ରତୀକ୍ଷା (ଲଳିତ ନିବନ୍ଧ)

୪. ପ୍ରେମରୁ ସମାଧି (ଲଳିତ ନିବନ୍ଧ)

୫. ମିଛ ମଣିଷର ଅସ୍ମିତା (ଲଳିତ ନିବନ୍ଧ)

୬. ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ (ପ୍ରବନ୍ଧ)

୭. ଶୁଣ ଫାଲଗୁନୀ (ଉପନ୍ୟାସ)

୮. ମହାନାୟକ (ଉପନ୍ୟାସ)

୯. ରକ୍ତରଞ୍ଜିତ ନାୟକ

*(ଶହୀଦ ଭଗତ୍‌ସିଂହଙ୍କ ଜୀବନୀ ଉପରେ ଆଧାରିତ ଆଲୋଚନା ଗ୍ରନ୍ଥ)*

# ହୃଦୟଭିକ୍ଷା

ଜଣେ ଚକ୍ରବର୍ତ୍ତୀ ସମ୍ରାଟଙ୍କ ସିଂହଦ୍ୱାର ନିକଟରେ ସକାଳୁ ଖୁବ୍ ଭିଡ଼ ହୋଇଥିବାର ଦେଖାଗଲା । ବେଳକୁ ବେଳ ଲୋକମାନଙ୍କର ଭିଡ଼ ବଢ଼ିବାରେ ଲାଗିଲା ସିନା, କମିବାର ଲକ୍ଷଣ ଆଦୌ ଦେଖା ଯାଉନଥିଲା, ସନ୍ଧ୍ୟା ବେଳକୁ ଦୂର ଦୂରାନ୍ତର ଗ୍ରାମମାନଙ୍କରୁ ଲୋକମାନଙ୍କର ଧାଡ଼ି ରାଜପ୍ରାସାଦ ନିକଟକୁ ଲାଗି ରହିଲା । ମନେ ହେଉଥାଏ ଯେମିତି ସାରା ରାଜ୍ୟର ପ୍ରଜା ରାଜଦ୍ୱାର ନିକଟରେ ସମ୍ମିଳିତ ହୋଇଯାଇଛନ୍ତି । ବଡ଼ ଆଚମ୍ବିତ କଥା ପ୍ରବଳ ଗହଳିର ଭିଡ଼ ସତ୍ତ୍ୱେ ସମଗ୍ର ଜନତା ମନ୍ତ୍ରମୁଗ୍ଧ ହୋଇ ନିସ୍ପନ୍ଦ ଭାବରେ ସେମିତି ଛିଡ଼ା ହୋଇ ରହିଥାନ୍ତି । କଥା କ'ଣ ? ସକାଳୁ ସକାଳୁ ଜଣେ ଭିଖାରି ଆସି ସମ୍ରାଟଙ୍କୁ ଭିକ୍ଷା ମାଗିଲା । ଭିଖାରି ରାଜାଙ୍କୁ କହିଲା, 'ମୁଁ ଗୋଟିଏ ସର୍ତ୍ତରେ ଆପଣଙ୍କଠାରୁ ଭିକ୍ଷା ଗ୍ରହଣ କରିବି, ସମ୍ରାଟ ! ସର୍ତ୍ତଟି ହେଲା ମୋର ଏହି ଭିକ୍ଷାପାତ୍ରକୁ ଆପଣଙ୍କୁ ପୂର୍ଣ୍ଣ କରିବାକୁ ହେବ । କାରଣ ଅଧା ଭର୍ତ୍ତି ଭିକ୍ଷାପାତ୍ର ନେଇ ମୁଁ କାହାର ଦ୍ୱାରକୁ ଭିକ୍ଷା ମାଗିବାକୁ ଯାଏ ନାହିଁ ।' ଭିଖାରି କଥା ଶୁଣି ସମ୍ରାଟ ଖୁବ୍ ଜୋର୍‌ରେ ହସିବାକୁ ଲାଗିଲେ । ବୋଧହୁଏ ଏହି ଭିଖାରିଟା ଜାଣିପାରୁନାହିଁ ସେ ବିଶ୍ୱର କିଭଳି ଶକ୍ତିଶାଳୀ ପରାକ୍ରମୀ ରାଜଚକ୍ରବର୍ତ୍ତୀଙ୍କ ସାମ୍ନାରେ ଆସି ଛିଡ଼ା ହୋଇଛି । ଏଇଟା ଏଡ଼ିକି ପାଗଳ ଓ ମୂର୍ଖ ଯେ ମୁଁ ଏହାର ଭିକ୍ଷାପାତ୍ର ପୂର୍ଣ୍ଣ କରିପାରିବି କି ନାହିଁ ବୋଲି ସର୍ତ୍ତ ରଖୁଛି । ତା'ପରେ ସେ ତାଙ୍କର କୋଷାଗାରର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଲେ ଏ ଭିଖାରିଟିର ଭିକ୍ଷାପାତ୍ରରେ ଖାଲି ଚାଉଳ କିମ୍ବା ଖାଦ୍ୟଦ୍ରବ୍ୟରେ ଭର୍ତ୍ତି କରନାହିଁ ବରଂ ଏହା ସହିତ ରାଜକୋଷରେ ଗଚ୍ଛିତ ଥିବା ଅସୁମାରୀ ହୀରା, ନୀଳା, ମଣି, ମୁକ୍ତା ଇତ୍ୟାଦି ବହୁମୂଲ୍ୟ ଅଳଙ୍କାର, ଟଙ୍କା, ସୁନା ମଧ୍ୟ ଆଣି ଭରିଦିଅ ।

କିନ୍ତୁ ଭିଖାରିଟି ଆଉ ଥରେ ସମ୍ରାଟଙ୍କୁ ଚେତେଇ ଦେବାକୁ କହିଲା, ''ଆପଣ ମୋର ସର୍ତ୍ତ ଭଲଭାବରେ ବୁଝିପାରିଲେ ତ ? ମୁଁ କସ୍ମିନକାଳେ ଅଧା ଭର୍ତ୍ତି ଭିକ୍ଷାପାତ୍ର ନେଇ ଫେରିବି ନାହିଁ, ଯଦି ଆପଣ ମୋର ଭିକ୍ଷାପାତ୍ର ପ୍ରକୃତରେ ଭର୍ତ୍ତି କରିପାରିବେ ତା'ହେଲେ ଦିଅନ୍ତୁ ସିନା ନହେଲେ ମତେ ଅନ୍ୟ ଏକ ଦ୍ୱାରରୁ ଭିକ୍ଷା

ନେବାକୁ ଖୋଜିବାକୁ ପଡ଼ିବ ।' ହାଁ ! କେତେ ଆସ୍ପର୍ଦ୍ଧା ଏହି ଦୀନହୀନ ଭିଖାରିଟିର । ବିଶ୍ୱବିଜୟୀ ରାଜଚକ୍ରବର୍ତ୍ତୀ ସମ୍ରାଟଙ୍କ ନିକଟରେ ମୁଣ୍ଡ ଟେକି ଛିଡ଼ା ହୋଇ କେତେ ଦମ୍ଭରେ କହୁଛି ତମେ ମୋର ଭିକ୍ଷା ପାତ୍ର ଯଦି ପୂର୍ଣ୍ଣ ନ କର ତେବେ ମୋତେ ଆଉ ଏକ ଘରକୁ ଯିବାକୁ ପଡ଼ିବ। ବାସ୍ତବିକ୍ ସମ୍ରାଟଙ୍କ ଅହଂକାରକୁ ଏଭଳି ଚରମ ଚ୍ୟାଲେଞ୍ଜ ଆଉ କେହି କେବେହେଲେ କରିନଥିଲା । ସେ ରାଗରେ ଦାନ୍ତ କଡ଼ମଡ଼ କରି ନିଜର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଲେ ଏ ଭିଖାରିଟିର ଭିକ୍ଷାପାତ୍ର ଭର୍ତ୍ତି ହୋଇ ତଳେ ପଡ଼ିଲା ପର୍ଯ୍ୟନ୍ତ ଯେତେ ମୋର ରାଜକୋଷରେ ଟଙ୍କା, ସୁନା, ହୀରା, ନୀଳା, ମୋତି, ମାଣିକ୍ୟ ଅଛି, ସବୁ ଭର୍ତ୍ତି କରିଦିଅ। ଛା'ର ଗୋଟେ ଭିଖାରି ମତେ ଚ୍ୟାଲେଞ୍ଜ କରୁଛି, ମୁଁ ଯାର ଭିକ୍ଷାପାତ୍ର ପୂର୍ଣ୍ଣ କରି ପାରିବି କି ନାହିଁ।

ପ୍ରକୃତରେ ସମ୍ରାଟଙ୍କ ନିକଟରେ ଧନ ସମ୍ପଦର ଅଭାବ ନଥିଲା । ତାଙ୍କ ନିକଟରେ ଅମାପ ଧନର ଭଣ୍ଡାର ଭର୍ତ୍ତି ହୋଇଥିଲା । ଗୋଟିଏ ସାମାନ୍ୟ ଭିକ୍ଷାପାତ୍ରକୁ ଭର୍ତ୍ତି କରିଦେଲେ ଗଚ୍ଛିତ ସମ୍ପଦ କଦାପି କମ୍ ହୋଇଯିବ ନାହିଁ । ସେ ତ ସାରା ପୃଥିବୀକୁ ଜୟ କରି ଅପର୍ଯ୍ୟାପ୍ତ ସମ୍ପଦ ଠୁଳ କରିରଖିଛନ୍ତି । କିନ୍ତୁ ଯେତେବେଳେ ରାଜକର୍ମଚାରୀମାନେ ଭିକ୍ଷାପାତ୍ର ଭର୍ତ୍ତି କରିବାକୁ ଗଲେ ସେତେବେଳେ କଥାଟା ଜଣା ପଡ଼ିଗଲା । ଆରେ ! ଏ କି କଥା । ଭିକ୍ଷାପାତ୍ର ପୂରା ଭର୍ତ୍ତି ହେଉନାହିଁ । ଦୁଇଜଣ ସମ୍ରାଟଙ୍କ ଭିତରେ ଯଦି ଲଢ଼େଇ ହୋଇ ଥାନ୍ତା ତେବେ ଅବା ସମ୍ରାଟ ଜିତିଯାଇଥାନ୍ତେ । କିନ୍ତୁ ଏକ ଭିଖାରି ସହିତ ଲଢ଼େଇ ହେଉଥିବାରୁ ସମ୍ରାଟ ବଡ଼ ଅସୁବିଧାରେ ପଡ଼ିଯାଇଥାନ୍ତି । ଯେତେ ପରିମାଣରେ ହୀରା, ନୀଳା, ଅଳଙ୍କାର ଭିକ୍ଷାପାତ୍ରରେ ଭର୍ତ୍ତି ହେଉଥାଏ ସବୁ କୁଆଡ଼େ ସେହି ଅତଳ ଗହ୍ୱରରେ ଲୀନ ହୋଇଯାଉଥାଏ । ସମ୍ରାଟ, ରାଜକର୍ମଚାରୀ, ଜନତା ସମସ୍ତେ ଅବାକ୍, ସ୍ତମ୍ଭୀଭୂତ ହୋଇ ଛିଡ଼ା ହୋଇଥାନ୍ତି । କାହା ମୁହଁରୁ ଶବ୍ଦ ସ୍ଫୁରୁ ନଥାଏ । ରାଜକର୍ମଚାରୀମାନେ ଦୌଡ଼ି ଦୌଡ଼ି ରାଜପ୍ରସାଦକୁ ଯାଉଥାନ୍ତି, ଥାଳି ଭର୍ତ୍ତି ହୀରା ନୀଳା ଆଣି ଭିକ୍ଷାପାତ୍ର ଭର୍ତ୍ତି କରୁଥାନ୍ତି । ଅଥଚ ଭିକ୍ଷାପାତ୍ରରେ ସବୁକିଛି ମିଳେଇଯାଉଥାଏ । ଏଭଳି ଅସମ୍ଭବ, ଅକଳ୍ପନୀୟ ଘଟଣା ଦେଖିବା ପାଇଁ ଭିଡ଼ କ୍ରମଶଃ ବଢୁଥାଏ ସିନା କମିବାର କୌଣସି ଲକ୍ଷଣ ଦେଖାଯାଉ ନଥାଏ । ସମସ୍ତଙ୍କର ମନରେ ଗୋଟିଏ ପ୍ରଶ୍ନ ଉଙ୍କିମାରୁଥାଏ ସତରେ କ'ଣ ଆଜି ସମ୍ରାଟ ଜଣେ ଭିଖାରି ସାମ୍ନାରେ ହାରିଯିବେ ? ସନ୍ଧ୍ୟା ହେଉ ହେଉ ସମ୍ରାଟ ବୁଝିପାରିଲେ ବର୍ତ୍ତମାନ ନିଜର ପରାଜୟ ସ୍ୱୀକାର କରିବା ଛଡ଼ା ଆଉ କୌଣସି ଉପାୟ ନାହିଁ । ତେଣୁ ସମ୍ରାଟ ଅସହାୟ ହୋଇ ଭିଖାରିଟିର ପାଦତଳେ ପଡ଼ିଯାଇ କହିଲେ 'ହେ ଭିଖାରି ! ମତେ କ୍ଷମା କରିଦିଅ । ମୋର ଭୁଲ୍ ହୋଇଗଲା, ମୁଁ ପ୍ରକୃତରେ ଭୁଲିଯାଇଥିଲି ଯେ ଭିଖାରିମାନଙ୍କର ଭିକ୍ଷାପାତ୍ରକୁ କେଉଁ ସମ୍ରାଟ କେବେହେଲେ ଭର୍ତ୍ତି କରିପାରିବ ନାହିଁ । ମୋର ବଡ଼ ଭୁଲ୍ ହୋଇଯାଇଛି । ମତେ କ୍ଷମା କରିଦିଅ । ମୁଁ ହାରିଗଲି, ବନ୍ଧୁ ! ତୁମ ପାଦତଳେ

ପରାଜିତ ଏହି ସମ୍ରାଟ ତା'ର ପରାଜୟ ସ୍ୱୀକାର କରୁଛି । କିନ୍ତୁ ତୁମେ ଯିବାପୂର୍ବରୁ ଗୋଟିଏ କଥା ମତେ ବୁଝାଇଦିଅ କ'ଣ ସତରେ ତୁମର ଏହି ଭିକ୍ଷାପାତ୍ର ମନ୍ତ୍ରସିଦ୍ଧ ହୋଇଛି କି ? ଏହି ପାତ୍ର କେମିତି ମୋର ସମ୍ପଦକୁ ଲୀନ କରିଦେଲା ? କାହିଁକି ତୁମର ଏ ପାତ୍ର ଭର୍ତ୍ତି ହେଉନାହିଁ ? ବାହାରକୁତ ଏତେ ଛୋଟ ଭିକ୍ଷାପାତ୍ରଟିଏ ଭଳି ଦେଖାଯାଉଛି, ଅଥଚ ସାରା ପୃଥିବୀର ଅମାପ ଅକଳନ୍ତି ସମ୍ପଦକୁ ଗିଳି ଦେବାର କ୍ଷମତା କେମିତି ରଖୁଛି ?''

ସମ୍ରାଟଙ୍କ କଥା ଶୁଣି ଭିଖାରିଟି ଟିକିଏ ହସି ଉତ୍ତର ଦେଲା, 'ନା ! କୌଣସି ମନ୍ତ୍ର ଦ୍ୱାରା ଏହି ଭିକ୍ଷାପାତ୍ର ସିଦ୍ଧ ଅଟେ ନା କୌଣସି ରହସ୍ୟ ଏହି ପାତ୍ର ପଛରେ ଲୁଚି ରହିଛି । ଗୋଟିଏ ମାତ୍ର ଛୋଟ ସୂତ୍ର ଏ ପାତ୍ର ପଛରେ ଲୁଚି ରହିଛି । ତାହା ହେଲା, ମୁଁ ଏହି ଭିକ୍ଷାପାତ୍ରକୁ ମଣିଷର 'ହୃଦୟ'ରେ ତିଆରି କରିଛି । ତୁମେ ତ ଜାଣିଛ ମନୁଷ୍ୟର ହୃଦୟ କେବେହେଲେ ଭର୍ତ୍ତି ହୁଏ ନାହିଁ । ତେଣୁ ଏହି ପାତ୍ର କଦାପି ପୂର୍ଣ୍ଣ ହୋଇପାରିବ ନାହିଁ ।'

ଏହା ଏକ କାହାଣୀ ବୋଲି ମନେ ହୋଇପାରେ କିନ୍ତୁ ଏହା ଭିତରେ ଲୁଚିଥିବା ବାସ୍ତବିକତା ହିଁ ଆମକୁ ସଚେତନ କରେଇ ଦେଉଛି ମନୁଷ୍ୟର ହୃଦୟ ପାତ୍ରକୁ ଭର୍ତ୍ତି କରିବାର କଳାରେ ମନୁଷ୍ୟକୁ ଦୀକ୍ଷିତ କରାଇବା ଦରକାର । ଆଜି ଯାଏଁ ଯେଉଁ ଶିକ୍ଷା ଆମେ ମନୁଷ୍ୟ ସମାଜକୁ ଶିଖାଇ ଆସିଛୁ ତାହା ସର୍ବାଦୌ ଅସମ୍ପୂର୍ଣ୍ଣ, ଭ୍ରାନ୍ତ ଏବଂ ବିପଦ୍‌ଜନକ । ଆଜିପର୍ଯ୍ୟନ୍ତ ଶିକ୍ଷା ଏହି କଷଟି ପଥରରେ ଉତ୍ତୀର୍ଣ୍ଣ ହୋଇ ଆସିନାହିଁ । କାରଣ ଶିକ୍ଷିତ ବ୍ୟକ୍ତିର ପାତ୍ର ଅଶିକ୍ଷିତ ବ୍ୟକ୍ତିର ପାତ୍ରଠାରୁ ଆହୁରି ବଡ଼ ହୋଇ ଯାଉଛି । ତେଣୁ ଏହା ଭର୍ତ୍ତି କରିବା ଏକଦମ୍ କଠିନ ମନେହେଉଛି । ଯେତିକି ପରିମାଣରେ ଶିକ୍ଷା ପୃଥିବୀରେ ବଢୁଛି ସେତିକି ପରିମାଣରେ ଭିଖାରିଙ୍କ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି । ଯେତିକି ଶିକ୍ଷା ଦୁନିଆରେ ବଢୁଛି ସେତିକି ପରିମାଣରେ ଆକାଂକ୍ଷା ମଧ୍ୟ ବଢୁଛି । ଅର୍ଥାତ୍ ଏମ୍ନିସନ୍‌ର ପାତ୍ର ମଧ୍ୟ ବଡ଼ ହେବାରେ ଲାଗିଛି । ଯାହାକି ପୃଥିବୀର ଅମାପ ସମ୍ପଦରେ ମଧ୍ୟ କେବେହେଲେ ପୂର୍ଣ୍ଣ ହୋଇ ପାରିବ ନାହିଁ ।

ତା' ହେଲେ ଗୋଟିଏ କଥା ଏଠାରେ ସ୍ପଷ୍ଟ ହୋଇ ଯାଉଛି ତଥାକଥିତ ଆଧୁନିକ ଶିକ୍ଷା ଆନନ୍ଦ ଦେଉଛି ନା କେବଳ ଦୁଃଖ ଏବଂ ସମସ୍ୟା ସୃଷ୍ଟି କରୁଛି ? ଶାନ୍ତି ଦେଉଛି ନା ଖାଲି ଅଶାନ୍ତି ସୃଷ୍ଟି କରିଚାଲିଛି ? ଏହା କେବଳ ଆଜିର ଶିକ୍ଷା ପଦ୍ଧତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ, ବରଂ ଆଜି ପର୍ଯ୍ୟନ୍ତ ଯେଉଁ ଶିକ୍ଷା ଦିଆ ଚାଲିଛି ତା' ଉପରେ ମଧ ପ୍ରଶ୍ନ ପଚାରୁଛି । ପୃଥିବୀର ଯେଉଁ କୋଣକୁ ଦେଖ ନା କାହିଁକି, ଯେଉଁ ଯୁଗକୁ ଅନୁଧାନ କରନା କାହିଁକି ଶିକ୍ଷା ସର୍ବଦା ମନୁଷ୍ୟକୁ ଉଚ୍ଚ

ଆକାଙ୍କ୍ଷା ସୃଷ୍ଟି କରିବାରେ ହିଁ ସାହାଯ୍ୟ କରିଛି । ଆଜି ପର୍ଯ୍ୟନ୍ତ ଶିକ୍ଷା ଆକାଙ୍କ୍ଷା ବିହୀନ ମନ ସୃଷ୍ଟି କରିବାରେ ସମର୍ଥ ହୋଇପାରିନାହିଁ । ଯେତିକି ପରିମାଣରେ ଉଚ୍ଚାକାଙ୍କ୍ଷାର ଜ୍ୱର ମଣିଷ ଭିତରେ ଆମେ ଭର୍ତ୍ତି କରି ଦେଉଛୁ, ସେତିକି ସେହି ବ୍ୟକ୍ତିକୁ ଶକ୍ଷିତ ବୋଲି ମାନି ନେଉଛୁ । ଶିକ୍ଷାର ଏହି ବ୍ୟାଧି ପ୍ରଥମ ଶ୍ରେଣୀରୁ ଆରମ୍ଭ ହୁଏ ଏବଂ ବିଶ୍ୱବିଦ୍ୟାଳୟର ଶେଷ ଶ୍ରେଣୀ ପର୍ଯ୍ୟନ୍ତ ଅନବରତ ଚାଲୁ ରହିଥାଏ । ପ୍ରଥମଶ୍ରେଣୀରୁ ହିଁ ଏହି ଉଚ୍ଚାକାଙ୍କ୍ଷାର ପାଠପଢ଼ା ଆରମ୍ଭ ହୋଇ ଯାଏ । ମନୁଷ୍ୟ ମନକୁ ଯେଉଁ ଉଚ୍ଚାକାଙ୍କ୍ଷାର ରୋଗ ଆକ୍ରମଣ କରେ ସେଥିରେ ସେ ରୋଗାକ୍ରାନ୍ତ ହୋଇ ସାରାଜୀବନ କଦାଚିତ୍ ଶାନ୍ତି କିମ୍ବା ଆନନ୍ଦ ପାଏ ନାହିଁ । ଉଚ୍ଚାକାଙ୍କ୍ଷାରୂପୀ କାଳକୂଟ ବିଷର ଜ୍ୱାଳା ଅନ୍ୟ କୋଣର ବିଷଭଳି ଏତେ ଉତ୍କଟ ହୋଇ ନପାରେ । କିନ୍ତୁ କ'ଣ କରାଯିବ ଉଚ୍ଚାକାଙ୍କ୍ଷା ଶିଖାଇବା ବ୍ୟତୀତ ଆମେ ତମକୁ କ'ଣ ବା ଅଧିକା ଶିଖାଇ ପାରୁଚୁ ? ଯେଉଁ ଶିକ୍ଷା ବି ଆମେ ଦେଉଛୁ ତା'ର ମୂଳ ମଞ୍ଜିରେ ତ ସେଇ ଆକାଙ୍କ୍ଷାର ଭ୍ରୁଣ ହିଁ ରୋପିତ ହୋଇଛି ।

ତେଣୁ ପ୍ରଥମ ଶ୍ରେଣୀରୁ ହିଁ ଶିଶୁକୁ ଆମେ ଶିଖାଉ ଦୌଡ, ଖୁବ୍‌ଜୋର୍‌ରେ ଦୌଡ଼ । ଯେମିତି ତୋର ସାଙ୍ଗମାନଙ୍କୁ ତୁ ପଛରେ ପକାଇ ଆଗକୁ ପଳାଇ ଯିବୁ । ଏହି ଆଗକୁ ଯିବାର ଦୌଡରୁ ହିଁ ପ୍ରତିଯୋଗିତା (Competition) ମନୋଭାବରୁ ପ୍ରତିହିଂସାର ମନୋଭାବ ସୃଷ୍ଟି ହୋଇଥାଏ । ଆମେ ପିଲାଙ୍କୁ ଶିଖାଉ - ପଛକୁ ବାପା ! ଫେରିଚାହାଁନା । ଆଗକୁ ହିଁ ଦେଖି ଦୌଡ଼, ସମସ୍ତଙ୍କଠାରୁ ଆଗରେ ଯାଇ ପହଞ୍ଚିଯାଅ । ଛିଡ଼ା ହୋଇ ଯାଅ । ଦେଖିବାକୁଗଲେ ଉପରକୁ ଏହି ଶିକ୍ଷାଟି ଖୁବ୍ ମଧୁର ମିଠା, ସହଜ ଶୁଣାଯାଉଛି ସତ, କିନ୍ତୁ ଏହି ପ୍ରଥମ ହେବା ଦୌଡ଼ ପ୍ରତିଯୋଗିତା ପାଇଁ ମନୁଷ୍ୟର ଯେଉଁ ଆତ୍ମିକ ଶକ୍ତିର କ୍ଷତି ହେଉଛି ତାହା କାହାରି ଆଖିକୁ ଦେଖା ଯାଉନାହିଁ । ଏହି ପରିପ୍ରେକ୍ଷୀରେ ଯୀଶୁଖ୍ରୀଷ୍ଟଙ୍କର ଏକ ବକ୍ତବ୍ୟ ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ । ସନ୍ଥ ଯୀଶୁ କହିଥିଲେ ଧନ୍ୟ ସେହି ବ୍ୟକ୍ତିମାନେ- ଯେଉଁମାନେ ଶେଷରେ ଠିଆହେବାର ସାମର୍ଥ୍ୟ ଏବଂ ଯୋଗ୍ୟତା ରଖନ୍ତି । ବାଃ ! ବଡ଼ ଅଦ୍ଭୁତ ସୂତ୍ରଟିଏ ଯୀଶୁଖ୍ରୀଷ୍ଟ କହିଲେ । ଆମେ ତ ଯେଉଁ ବ୍ୟକ୍ତିମାନେ ପ୍ରଥମ ଧାଡ଼ିରେ ଠିଆ ହେବାର ଯୋଗ୍ୟତା ରଖୁଛନ୍ତି ତାଙ୍କୁ ଧନ୍ୟ ଧନ୍ୟ କରୁଛୁ । ଅଥଚ ଯୀଶୁଖ୍ରୀଷ୍ଟ କ'ଣ ଏପରି ଓଲଟା କଥା କହୁଛନ୍ତି ? ଏହି ପ୍ରଥମରେ ଛିଡ଼ା ହେବାର ଅର୍ଥ ତା'ହେଲେ କ'ଣ ? ଏହାର ତାତ୍ପର୍ଯ୍ୟ ହେଉଛି ପ୍ରଥମ ସ୍ଥାନରେ ଛିଡ଼ା ହେବାର ଦୌଡ଼ ହିଁ ମନୁଷ୍ୟର ଉଚ୍ଚ ଆକାଙ୍କ୍ଷା । ଛୋଟ ଚେୟାରରୁ ବଡ଼ ଚେୟାର, ବଡ଼ରୁ ଆହୁରି ବଡ଼, ଆହୁରି ବଡ଼, ଭୁବନେଶ୍ୱରରୁ ଦିଲ୍ଲୀ, ଦିଲ୍ଲୀରୁ ବମ୍ବେ, ମାଡ୍ରାସରୁ ଲଣ୍ଡନ, ପ୍ୟାରିସ୍ ଏମିତି ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମିଯିବା ମାନସିକତା... ସାରା ବିଶ୍ୱକୁ କେବଳ ଗୋଟିଏ ଭୟଙ୍କର ଜ୍ୱରର ଭୂତାଣୁ ସଂକ୍ରମିତ କରିଛି, ତାହାହେଲା ଦୌଡ଼, ଖୁବ୍ ଜୋର୍‌ରେ ଦୌଡ଼ି ସମସ୍ତଙ୍କୁ ପଛରେ ପକାଇ

ଦେଇ ଆଗକୁ ବଢ଼ିଯାଅ । ମନେକର ପ୍ରଥମ ଶ୍ରେଣୀରେ ୩୦ ଜଣ ଶିଶୁ ଅଛନ୍ତି ସେମାନଙ୍କ ଭିତରୁ ଯେଉଁ ପିଲାଟି ପ୍ରଥମେ ଛିଡ଼ା ହେଲା ଯାହା ପଚରାଗଲା ତାର ଉତ୍ତର ନ ଡ଼ରି ଦେଇ ପାରିଲା, ତାକୁ ଆମେ ସାବାସୀ ଦେଉ, ଆହୁରି ଉତ୍ସାହିତ କରୁ । ଆଉ ଯେଉଁ ଶିଶୁଟି ପଛରେ କୋଣରେ ଡରି ଡରି ଶେଷରେ ଛିଡ଼ା ହେଲା ତାକୁ ଆମେ ଏକଦମ୍ ନଜର ଅନ୍ଦାଜ କରିଦେଉ, ତାକୁ ଆମେ ଜାଣିଶୁଣି ଦୁଃଖୀ ତଥା ହୀନ ଭାବନାରେ ପୀଡ଼ିତ ହେବାକୁ ଛାଡ଼ିଦେଉ । ସେଥିପାଇଁ ଆଜି ଜଗତରେ ଏତେ ସବୁ ହୀନମନ୍ୟତା, ହୀନଭାବନା ସୃଷ୍ଟି ହୋଇଛି ତାହାରି ମୂଳରେ ଆମର ଏହି ପ୍ରଥମ ହେବାର ପ୍ରତିଯୋଗୀ ଶିକ୍ଷା ହିଁ ସର୍ବାନ୍ତଃକରଣରେ ଦାୟୀ, କାରଣ ୩୦ ଜଣ ଶିଶୁଙ୍କ ଭିତରୁ ଗୋଟିଏ ଶିଶୁ ହିଁ ପ୍ରଥମ ହେବ ଆଉ ୨୯ ଜଣ ପିଲା ସେମିତି ପଛରେ ହିଁ ରହିବେ । ଗୋଟିଏ ଶିଶୁକୁ ପ୍ରଥମ କରିବାକୁ ଯାଇ ଆମେ ୨୯ଜଣ ଶିଶୁଙ୍କୁ ବାଧ୍ୟତାମୂଳକ ଭାବରେ ମାନସିକସ୍ତରରେ ବିପନ୍ନ, ଦୁର୍ବଳ, ଦୁଃଖୀ ଓ ଅପମାନିତ କରିଦେଉଛୁ । ଗୋଟିଏ ଶିଶୁକୁ ଗୌରବାନ୍ୱିତ କରିବାକୁ ଯାଇ ୨୯ଜଣ ଶିଶୁଙ୍କୁ ବଳିଦାନ ଦେବାକୁ ପଡୁଛି ।

ଏହି ସହଜ, ସରଳ, ସୂକ୍ଷ୍ମ ବିପର୍ଯ୍ୟୟ ସୂତ୍ରଟି କିନ୍ତୁ ନା ତମକୁ ଦେଖାଯାଉଛି ନା ମତେ ଦେଖାଯାଉଛି । ଏହି ଯେଉଁ ମୁଷ୍ଟିମେୟ ସଫଳ ବ୍ୟକ୍ତି ବିଶେଷଙ୍କୁ ତମେମାନେ ଦେଖୁଛ ତାଙ୍କର ପଛରେ କେତେ ନା କେତେ ଅସଫଳ ଅକୃତକାର୍ଯ୍ୟ ବ୍ୟକ୍ତି ମାନଙ୍କର ଲମ୍ବାଧାଡ଼ି ଲାଗିଛି ତାହା କ'ଣ କାହାକୁ ଦେଖା ଯାଉଛି ନା କାହାର ହୋସ୍ ଅଛି ? ଦେଖିବାକୁ ଗଲେ କେତେଜଣ ସଫଳ ଲୋକଙ୍କୁ ନେଇ କେବେହେଲେ ଜଗତ ସୃଷ୍ଟି ହୋଇନାହିଁ । ପଛରେ ଯେଉଁମାନେ ରହିଗଲେ ସେମାନେ ହିଁ ବାସ୍ତବରେ ଏହି ଦୁନିଆ ତିଆରି କରନ୍ତି । ହାରିଯାଇଥିବା ଉଦାସ, ଦୁଃଖୀ ବ୍ୟକ୍ତିମାନଙ୍କ ଦ୍ୱାରା ଯେଉଁ ଜଗତ, ସମାଜ ତିଆରି ହୁଏ ତାହା ତ କେବେହେଲେ ସ୍ୱଚ୍ଛ, ସ୍ୱଷ୍ଟ ହୋଇପାରିବ ନାହିଁ । ନର୍କ ହିଁ ସେମାନେ ତିଆରି କରିବେ । ଉପାୟ କିଛି ନାହିଁ । ପରାଜିତ ହୋଇଯାଇଥିବା ମଣିଷମାନଙ୍କ ଦ୍ୱାରା ଯେଉଁ ଜଗତ ତିଆରିହେବ ତାହା କଦାପି ଭଲ କି ଆନନ୍ଦମୟ ହୋଇପାରିବ ନାହିଁ । ଏହାଛଡ଼ା ଯେଉଁ ଶିକ୍ଷା ଓ ସଂସ୍କୃତି ମଣିଷସମାଜର ଏକ ବଡ଼ ଗୋଷ୍ଠୀକୁ ପରାଜିତ, ଅଯୋଗ୍ୟ ବୋଲି ପ୍ରମାଣିତ କରିଦିଏ ସେହି ସଂସ୍କୃତି କଦାପି ସ୍ୱାଗତଯୋଗ୍ୟ କିମ୍ବା ଗ୍ରହଣଯୋଗ୍ୟ ହୋଇପାରିବ ନାହିଁ । ଅଥଚ ଆମେ ସର୍ବଦା ସେହି ଏକମାତ୍ର ପ୍ରଥମ ସଫଳ ବ୍ୟକ୍ତିଟିକୁ ହିଁ ଦେଖୁଥାଉ, ଅଙ୍ଗୁଳି ନିର୍ଦ୍ଦେଶ କରୁଥାଉ । କେବେହେଲେ ବାକି ୨୯ ଜଣଙ୍କୁ ଦେଖିବାକୁ ଚାହୁଁ ନାହୁଁ । ସେମାନେ ତେବେ କରିବେ କ'ଣ ? ଅନ୍ଧାରରେ ମୁହଁ ଲୁଚାଇବେ !

ତାଙ୍କୁ ଦେଖିବା କ'ଣ ଦରକାର । ଦୌଡ଼ରେ ହାରିଯିବା ତାଙ୍କର ଦୁର୍ବଳତା । ପ୍ରଥମ ହୋଇ ନ ପାରିବା ତାଙ୍କର ଦୋଷ । ଏଠାରେ ଗୋଟିଏ ସତ୍ୟ ଉଦ୍‌ଘାଟିତ

ହେଉଛି ଏହି ୩୦ ଜଣ ଯେତେ ଚେଷ୍ଟା କରନ୍ତୁ ନା କାହିଁକି ସେମାନଙ୍କ ଭିତରୁ କେବଳ ଜଣେ ହିଁ ପ୍ରଥମ ହୋଇ ପାରିବ। ୨୯ ଜଣ କେବେହେଲେ ଶତଚେଷ୍ଟା ସତ୍ତ୍ୱେ ପ୍ରଥମ ସ୍ଥାନ ଅଧିକାର କରିପାରିବେ ନାହିଁ। ହାରିଯାଇଥିବା ୨୯ ଜଣଙ୍କ ମନରେ ଯେଉଁ ଉତ୍ସାହ, ଜୀବନୀଶକ୍ତି ପୂର୍ଣ୍ଣ ହୋଇଥିଲା ସବୁ ବିକ୍ଷିପ୍ତ ହୋଇ ଗଲା । ଆରମ୍ଭରୁ ହିଁ ତୁମେ ଏମାନଙ୍କୁ ପରାଜିତ, ଶିଥିଳ, ଦୁର୍ବଳ ବୋଲି ପ୍ରମାଣିତ କରିଦେଲ। ଏମାନଙ୍କର ସମସ୍ତ ଆଶା ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା । ଏମାନେ ନିରାଶା, ଅପମାନରେ ଜର୍ଜରିତ ହୋଇ ଏକ୍‌ବାର ହତୋତ୍ସାହ, ହତାଶ ହୋଇ ଜୀବନରେ ଜଗତରେ ପ୍ରବେଶ କରିବେ। ସେଥିପାଇଁ ଏହି ଅପମାନିତ ମଣିଷମାନେ କ୍ରୋଧିତ ଦୃଷ୍ଟିଭଙ୍ଗୀ ନେଇ ସ୍ଥାନେ ସ୍ଥାନେ ଭଙ୍ଗାରୁଜା, ମାରପିଟ, ହାଣକାଟ କରିଥାନ୍ତି । ତା'ହେଲେ କୁହ କିଏ ଏହାର ଉତ୍ତରଦାୟୀ ହେବ ? ଆଜିର ଶିକ୍ଷା ନା ଶିକ୍ଷା ପଦ୍ଧତି ? କେଉଁଟା ତା'ହେଲେ ଗ୍ରହଣୀୟ ? ତୁମେ ଜାଣ ଯେଉଁ ଦିନରୁ ଶିକ୍ଷାର ପ୍ରସାର ହେଲା ଲୋକମାନେ ଶିକ୍ଷିତ ହେବାକୁ ଲାଗିଲେ ସେହି ଦିନଠାରୁ ଯୁବକମାନଙ୍କ ମନରେ ହତାଶା, ଜଗତକୁ ଧ୍ୱଂସ କରିଦେବା, ବିକ୍ଷିପ୍ତ କରିବା ଭାବ ଜନ୍ମନେଲା । ଆଗରୁ ସମାଜରେ ଏତେ ଅଶାନ୍ତି, ଦୁଃଖ, ଯନ୍ତ୍ରଣା ନଥିଲା, ଲୋକମାନେ ଭାରି ସରଳ, ସହଜ, ଶାନ୍ତିପ୍ରିୟ ଜୀବନ ଜୀଉଁଥିଲେ । ଏହାର ଏକମାତ୍ର କାରଣ ଥିଲା ସେମାନେ ବର୍ତ୍ତମାନଠାରୁ ଅଧିକା ଅଶିକ୍ଷିତ ଥିଲେ । ଆଜି ବି ଯେଉଁଠି ଅଶିକ୍ଷିତଙ୍କ ସଂଖ୍ୟା ଅଧିକ ଅଛି ସେଠାକାର ଯୁବଗୋଷ୍ଠୀ ଶାନ୍ତ ଅଛନ୍ତି । ତା'ବୋଲି ଅଶିକ୍ଷିତ ହୋଇ ଲୋକମାନେ ରୁହନ୍ତୁ ଏହା କୁହାଯାଉନାହିଁ । କଥାର ତାତ୍ପର୍ଯ୍ୟ ହେଉଛି ଆମରି ଏହି ଶିକ୍ଷା ପ୍ରଣାଳୀ ଭ୍ରମାତ୍ମକ । ଆମକୁ ଏପରି ଏକ ଶିକ୍ଷାର ପଦ୍ଧତି ପ୍ରସ୍ତୁତ କରିବାକୁ ପଡ଼ିବ ଯେଉଁଥିରେ ଉଚ୍ଚାକାଙ୍କ୍ଷାରୂପୀ ଭୂଲ୍ ଧାରଣାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିଦିଆଯିବ । ଆମରି ଶିକ୍ଷା ଏପରି ହେବ ଯାହା ମନକୁ, ହୃଦୟକୁ ଆନନ୍ଦରେ ଭରିଦେବ। କୌଣସି ପ୍ରତିଯୋଗିତା, ପ୍ରତିହିଂସା ମନୁଷ୍ୟକୁ ପ୍ରତିହତ କରିପାରିବ ନାହିଁ । ଯାହାକୁ ଗଣିତ ଶିଖିବାକୁ ଇଚ୍ଛା ହେଉଛି ଏବଂ ଗଣିତ କଷିବାରେ ତାକୁ ଆନନ୍ଦ ମିଳୁଛି ତେବେ ସେ ତାହା ହିଁ କରିବ । ନୃତ୍ୟ ଶିଖିବାକୁ ଇଚ୍ଛା ହେଉଛି, ସେଥିରେ ଆନନ୍ଦ ମିଳୁଛି ତାହା ହିଁ ସେ କରୁ । ଯାହାକୁ କାବ୍ୟ କବିତା ଲେଖିବାକୁ, ପଢ଼ିବାକୁ ଇଚ୍ଛା ହେଉଛି ଏବଂ ସେଥିରୁ ଆନନ୍ଦ ମିଳୁଛି ସେ ତାହାହିଁ କରୁ । ଥରେ ପ୍ରସିଦ୍ଧ ଚିତ୍ରକର ଭିନ୍‌ସେଣ୍ଟ ଭାନଗଗ୍‌ଙ୍କୁ ପଚରାଗଲା- କାହିଁକି ଆପଣ ଚିତ୍ର ଆଙ୍କୁଛନ୍ତି ? କ'ଣ ଅନ୍ୟ ଚିତ୍ରକରମାନଙ୍କଠାରୁ ଶ୍ରେଷ୍ଠ ହେବା ଇଚ୍ଛାରେ ଆପଣ ଏପରି ଚିତ୍ର ଆଙ୍କୁଛନ୍ତି ? ଭାନ୍‌ଗଗ୍ କହିଲେ, 'ଅନ୍ୟ ଚିତ୍ରକର ? ମତେ ତ ଆଜି ପର୍ଯ୍ୟନ୍ତ ଆଦୌ ମନକୁ ଆସିନାହିଁ, ଅନ୍ୟ ଜଣଙ୍କ କଥା । ମୁଁ ଚିତ୍ର ଏଥିପାଇଁ ଆଙ୍କୁଛି କାରଣ ମତେ ଚିତ୍ର ଆଙ୍କିବାରେ ଆନନ୍ଦ ମିଳୁଛି । ତେଣୁ ଅନ୍ୟକୁ

ପଛରେ ପକାଇ ଆଗକୁ ଯିବାର ପ୍ରଶ୍ନ କେଉଁଠି ଉଠୁଛି । ବରଂ ମୁଁ ଯଦି ମୋ ନିଜଠାରୁ ଆଗକୁ ଯାଇପାରିବି ତେବେ ତାହାହିଁ ମୋ ପାଇଁ, ଏ ଜୀବନକାଳ ପାଇଁ ଯଥେଷ୍ଟ ହେବ ।'

ବାଃ ! କେତେ ସୁନ୍ଦର କଥାଟିଏ ଭାନ୍‌ଗଗ୍ କହିଲେ । ନିଜଠାରୁ ଆଗକୁ ଚାଲିଯିବା ହିଁ ଯଥେଷ୍ଟ । ଅନ୍ୟ ସହିତ ତୁଳନା, ପ୍ରତିଯୋଗିତା, ଈର୍ଷା ପ୍ରତିହିଂସା କ'ଣ ଆବଶ୍ୟକ । ମୁଁ ମୁଁ, ସେ ସେ । ତାଙ୍କ ସହିତ ମୋର କ'ଣ ସମ୍ବନ୍ଧ । କ'ଣପାଇଁ ଏ ତୁଳନା, କ'ଣ ପାଇଁ ଏ ପ୍ରତିଯୋଗିତା ? ପ୍ରତ୍ୟେକ ବ୍ୟକ୍ତି ଯାହାଚାହେଁ ତାହାହିଁ ସେ ହେବ । ତାକୁ ଯାହା ଶିଖିବାକୁ ଭଲଲାଗିବ ସେ ତାହାହିଁ କରିବ । ଏଥିପାଇଁ ଏତେ ବାଧ୍ୟତାମୂଳକ, ପ୍ରତିଯୋଗିତା କାହିଁକି ଆମେ ଜବରଦସ୍ତ ଲଦିଦେବା । ଯାହା ବି ଜଣେ ହେଉ ଜୀବନରେ ସେ ସେଥିରେ ଭରପୂର ଆନନ୍ଦ ପାଉ । ଅନ୍ତଃସ୍ଫୁରଣରେ ଉତ୍‌ଫୁଲ୍ଲିତ ଅନୁଭବ କରୁ । ହୃଦୟ ଦେଇ ସେହି କାମକୁ କରୁ । ସେ ଯଦି ଝାଡୁଦାର ହେବ କି ଲୁଗା ସିଲାଇବା କାମ କରିବ, ମୋଚି କାମ କରିବ ତେବେ ସେଥିରେ ନିପୁଣତା ପ୍ରକାଶ କରୁ, ନିଜର ଦକ୍ଷତା ପ୍ରକାଶ କରୁ । ନିଜର କଳାକୌଶଳ ପ୍ରଦର୍ଶନ କରୁ । ଜୀବନରେ ଆନନ୍ଦ ପାଇବା ପାଇଁ ତାହାର ଶିକ୍ଷା ତାକୁ ଅଭିପ୍ରେତ କରୁ । ହତାଶା, ଦୁଃଖ, ହୀନମନ୍ୟତା ପାଇଁ କଦାପି ନୁହେଁ । ଗୋଟିଏ ମାତ୍ର ଜୀବନ ତ ଆମକୁ ମିଳୁଛି, ତା'ର ସମୟସୀମା ପୁଣି ଏତେ ସଂକ୍ଷିପ୍ତ ଯେ ସେଥିରେ ଏସବୁ ବାଜେକଥା ପାଇଁ ସମୟ ନଷ୍ଟ କାହିଁକି କରିବା । ଆସ ! ଜୀବନର ମଧୁରତମ ଶିକ୍ଷାର ମହକରେ ମହକିତ ହେବା, ପ୍ରଫୁଲ୍ଲିତ ହେବା, ସୁଗନ୍ଧିତ ହେବା ।

# ସନ୍ଥକବି କବୀର

ସନ୍ଥକବି କବୀର ଥିଲେ ଅନନ୍ୟ ଅସାଧାରଣ । ତାଙ୍କର ଅତ୍ୟନ୍ତ ସାଧାରଣ ଜୀବନଶୈଳୀ ସମସ୍ତଙ୍କୁ ଚକିତ କରିଦେଉଥିଲା । ବୋଧହୁଏ କବୀରଙ୍କଠାରୁ ସାଧାରଣ ସରଳ ମଣିଷ ପରବର୍ତ୍ତୀ ଶତାବ୍ଦୀରେ ଆଉ ଜନ୍ମ ହୋଇ ନାହାନ୍ତି । କବୀର ନିପଟ ଗାଉଁଲି, ମଫସଲି ଥିଲେ । ତାଙ୍କର ଜାତି, ଧର୍ମର କୌଣସି ନିର୍ଦ୍ଦିଷ୍ଟତା ନଥିଲା । ମୁସଲମାନ୍ଙ୍କ ଘରେ ଜନ୍ମ ହୋଇଥିଲେ ଓ ହିନ୍ଦୁ ସନ୍ନ୍ୟାସୀଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ଦେଖିବାକୁ ଗଲେ ଜାତି ଧର୍ମ ସହିତ ପରମାତ୍ମାଙ୍କର କିଛି ବି ସମ୍ବନ୍ଧ ନଥାଏ । କବୀର ଜୀବନସାରା ଗୃହସ୍ଥ ଜୀବନଯାପନ କରିଥିଲେ । ଘରଛାଡ଼ି ଜଙ୍ଗଲରେ ଯାଇ ସନ୍ନ୍ୟାସ ଜୀବନ ଯାପନ କରିନଥିଲେ କି ହିମାଳୟ ପଳାଇ ନଥିଲେ । କବୀର ଘରଦ୍ୱାର, ଜୀବିକା କିଛି ତ୍ୟାଗ କରିନଥିଲେ କିନ୍ତୁ ସବୁ ପାଇଥିଲେ । ଜୀବନ ସାରା ଲୁଗା ବୁଣି ବୁଣି ପରମାତ୍ମାଙ୍କର ଗୁଣଗାନ କରି କରି ଜୀବନ ବିତାଇଥିଲେ ।

କବୀରଙ୍କ ଜୀବନରେ କୌଣସି ବିଶିଷ୍ଟତା ନଥିଲା । ସେ ଧନୀ, ଜ୍ଞାନୀ, ଶିକ୍ଷିତ, ସଭ୍ୟ, ସୁସଂସ୍କୃତ କେଉଁ ପର୍ଯ୍ୟାୟଭୁକ୍ତ ନଥିଲେ । ଅଥଚ କବୀରଙ୍କ ଭଳି ବ୍ୟକ୍ତି ପରମଜ୍ଞାନ ଲାଭ କରିପାରିଲେ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଉଛି ଯେ କେହି ଆତ୍ମିକ ଉଦ୍ୟମ କରିବ ସେ ଈଶ୍ୱରଙ୍କୁ ଲାଭ କରିପାରିବ । କବୀରଙ୍କ ଜୀବନକୁ ବୁଝିବା ଅତ୍ୟନ୍ତ ଗଭୀର ଥିଲା । ସେ ପ୍ରଥମରୁ ବୁଝିଗଲେ ଏହି ଧନସମ୍ପଦର କୌଣସି ମୂଲ୍ୟ ନାହିଁ । ତେଣୁ କବୀର ସାରାଜୀବନ ଗରିବ ହୋଇ ରହିଥିଲେ । ଜଣେ ଅତି ସାଧାରଣ ସ୍ତ୍ରୀକୁ ବିବାହ କରିଥିଲେ । ସେ ବୁଝିଥିଲେ ଏହି ବାହ୍ୟ ଆକର୍ଷଣ ସୌନ୍ଦର୍ଯ୍ୟ କେବଳ କଳ୍ପନାମାତ୍ର, ଏହାର କୌଣସି ମୂଲ୍ୟ ନାହିଁ । କବୀର ତ ରାସ୍ତାରୁ ବଡ଼ ହୋଇଥିଲେ, ଗରିବିରୁ ଜନ୍ମ ନେଇଥିଲେ ।

କବୀର ଯେତେଦୂର ସମ୍ଭବ ଜାରଜ ଥିଲେ । ନହେଲେ କି ମା' ତାଙ୍କୁ ଗଙ୍ଗାକୂଳରେ ଛାଡ଼ିଯାଇଥାନ୍ତେ । କବୀର କୌଣସି କୁଳୀନ ଘରୁ ଆସିନଥିଲେ । ଯେମିତି ରାସ୍ତାକଡ଼େ ଜନ୍ମ ହେଲେ, ସେମିତି ବଡ଼ ବି ହେଲେ । ଯେପରିକି ଭିଖାରି

ହେବା ତାଙ୍କ କପାଳରେ ଜନ୍ମର ପ୍ରଥମ ଦିନରୁ ହିଁ ଲେଖା ହୋଇଥିଲା । ଭିଖାରି ହେବା ଯୋଗୁଁ ହିଁ ସେ ଜାଣିଗଲେ ଧନ ସମ୍ପଦ ଜୀବନରେ ବୃଥା, ଏହାର କୌଣସି ମାନ୍ୟତା ନାହିଁ । ଅଥଚ ବୁଦ୍ଧଙ୍କୁ ତ ବୁଦ୍ଧତ୍ୱ ପ୍ରାପ୍ତି ପାଇଁ ରାଜ ମହଲ ଛାଡ଼ିଯିବାକୁ ପଡ଼ିଥିଲା । ହୁଏତ ବୁଦ୍ଧଙ୍କ ଭଳି ହେବାପାଇଁ ଆମକୁ ଜନ୍ମଜନ୍ମର ତପସ୍ୟା କରିବାକୁ ପଡ଼ିବ । କିନ୍ତୁ କବୀରଙ୍କ ଭଳି ହେବାପାଇଁ ଆଦୌ ଏତେ ସଂଘର୍ଷ ଆବଶ୍ୟକନାହିଁ । କାରଣ କବୀର ମଧ୍ୟ ତୁମଭଳି ସେଇ ଏକା ରାସ୍ତାରେ ତୁମଠାରୁ ବି ଆହୁରି ପଛରେ ଛିଡ଼ାହୋଇଛନ୍ତି । ଏତେ ପଛରେ ଛିଡ଼ା ହୋଇ ଯଦି କବୀର ଏକଦମ୍ ଆଗରେ ପହଞ୍ଚି ପାରିଲେ ତେବେ ତୁମେ କାହିଁକି ପହଞ୍ଚିପାରିବନାହିଁ । କବୀର ମାନବ ସମାଜ ପାଇଁ ଏକ ଗଭୀର ଆତ୍ମିକ ପ୍ରେରଣା କହିଲେ ଅତ୍ୟୁକ୍ତି ହେବନାହିଁ । ମହାବୀର, କୃଷ୍ଣ, ରାମ, ବୁଦ୍ଧ ଏ ସମସ୍ତେ ରାଜାଙ୍କର ସନ୍ତାନ ଥିଲେ । ରାଜ ମହଲରୁ ଆସିଥିଲେ । କିନ୍ତୁ କବୀର ଏକଦମ୍ ସଡ଼କଛାପ, ରାସ୍ତାକଡ଼ରୁ ବଢ଼ିଥିଲେ । ସମ୍ପଦ, ମହଲ ସହିତ ତାଙ୍କର କୌଣସି ସମ୍ପର୍କ ନଥିଲା । କବୀର କହୁଥିଲେ 'ମସି କାଗଜ ଛୁ ଓ ନହାତ' ମୋର ହାତ କେବେହେଲେ କାଗଜକୁ ଛୁଇଁ ନଥିଲା ଅର୍ଥାତ୍ ତାଙ୍କୁ ଆଦୌ ଲେଖା ପଢ଼ା ଆସୁନଥିଲା । ଏପରିକି ନିଜର ନାମ ସେ ଲେଖିପାରୁ ନଥିଲେ । ଏଭଳି ନିରକ୍ଷର, ମୂର୍ଖ ବ୍ୟକ୍ତି କବୀର ଯିଏ କି ପରମାତ୍ମାଙ୍କ ପରମ ଜ୍ଞାନକୁ ଆତ୍ମସ୍ଥକରି ପାରିଲେ ଏହି ଆଶା ହିଁ ସମଗ୍ର ମାନବ ସମାଜପାଇଁ ଆଶ୍ୱାସନାର ବିଷୟ ।

ତେଣୁ ତୁମେ କାହିଁକି ନିରାଶ ହେବ, ନିଜକୁ ସବୁଥିରୁ ବଞ୍ଚିତ ବୋଲି କାହିଁକି ମନେକରିବ । ପରିସ୍ଥିତିକୁ କାହିଁକି ଦୋଷ ଦେବ, କହିଲ ? ଯେତେବେଳେ ତୁମ ମନରେ ପରିସ୍ଥିତିକୁ ଦୋଷ ଦେବାପାଇଁ ଇଚ୍ଛା ହେବ, ସେତେବେଳେ ତୁମେ କବୀରଙ୍କୁ ନିଶ୍ଚୟ ମନେ ପକାଇବ । କବୀରଙ୍କ ଭଳି ଅବସ୍ଥା ତ ତୁମର ହୋଇନାହିଁ ! ଅନ୍ତତଃ ନିଜର ବାପା ମାଙ୍କ ସମ୍ପର୍କରେ ତୁମର ଜ୍ଞାନ ଅଛି । ତୁମର ଜନ୍ମ ରାସ୍ତାରେ ହୋଇନାହିଁ । ଘରେ ହୋଇଛି । ଅଳ୍ପ କିଛି ଶିକ୍ଷା ଦୀକ୍ଷା ଅଛି । ଦସ୍ତଖତ ତ ଜାଣିଛ । ହଉ ହେଲା ବହୁତ ବଡ଼ ପଣ୍ଡିତ ହୋଇନାହଁ ହେଲେ ବି ସାନପଣ୍ଡିତ ହୋଇଛ । ବେଦ, କୋରାନ, ଗୀତା ସମ୍ପର୍କରେ ସମ୍ୟକ ଜ୍ଞାନ ମଧ୍ୟ ଅଛି ।

କିନ୍ତୁ ତୁମେ ନିଜକୁ କବୀରଙ୍କ ସହିତ ତୁଳନା ନ କରି ବୁଦ୍ଧଙ୍କ ସହିତ ତୁଳନା କରି ଦୁଃଖୀ ହେଉଛ । ମୁଁ ବୁଦ୍ଧ ହୋଇ ପାରିଲି ନାହିଁ । ତାଙ୍କ ଭଳି ସୁଯୋଗ ପାଇଲି ନାହିଁ । ଏହି ଅବଶୋଷରେ ଝରିଯାଉଛ । ଅଥଚ କବୀରଙ୍କୁ ଦେଖୁନାହଁ । କବୀରଙ୍କ ଜୀବନ ତ ପ୍ରଶସ୍ତ ରାଜପଥ । ଯେତେ ଖାଲ, ଖମା ଅଛି ସବୁ ଏକାକାର ହୋଇଯାଇଛି । ବୁଦ୍ଧଙ୍କ ଭାଷା କେବଳ କେତେକ ମୁଷ୍ଟିମେୟ

ବ୍ୟକ୍ତିଙ୍କର । ମୂଲ୍ୟବାନ ଯେତିକି ସେତିକି ସୂକ୍ଷ୍ମ ଅବବୋଧ ମଧ୍ୟ ରଖେ । ହେଲେ କବୀରଙ୍କ ଭାଷା ତ ଅଶିକ୍ଷିତ, ନିରକ୍ଷର ଗାଉଁଲି ଲୋକଙ୍କର । କବୀରଙ୍କୁ ବୁଝିଗଲେ ଆଉ କିଛି ଜୀବନରେ ଆବଶ୍ୟକ ନାହିଁ । ଏହା ନିରାଟ ସତ୍ୟ ଯେ ତୁମ ଭିତରର ବୁଦ୍ଧତ୍ୱ ପ୍ରାପ୍ତି ପାଇଁ ପରିସ୍ଥିତିର କିଛି ଭୂମିକା ନାହିଁ । ତୁମ ଭିତରର ଆତ୍ମିକ ଅଭୀପ୍ସା ହିଁ ତୁମକୁ ଯେ କୌଣସି ମୁହୂର୍ତ୍ତରେ ବୁଦ୍ଧତ୍ୱର ଅନୁଭବ କରାଇ ଦେଇପାରେ । ସେଥିପାଇଁ ରାଜମହଲ, ହିମାଳୟ, ଗରିବ, ଧନୀ, ମୂର୍ଖ, ବିଦ୍ୱାନ ପ୍ରଭୃତି ପରିସ୍ଥିତିର କୌଣସି ସମ୍ପର୍କ ନାହିଁ । କବୀର ସରଳ ହେବା ସହିତ ବ୍ୟବସାୟ ମଧ୍ୟ କରୁଥିଲେ । ସରଳତାକୁ ସେ ପୋଷାକ ପିନ୍ଧିଲା ପରି ନିଜ ଉପରେ ଚିପ୍‌କେଇ ନଥିଲେ । ସରଳତା ତାଙ୍କର ଆତ୍ମିକ ଗୁଣ ହୋଇଯାଇଥିଲା । କବୀର ଏପରିଭାବରେ ନିଜକୁ ପରମାତ୍ମାଙ୍କ ନିକଟରେ ସମର୍ପଣ କରିଥିଲେ ଯେ ଲୋକମାନେ ସକାଳେ ଭଜନ କରିବା ପାଇଁ ତାଙ୍କ ଘରକୁ ଆସିଲାବେଳେ ସେ କହୁଥିଲେ, ''ଆପଣମାନେ ଏପରି ଚାଲିଯାଆନ୍ତୁ ନାହିଁ, ଖାଇ କରି ଯାଆନ୍ତୁ ।''

କବୀରଙ୍କ ସ୍ତ୍ରୀ ଓ ପିଲାମାନେ ବାପାଙ୍କର ଏତାଦୃଶ ଅସମ୍ଭବ ଆଚରଣରେ ବ୍ୟଥିତ ହୋଇପଡୁଥିଲେ । କାରଣ କେଉଁଠାରୁ ଏତେ ଲୋକଙ୍କପାଇଁ ଖାଇବା ଖର୍ଚ୍ଚ ବାହାର କରିବେ । କବୀରଙ୍କ ପରିବାର ଋଣ ଭାରରେ ଏକଦମ୍ ବୁଡ଼ି କରି ରହିଥାଏ । ଦିନକୁ ଦିନ ଋଣର ଭାର କବୀରଙ୍କ ଏହି ଖାମଖିଆଲୀ ମନୋଭାବ ଯୋଗୁଁ ବଢ଼ିଚାଲିଥାଏ । ସବୁଦିନ ରାତିରେ ତାଙ୍କର ବଡ଼ ପୁଅ କମାଲ୍ ବାପାଙ୍କୁ କହୁଥିଲା, ''ଅବବା ! ବହୁତ ହୋଇଗଲା, ଆଉ ନୁହେଁ । କାଲିଠାରୁ ଆଉ କାହାକୁ ତୁମେ କହିବ ନାହିଁ ଖାଇବାକୁ ଦିଅ ବୋଲି । ଆମେ ଆଉ ଏହି ଖର୍ଚ୍ଚ ଉଠାଇବା ଅବସ୍ଥାରେ ନାହୁଁ ।'' କବାର ପୁଅ କଥା ଶୁଣି କହୁଥିଲେ, 'ମୁଁ କ'ଣ କରିବି । ଯେତେଦିନ ପର୍ଯ୍ୟନ୍ତ ମୋ ଭିତରର ପରମାତ୍ମା ଏହା କହିବାକୁ କହିବେ ସେତେଦିନ ଯାଏଁ ମତେ କରିବାକୁ ପଡ଼ିବ ହିଁ ପଡ଼ିବ । ଯେଉଁଦିନ ସେ ନିଜେ ମନା କରିଦେବେ ସେଦିନ ମୁଁ କିଛି କରିବାକୁ ବା କିଏ ? ତୁ କାହିଁକି ବ୍ୟସ୍ତ ହେଉଛୁ ବାପା ! ମୁଁ ନିଜେ କିଛି କରୁନାହିଁ ସେହି ଅନ୍ତର୍ଯ୍ୟାମୀ ପରମେଶ୍ୱର ହିଁ ନିଜଆଡୁ କରୁଛନ୍ତି । ଯିଏ ଏସବୁ ନିଜେ ଡାକି ଆଣିଛି ସେ ହିଁ ନିଶ୍ଚୟ ସବୁ ବ୍ୟବସ୍ଥା କରିବ ।'

କିନ୍ତୁ ସେମିତି କିଛି ଘଟିଲା ନାହିଁ । ଦିନେ ଭାରି ରାଗରେ ଓ ଦୁଃଖରେ କମାଲ୍ କବୀରଙ୍କୁ କହିଲା, 'ଅବ୍‌ବା ' ଆମେ ଆଉ କରିପାରିବୁନାହିଁ । ବହୁତ ହୋଇଗଲା, ତୁମେ କ'ଣ କହୁଛ ଶେଷରେ ଆମେ ଯାଇ ଚୋରି କରିବୁ । କବୀର ସାଙ୍ଗେ ସାଙ୍ଗେ ଉତ୍ତର ଦେଲେ, 'ଆରେ ପାଗଳ ! ତୋ ମୁଣ୍ଡରେ ଆଗରୁ କାହିଁକି ଏ ବୁଦ୍ଧି ଜୁଟିଲା ନାହିଁରେ । କମାଲ୍ ଭାବିଲା ବୋଧେ ବାପା ତା'ର ରାଗ

ଅଭିମାନର ଅର୍ଥ ବୁଝିପାରୁ ନାହାନ୍ତି । ତେଣୁ ସେ କଥା ଦୋହରାଇଲା, 'କ'ଣ ବୁଝିଲ, କହିଲ । ମୁଁ ପଚାରୁଛି ଆମେ କ'ଣ ଶେଷରେ ଚୋରି କରି ଟଙ୍କା ପଇସା ଆଣିବୁ । ଏତେ ଲୋକଙ୍କୁ ଖାଇବାକୁ ଦେବାପାଇଁ ଓ ଘର ଚଳାଇବା ପାଇଁ ।'' କବୀର ଏକଥା ଶୁଣି କହିଲେ, 'ଆରେ ବାବୁ ! ସବୁ ତ ତାଙ୍କର । ଚୋରି ଅଚୋରି କ'ଣ । ଯାହା ତାଙ୍କର ଇଚ୍ଛା । ଏହି କଥା କାହିଁକି ଆଗରୁ ତୋ ମୁଣ୍ଡକୁ ନ ଜୁଟିଲା କହିଲୁ ।'' କମାଲ୍ ମଧ୍ୟ ବଡ଼ ଅଦ୍ଭୁତ ପିଲା ଥିଲା । ସେ ଠିକ୍ କଲା ଆଜି ଏହି କଥାର ପରୀକ୍ଷା ବି ହୋଇଯାଉ । 'ଠିକ୍ ଅଛି ମୁଁ ଚୋରି କରିବାକୁ ଯାଉଛି । କିନ୍ତୁ ତୁମକୁ ମୋ ସହିତ ଆସିବାକୁ ପଡ଼ିବ ।' ସାଙ୍ଗେ ସାଙ୍ଗେ କବୀର ଉଠି ଛିଡ଼ା ହୋଇଗଲେ ଏବଂ ପୁଅସାଙ୍ଗେ ଯିବାକୁ ବାହାରିପଡ଼ିଲେ । ଦେଖିଲ ତ କି ଅଦ୍ଭୁତ ମାନସିକତା କବୀରଙ୍କର ଥିଲା । କିନ୍ତୁ ଆମ ପାଇଁ ବଡ଼ ସମସ୍ୟା ହୋଇଯାଉଛି ଆମେ ସରଳ ବ୍ୟକ୍ତିଙ୍କୁ ଜୀବନରେ ଦେଖି ନାହୁଁ ତେଣୁ କବୀରଙ୍କ ଜୀବନଶୈଳୀ ଆମକୁ ଦୁର୍ବୋଧ ମନେ ହେଉଛି, ଏକ୍‌ବାରେ ଅସମ୍ଭବ ମନେ ହେଉଛି । ଆମର ତଥାକଥିତ ସାଧୁ ସନ୍ନ୍ୟାସୀ ସବୁବେଳେ କହନ୍ତି ଚୋରି ପାପ, ଅଚୋରି ପୁଣ୍ୟ । ହେ ମୂର୍ଖ ମଣିଷ ! ତୁ ଏସବୁ ଚୋରି କର୍ମ କରି ନିଜେ ତ ନର୍କକୁ ଯିବୁ ତା ସହିତ ମତେ ବି ସାଙ୍ଗରେ ନେଉଛୁ । ମତେ ତୋ ପାପରେ ବି ସାମିଲ କରୁଛୁ । କିନ୍ତୁ କବୀର ସିଧା ପୁଅ ସହିତ ଚୋରି କରିଯିବାକୁ ବାହାରି ପଡ଼ିଲେ । ସତରେ କବୀରଙ୍କ ଏହି ସରଳତା କେତେ ମଧୁର କେତେ ନିରୀହ ନୁହେଁ । ସନ୍ଦେହ ସିନା ଚାଲାକ ଲୋକର ହେବ କିନ୍ତୁ ସରଳତାରେ ସନ୍ଦେହର ପ୍ରଶ୍ନ କାହିଁ ।

ଅବଶ୍ୟ ଆମ ଭଳି ଲୋକଙ୍କୁ କବୀରଙ୍କ ଭିତରଟା ବୁଝିବା ଭାରି କଷ୍ଟକର ବ୍ୟାପାର । କାରଣ ଆମ ମନ ସଂଶୟରେ ପରିପୂର୍ଣ୍ଣ । ତୁମକୁ ଜଣାପଡୁଛି ସତରେ କ'ଣ କବୀର ଚୋରି କରିବା ପକ୍ଷରେ ଥିଲେ ? କମାଲ ବାପାଙ୍କର ଏକଦମ୍ ଛିଡ଼ା ହୋଇଯିବା ଦେଖି ବିସ୍ମିତ ହୋଇପଡ଼ିଲା । ସେ ଭାବିଲା ବାପା ଥଟ୍ଟା ବୋଧେ କରୁଛନ୍ତି । କମାଲ୍ ତ ଏକ୍‌ବାରେ ନଛୋଡ଼ବନ୍ଧା । ଯାହାହେଲେ ବି ସେ କବୀରଙ୍କ ପୁଅ । ତେଣୁ ସେ ଗୋଟିଏ ଘରକୁ ଚୋରି କରିବାକୁ ଗଲା । ସିନ୍ଧି ଖୋଳିଲା, କବୀର ବାହାରେ ଛିଡ଼ା ହୋଇଥାନ୍ତି । ସିନ୍ଧି ଖୋଳିଲା ପରେ ସେ ଭିତରକୁ ଯାଇ ଗହମ ଗୋଟେ ବସ୍ତା ଘୋଷାଡ଼ି କରି ଆଣିଲା । ଗହମ ବସ୍ତାକୁ ବଡ଼ କଷ୍ଟରେ ବାହାରେ ପକାଇ ଦେଲା ସତ କିନ୍ତୁ ନିଜେ ବାହାରିବାକୁ ବସିଛି ଘରର ଲୋକମାନେ ଉଠିପଡ଼ିଲେ । କବୀରଙ୍କ ପାଟିଶୁଣି ଲୋକମାନେ ଉଠିପଡ଼ିଲେ । କବୀର ଜୋର୍‌ରେ ପୁଅକୁ କହୁଥାନ୍ତି । 'ଆରେ ପୁଅ ! ଚୋରି ସିନା କଲୁ ହେଲେ ଘର ଲୋକଙ୍କୁ ପଚାରିଲୁ ନା ନାହିଁ ? ତେଣୁ ଜୋର୍‌ରେ ପାଟି କରି ଦେ ଲୋକମାନେ ଉଠିପଡ଼ିବେ ଚୋରି ହୋଇଗଲା ବୋଲି ଜାଣିଯିବେ ।' କବୀର ପୁଅ ସହିତ କଥାବାର୍ତ୍ତା ଘରର

ଲୋକମାନଙ୍କୁ ଶୁଭିଗଲା ଏବଂ ସେମାନେ ଉଠିପଡ଼ିଲେ । କମାଲ୍ ତର ତର ହୋଇ ଖୋଳିଥିବା ସିନ୍ଧି କଣା ବାଟେ ବାହାରି ଆସିଲା ବେଳକୁ ପଛରୁ କିଏ ଜଣେ ତାର'ର ଦୁଇଟି ଗୋଡ଼କୁ ଜୋର୍‌ରେ ଟାଣି ଧରିଲା । ଏହାଦେଖି କମାଲ୍ କବୀରଙ୍କୁ କହିଲା, 'ଅବ୍‌ବା ! ଏବେ କ'ଣ କରିବା । ତୁମେ ଗୋଟିଏ କାମ କର ମୋର ବେକଟାକୁ କାଟିଦିଅ । ଅନ୍ତତଃ ବଦ୍‌ନାମ୍‌ରୁ ଆମେ ରକ୍ଷା ପାଇଯିବା ।' କବୀର ପୁଅର କଥାରେ ଭାରି ଖୁସି ହୋଇ କହିଲେ, 'ବାଃ ବଢ଼ିଆ କଥାଟେ କହିଲୁ ରେ ପୁଅ ! ଆଜି ଏତେଦିନ ପରେ ତୋ ମୁଣ୍ଡକୁ ଠିକ୍ ସମୟରେ ଠିକ୍ ବୁଦ୍ଧିଟାଏ ଜୁଟିଲା ।'

କବୀର କମାଲ୍‌ର ବେକ କାଟିବା ପୂର୍ବରୁ ପଚାରିଲେ, 'ବେକ ତ କାଟି ନେଇଯିବି, ହେଲେ ଏକଥାତ ଲୁଚି ରହିବ ନାହିଁ । ଛାଡ଼ ! ଯାହାହେଉ ତୁ ଯଦି କହୁଛୁ ତେବେ ମୁଁ ବେକ କାଟି ଦେଉଛି ।' ଏହି ଘଟଣାରୁ କବୀରଙ୍କ ଚାରିତ୍ରିକ ବ୍ୟକ୍ତିତ୍ୱର ବିଶ୍ଳେଷଣ କଲେ ଆମକୁ ଜଣାପଡୁଛି ସେ ଚୋରି କରିବା ସହିତ ହିଂସ୍ର ମଧ୍ୟ ଥିଲେ । କିନ୍ତୁ ସତ କହିବାକୁ ଗଲେ କବୀର ଜାଣିଥିଲେ କିଛି ବି ମରେ ନାହିଁ । ଯଦି ମୁଁ ତୁମର ପିନ୍ଧିଥିବା କୋର୍ଟ ଦେହରୁ ବାହାର କରିଆଣେ ତୁମେ ମତେ ହିଂସ୍ର ବୋଲି ନାମିତ କରିଦେଉଛ । ଯଦି ବାସ୍ତବରେ ଶରୀର ଆତ୍ମାର ବସ୍ତ୍ର ତେବେ ଏଠାରେ କବୀର କେମିତି ହିଂସ୍ର ଆଚରଣ କରିପାରିଲେ ? ଏହି ସୂତ୍ରଟିକୁ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଗୀତାରେ ବୁଝାଇ କହିଥିଲେ, 'ହେ ଅର୍ଜ୍ଜୁନ ! ତୁମେ କାହିଁକି ଏପରି ଚିନ୍ତିତ ତଥା ବିବ୍ରତ ହେଉଛ । 'ନ ହନ୍ୟତେ ହନ୍ୟମାନେ ଶରୀରେ' । ଶରୀର କୁ ହତ୍ୟା କଲେ ଆତ୍ମା ମରେ ନାହିଁ କାଟିଲେ କାଟିହୁଏ ନାହିଁକି ଜଳାଇଲେ ଜଳିଯାଏ ନାହିଁ । ଆତ୍ମା ଅମର, ଅବିନାଶୀ । କବୀର ସେହି କଥା ହିଁ କରୁଥିଲେ । ସେ ତା'ପରେ ପୁଅ କମାଲ୍‌ର ମୁଣ୍ଡ କାଟି ଦେଲେ । କାଟିବା ପୂର୍ବରୁ ଆହୁରି ଥରେ ଦୁଇଥର ଦୋହରାଇଲେ, 'ବାପା କମାଲ୍ ! ତୁ କହୁଛୁ ବୋଲି ବେକ କାଟି ଦେଉଛି ସିନା ହେଲେ ତ୍ରାଣକର୍ତ୍ତା ଈଶ୍ୱରଙ୍କ ନିକଟରେ ଏକଥା ଲୁଚି ରହିବ ନାହିଁ । ହଉ ଠିକ୍ ଅଛି ଯାହା ତାଙ୍କର ଇଚ୍ଛା ।' କମାଲର ମୁଣ୍ଡ ବିହୀନ ଶବକୁ ନେଇ କବୀର ଘରକୁ ଫେରିଲେ । ଘର ଲୋକଙ୍କୁ ସନ୍ଦେହ ହେଲା ଏଇଟାତ କମାଲ୍‌ର ଶରୀର ଭଳି ଦିଶୁଛି । ହେଲେ ଏହାର ଦେହରୁ ମୁଣ୍ଡଟା କେମିତି କଟିଗଲା ? ଲୋକମାନେ କଥାଟାର ରହସ୍ୟ ଜାଣିପାରିଲେ ନାହିଁ ।

ଏତେବଡ଼ ଘଟଣା ଘଟିଲା । ନିଜେ କବୀର କମାଲ୍‌ର ମୁଣ୍ଡକାଟି ଖାଲି ଗଣ୍ଡିଟାନେଇ ଆସିଲେ ଅଥଚ ତାଙ୍କର କିଛି ବି ପରିବର୍ତ୍ତନ ଦେଖାଗଲା ନାହିଁ । ସବୁଦିନ ଭଳି ଖୁବ୍ ସହଜ ଏବଂ ସ୍ୱାଭାବିକ ଭାବରେ ସେ ନଦୀକୁ ସ୍ନାନ କରିବାକୁ ଗଲେ । ଗୀତ ଗାଇ ଗାଇ ସ୍ନାନ କରି ସାରି ଫେରିଲା ବେଳକୁ କବୀରଙ୍କ ସାଙ୍ଗରେ ୧୦୦/୨୦୦ଜଣ ଭକ୍ତ ମଧ୍ୟ ସମ୍ମିଳିତ ହୋଇ ଭଜନ୍‌କୀର୍ତ୍ତନ

କରିଆସନ୍ତି । ଘରର ଦାଣ୍ଡରେ ଥିବା ଏକ ଖମ୍ବଉପରେ ପୁଅ କମାଲ୍‌ର ମୁଣ୍ଡବିହୀନ ଗଣ୍ଡିଟାକୁ ଲଟକାଇ ଦିଆ ଯାଇଥାଏ କାଳେ ପୁଅର ଶବକୁ ଦେଖି ତାଙ୍କ ମନରେ କିଛିହେଲେ ଭାବାନ୍ତର ଆସିବ । ନଚେତ୍ ଏତେଜଣ ଶିଷ୍ୟ ଭକ୍ତମାନଙ୍କ ଭିତରୁ କିଏ ହେଲେ ପଚାରିଦେବ । କିନ୍ତୁ ଘଟଣା ଠିକ୍ ଓଲଟା ହେଲା । କବୀର ତାଙ୍କର ଶିଷ୍ୟ ମଣ୍ଡଳୀଙ୍କ ସହ ଘର ପାଖରେ ପହଞ୍ଚିଲା ପରେ କବୀର କମାଲ୍‌ର ପ୍ରାଣହୀନ ଶବ ନିକଟରେ ଟିକିଏ ଛିଡ଼ା ହୋଇ କହିଲେ, 'କମାଲ୍ ଖମ୍ବ ଉପରେ ଲଟକିଛି । ସବୁଦିନ ବିଚରା ଆମର ଶୋଭାଯାତ୍ରାରେ ସମ୍ମିଳିତ ହେଉଥିଲା । ଆଜିତ ଆଉ ସେ କରିପାରିବ ନାହିଁ । ହଉ ! ତା'ହେଲେ କମାଲ୍ ପାଖରେ ଆମେ ଆଜି କୀର୍ତ୍ତନ କରିବା । କୀର୍ତ୍ତନ ପୂରା ଦମ୍‌ରେ ଚାଲିଲା କ୍ଷଣି କମାଲ୍‌ର ଶବ ଦୁଇ ହାତରେ ଖୁବ୍ ଜୋର୍‌ରେ ତାଳି ମାରିବାକୁ ଲାଗିଲା ।

ଏହା ତୁମକୁ କାହାଣୀ ବୋଲି ମନେ ହୋଇପାରେ । କିନ୍ତୁ ଏହା ଏକ ନିଛକ ସତ୍ୟ ଘଟଣା । ବାସ୍ତବରେ କେହି ମରନ୍ତି ନାହିଁ । ମୃତ୍ୟୁ ଅସମ୍ଭବ । ବାହ୍ୟ ଦୃଷ୍ଟିକୋଣରୁ ଆମେ ମୃତ୍ୟୁ ବୋଲି ଗ୍ରହଣ କରୁ ବୋଲି ଆମେ ମୃତ୍ୟୁବରଣ କରୁ । ଜୀବନର ଶକ୍ତିପୁଞ୍ଜ ଜଗତର ପ୍ରତ୍ୟେକ କୋଣ ଅନୁକୋଣରେ ବିଛେଇ ହୋଇ ପଡ଼ିଛି । ସେଥିପାଇଁ କବୀରଙ୍କ ବିଶ୍ୱାସ ଓ ବକ୍ତବ୍ୟର ଯଥାର୍ଥତା ରହିଛି । କବୀର କହୁଥିଲେ, 'ଆରେ ବାବୁ ! ମୂଳରୁ କହୁଛି ନା କୌଣସି କଥା ପରମାତ୍ମାଙ୍କ ନିକଟରେ ଲୁଚି ରହେନାହିଁ, ସେ ସବୁକଥା ଜାଣନ୍ତି । ସେ ସବୁ ଖୋଲି କହିଦିଅନ୍ତି । ତେଣୁ ତାଙ୍କ ଇଚ୍ଛା ଅନୁସାରେ ଚାଲିବା ହିଁ ଆମର ପରମ ଧର୍ମ ହେବା ଉଚିତ ।' ଯେତେବେଳେ ସମସ୍ତ ଅଶାନ୍ତି, ଅନ୍ଧକାର, ଅଶୁଭ ଅହଂକାରର ପତନ ହୁଏ ଏବଂ ଏହି ପରିଣତିକୁ ଯିଏ ନିଜେ ସ୍ୱଦେହରେ ଧାରଣ କରନ୍ତି ତାଙ୍କୁ ଆମେ ସାଧୁ କହୁ ବା ସନ୍ଥ ଆଖ୍ୟା ଦେଉ । କିନ୍ତୁ କବୀର ତ ସାଧୁମାନଙ୍କଠାରୁ ମଧ୍ୟ ଆହୁରି ମହାନ, ଆହୁରି ପବିତ୍ର କାରଣ ତାଙ୍କ ନିକଟରେ ତ କିଛି ଭେଦ ନାହିଁ କିଛି ସଂଶୟ ନାହିଁ । ସମସ୍ତ ଭେଦ ତାଙ୍କଠାରେ ଲୀନ ହୋଇଯାଇଛି ।

# ବଞ୍ଚିବାର ନିଶା

ଭାରତବର୍ଷର ପ୍ରାଚୀନ ଇତିହାସରେ ରାଜା ଯଯାତିଙ୍କର ଏକ ସ୍ୱତନ୍ତ୍ର ଓ ବଳିଷ୍ଠ ବ୍ୟକ୍ତିତ୍ୱ ଅଛି । ସେ ଏପରି ଜୀବନ ପ୍ରିୟ ଥିଲେ ଯେ ନିଜର ୧୦୦ ବର୍ଷ ପୂର୍ଣ୍ଣଭାବରେ ଜୀଇଁ ସାରିଲାପରେ ବି ଆହୁରି ବଞ୍ଚିବାର କାମନା କରିଥିଲେ । ଏହି ସମୟ ଭିତରେ ତାଙ୍କର ସାମ୍ରାଜ୍ୟ ଦିଗନ୍ତ ବିସ୍ତାରିତ ହୋଇ ସାରିଥିଲା । ଅତ୍ୟନ୍ତ ସୁନ୍ଦରୀ ବିଦୁଷୀ ପତ୍ନୀ ଦେବଯାନୀ, ଶର୍ମିଷ୍ଠା ତଥା ଆହୁରି ଅନେକ ସୁନ୍ଦରୀ ତାଙ୍କର ଅନ୍ତଃପୁରର ଶୋଭା ମଣ୍ଡନ କରୁଥିଲେ । ଧନ ସମ୍ପଦ ଅସୁମାରୀ ଥିଲା । ଶୌର୍ଯ୍ୟ, ବଳ, କ୍ଷମତା, ପ୍ରତିପତ୍ତି ସବୁଥିରେ ସେ ବଳୀୟାନ୍ ଥିଲେ । ଏଭଳି ପୂର୍ଣ୍ଣତା ଭିତରେ ବଞ୍ଚୁଥିଲାବେଳେ ଦିନେ କିନ୍ତୁ ମୃତ୍ୟୁ ଆସି ତାଙ୍କ ନିକଟରେ ପହଞ୍ଚିଲା ଯଯାତିଙ୍କୁ ନେଇଯିବା ପାଇଁ । ଯଯାତି ମୃତ୍ୟୁପାଇଁ ଆଦୌ ପ୍ରସ୍ତୁତ ହୋଇ ନଥିଲେ । ଯଯାତି ଅତ୍ୟନ୍ତ ବିଚଳିତ ହୋଇପଡ଼ିଲେ । ଏତେଶୀଘ୍ର ଏ ସୁନ୍ଦର ପୃଥିବୀରୁ ବିଦାୟ ନେଇଯିବା ପାଇଁ ତାଙ୍କୁ ଆଦୌ ଇଚ୍ଛା ହେଉ ନଥାଏ । ତେଣୁ ସେ ମୃତ୍ୟୁ ଦେବତାଙ୍କୁ ଅନୁରୋଧ କରି କହିଲେ, ‘‘ଆପଣ ଖୁବ୍ ଜଲ୍‌ଦି ମତେ ନେବା ପାଇଁ ପଳେଇ ଆସିଲେ । ମୁଁ ତ ଏଯାଏଁ ଜୀବନର ଅନୁଭୂତି ଆହୁରି ଭଲଭାବରେ ଗ୍ରହଣ କରିନାହିଁ । ଅନ୍ତତଃ ପକ୍ଷେ ମତେ ଆହୁରି ଶହେବର୍ଷ ଏସବୁ ଅନୁଭୂତି ଅନୁଭବ କରିବା ପାଇଁ ଦରକାର ।’ ମୃତ୍ୟୁ ଉତ୍ତର ଦେଲେ, ‘ଠିକ୍ ଅଛି, ମୁଁ ଆପଣଙ୍କୁ ୧୦୦ ବର୍ଷ ଅଧିକା ବଞ୍ଚିବାର ସୁଯୋଗ ଦେବି, କିନ୍ତୁ ଗୋଟିଏ ସର୍ତ୍ତରେ ଯଦି ତୁମର ପୁଅମାନଙ୍କ ଭିତରୁ କେହି ଆପଣଙ୍କ ପାଇଁ ମରିବାକୁ ରାଜି ହୋଇଯାଏ । କାରଣ ଯେମିତି ହେଉ ମୃତ୍ୟୁ ଭାବରେ ମତେ କାହାକୁ ବି ନେବାକୁ ପଡ଼ିବ ହିଁ ପଡ଼ିବ । ତେଣୁ କିଛି ଯାଏ ଆସେ ନାହିଁ କେବଳ ଜଣକର ମୃତ ଆତ୍ମାକୁ ହିଁ ମୁଁ ନେଇଯିବି ଏବଂ ଆମର ମୃତ୍ୟୁ ରେଜିଷ୍ଟରରେ ଲେଖାହେବ ଯଯାତି ମୃତ୍ୟୁ ବରଣ କଲେ । ଅବଶ୍ୟ ଆପଣଙ୍କ ନିମନ୍ତେ ମରିବା ପାଇଁ ଆପଣଙ୍କର ୧୦୦ ଜଣ ପୁତ୍ର ଅଛନ୍ତି । ନା’ କ’ଣ କହୁଛନ୍ତି ।’

*ଯଯାତି କହିଲେ, 'ନାଇଁ ମହାଶୟ ! କିଛି ସମସ୍ୟା ନାହିଁ । ମୋ ପୁଅମାନେ* ମତେ ଖୁବ୍ ଭଲ ପାଆନ୍ତି ।' ତା'ପରେ କ'ଣ ହେଲା ନା ଯଯାତି ତାଙ୍କର ସବୁ ପୁଅମାନଙ୍କୁ ଡାକିଲେ । ପୁଅ ମାନେ କିନ୍ତୁ କେହି ଶିଶୁ କି କିଶୋର ନଥିଲେ । କାହାକୁ ୮୦ ବର୍ଷ ହୋଇଥାଏ ତ କାହାକୁ ୭୦ ବର୍ଷ ହୋଇଥାଏ । ସେମାନେ ବି କ୍ରମଶଃ ବୁଢ଼ା ହୋଇଯାଇଥାନ୍ତି । କିନ୍ତୁ କେହିହେଲେ ଯଯାତିଙ୍କ ପାଇଁ ମରିବାକୁ ରାଜି ହେଲେ ନାହିଁ । ସମସ୍ତଙ୍କଠାରୁ ସାନପୁଅ ଯାହାର ବୟସ ମାତ୍ର ୧୭ ବର୍ଷ ହୋଇଥାଏ, ବାହା ବି ହୋଇନଥାଏ, ଗୁରୁକୁଳର ଶିକ୍ଷା ଶେଷ କରି ସେ ଏଇମାତ୍ର ଫେରିଥାଏ, ସ୍ୱତଃ ସେ ମୃତ୍ୟୁଙ୍କ ନିକଟକୁ ଆସି ନତଜାନୁ ହୋଇ ଅତ୍ୟନ୍ତ ବିନମ୍ରତାର ସହିତ ଅନୁରୋଧ କଲା, 'ଆପଣ ମତେ ନିଅନ୍ତୁ, ମହାଭାଗ ! ମୋର ମୃତ୍ୟୁ ବଦଳରେ ଯଦି ମୋର ପିତାଙ୍କୁ ୧୦୦ ବର୍ଷ ବଞ୍ଚିବା ପାଇଁ ମିଳିବ ତେବେ ଏହା ମୋର ପରମ ସୌଭାଗ୍ୟ ବୋଲି ମୁଁ ମନେ କରିବି ।'

ଯଯାତିଙ୍କର ଏହି ସାନପୁଅଟିର କଥା ଶୁଣି ମୃତ୍ୟୁଙ୍କୁ ଭାରି କଷ୍ଟ ଲାଗିଲା । ସେ ଅତ୍ୟନ୍ତ ବିଚଳିତ ହୋଇ ସାନପୁଅକୁ କହିଲେ, 'ତମେ କ'ଣ ତମର ଅନେଶତ ଭାଇମାନଙ୍କୁ ଦେଖୁନାହଁ, କେମିତି କେହି ବି ମରିବାକୁ ରାଜି ହେଉନାହାନ୍ତି । ଅଥଚ ସେମାନେ ମୃତ୍ୟୁର ଖୁବ୍ ନିକଟବର୍ତ୍ତୀ ହୋଇସାରିଲେଣି । ଯଦି ଏହି ୮୦/୯୦ ବର୍ଷର ଭାଇମାନଙ୍କ ଭିତରୁ କେହି ବି ମୃତ୍ୟୁବରଣ କରେ ତେବେ ବିଶେଷ ଫରକ ପଡ଼ିବ ନାହିଁ । କିନ୍ତୁ ତୁମେ ତ ଖୁବ୍ ଛୋଟ, ତମେ କ'ଣ କହୁଛ ଆଉ କ'ଣ କରିବାକୁ ଯାଉଛ ତାହାର ଗୁରୁତ୍ୱ ବୋଧେ ଠିକ୍‌ରେ ବୁଝିନାହଁ । ତେଣୁ ଆଉଥରେ ଭଲକରି ଚିନ୍ତା କରି ନିଷ୍ପତ୍ତି ନିଅ ।' କିନ୍ତୁ ପୁରୁ ନଛୋଡ଼ ବନ୍ଧା । ସେ ମୃତ୍ୟୁଙ୍କର ଏପରି ଉତ୍ତରରେ ଆଦୌ ବିଚଳିତ ହେଲେ ନାହିଁ । ଅତ୍ୟନ୍ତ ଦୃଢ଼ତାର ସହ କହିଲେ, 'ହେ ମୃତ୍ୟୁଦେବ ! ମୁଁ ଏ ବିଷୟରେ ଖୁବ୍ ଭଲ ଭାବରେ ଚିନ୍ତା କରିସାରିଲିଣି । ମୁଁ ଆପଣଙ୍କୁ ଏଇଠି ଗୋଟିଏ ବିଷୟରେ ଭଲ ଭାବରେ ବୁଝାଇ ଦେଉଛି ତାହାହେଲା ମୋର ପିତା ୧୦୦ ବର୍ଷ ବଞ୍ଚି ସାରିଲା ପରେ ମଧ୍ୟ ଅସନ୍ତୁଷ୍ଟ ଅଛନ୍ତି ତଥା ମୋର ଅନେଶତ ଭାଇମାନେ ମଧ୍ୟ ଏତେଦିନ ବଞ୍ଚିଲାପରେ ସେଇ ଏକାଭଳି ଅସନ୍ତୋଷ ପ୍ରକାଶ କରୁଛନ୍ତି ଅର୍ଥାତ୍ କେହି ବି ମରିବାକୁ ଚାହୁଁ ନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଜୀବନରେ ସାର୍ଥକତା, ସନ୍ତୋଷ କେବେ ହେଲେ ମିଳିବା ସମ୍ଭବ ନୁହେଁ । ଅନ୍ତତଃ ମତେ ଏତିକି ଆତ୍ମ ସନ୍ତୋଷ ମିଳିବ ଯେ ମୋର ବାପାଙ୍କୁ ମୁଁ ନିଜର ଜୀବନ ଦାନ କରିଛି । କାରଣ ତାଙ୍କ ଯୋଗୁଁ ହିଁ ମୁଁ ଜଗତକୁ ଆସିପାରିଛି । ମୁଁ ଅଧିକା କିଛି କରୁନାହିଁ, ତାଙ୍କ ପାଇଁ ସେ ଦେଇଥିବା ଜୀବନ ହିଁ ତାଙ୍କୁ ଫେରାଇ ଦେଉଛି ।' ଭାରି ଦୁଃଖରେ, ଶତ ଅନିଚ୍ଛା ସତ୍ତ୍ୱେ ମୃତ୍ୟୁ ଯଯାତିଙ୍କ ସାନପୁଅ ପୁରୁଙ୍କ ଜୀବନ *ନେଇ ଚାଲିଗଲେ । ଏମିତି ଭାବରେ ୧୦୦ ବର୍ଷ ବିତିଗଲା । ମୃତ୍ୟୁ ଯଯାତିଙ୍କ*

ପ୍ରାସାଦରେ ପୁଣି ଥରେ ଆସି ପହଞ୍ଚିଗଲେ । ତାଙ୍କୁ ଦେଖି ଯଯାତି ଅତ୍ୟନ୍ତ ବିଚଳିତ ହୋଇ ପଡ଼ିଲେ, 'ହେ ଭଗବାନ ଏବେ ମୁଁ କ'ଣ କରିବି । ମୁଁ ପୂରା ଭୁଲି ଯାଇଛି ଯେ ଏ ଭିତରେ ୧୦୦ ବର୍ଷ ବିତିଗଲାଣି ବୋଲି । କିନ୍ତୁ ମୋର ତ କୌଣସି କାମନା ଚରିତାର୍ଥ ହୋଇନାହିଁ ।'

ଏହିଭଳି ୧୦ ଥର ମୃତ୍ୟୁ ଯଯାତିଙ୍କ ନିକଟରେ ଆସି ପହଞ୍ଚିଲେ ଏବଂ ଦଶଥର ଯାଏଁ ତାଙ୍କର ସବା ସାନପୁଅ ଗୁଡ଼ିକ ନିଜ ନିଜର ଜୀବନ ଦେଇ ଚାଲିଲେ । ଯେତେବେଳେ ଯଯାତିଙ୍କୁ ଏକ ହଜାର ବର୍ଷ ହେଲା ସେତେବେଳେ ପୁଣି ମୃତ୍ୟୁ ଆସି ପହଞ୍ଚିଲେ ଏଥରକ ବି ସେ କହିଲେ, 'ହେ ମୃତ୍ୟୁଦେବ ! ତଥାପି ମୋର ସବୁ ଅନୁଭବ ଅପୂର୍ଣ୍ଣ ରହିଛି । କିନ୍ତୁ ମୁଁ ବର୍ତ୍ତମାନ ବୁଝିପାରିଛି କୌଣସି ସମୟରେ ମଣିଷର କାମନା ପୂରଣ ହେବା ସମ୍ଭବ ନୁହେଁ । ମୁଁ ନିଜର ଆକାଙ୍କ୍ଷା ପାଇଁ ଅତ୍ୟନ୍ତ ଲଜ୍ଜିତ । ତେଣୁ ଆପଣ ମତେ ନେଇଯାଆନ୍ତୁ । ମୋର ସମସ୍ତ ସାନପୁଅମାନେ ମୋପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଦେଲେ । ଏହାଠାରୁ ଚରମତ୍ୟାଗ ଆଉ କ'ଣ ଅଛି ପୃଥିବୀରେ । କିନ୍ତୁ ମୋର ଏହି ସାନପୁଅମାନେ ନିଶ୍ଚିତଭାବରେ ଅତ୍ୟନ୍ତ ବୁଦ୍ଧିମାନ୍ ତଥା ସେମାନଙ୍କର ଅର୍ନ୍ତଦୃଷ୍ଟି ଖୁବ୍ ପ୍ରଖର ଥିଲା । ସେମାନେ ଜାଣିପାରିଲେ ସନ୍ତୋଷ, ପୂର୍ଣ୍ଣତା, କାମନା ଏସବୁ ଜୀବନର ମୁଖ୍ୟ ଆଧାର ହେଲେ ହେଁ ଏହା ଚରିତାର୍ଥ ହେବାର କୌଣସି ସମ୍ଭାବନା ନାହିଁ । ମୋର ଏହି ବୃଦ୍ଧ ସ୍ୱାର୍ଥପର ମନର ଜିଦ୍ ପାଇଁ ଦୀର୍ଘ ଏକ ହଜାର ବର୍ଷ ପର୍ଯ୍ୟନ୍ତ ମୁଁ ବଞ୍ଚିଲି କିନ୍ତୁ କ'ଣ ହେଲା କିଛି ତ ପୂରଣ ହେଲା ନାହିଁ । ଅଥଚ ମୋର ଏହି ସାନପୁଅ ଗୁଡ଼ିକ ଏତେ ସାହସୀ ଏତେ ଆତ୍ମବିଶ୍ୱାସୀ ଥିଲେ ଯେ ଜୀବନର ସ୍ୱାଦ ଅନୁଭବ କରିବାପୂର୍ବରୁ ହିଁ ମୃତ୍ୟୁକୁ ହସି ହସି ବରଣ କଲେ ।'

ଯଯାତିଙ୍କର ଏହି ସ୍ୱୀକାରୋକ୍ତିରୁ ସ୍ପଷ୍ଟ ଅନୁମିତ ହୁଏ ତମେ ଯେତେଦିନ ବଞ୍ଚ ନା କାହିଁକି ସବୁ ଅପୂର୍ଣ୍ଣ ରହେ । ଏ ଘରଦ୍ୱାର, ବ୍ୟବସାୟ ସଫଳ ଜୀବନ ପ୍ରତ୍ୟେକ ଭିତରେ କିଛି କେଁ ରହିଯାଏ ଆଉ ଟିକେ କ'ଣ ହେଲେ କରିଥାନ୍ତି ମୁଁ । ଆଉ ଟିକେ ହେଲେ ଜୀବନକୁ ମନଭରି ଉପଭୋଗ କରିଥାନ୍ତି । ହେଲେ ମଲାବେଳକୁ ଖୁବ୍ ଅନିଚ୍ଛାରେ ମୃତ୍ୟୁକୁ ଗଳାରେ ବାନ୍ଧିବାକୁ ପଡ଼େ । ସ୍ୱାଗତକରି କେହି ମୃତ୍ୟୁକୁ ବରଣ କରେ ନାହିଁ ।

# ଗେହ୍ଲାପୁଅ

ବହୁ ପୁରାତନ ଏକ ଚମତ୍କାର କାହାଣୀଟିଏ ଏମିତି ଶ୍ରୁତିରେ କଥିତ ହୋଇ ଗଡ଼ି ଆସୁଥିଲା । ଗୋଟିଏ ବହୁପ୍ରାଚୀନ ଉଦାର ଗଛଟିଏ ଥିଲା, ଯାହାର ବିଶାଳ ଶାଖା-ପ୍ରଶାଖା ସବୁ ଉଚ୍ଚତାରେ ଲମ୍ବିଯାଇ ଆକାଶକୁ ଛୁଉଁଥିଲା । ଏତେ ବିରାଟ ଗଛର ପ୍ରତ୍ୟେକ ଶାଖାରେ ପତ୍ରଭର୍ତ୍ତି ହୋଇ ଆହୁରି ସବୁଜ ଜୀବନ୍ତ ଦେଖାଯାଉଥିଲା । ଫୁଲ ଫଳ କଢ଼ରେ ଗଛ ଲଦିହୋଇ, ଫାଟିପଡୁଥିଲା । ଗୁଲୁଗୁଲିଆ ଟିକି ଟିକି ପ୍ରଜାପତିମାନେ ଗଛର ଡାଳରୁ ପତ୍ରକୁ ଫୁଲକୁ ଖିଲ୍ ଖିଲ୍ ହୋଇ ଉଡ଼ିଯାଉଥିଲେ, ଗଛରେ ଫଳ ପାଚିଲା ବେଳେ କେଉଁ ଦୂର ଦୂରାନ୍ତରରୁ ପକ୍ଷୀମାନେ ଉଡ଼ିଆସୁଥିଲେ ଗଛରେ ବସି ଫଳ ଖାଉଥିଲେ । ଖୁସି ଖୁସି କିଚିରିମିଚିରି ଗୀତ ଗାଉଥିଲେ, ଫୁଙ୍କୁରୁ ଫୁଙ୍କୁରୁ ଉଡ଼ିବୁଲୁଥିଲେ । ଯେତେ ପକ୍ଷୀ ଗଛରେ ଆଶ୍ରୟ ନେଉଥିଲେ ସେତିକି ଗଛ ତାହାର ପ୍ରଶସ୍ତ ଶାଖାର ଡାଳ ହାତରେ ସମସ୍ତଙ୍କୁ ଛାତିରେ ଜଡାଇ ଧରୁଥିଲା । ଓଠରେ ବୋକ ଦେଉଥିଲା । ଅନେକ ପଥଶ୍ରାନ୍ତ ବାଟୋଇ ଆସି ଗଛମୂଳରେ ବଡ଼ ଆରାମରେ ଶୋଇପଡୁଥିଲେ । ଗଛ ଭାରି ସ୍ନେହରେ ସେମାନଙ୍କୁ ଆଉଁଷି ଦେଉଥିଲା ।

ଦିନ ପରେ ଦିନ ବିତିଗଲା । ଗୋଟିଏ କିଶୋର ବାଳକ ଦିନେ ଆସି ଗଛ ମୂଳରେ ପହଞ୍ଚିଲା । ଗଛ ଛାଇରେ ବସି ତା'ର ଖେଳ ଆରମ୍ଭ କରେ । କେତେବେଳେ ଗଛରୁ ପତ୍ର, ଫୁଲ ତୋଳି, ତଳେ ପଡ଼ିଥିବା କାଠିକୁଟାରେ ଛୋଟ ଘରଟିଏ ତିଆରି କରେ । ଗଛର ଫଳରେ ଡାଲି, ଭାତ, ତରକାରୀ ମିଛିମିଛିକା ରାନ୍ଧେ । କଳ୍ପନାର ବାପା, ମା, ଭାଇ, ଭଉଣୀଙ୍କୁ ସେହି ମିଛରେ ଭାତ ତରକାରୀ ବାଢ଼େ । ନିଜେ ଖାଇବସେ ପୁଣି ହସି ହସି ଗଡ଼ିଯାଏ । ଗଛ ସବୁଦିନେ ପୁଅର ଖେଳ ଦେଖୁଥାଏ ଆଉ ମନେ ମନେ ଭାରି ଖୁସି ହେଉଥାଏ । ଗଛର ମନରେ ଛୋଟ ପୁଅଟି ପାଇଁ ମାତୃତ୍ୱର ମମତା ସ୍ନେହ ଜଡେଇ ଆସିଲା । ଦିନକୁ ଦିନ ଗଛ ପିଲାଟି ପ୍ରତି ବେଶୀ ଆସକ୍ତ ହୋଇପଡ଼ିଲା । ଖୁବ୍ ଆଦର କରିବାକୁ ଲାଗିଲା । ଯେତେବେଳେ ପୁଅଟି ଗଛ ନିକଟକୁ ଖେଳିବାକୁ ଆସେ, ଗଛ କ'ଣ କରେନା ତାର ବଡ଼ ବଡ଼ ଶାଖା ପ୍ରଶାଖାକୁ ଏକଦମ୍ ତଳକୁ ନୁଆଁଇ ଆଣେ ଯେମିତି ପିଲାଟି

ବିନା ଦ୍ୱିଧା ବିନା କଷ୍ଟରେ ଗଛ ଦେହରୁ ପତ୍ର, ଫୁଲ, ଫଳ ତୋଳି ନେଇ ଖେଳିବ । ପୁଅ ବି ଭାରି ଖୁସି ହୋଇ ନାଚିନାଚି ଗଛ ସହିତ ଆତ୍ମୀୟ ଅନ୍ତରଙ୍ଗ ହୋଇ ଖେଳିଚାଲେ । ଗଛକୁ ସତରେ ଭାରି ଭଲ ଲାଗୁଥାଏ ଯେତେବେଳେ ପୁଅ ଫୁଲ ତୋଳିବାକୁ ହାତ ବଢ଼ାଇ ତାକୁ ଛୁଇଁଦିଏ । ତା'ର ନିରୀହ ନିଷ୍ପାପ ହାତର ସ୍ପର୍ଶରେ ଗଛର ସମଗ୍ର ଅସ୍ତିତ୍ୱ ଚେତନା ପ୍ରେମରେ, ଆବେଗରେ ଜୁଡୁବୁଡୁ ହୋଇଯାଏ । ଗଛର ମନେହୁଏ ସବୁ ଯେପରି ମମତା ସେ ପୁଅଟି ଉପରେ ଢ଼ାଳି ଦେଉଥାନ୍ତା । ଏ ମୁହୂର୍ତ୍ତ ଆଉ ସରୁ ନଥାନ୍ତା ।

ଧୀରେ ଧୀରେ ପୁଅଟି ବଡ଼ ହେବାକୁ ଲାଗିଲା । ତା'ର ନିରୀହ କିଶୋରପଣରେ ଯୌବନର ଦୀପ୍ତିମନ୍ତ ଅହଂ ଚମକ ସୃଷ୍ଟି କରିବାକୁ ଲାଗିଲା । ହେଲେ ପୁଅର ଗଛପାଖକୁ ଆସିବା କେବେହେଲେ ବନ୍ଦ ହେଉ ନଥିଲା । ଥରେ ଥରେ ପୁଅ ଗଛ କୋଳରେ ଖୁବ୍ ନିଧକରେ ଆନନ୍ଦରେ ଶୋଇ ପଡୁଥିଲା । ପୁଣି କେତେବେଳେ ମନଇଚ୍ଛା ମିଠା ଫଳଗୁଡାକ ଖାଇ ମଞ୍ଜି ଗୁଡାକ ଏଣେତେଣେ ଫିଙ୍ଗି ଦେଉଥିଲା । ପୁଣି ଦିନେଦିନେ ଗଛର ଫୁଲକୁ ନେଇ ରାଜାଙ୍କର ମୁକୁଟ ଭଳି ତିଆରି କରି ମୁଣ୍ଡରେ ପିନ୍ଧୁଥିଲା ଆଉ ଠିକ୍ ଜଣେ ଜଙ୍ଗଲ ରାଜା ଭଳି ବ୍ୟବହାର କରୁଥିଲା । ପୁଅର ଏହି ରାଜା ଖେଳରେ ଗଛ ବି ମନ ଦେଇ ସହଯୋଗ କରୁଥିଲା । ମିଛି ମିଛିକା ରାଜାଙ୍କୁ ଗଛର ପତ୍ର ଫୁଲ ଫଳ ଓ ଶାଖା ପ୍ରଶାଖା ମାନେ ନତଜାନୁ ହୋଇ ପ୍ରଣାମ ଜଣାଉଥିଲେ । ସ୍ନେହରେ ତା' ମୁଣ୍ଡରେ ଫୁଲ ବର୍ଷା କରୁଥିଲେ । ପକ୍ଷୀମାନେ ଗୀତ ଗାଉଥିଲେ । ଗଛ ଯେମିତି ମାତୃସ୍ନେହରେ ଆହୁରି ବଢୁରି ଯାଉଥିଲା । ପୁଅକୁ ଗଭୀର ଭାବରେ ନିଜ ଛାତିରେ ଜାକି ଧରୁଥିଲା ।

ପୁଅ ଆଉ ଟିକେ ବଡ଼ ହୋଇଗଲା । ଏଥର ଗଛର ସବା ଉପର ଡାଳକୁ ମଧ୍ୟ ଗଡ଼ିପାରିଲା । ଡାଳକୁ ଡାଳ ଧରି ଡାଳ ମାଙ୍କୁଡ଼ି ଖେଳ ଖେଳି ଜାଣିଲା । ଖେଳି ଖେଳି ହାଲିଆ ହୋଇଗଲେ ପୁଅ ଗଛର କୋଳରେ ଶୋଇପଡ଼େ ସେତେବେଳେ ଗଛକୁ ଭାରି ଉଶ୍ୱାସ ଲାଗେ । ଆହା ! ମୋର ଗଳାର ମାଳି ! ଜୀବଧନ ! କେତେ କ୍ଳାନ୍ତ ହୋଇଗଲୁ ରେ ! କହି ଗଛ ପତ୍ରର ହାତରେ ପୁଅକୁ ଆଉଁଷି ଦିଏ । ଆଦରରେ କୋଳେଇ ନିଏ । ଏମିତି ଗଛ ଆଉ ପୁଅର ଖେଳ ଅନେକ ଦିନ ଧରି ଚାଲିଥାଏ । ଗଛ ତୃପ୍ତ ହୋଇ ପୁଅକୁ ଛୋଟରୁ ଯୁବକ ହେବାର ଦେଖୁଥାଏ । ତା'ର ମାତୃତ୍ୱ ପରିପୂର୍ଣ୍ଣ ହୋଇଯାଉଥାଏ ।

ସମୟର ପ୍ରବହମାନ ଧାରାରେ ଯୁବକ ପୁଅ ନିକଟରେ ଅନେକ ଦାୟିତ୍ୱ ଆସି ପହଞ୍ଚିଲା । ଆକାଂକ୍ଷା ମଧ୍ୟ ବଢ଼ିଲା । ଯଥା: ପରୀକ୍ଷାରେ ପାଶ୍ ହେବା, ବନ୍ଧୁମାନଙ୍କ ସହିତ ଆଡ୍ଡାଦେଇ ବୁଲିବା, ସିନେମା ଦେଖିବା, ମସ୍ତି କରିବା ଏମିତି କେତେ କ'ଣ । ଏସବୁ କାମ ଭିତରେ ପୁଅ ଆଉ ଗଛ ପାଖକୁ ବେଶୀ ସମୟ

ଆସି ପାରିଲାନି । କିନ୍ତୁ ଗଛ ବିଚାରି ଆକୁଳ ହୋଇ ପୁଅର ଆସିବାକୁ ଚାହିଁ ରହିଥାଏ । ହୃଦୟ ଭିତରୁ କୋହ ଉଠୁଥାଏ । ଆଖିରୁ ଲୁହ ଝରିଯାଉଥାଏ ଆତ୍ମା ଭିତରୁ ବାହୁନି ବାହୁନି ଗୋଟିଏ ସ୍ୱର ଗୁଞ୍ଜରି ଉଠୁଥାଏ, 'ଆରେ ! ପୁଅ ମୋର ! ସୁନା ମୋର ! ଧନ ମୋର ! ମୋ କୋଳକୁ ଆ । ତତେ ପରା ଅପେକ୍ଷା କରିଛି । ଆ ବାପା ! ଫେରିଆ ।' ଆହା ! ମାତୃତ୍ୱ ସନ୍ତାନର ଅବର୍ତ୍ତମାନରେ ଝୁରୁଛି । ସବୁ ଯେମିତି ପୁଅକୋଳରେ ଅଜାଡ଼ି ଦେଇ ନିଃସ୍ୱହୋଇ ଯିବ । ପ୍ରେମର ଲକ୍ଷଣ ସେଇଆ । ସବୁ ଦେଇଦେବାରେ ପ୍ରେମର ଶାନ୍ତି । ହେଲେ ଦିନ ପରେ ଦିନ ବିତିଯାଏ କିନ୍ତୁ ପୁଅ ଗଛ ନିକଟକୁ ଆସେ ନାହିଁ । ଗଛ ଦିନକୁ ଦିନ ଖୁବ୍ ଦୁଃଖୀ ହୋଇଯାଉଥାଏ । ମଣିଷ ପ୍ରେମକୁ ସବୁ ସମୟରେ ଭୁଲିଯାଏ । ଆବଶ୍ୟକତା ଅନୁସାରେ ପ୍ରେମକୁ କାଟ୍ ଛାଟ କରିଦିଏ । ସେହି ବ୍ୟବହାର ପୁଅ ଗଛ ପ୍ରତି କରିବାକୁ ଲାଗିଲା । ପୁଅ ନିଜର କ୍ୟାରିୟର, କ୍ଷମତା, ଟଙ୍କା ପଛରେ ଗୋଡାଇବାକୁ ଲାଗିଲା । ଗଛକୁ ଭୁଲିବାକୁ ବସିଲା । ଦିନେ ପୁଅ ବାଟରେ ଯାଉ ଯାଉ ଗଛ ପାଖରେ ପହଞ୍ଚିଲା । ଗଛ ଅତ୍ୟନ୍ତ ଅଧୀରହୋଇ ପୁଅକୁ ପଚାରିଲା 'କ'ଣ ହେଲା ବାପା ! ତୁ ତ ଆଉ ମୋ ପାଖକୁ ଆଦୌ ଆସୁନାହୁଁ ! ମୋର କ'ଣ ଭୁଲ୍ ହେଲା କି ? ମୋ ଉପରେ ରାଗିଛୁ କି ? କେତେ ଦିନ ହେଲା ତୋ ଆସିବା ବାଟକୁ ମୁଁ ଚାହିଁ ବସିଛି ଜାଣିଛୁ ? ମୁଁ ତ ତତେତ ସବୁଦିନେ ମୋ କୋଳକୁ ଆସିବୁ ବୋଲି ଅପେକ୍ଷା କରିଛିରେ ?'

ବଡ଼ ବେଖାତିର୍‌ରେ ପୁଅ ଉତ୍ତର ଦେଲା, 'ତୋ ପାଖରେ କ'ଣ ଅଛି ଯେ ମୁଁ ସବୁଦିନେ ଆସିବି । ତୋ ପାଖରେ କ'ଣ ପଇସା ଅଛି, କ୍ଷମତା ଅଛି ? ଏସବୁ ମତେ ଦେଇପାରିବୁ ? ମୁଁ ଏବେ ଟଙ୍କା ରୋଜଗାର ପଛରେ ବ୍ୟସ୍ତ ଅଛି । ତୋ ପାଖକୁ ଆସି ମୋର କ'ଣ ଲାଭ ଯେ ।' ଅବଜ୍ଞାରେ ପୁଅ ଆରପଟକୁ ମୁହଁ ବୁଲାଇଦେଲା । ଗଛର ହାଡ ଥରାଇ ହୃଦୟ ଫଟାଇ ଦୀର୍ଘଶ୍ୱାସ ବାହାରିଆସିଲା । କାନ୍ଦ କାନ୍ଦ କଣ୍ଠରେ ଗଛ କହିଲା, 'ତାହେଲେ ତୁ ମୋ ପାଖକୁ ମୁଁ କ'ଣ ଦେଇପାରିବି ସେଇ ଆଶା ନେଇ ଆସୁଥିଲୁ ବାବା ! ଆମେ ଗଛମାନେ ଟଙ୍କା ପଇସା କ'ଣ ଜାଣିନୁ ତ । ହେଇ ଦେଖ ! ଫୁଲ କେମିତି କେତେ ଆନନ୍ଦରେ ଫୁଟୁଛି ପୁଣି ଝଡ଼ିଯାଉଛି । ଫଳ ଫଳୁଛି, ପକ୍ଷୀମାନେ ଗୀତ ଗାଉଛନ୍ତି । ପତ୍ର, ଶାଖା, ଡାଳ ସମସ୍ତେ ଡେଉଁଛନ୍ତି ଖେଳୁଛନ୍ତି । ହେଲେ ଏମାନେ ତ କେବେହେଲେ ଟଙ୍କା କି କ୍ଷମତା ପାଇଁ ଆଗ୍ରହୀ ହୋଇ ନାହାନ୍ତି । ଯେଉଁଦିନ ଆମେ ମାନେ ଟଙ୍କାର ମରୀଚିକା ପଛରେ ଦଉଡ଼ିବୁ ସେଦିନ ତୋ ଭଳିଆ, ଦୁର୍ବଳ ହୋଇ ମନର ଶାନ୍ତି ପାଇଁ ମନ୍ଦିର ଖୋଜି ବୁଲିବୁ । ନା ନା ! ଆମେ ଟଙ୍କା ପଇସା ଜାଣୁନାହୁଁ ସେ ସବୁରେ ଆମର ଆବଶ୍ୟକତା ନାହିଁ । ଆମେ ଖାଲି ଭଲପାଇବା ଜାଣୁଛୁ । ପ୍ରେମରେ ସର୍ବସ୍ୱ ଦେଇଦେବା ଜାଣିଛୁ ।' ପୁଅ ଗଛର କଥାଶୁଣି କହିଲା, 'ତେବେ

କ'ଣ ପାଇଁ ମୁଁ ତୋ ପାଖକୁ ଆସିବି । ମୋର କ'ଣ ଲାଭ ହେବ କି ? ମୁଁ ଯେଉଁଠି ପଇସା ଅଛି ସେଇଠିକି ଯିବି ।'

ଗଛ ଟିକେ ସମୟ ଭାବିଲା ପରି ହୋଇ କହିଲା, 'ବାବୁରେ ! ତୁ କାହିଁକି ଇଆଡେ ସିଆଡେ କଷ୍ଟ କରିଯିବୁ । ମୋର ଗଛରେ ଯେତେ ଫଳ ସବୁ ପାଚିଛି ସେଗୁଡାକ ତୋଳି ପକା । ଆଉ ବଜାରରେ ନେଇ ବିକ୍ରି କର । ଦେଖିବୁ ସେହି ବାଟରେ ତତେ ଅନେକ ପଇସା ମିଳିଯିବ ।' ପୁଅ ଗଛ କଥାଶୁଣି ଖୁସି ହୋଇଗଲା ଏବଂ ସଙ୍ଗେ ସଙ୍ଗେ ତା' ଉପରକୁ ଚଢ଼ିଗଲା । ଗଛରେ ଯେତେଫଳ ପାଚିଥିଲା ସବୁ ଝଡ଼ାଇଦେଲା ତା ସହିତ ଯେଉଁ ଫଳ ପାଚି ନଥିଲା ସେଗୁଡ଼ିକ ମଧ୍ୟ ଝାଡ଼ିଦେଲା । ହେଲେ ଗଛର ମନ ଆନନ୍ଦରେ ପୂରିଗଲା । ପୁଅ ପାଇଁ ଫଳସବୁ ଅଜାଡ଼ିଦେଇ ତା' ହୃଦୟ ଆଶ୍ୱସ୍ତ ହୋଇଗଲା । ଯଦିଓ ପୁଅର ଫଳ ତୋଳାବେଳେ ଗଛର କେତେ ଶାଖାର ଡାଳ ଭାଙ୍ଗିପଡ଼ିଲା । ଅନେକ ପତ୍ର ଗଛ ଦେହରୁ ଛିଣ୍ଡିଗଲା । କଢ଼ ସବୁ ମୂଳରୁ ଉଜୁଡ଼ିଗଲା । କିନ୍ତୁ ଗଛ ଏସବୁ ଆଞ୍ଚୁଡା ଦାଗ ରକ୍ତକ୍ଷରଣ ହସି ହସି ସହିଗଲା । କାରଣ ପୁଅର କାମରେ ଏତେଦିନପରେ ସେ ଆସିପାରିଛି । ଗଛ ପୁଅର ଆସିବାରେ ଏତେ ଖୁସି ହୋଇଗଲା ଯେ ପୁଅ ତାକୁ ଧନ୍ୟବାଦ ଟିକେ ଜଣାଇବା କଥା ଏଇଟାକୁ ମଧ୍ୟ ସେ ଗୁରୁତ୍ୱର ସହିତ ବିଚାର କରିପାରିଲା ନାହିଁ । ଗଛ ନିଜକୁ ଭାଗ୍ୟବାନ ମନେ କଲା ଯେ ଯାହାହେଉ ପୁଅ ଅନ୍ତତଃ ମୋ ପ୍ରସ୍ତାବ ରକ୍ଷା କରି ଆସି ମୋର ଫଳ ତୋଳି ନେଲା ।

ଏହାପରେ ଅନେକ ଦିନ ବିତିଗଲା । କିନ୍ତୁ ପୁଅ ଗଛ ନିକଟକୁ ଆସିଲାନାହିଁ । ବର୍ତ୍ତମାନ ସେ ବେଶୀ ବେଶୀ ଟଙ୍କା ରୋଜଗାରରେ ଏତେ ବ୍ୟସ୍ତ ରହିଲା ଯେ ଗଛ ବୋଲି କିଏ ଗୋଟାଏ ଅଛି ତାକୁ ସମ୍ପୂର୍ଣ୍ଣ ଭୁଲିଗଲା । ବର୍ଷ ପରେ ବର୍ଷ ଗଡ଼ିଚାଲିଲା । ଗଛ ଦୁଃଖୀ ହୋଇଗଲା । ତଥାପି ଗଛ ସତୃଷ୍ଣ ନୟନରେ ଛାତିରେ ଛାତିଏ ଆକୁଳତା ଭର୍ତ୍ତିକରି ସ୍ତନରେ ଦୁଗ୍ଧ ଭର୍ତ୍ତିକରି ଯେମିତି ହଜିଯାଇଥିବା ପୁଅର ଆସିବା ବାଟକୁ ଚାହିଁ ରହିଲା । ପୁଅକୁ କାଳେ ଭୋକ କରୁଥିବ ପରା ସେହି ଆଶାରେ ଗଛ ତା'ର ଫଳ ସବୁକୁ ଆହୁରି ସ୍ୱାଦିଷ୍ଟ କରି ପଚାଇ ସଜାଇ ରଖିଥାଏ । ପାଗଳ ଭଳି ଗଛ ପୁଅକୁ ଖୋଜୁଥାଏ । ଆତ୍ମା ଫଟାଇ କୋହ ଗୁମୁରି ଉଠୁଥାଏ । ସତେ ଯେମିତି ଗଛ ଲୁହ କାନ୍ଦୁନି ଯେ ରକ୍ତ ଝରାଉଛି । ଗଛ ଦୁଃଖରେ ଦିନକୁ ଦିନ ଶୁଖିଗଲା । ହେଲେ ପୁଅକୁ ଅପେକ୍ଷା କରିବା ଟିକିଏ ହେଲେ ଊଣା ହେଲାନି । ପୁଅ ନିଶ୍ଚେ ଦିନେ ଫେରି ଆସିବ ।

ଅନେକ ବର୍ଷପରେ ଦିନେ ଜଣେ ବୟସ୍କ ସେହି ପୁଅ ଗଛପାଖରେ ଆସି ପହଞ୍ଚିଲା । ବୟସ୍କ ପୁଅଟିକୁ କିନ୍ତୁ ଗଛ ଚିହ୍ନିପକାଇଲା । 'ଆରେ ! ଏ ତ ମୋର ସେଇ ଟିକିପୁଅ । ଆ ବାପା ! ମୋ କୋଳକୁ ଆ । ମତେ ଟିକିଏ କୁଣ୍ଢାଇ

ପକାଇଲୁ । ବୟସ୍କ ପୁଅଟି କହିଲା, 'ହେ ଏସବୁ ବାଜେ ସ୍ନେହ ମତେ ଆଉ ଦେଖାନା । ସ୍ନେହ ଲୁହ ଗୁଡା ସବୁ ଖୁବ୍ ପିଲାଳିଆ । ମୁଁ ଆଉ ଛୋଟ ପିଲା ହୋଇନାହିଁ ଯେ ଏଥିରେ ମାତିବି ।' ହେଲେ ଗଛ ପୁଅର ବ୍ୟବହାରରେ ଟିକେ ହେଲେ ମନଦୁଃଖ କଲାନି ଗେଲରେ ଡାକିଲା, 'ଆରେପୁଅ ! ମୋ ଦେହର ଡାଳ ପତ୍ରରେ ଆଗରୁ ତୁ ଯେମିତି ଚଢ଼ି ଡେଉଁଥିଲୁ ସେମିତି ଚଢ଼ିଯାଆ । ତୁ କେମିତି ସୁନ୍ଦର ନାଚୁଥିଲୁ ଫୁଲ ପତ୍ର ଲଗେଇକରି ରାଜା ଖେଳ ଖେଳୁଥିଲୁ । ଆ ! ସେମିତି ଖେଳିବୁ ।' ଗଛ ମାତୃତ୍ୱର ସରାଗରେ ପୁଅର ମୁଣ୍ଡ ଉପରକୁ ତା'ର ଲମ୍ବା ଲମ୍ବା ଡାଳ ଗୁଡ଼ିକ ନୁଆଁଇ ଆଣିଲା । ବୟସ୍କ ପୁଅ ଗଛ କଥାରେ ଏକଦମ୍ ରାଗିଗଲା । 'ବନ୍ଦକର ! ତୋର ଯେତେ ବକ୍‌ବାସ । ମୁଁ ଗୋଟେ ଘର ତିଆରି କରିବାକୁ ଚାହୁଁଛି । ତୁ କ'ଣ ମତେ ଗୋଟେ ଘର ଦେଇପାରିବୁ ?' ଗଛ ଆଶ୍ଚର୍ଯ୍ୟ ହୋଇଗଲା । 'କ'ଣ କହୁଛୁ ଘର । ଘର କ'ଣରେ । ମୁଁ ତ ଆଜିଯାଏ ଘର କ'ଣ ଜାଣିନି । ଆମେ ଘର ବିନା ବଞ୍ଚୁ । କେବଳ ମଣିଷ ଘରମାନଙ୍କରେ ରହେ । ଆଉ କେହି ତ ଘରେ ରହନ୍ତି ନାହିଁ । ତୁ ଦେଖିଛୁ କିନା ମୁଁ ଜାଣିନି ହେଲେ ଘର ଭିତରେ ରହୁଥିବା ମଣିଷମାନେ ସବୁଦିନ ପାଇଁ ଘରର ଚାରିକାନ୍ଥ ଭିତରେ ବନ୍ଦୀ ହୋଇଯାନ୍ତି । ଶେଷରେ କ'ଣ ହୁଏନା ଯେତେ ବଡ଼ ବଡ଼ ଘର ତିଆରି ହୁଏ ସେତିକି ସେତିକି ଛୋଟ ହୋଇଯାଉଥାଏ ମଣିଷ । ସେଥିପାଇଁ ଆମେ କେହି ଘରେ ରହୁନା । ହେଲେ ଗୋଟେ କାମ ତୁ କରିପାରିବୁ । ମୋ ଦେହର ଶାଖା ପ୍ରଶାଖାକୁ ଯଦି ତୁ କାଟି ଦେବୁ ତା'ପରେ ହେଲେ ହୁଏତ ସେହି କାଠ ତୋ ଘର ତିଆରି କାମରେ ଆସିପାରେ ।'

ଗୋଟିଏ ହେଲେ ମୁହୂର୍ତ୍ତ ନଷ୍ଟ ନ କରି ଗଛର କଥା ନ ସରୁଣୁ ବୟସ୍କ ପୁଅ କୁରାଢ଼ୀଟେ ଆଣି ତା'ର ସବୁ ବଡ଼ ବଡ଼ ଡାଳକୁ କାଟି ପକାଇଲା । ବର୍ତ୍ତମାନ ଗଛ ଦେହରେ ଗୋଟିଏ ହେଲେ ଡାଳ କି ପତ୍ର ଫୁଲ କିଛି ରହିଲା ନାହିଁ । ଖାଲି ତୁଚ୍ଛା ଗଣ୍ଡିଟା ଯାହା ରହିଲା । ଗଛର ସବୁ ଶରୀର ଖଣ୍ଡ ଖଣ୍ଡ ହୋଇ ଗଲା ସିନା, ରକ୍ତ ଝରିଲା ହେଲେ ସେ ଭାରି ଆନନ୍ଦିତ ହେଲା । ଯାହାହେଉ ମୁଁ ତ ମୋ ପୁଅର ଆବଶ୍ୟକତା କିଛି ପରିମାଣରେ ହେଲେ ମେଣ୍ଟାଇ ପାରିଛି ।ଅଥଚ ଲୋଭୀ ଅହଂକାରୀ ପୁଅଟା ଗଛର ସର୍ବସ୍ୱ ନେଇଗଲା ସିନା ସାମାନ୍ୟ ଧନ୍ୟବାଦ ଟିକିଏ ବି ଜଣାଇଲା ନାହିଁ । ଗଛର ମୋଟା ମୋଟା ମଜବୁତ କାଠରେ ପୁଅ ନିଜର ଘରର କବାଟ, ଝର୍କା ସହିତ ପୂରା ଘରଟା ତିଆରି କରିଦେଲା । ସମୟ ପୁଣି ଗଡ଼ି ଚାଲିଲା । ଦିନ ଯାଇ ମାସ ବର୍ଷରେ ପରିଣତ ହେଲା । ଗଛ ଗଣ୍ଡିଟା ସେମିତି ପ୍ରତୀକ୍ଷା କରିଥାଏ । ଖାଲି ଅପେକ୍ଷା.. ଅପେକ୍ଷା ଆଉ ଅପେକ୍ଷା । ଗଛ ବ୍ୟାକୁଳ ହୋଇ ପୁଅକୁ ଡାକିବାକୁ ଚାହୁଁଥାଏ । ହେଲେ ତା'ର ଆଦୌ ବଳ ପାଉନଥାଏ । କାରଣ ନା ତା' ଦେହରେ ଶାଖା ପ୍ରଶାଖା ଅଛି, ନା ଡାଳ ଅଛି ଯେ ତାକୁ ଶକ୍ତି

ଦେବ, ବଳ ଦେବ । ବର୍ତ୍ତମାନ ଗଛ ତ ଏକଦମ୍ ଶକ୍ତିହୀନ, ଶ୍ରୀହୀନ ଦୁର୍ବଳ ହୋଇ ପଡ଼ିଛି । ପବନ ତା' ଉପର ଦେଇ ବୋହିଯାଉଛି ହେଲେ ପବନ ହାତରେ ପୁଅ ପାଖକୁ ଖବର ଟିକେ ପଠାଇବାକୁ ବି ତା'ର ସାମର୍ଥ୍ୟ ନାହିଁ । ଖୁବ୍ ଅସହାୟ ହୋଇପଡୁଥାଏ ଗଛ । କେମିତି ହେଲେ ପୁଅକୁ ଟିକେ ଦେଖନ୍ତା । ଆତ୍ମା ଭିତରୁ ବାରମ୍ବାର ଗୋଟିଏ ସ୍ୱର ଉତୁରି ଆସୁଥାଏ ଆରେ ବାବୁ ! ଫେରିଆ...ଫେରିଆ । ମୋ କୋଳକୁ ଫେରିଆ ।'

ଗଛର ବ୍ୟାକୁଳତାର ଅନ୍ତ ନଥାଏ । ପୁଅର ଆସିବା ବାଟକୁ ଚାହିଁ ରହିଥାଏ । କିନ୍ତୁ ସେମିତି କିଛି ଘଟଣା ଘଟୁ ନଥାଏ । ଦିନ ଗଡ଼ିଯାଉଥାଏ । ବୟସ୍କ ପୁଅ ଏଥର କ୍ରମଶଃ ବୁଢ଼ା ହୋଇଯାଇଛି । ଦିନେ ବୁଢ଼ା ପୁଅଟି ସେହି ରାସ୍ତାରେ ଯାଉ ଯାଉ ଗଛ ପାଖରେ କିଛି ସମୟ କାହିଁକି କେଜାଣି ଅଟକିଗଲା । ଗଛର ଖୁସି କହିଲେ ନସରେ, ଗଦ୍ ଗଦ୍ ହୋଇ ପୁଅକୁ ପଚାରିଲା, 'ମୁଁ କ'ଣ ତୋ ପାଇଁ କରିବିରେ ବାବୁ । ତୁ ତ ଅନେକ ଅନେକ ଦିନ ପରେ ମୋ ପାଖକୁ ଆସିଲୁ । ହଉ ଟିକେ ବସି ଯା ।' ବୁଢ଼ା ପୁଅ କହିଲା, 'ତୁ କ'ଣ ମୋ ପାଇଁ କରିବୁ ? ମୁଁ ଏଥର ଟଙ୍କା ରୋଜଗାର ପାଇଁ ଦୂର ଦେଶକୁ ଯାତ୍ରା କରିବାକୁ ସ୍ଥିର କରିଛି । ମତେ ସମୁଦ୍ରରେ ଯିବାକୁ ହେବ । ସେଥିପାଇଁ ମତେ ଗୋଟେ ଡଙ୍ଗା ଦରକାର ।' ଗଛର ଆଖି ପୁଅ କଥା ଶୁଣି ଖୁସିରେ ଝଲମଲ ହୋଇଉଠିଲା । କହିଲା, 'ତା'ହେଲେ ତୋର ଆଉ କିଛି ସମସ୍ୟା ନାହିଁରେ । ବ୍ୟସ୍ତ ହଅନା । ମୋ ଏଇ ଗଣ୍ଡିଟାକୁ କାଟି ନେଉନୁ । ଏହି ଶକ୍ତ ଗଣ୍ଡିଟାରେ ତ ଗୋଟେ ବଢ଼ିଆ ଡଙ୍ଗା ତୁ ତିଆରି କରିପାରିବୁ । ମୁଁ ଭାରି ଖୁସି ହେବି ଯଦି ମୋର ଗଣ୍ଡିରେ ତୋର ଡଙ୍ଗା ତିଆରି ହୋଇପାରିବ ଏବଂ ତୁ ଦୂରଦେଶକୁ ବହୁତ ଟଙ୍କା ରୋଜଗାର କରିବାପାଇଁ ଯାଇପାରିବୁ । ଆଉ ଡେରି କାହିଁକି କରୁଛୁ ଯେ । ଆଣ ! କୁରାଢ଼ୀ ମତେ କାଟି ପକା । ହେଲେ ଧନରେ ! ଗୋଟେ ଛୋଟ କଥା ମନେ ରଖିଥିବୁ ମୁଁ ସବୁବେଳେ ତୋର ଫେରିବା ବାଟକୁ ଚାହିଁ ବସିଛି ।'

ବୁଢ଼ା ପୁଅ ଗୋଟେ ବଡ଼ କରତ ନେଇ ଆସିଥିଲା ସେହି କରତରେ ଗଛର ମୂଳକୁ ଧରି ସମ୍ପୂର୍ଣ୍ଣ କାଟିଦେଲା । ଗୋଟେ ବଢ଼ିଆ ଡଙ୍ଗା ତିଆରି କଲା ଏବଂ ଟଙ୍କା ରୋଜଗାର କରିବାକୁ ବିଦେଶ ଚାଲିଗଲା । ଗଛର ଅବଶେଷ ଆଉ କିଛି ନଥାଏ । କେବଳ ଛୋଟ ମୁଣ୍ଡିଟିଏ ରହିଯାଇଥାଏ । ତଥାପି ପୁଅର ଫେରିବା ବାଟକୁ ସେମିତି ଚାହିଁ ରହିଥାଏ । ପ୍ରତୀକ୍ଷା... ପ୍ରତୀକ୍ଷା... ପ୍ରତୀକ୍ଷା... । ଏହାର ଯେମିତି ଆଉ ଶେଷ ନାହିଁ । ଦିନେ ରାତିରେ ବାଟୋଇଟେ ଗଛର ମୁଣ୍ଡିଆଟା ପାଖରେ ଆସି ବସୁ ବସୁ ଶୋଇ ପଡ଼ିଲା । ଗଛର ଅନ୍ତରର ଦୀର୍ଘଶ୍ୱାସ, କୋହ, ଫିସ୍ ଫିସ୍ କଥା କିନ୍ତୁ ବାଟୋଇକୁ ପରିଷ୍କାର ଶୁଭୁଥାଏ ।' ମୋର ସେହି ଆଦରର

ପୁଅ କାହିଁ ଏପର୍ଯ୍ୟନ୍ତ ମୋ ପାଖକୁ ଫେରିଲା ନାହିଁ । ମୁଁ ତା ପାଇଁ ବଡ଼ ବ୍ୟସ୍ତ ହୋଇପଡ଼ିଲିଣି । କାରଣ ସେ ମୋ ଗଣ୍ଡିରେ ଗୋଟିଏ ନୌକା କରି ସମୁଦ୍ରରେ ଦୂର ଦେଶକୁ ଟଙ୍କା ରୋଜଗାର କରିବାକୁ ଯାଇଛି । କାଳେ ଯଦି ସମୁଦ୍ରରେ ଡଙ୍ଗା ଓଲଟି ଯାଇଥିବ କି ସେ କେଉଁଠି ବୁଡ଼ିଯାଇଥିବ । ନହେଲେ ଯଦି ସେ ଦୂର ଦେଶରେ ନିଖୋଜ ହୋଇଯାଇଥିବ କିମ୍ବା ଆଉ ବଞ୍ଚି ନଥିବ । ବଡ଼ ଆଶଙ୍କିତ ଅବସ୍ଥାରେ ମୁଁ ଦିନ କାଟୁଛି । କିଏ ହେଲେ ତା'ର କୁଶଳ ବାର୍ତ୍ତା ମତେ ଦେଇ ଦିଅନ୍ତା କି ? କାରଣ ମୁଁ ମୋ ଜୀବନର ଶେଷ ଅବସ୍ଥାରେ ପହଞ୍ଚିଗଲିଣି । ମୃତ୍ୟୁ କେତେବେଳେ ଚଟ୍‌କିନା ଆସି ମତେ ନେଇଯାଇପାରେ । ବୋଧହୁଏମୋର ଡାକ ଆଉ ପୁଅକୁ ଶୁଭିବନି । ବର୍ତ୍ତମାନ ମୋ ପାଖରେ କିଛିହେଲେ ଅବଶେଷ ନାହିଁ ଯାହା ମୁଁ ତାକୁ ଦେଇଥାନ୍ତି । ସେ ତ ଖାଲି ନେବା ଜାଣିଛି । ନେବା କଥା ହିଁ ସେ ବୁଝେ । ତମେ ଯଦି କେବେ ତାକୁ ଦେଖିବ ମୋ କଥା ଟିକେ ମନେପକାଇ ଦେବ । ମୋ ପାଖକୁ ଆସିବାକୁ କହିବ ।'

# ସ୍ୱପ୍ନର ଅସ୍ତିତ୍ୱ

ମଣିଷ ଶରୀରରେ ୭ ପ୍ରକାର ସୂକ୍ଷ୍ମ ଶରୀର ରହିଛି । ସେଗୁଡ଼ିକ ହେଲା ଶାରୀରିକ, ଚୌତିକ, ପୁର୍ନଜନ୍ମସ୍ମରଣ, ମାନସିକ, ମହାଶୂନୈକ, ଆଧାତ୍ମିକ, ନିର୍ବାଣ । ଏହି ୭ଟି ଶରୀରର ନିଜସ୍ୱ ସ୍ୱପ୍ନ ସୃଷ୍ଟି ହୋଇଥାଏ । ପାଶ୍ଚାତ୍ୟ ମନୋବିଜ୍ଞାନୀମାନେ କିନ୍ତୁ ଏହି ସାତଟି ଶରୀରର ବିଭାଗୀକରଣକୁ ତିନିଭାଗରେ ଗ୍ରହଣ କରିଥାନ୍ତି ଯଥା ଚେତନ, ଅବଚେତନ, ସାମୂହିକ ଅବଚେତନ ସ୍ତର । ମଣିଷର ବାହ୍ୟ ଶରୀର ନିଜର ସ୍ୱପ୍ନ ସୃଷ୍ଟି କରିଥାଏ । ଯଦି ତୁମର ପେଟ ଗଣ୍ଡଗୋଳ ଅଛି ତେବେ କେବଳ ଏଇଭଳି ସ୍ୱପ୍ନ ହିଁ ସୃଷ୍ଟିହେବ । ଯଦି ତୁମେ ଅସୁସ୍ଥ ଅଛ, ଜ୍ୱର ଅନୁଭବ କରୁଥିବ ତେବେ ତୁମର ବାହ୍ୟ ଶରୀର ସେହିପ୍ରକାର ସ୍ୱପ୍ନରେ ଅଭ୍ୟସ୍ତ ହେବ । ଅନେକ ସମୟରେ କେତେକ ନିର୍ଦ୍ଦିଷ୍ଟ ରୋଗରୁ ସ୍ୱପ୍ନ ମଧ୍ୟ ସୃଷ୍ଟି ହୋଇଥାଏ । ଶାରୀରିକ ଅସୁସ୍ଥତା, ରୋଗ ମଧ୍ୟ କେତେକ ସ୍ୱପ୍ନ ତିଆରି କରିବାରେ ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ : ତମେ ଶୋଇଛ ଯଦି ତୁମର ଗୋଡ଼ରେ ଓଦା ଗାମୁଛା ଘୁଡ଼ାଇ ଦିଆଯିବ ତେବେ ବି ତୁମେ ସ୍ୱପ୍ନ ଦେଖିବା ଆରମ୍ଭ କରିବ, ଯେମିତି ତୁମକୁ ଲାଗିବ ତୁମେ ଏକ ନଦୀପାର ହେଉଛ ।

ଯଦି ଗୋଟିଏ ତକିଆ ତୁମେ ଛାତି ତଳେ ରଖି ଶୁଅ ତେବେ ତୁମେ ଦେଖିବ ସ୍ୱପ୍ନରେ ତୁମ ଉପରେ କେହି ଜଣେ ମାଡ଼ିବସିଛି  ନତୁବା ପଥର ତୁମ ଉପରେ କିଏ ମଡ଼େଇଦେଇଛି । ବସ୍ତୁତଃ ଏହି ପ୍ରକାର ସ୍ୱପ୍ନକୁ ଶରୀରର ବାହ୍ୟ ଘଟଣାକୁ ନେଇ ଉଦ୍ଭରିତ ହୋଇଥାଏ । ଦ୍ୱିତୀୟ ସ୍ତରର ଚୌତକ ଶରୀରରେ ମୁଖ୍ୟତଃ ଅବଦମିତ ଇଚ୍ଛା, କାମନା ଗୁଡ଼ିକ ଯାହା ପ୍ରଥମ ବାହ୍ୟ ଶାରୀରିକ ଅନୁଭୂତିରୁ ଅବଶେଷ ଭାବରେ ରହିଗଲା ସେଗୁଡ଼ିକ ଏହି ଚୌତିକ ସ୍ୱପ୍ନରେ ସୃଷ୍ଟି ହୁଏ । ମନେକର ତୁମେ ଉପବାସ କରିଛ ତା'ହେଲେ ତୁମେ ଜଳଖିଆ ଖାଉଥିବାର ସ୍ୱପ୍ନ ଦେଖିବ । କିମ୍ବା ଯଦି ତୁମର ଯୌନ ଇଚ୍ଛା ଅବଦମିତ ହୋଇ ରହିଛି ତେବେ ଯଥେଷ୍ଟ ସମ୍ଭାବନା ଅଛି ତୁମେ ଅନେକଗୁଡାଏ ଯୌନ ସମ୍ବନ୍ଧୀୟ ସ୍ୱପ୍ନ ଦେଖିବ ।

ପାଶ୍ଚାତ୍ୟ ମନୋବିଜ୍ଞାନୀମାନେ ଏହି ଚୌତିକ ସ୍ୱପ୍ନଗୁଡ଼ିକୁ ଭୁଲ୍ ବୁଝି ମତ ପ୍ରକାଶ କରନ୍ତି ଏହା କେବଳ ଦମନିତ ଯୌନକାମନା ବା ଇଚ୍ଛାକୁ ନେଇ ସୃଷ୍ଟି ହୋଇଛି । ଚୈତିକ ଶରୀରର ବୈଶିଷ୍ଟ୍ୟ ହେଲା ଏହା ତୁମର ଶରୀର ତ୍ୟାଗ କରିଯାଇପାରେ । ଯଦି ତୁମେ ଏହାକୁ ମନେପକାଅ ତେବେ ତୁମକୁ ଗୋଟିଏ ସ୍ୱପ୍ନ ଦେଖିଲାପରି ଲାଗିବ । କିନ୍ତୁ ଏହା କେବେ ହେଲେ ବାହ୍ୟ ଶାରୀରିକ ସ୍ୱପ୍ନ ଅନୁଭୂତି ନୁହେଁ । ଚୈତିକ ଶରୀର ତୁମେ ଶୋଇପଡ଼ିଥିଲା ବେଳେ ବାହାରି ଚାଲିଯାଇପାରେ । ଅର୍ଥାତ୍ ତୁମର ଶରୀର ବିଛଣାରେ ଶୋଇଥିବ କିନ୍ତୁ ତୁମର ଚୌତିକ ଦେହରୁ ବାହାରି ଆସି ମହାଶୂନ୍ୟରେ ବିଚରଣ କରୁଥିବ । ଏହି ମହାଶୂନ୍ୟରେ ବିଚରଣ ପାଇଁ କୌଣସି ଦୂରତ୍ୱ, ସୀମା ସରହଦ ଚୌତିକ ଶରୀରକୁ ବାନ୍ଧିରଖି ପାରିବ ନାହିଁ ।

ଅନେକ ମନୋବିଜ୍ଞାନୀ ଚୈତିକ ଶରୀରର ଅସ୍ତିତ୍ୱକୁ ଚିହ୍ନି ନ ପାରି ଏହା ଅବଚେତନ ସ୍ତରର ଅନୁଭୂତି ଜନିତ ସ୍ୱପ୍ନ ବୋଲି ଅଭିହିତ କରିଥାନ୍ତି । ସେଥିପାଇଁ ସେମାନେ ମଣିଷ ମନକୁ ଚେତନ ଏବଂ ଅବଚେତନ ଏହିଭଳି ଦୁଇଭାଗରେ ବିଭକ୍ତ କରିଛନ୍ତି । ତେଣୁ ସେମାନେ ଶାରୀରିକ ବାହ୍ୟ ଅନୁଭୂତିରୁ ସୃଷ୍ଟ ସ୍ୱପ୍ନକୁ ଚେତନ ଏବଂ ଚୌତିକ ସ୍ୱପ୍ନକୁ ଅବଚେତନ ଭାବରେ ନାମିତ କରିଛନ୍ତି । କିନ୍ତୁ ବାସ୍ତବରେ ଏହା ଅବଚେତନ ସ୍ୱପ୍ନ ନୁହେଁ । ଏହା ଚେତନ ସ୍ତରର ବାହ୍ୟସ୍ୱପ୍ନଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତୁମେ ଯଦି ତୁମର ଏହି ଚୌତିକ ଶରୀରର ସ୍ୱପ୍ନ ପାଇଁ ସଜାଗ ହେବ ତେବେ ତାହା ନିଜର ବ୍ୟକ୍ତିଗତ ସ୍ୱପ୍ନ ଅନୁଭୂତିରେ ପରିଣତ ହେବ ।

ଧରାଯାଉ, ଯେଉଁ ମନ୍ତ୍ର ଆମେ ଉଚ୍ଚାରଣ କରୁ ତାହାକୁ ନେଇ ଚୌତିକ ସ୍ୱପ୍ନ ସୃଷ୍ଟି କରାଯାଇପାରେ । ଗୋଟିଏ ନିର୍ଦ୍ଦିଷ୍ଟ ମନ୍ତ୍ର ବା ଧ୍ୱନି, ଶବ୍ଦ, ନାଦ ଯଦି ବାରମ୍ବାର ଚୈତିକ କେନ୍ଦ୍ରବିନ୍ଦୁରେ ଉଚ୍ଚାରଣ କରାଯାଏ ତେବେ ତାହା ଚୌତିକ ସ୍ୱପ୍ନ ସୃଷ୍ଟିକରେ । ସୁଫୀ ସନ୍ନ୍ୟାସୀମାନେ ଅତରକୁ ଚୌତିକ ଦୃଶ୍ୟ ସ୍ୱପ୍ନ ସୃଷ୍ଟି କରିବାରେ ଏକ କୌଶଳର ମାଧ୍ୟମ ଭାବରେ ବ୍ୟବହାର କରିଥାନ୍ତି । ଗୋଟିଏ ଲେଖାଏଁ ନିର୍ଦ୍ଦିଷ୍ଟ ସୁଗନ୍ଧିତ ଅତର ନିର୍ଦ୍ଦିଷ୍ଟ ସ୍ୱପ୍ନ ମଧ୍ୟ ସୃଷ୍ଟି କରିଥାନ୍ତି । ଏପରିକି ରଙ୍ଗ ମଧ୍ୟ ସ୍ୱପ୍ନ ତିଆରିରେ ସାହାଯ୍ୟ କରେ । ଯଦି ଜଣେ ଗଭୀର ଧ୍ୟାନ କରେ ତେବେ ରଙ୍ଗ ଦେଖିପାରେ । ଶବ୍ଦ, ସଙ୍ଗୀତର ମୂର୍ଚ୍ଛନା, ସୁଗନ୍ଧ ପ୍ରଭୃତି ଶୁଣିପାରେ ଓ ଅନୁଭବ କରିପାରେ । ଆମର ଆଧାତ୍ମିକ ଦୃଷ୍ଟି ହିଁ ଏହି ଚୌତିକ ସ୍ୱପ୍ନର ଭିତ୍ତିଭୂମି । ଆମର ଆଧାତ୍ମିକ ଗୁରୁମାନେ ସେମାନଙ୍କର ଶିଷ୍ୟମାନଙ୍କ ସମ୍ମୁଖରେ ଚୌତିକ ଅନୁଭବ ଗୁଡ଼ିକର ବ୍ୟାଖ୍ୟା ପ୍ରାଞ୍ଜଳଭାବରେ କରିଥାନ୍ତି । ଅଥଚ ଆମେ

ଏହା କେବଳ ଶାରୀରିକ ସ୍ତରର ଅନୁଭୂତି ବୋଲି କହି ଏତେଟା ଗୁରୁତ୍ୱ ଦେଇ ନ ଥାଉ । କିମ୍ବା ଏଭଳି ଅନୁଭୂତି ଅବଚେତନ ସ୍ତରର ବୋଲି ମାନି ନେଇଛୁ । କିନ୍ତୁ ଦେଖିବାକୁ ଗଲେ ଅବଚେତନ ବୋଲି କିଛି ନାହିଁ । ଚେତନ ସ୍ତରର ଗଭୀରତା ହିଁ ପ୍ରତ୍ୟେକ ଘଟଣାକୁ ପ୍ରଭାବିତ କରିଥିବାରୁ ତାକୁ ଆମେ ଏହି ନାମ ମାତ୍ର ଦେଇଛୁ ।

ତେଣୁ ଶରୀର ପାଇଁ ଚୌତିକ ଶରୀରର ଅନୁଭବ ହିଁ ଅବଚେତନ ର ଅଭୁଭୂତି । ଠିକ୍ ସେହିଭଳି ପୂର୍ନଜନ୍ମ ସ୍ମରଣ ପାଇଁ ମାନସିକ ଶରୀର ଅବଚେତନର ଅନୁଭୂତି ବୋଲି କୁହାଯାଇପାରେ । ଚେତନର ଅର୍ଥ ହେଉଛି ଯାହା ଜଣାଯାଇପାରେ । ଅବଚେତନର ଅର୍ଥ ହେଉଛି ଯାହା ଜାଣିବାକୁ ବାକି ଅଛି ବା ସମ୍ପୂର୍ଣ୍ଣ ଅଜ୍ଞାତ ରହିଛି । ପୁନର୍ଜନ୍ମ ସ୍ମରଣ ସ୍ଥିତିରେ ତୁମେ ତୁମର ପୂର୍ବଜନ୍ମ ବିଷୟରେ ଜାଣିପାର । ଏହା ତୁମ ସ୍ୱପ୍ନର ତୃତୀୟ ପର୍ଯ୍ୟାୟ । ବେଳେ ବେଳେ ଗୋଟିଏ ସାଧାରଣ ସ୍ୱପ୍ନରେ ମଧ୍ୟ ଚୌତିକ ଅନୁଭୂତି, ପୂର୍ବଜନ୍ମ ସ୍ମରଣର ଦୃଶ୍ୟ ଦେଖା ଯାଇଥାଏ । ଅନେକ ସମୟରେ ସ୍ୱପ୍ନ ଏପରି ଜଟିଳ ହୋଇଯାଏ ଯାହା ସାଧାରଣ ସ୍ୱପ୍ନର ଯଥାର୍ଥ ଚିତ୍ର ଉତ୍ତୋଳିତ କରିପାରେ ନାହିଁ । କାରଣ ତୁମର ସାତଟି ଶରୀରର ଅସ୍ତିତ୍ୱ ସମାନ ଭାବରେ ମଣିଷର ଶରୀରରେ ସମୀଭୂତ ହୋଇ ରହିଛି ।

ସେଥିପାଇଁ ବେଳେବେଳେ ସାଧାରଣ ସ୍ୱପ୍ନରେ ମଧ୍ୟ ଚୌତିକ ଓ ପୁନର୍ଜନ୍ମ ସ୍ମରଣ ଘଟଣାର ଉପସ୍ଥିତି ଅନୁଭବ କରିହୁଏ । ପ୍ରଥମ ଶରୀରରେ ତୁମେ ଯେଉଁ ସ୍ୱପ୍ନ ବଳୟରେ ଗତି କର ସେଠାରେ ତୁମର ବାହ୍ୟ ଶରୀରର ଅନୁଭୂତି ଯେଉଁ ସମୟରେ ଥାଏ ଠିକ୍ ସେହି ସମୟଟି ତୁମେ ସ୍ୱପ୍ନରେ ଦେଖ । ଉଦାହରଣ ସ୍ୱରୂପ: ତୁମେ ରାତି ୧୦ଟା ସମୟରେ ଯେଉଁ ଶାରୀରିକ ସ୍ଥିତିରେ ନିର୍ଦ୍ଦିଷ୍ଟ ଭାବରେ ଚିନ୍ତା କରୁଛ ଠିକ୍ ସେହି ସମୟଟା ହିଁ ତୁମର ସ୍ୱପ୍ନରେ ଦୃଶ୍ୟମାନ ହେବ । କିନ୍ତୁ ଚୌତିକ ଶରୀରରେ ତୁମେ ଯେ କୌଣସି ମୁହୂର୍ତ୍ତରେ ମହାଶୂନ୍ୟରେ ଗତି କରିପାରିବ କିନ୍ତୁ ସମୟକୁ ଅତିକ୍ରମ କରିପାରିବ ନାହିଁ । ପୁନଜନ୍ମ ସ୍ମରଣ ଶରୀରରେ ତୁମେ ଖାଲି ମହାଶୂନ୍ୟ ନୁହେଁ ବରଂ ସମୟକୁ ବି ବ୍ୟତିକ୍ରମ କରିଯାଇପାରିବ । ଏହି ପୂର୍ନଜନ୍ମ ସ୍ମରଣ ସ୍ଥିତିରେ ତୁମେ କେବଳ ଅତୀତକୁ ଯାଇପାରିବ ଭବିଷ୍ୟତକୁ ନୁହେଁ ।

ଏମିତି ବି ହୁଏ ପୂର୍ନଜନ୍ମ ସ୍ମରଣରେ ମଣିଷର ମନ ଅତୀତର ଖୁବ୍ ପୁରୁଣା ଇତିହାସକୁ ମଧ୍ୟ ସ୍ମରଣ କରିପାରେ । ଅର୍ଥାତ୍ ମଣିଷ ଯେବେଠାରୁ ସୃଷ୍ଟିହେଲା, କେଉଁ ପର୍ଯ୍ୟାୟରେ ଉନ୍ନତ ହେଲା ପୁଣି କେମିତି ପୂର୍ଣ୍ଣାଙ୍ଗତ୍ୱ ଲାଭକଲା ଇତ୍ୟାଦି ।

ୟୁଙ୍ଗ୍‌ର ମନସ୍ତତ୍ତ୍ୱରେ ପୁର୍ନଜନ୍ମ ସ୍ମରଣକୁ ସାମୂହିକ ଅବଚେତନ ବୋଲି ଦର୍ଶାଯାଇଛି । ପ୍ରତ୍ୟେକ ବ୍ୟକ୍ତିର ଜନ୍ମକୁ ନେଇ ସମୀକ୍ଷା କଲେ ଜଣାଯାଏ ପୁନଜନ୍ମ ସ୍ମରତ୍ୱ ସାଧାରଣ ସ୍ୱପ୍ନକୁ ବି ପ୍ରଭାବିତ କରିଥାଏ । ଯେଉଁମାନେ ମାନସିକ ଅସୁସ୍ଥ ସେମାନେ ଅନେକ ସମୟରେ ପୂର୍ବଜନ୍ମକୁ ସ୍ୱପ୍ନରେ ଦେଖିଥାନ୍ତି କିନ୍ତୁ କେହି ତାଙ୍କ କଥାକୁ ବିଶ୍ୱାସ କରନ୍ତି ନାହିଁ । ମାନସିକ ରୋଗ ଗ୍ରସ୍ତ ବ୍ୟକ୍ତି ପାଇଁ ଉପରୋକ୍ତ ତିନୋଟି ଶରୀର ସେମାନଙ୍କର ଭାରସାମ୍ୟ ହରାଇଥାନ୍ତି । ତେଣୁ ଏଭଳି ଅବସ୍ଥାରେ ନିଜେ ନିଜକୁ ମଧ୍ୟ ସେମାନେ ବିଶ୍ୱାସ କରିବା ଅସମ୍ଭବ ହୋଇପଡ଼େ । ପୁର୍ନଜନ୍ମ ସ୍ମରତ୍ୱ ଶରୀରର ଅନେକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ରହିଛି । ଚତୁର୍ଥ ଷ୍ଟରର ଶରୀର ହେଉଛି ମାନସିକ । ଏହି ସ୍ତରରେ ଉଭୟ ଅତୀତରୁ ଭବିଷ୍ୟତରେ ମାନସିକ ଶରୀର ବିଚରଣ କରିପାରେ । ଯେତେବେଳେ ଜରୁରୀ କାଳୀନ ସ୍ଥିତି ସୃଷ୍ଟି ହୁଏ ସେତେବେଳେ ଜଣେ ସାଧାରଣ ମଣିଷ ଭବିଷ୍ୟତ ସମ୍ପର୍କରେ ଆଭାସ ପାଇଯାଇପାରେ । ମନେକର ତୁମର ଅତି ଅନ୍ତରଙ୍ଗ ଆତ୍ମୀୟ କେହି ମୃତ୍ୟୁବରଣ କରିଛନ୍ତି ତାହାର ପୂର୍ବସଙ୍କେତ ତୁମେ ସ୍ୱପ୍ନରେ ଦେଖିପାର କାରଣ ସ୍ୱପ୍ନର ଅନ୍ୟ କୌଣସି ଦିଗ ସମ୍ପର୍କରେ ତୁମେ ଅବହିତ ନୁହଁ । ଏହି ବାର୍ତ୍ତାଟି ତେଣୁ ତୁମର ସାଧାରଣ ସ୍ୱପ୍ନକୁ ରୂପାୟିତ ହିଁ କରିଥାଏ । କିନ୍ତୁ ସ୍ୱପ୍ନଟି ପୂର୍ଣ୍ଣଭାବରେ ପ୍ରକାଶ ପାଇପାରେ ନାହିଁ କାରଣ ଅସଂଖ୍ୟ ଅଦୃଶ୍ୟ ସୂକ୍ଷ୍ମ ସ୍ନାୟବିକ ପ୍ରାଚୀର ସେ ସବୁକୁ ରୁଦ୍ଧ କରିରଖିଥାଏ । ପ୍ରତ୍ୟେକ ପ୍ରାଚୀର କିଛି ସଙ୍କେତକୁ ରୂପାନ୍ତରୀତ ମଧ୍ୟ କରିଥାଏ ।

ପ୍ରତ୍ୟେକ ଶରୀରର ନିଜସ୍ୱ ପ୍ରତୀକ ତତ୍ତ୍ୱ ଅଛି ଏବଂ ସବୁ ସମୟରେ ଗୋଟିଏ ସ୍ୱପ୍ନ ଗୋଟିଏ ଶରୀରରୁ ବିକିରିତ ହୋଇ ଆସିଥାଏ ଏବଂ ସେହି ଶରୀରର ପ୍ରତୀକ ଭାବରେ ଚିହ୍ନିତ ହୋଇଥାଏ । ତା'ପରେ ପୁଣି ସବୁ ସ୍ୱପ୍ନ, ସଙ୍କେତ ଗୋଳମାଳିଆ ଜଣାପଡ଼େ । ଏଥିରୁ ଖଣ୍ଡେ ସେଥିରୁ ଖଣ୍ଡେ ଦିଶେ । ସ୍ପଷ୍ଟ ଚିତ୍ର ମିଳେନି । ତା'ପରେ ଯଦି ତୁମେ ଚତୁର୍ଥ ଶରୀରରେ ଦେଖିବ ତାହା ହେବ ଏକ ବ୍ୟତିକ୍ରମ । ଅର୍ଥାତ୍ ଏଠାରେ ଚତୁର୍ଥ ଶରୀର କେବଳ ମାତ୍ର ଭବିଷ୍ୟତକୁ ସଙ୍କେତ କରୁଛି ବ୍ୟକ୍ତିକ ଭାବରେ । ସେଠାରେ ତୁମେ ଅନ୍ୟ ବ୍ୟକ୍ତିର ଭବିଷ୍ୟତ ସମ୍ପର୍କରେ କିଛି ଦେଖିପାରିବ ନାହିଁ । ଏଠାରେ କ'ଣ ହୁଏ କି ଉଭୟ ଅତୀତ, ବର୍ତ୍ତମାନ, ଭବିଷ୍ୟତ ଗୋଟିଏ ବିନ୍ଦୁରେ କେନ୍ଦ୍ରିତ ହୋଇଥାନ୍ତି । ସବୁକିଛି ବର୍ତ୍ତମାନକୁ ହିଁ ନିର୍ଦ୍ଦେଶିତ କରେ । ସମୟ ଗତିଶୀଳ ହୋଇଥାଏ । ପଞ୍ଚମ ଶରୀର ହେଲା ଆଧାତ୍ମିକ ଶରୀର, ଏହା ବ୍ୟକ୍ତିତ୍ୱ ଓ ସମୟକୁ ଅତିକ୍ରମ କରି ଶାଶ୍ୱତ ସତ୍ତାକୁ ଉପଲବ୍ଧି କରାଇବାରେ ସହାୟତା କରିଥାଏ ।

ଆଧ୍ୟାତ୍ମିକ ଶରୀରରେ ଦେଖା ଯାଉଥିବା ସ୍ୱପ୍ନ ସାମଗ୍ରିକ ଭାବରେ ଚେତନାକୁ ପ୍ରଭାବିତ କରି ଆନ୍ଦୋଳିତ ହୋଇଥାଏ । ପଞ୍ଚମ ଶରୀରରେ ସୃଷ୍ଟିର ରହସ୍ୟ ଏକ ଉନ୍ନତ ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ଯେଉଁ ପ୍ରତୀକ ଗୁଡ଼ିକୁ ଚିହ୍ନିତ କରେ ତାହା ବିଭିନ୍ନ ଧର୍ମଧାରଣାରେ ଥିବା କାହାଣୀ ବା କିମ୍ବଦନ୍ତୀକୁ ସଙ୍କେତ କରିଥାଏ । ଅନେକ ସମୟରେ ଏହି ଧର୍ମୀୟ କିମ୍ବଦନ୍ତୀଗୁଡ଼ିକ ପଞ୍ଚମ ଶରୀରର ସ୍ୱପ୍ନରେ ସମାନ୍ତରାଳଭାବରେ ଦୃଶ୍ୟମାନ ହୋଇଥାଏ । ଉଦାହରଣ ସ୍ୱରୂପ ମହାପ୍ରଳୟର ସୂଚନା ପୃଥିବୀର ପ୍ରତ୍ୟେକ ଧର୍ମରେ ଦର୍ଶନରେ ଏକାଭଳି ଲିଖିତ ହୋଇଛି । ତେଣୁ ଏହି ସମ୍ବାଦ ଗୁଡ଼ିକ ମଣିଷର ପଞ୍ଚମ ଶରୀର ମନରେ ପୁଞ୍ଜିଭୂତ ହୋଇ ସ୍ୱପ୍ନରେ ପରିବର୍ତ୍ତିତ ହୋଇଥାଏ । ତୁମେ ଯେତେ ନିଜକୁ ଅର୍ନ୍ତମୁଖୀ କରାଇବ ସେତିକି ପରିମାଣରେ ତୁମର ସ୍ୱପ୍ନଗୁଡ଼ିକ ବାସ୍ତବମୁଖୀ ହେବ । କୌଣସିକାଳରେ ବାହ୍ୟ ଶାରୀରିକ ଅନୁଭୂତି ସମ୍ପନ୍ନ ସ୍ୱପ୍ନ ଗୁଡ଼ିକ ସତ୍ୟ ନୁହନ୍ତି । କିନ୍ତୁ ପୂର୍ବରୁ ଆଲୋଚିତ ହୋଇସାରିଛି ପ୍ରତ୍ୟେକ ଶରୀରର ନିଜସ୍ୱ ସ୍ୱପ୍ନ ର ପୃଷ୍ଠଭୂମି ରହିଛି । ପଞ୍ଚମ ଶରୀରର ସ୍ୱପ୍ନରେ କ୍ରମଶଃ ସ୍ୱପ୍ନ ବାସ୍ତବମୁଖୀ ହୋଇଥାଏ । ଯଦିଓ ସ୍ୱପ୍ନ ଦେଖାଯାଉଥିବା ଦୃଶ୍ୟଗୁଡ଼ିକ ବ୍ୟାପକତା ଦୃଷ୍ଟିରୁ ଯଥେଷ୍ଟ ମନେ ହେଉ ନଥିଲେ ହେଁ ଏହାର ନିଜସ୍ୱ ସକ୍ରିୟ ଅନୁଭୂତି ବଳିଷ୍ଠ ହେଉଥାଏ ।

ଏଠାରେ ଏକ ଉଦାହରଣ ଦେଲେ ବେଶୀ ଯୁକ୍ତିଯୁକ୍ତ ହେବ ଦୁଇଟି ବ୍ୟକ୍ତି ଯେଉଁମାନେ ପଞ୍ଚମ ଶରୀରର ସ୍ୱପ୍ନ ସମାନ୍ତରାଳ ଭାବରେ ଅନୁଭବ କରିପାରିବେ ଯେଉଁଟା କି ପୂର୍ବର ୪ଟି ଶରୀରର ସ୍ୱପ୍ନରେ ସମ୍ଭବ ହେଉ ନଥିଲା । ପଞ୍ଚମ ଶରୀରଠାରୁ ଗୋଟିଏ ସ୍ୱପ୍ନ ଦୃଶ୍ୟ ସମାନଭାବରେ ବହୁ ବ୍ୟକ୍ତିଙ୍କୁ ଦୃଶ୍ୟମାନ ହୋଇପାରିବ । ଏ ଭଳି କାହିଁକି ହୋଇଥାଏ ତା'ର କାରଣ ହେଲା କିମ୍ବଦନ୍ତୀ କାହାଣୀ ଗୁଡ଼ିକ ଜଣେ ବ୍ୟକ୍ତି ବିଶେଷ ଦ୍ୱାରା ନିୟନ୍ତ୍ରିତ ହୋଇ ନଥାଏ । ବରଂ ଏହା ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ, ପରମ୍ପରାର ସାମୂହିକ ପ୍ରଚେଷ୍ଟାରୁ ଗଡ଼୍ଡ଼ାଳିକା ପ୍ରବାହରୁ ଚଳି ଆସିଥାଏ । ସେଥିପାଇଁ ପଞ୍ଚମ ସ୍ତରର ସ୍ୱପ୍ନରେ ଏତେବେଶୀ ବାସ୍ତବତା ଅନୁଭୂତ ହୁଏ । ପୂର୍ବୋକ୍ତ ୪ଟି ଶରୀରର ସ୍ୱପ୍ନ ସମୂହ ଅବାସ୍ତବ ଏବଂ ସେଥିରେ କୌଣସି ଅନ୍ୟ ବ୍ୟକ୍ତିର ସମ୍ପୃକ୍ତି ଆଦୌ ସମ୍ଭବ ହୋଇ ନଥାଏ । କୌଣସି ଦୃଷ୍ଟିରୁ ଏହା କେତେଦୂର ଯଥାର୍ଥ ଏହା ବିଚାର ମଧ୍ୟ କରାଯାଇ ପାରିବ ନାହିଁ । ଏମିତି ବି ହୋଇଥାଏ ଗୋଟିଏ ଗୋଟିଏ ଅବାସ୍ତବ ଧାରଣା ଯାହା ତୁମ ସ୍ୱପ୍ନରେ ଦୃଶ୍ୟ ହୋଇଥାଏ ତାହାର ଅସ୍ତିତ୍ୱ ସମ୍ପର୍କରେ ତୁମେ ଯେତେ ସମୀକ୍ଷା କଲେ ହେଁ ଠିକ୍ ଭାବରେ ପାଅ ନାହିଁ ।

କିନ୍ତୁ ତୁମେ ଯେତେ ଅର୍ନ୍ତମୁଖୀ ହୁଅ ତୁମର ସ୍ୱପ୍ନ ସେତିକି ପରିମାଣରେ ବାସ୍ତବମୁଖୀ ହୁଏ, ସେତିକି ବାସ୍ତବ ତଥ୍ୟ ଦର୍ଶାଇବାରେ ସମର୍ଥ ହୁଏ । ସେଥିପାଇଁ ଯେତେସବୁ ସୂକ୍ଷ୍ମ ତତ୍ତ୍ୱ ଏହି ପଞ୍ଚମ ଶରୀରରୁ ହିଁ ତିଆରି ହୁଏ । ଅବଶ୍ୟ ସେସବୁର ଭାଷା, କୌଶଳ, ତତ୍ତ୍ୱରେ କିଛିଟା ପାର୍ଥକ୍ୟ ରୁହେ କିନ୍ତୁ ମୂଳତଃ ସବୁଗୁଡ଼ିକ ସମଭାବରେ ଆଲୋଡ଼ିତ ହୋଇଥାଏ । ଷଷ୍ଠ ଶରୀରକୁ ମହାଶୂନୈକ ଶରୀର କୁହାଯାଏ । ଏହି ଅବସ୍ଥାରେ ତୁମେ ଚେତନ, ଅବଚେତନ, ବାହ୍ୟ ମନ ସବୁକୁ ଅତିକ୍ରମ କରିଆସି ସାରିଥାଅ । ତେଣୁ ଏହି ଶରୀରରେ ତୁମେ ମହାଶୂନ୍ୟକୁ ଦର୍ଶନ କର । ଯାହାଫଳରେ ଏ ଜଡଜଗତ ତା'ର ପରିପାର୍ଶ୍ୱ ସମଗ୍ର ଅଣୁ, ପରମାଣୁ ତା'ର କ୍ଷୁଦ୍ରାତିକ୍ଷୁଦ୍ର ସତ୍ତାରେ ଜୀବନ୍ତ ତଥା ସକ୍ରିୟ ଜଣାପଡ଼େ । ଶରୀରରେ ମହାଶୂନ୍ୟର ମୂଳରହସ୍ୟକୁ ତୁମେ ଅନୁଭବ କରିଥାଅ । କାରଣ ତୁମେ ବ୍ୟକ୍ତିସତ୍ତାକୁ ରୂପାନ୍ତରୀତ କରିଦେଇଥାଅ । ଏପରିକି ସମୟ, ମହାଶୂନ୍ୟକୁ ଷଷ୍ଠ ଶରୀର ଅତିକ୍ରମ କରିଯାଇପାରେ । ତେଣୁ ଏହା ଏକ ନିର୍ଦ୍ଦିଷ୍ଟ ଏକତ୍ୱକୁ ସଙ୍କେତ କରେ ।

ବ୍ରହ୍ମନାଦ, ମାୟା, ଏକତ୍ୱ, ଅସୀମତ୍ୱ ଏ ସମସ୍ତ ଷଷ୍ଠ ଶରୀରର ସ୍ୱପ୍ନରେ ଦୃଶ୍ୟ ହୁଏ । ତେଣୁ ଯେଉଁମାନେ ମହାଶୂନୈକ ସ୍ତରକୁ ଉତ୍ତୀର୍ଣ୍ଣ ହୋଇଥାନ୍ତି ସେମାନେ ନୂତନଧର୍ମ ଦର୍ଶନର ପ୍ରତିଷ୍ଠାତା ଭାବରେ ନବଧାରଣା ସୃଷ୍ଟି କରନ୍ତି । ଯଦିଓ ଷଷ୍ଠ ମନରେ ସ୍ୱପ୍ନ ସାକାର ଭାବରେ ରୂପଲାଭ କରନ୍ତି । ତଥାପି ଏଠାରେ ଗୋଟିଏ ପ୍ରତିବନ୍ଧକ ରହେ ତାହାହେଲା ବାହ୍ୟ ଘଟଣା ଏବଂ ମନ ଏକ ହେଲେ ହେଁ ପୂର୍ଣ୍ଣ ଏକତ୍ୱକୁ ପ୍ରକାଶ କରିପାରନ୍ତି ନାହିଁ । କିନ୍ତୁ ସପ୍ତମ ଶରୀରରେ ନିର୍ବାଣ ପ୍ରାପ୍ତି ପୂର୍ବୋକ୍ତ ସମସ୍ତ ପ୍ରତିବନ୍ଧକକୁ ପାର କରିଯାଏ ଓ ନିରାକାର ଅବସ୍ଥା ପ୍ରାପ୍ତ ହୁଏ । ନିର୍ବାଣ ସ୍ତରର ମଧ୍ୟ ନିଜସ୍ୱ ସ୍ୱପ୍ନ ଅଛି ଯାହାକି ଅସ୍ତିତ୍ୱହୀନତାର ଦୃଶ୍ୟ ପ୍ରଦର୍ଶିତ କରେ । ବରଂ ଏଠାରେ ନିରାକାର ଅବସ୍ଥାକୁ ଆହୁରି ବ୍ୟାପକ ଭାବରେ ପ୍ରଦର୍ଶିତ କରାଇଥାଏ । ସର୍ବଦା ସାକାର ଅସ୍ତିତ୍ୱ ପାଇଁ ବନ୍ଧନ ସୃଷ୍ଟି ହୋଇଥାଏ କିନ୍ତୁ ନିରାକାର ନିର୍ଗୁଣ ସତ୍ତା ପାଇଁ କୌଣସି ବନ୍ଧନ ପ୍ରଯୁଜ୍ୟ ନୁହେଁ । ତେଣୁ ସପ୍ତମ ଶରୀରର ସ୍ୱପ୍ନରେ ସଙ୍କେତ, ପ୍ରତୀକ, ଆକାର, ଶବ୍ଦ, ଧ୍ୱନି, ରଙ୍ଗ କିଛି ଦୃଶ୍ୟମାନ ହୁଏନାହିଁ । କେବଳ ନୀରବତା, ମହାନୀରବତାର ଅନ୍ତହୀନ ସ୍ୱପ୍ନ ହିଁ ଦେଖାଯାଏ ।

ଏହା ତ ମଣିଷର ସାତଟି ଶରୀର ସମ୍ପର୍କରେ କୁହାଗଲା ଏବଂ ପ୍ରତ୍ୟେକ ଶରୀରର ନିଜସ୍ୱ ସ୍ୱପ୍ନ ସମ୍ପର୍କରେ ଆଲୋଚନା କରାଗଲା । କିନ୍ତୁ ଏହି ସାତପ୍ରକାର ସ୍ୱପ୍ନ ୭ ପ୍ରକାର ବାସ୍ତବ ଅନୁଭୂତିକୁ ଜାଣିବା ପାଇଁ ବିଶେଷ ସହାୟକ ହୁଏନାହିଁ ।

ଏହାର କାରଣ ହେଉଛି ତୁମର ବାହ୍ୟ ଶରୀର ବାସ୍ତବତାକୁ ଜାଣେ ଏବଂ ସ୍ୱପ୍ନ ସୃଷ୍ଟି କରାଏ । ଅର୍ଥାତ୍ ତୁମେ ଯେତେବେଳେ ଖାଦ୍ୟ ଖାଅ ତାହା ଏକ ବାସ୍ତବତା କିନ୍ତୁ ତୁମେ ସ୍ୱପ୍ନ ଦେଖ ଖାଇବାର ତେବେ ତାହା ବାସ୍ତବତା ନୁହେଁ । ସ୍ୱପ୍ନ ପ୍ରକୃତ ଖାଦ୍ୟର ଏକ ବିକଳ୍ପ ଅବସ୍ଥା ମାତ୍ର । ତେଣୁ ବାହ୍ୟ ଶରୀରର ନିଜସ୍ୱ ବାସ୍ତବ ଅନୁଭୂତି ଅଛିଏବଂ ସ୍ୱପ୍ନର ମଧ୍ୟ ସେହିଭଳି ଅନୁଭୂତି ଅଛି । ଦୁଇଟି ଯାକ ଦିଗ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ଶରୀର ପାଇଁ କାର୍ଯ୍ୟ କରିଥାନ୍ତି । ବାହ୍ୟ ଅନୁଭୂତି ଓ ସ୍ୱପ୍ନ ଏହି ଦୁଇଟି କ୍ରିୟା ପରସ୍ପରଠାରୁ ଏକଦମ୍ ଅଲଗା । ତୁମେ ଯେତେ ଅର୍ନ୍ତମୁଖୀ ହେବ ତେବେ ତୁମର ଶରୀର ସେତିକି ସେତିକି ବାସ୍ତବ ସ୍ୱପ୍ନର ନିକଟବର୍ତ୍ତୀ ହେବ । ଯେପରିକି ଏକ ସୂକ୍ଷ୍ମ ପର୍ଦ୍ଦା ବାହ୍ୟ ଅନୁଭୂତି ଏବଂ ତୁମ ଅନ୍ତରସ୍ଥ କେନ୍ଦ୍ରକୁ ଆଚ୍ଛାଦିତ କରି ରଖିଛି । ଯେତେବେଳେ ତୁମେ ବାହାର ଜଗତରୁ ଅନ୍ତରସ୍ଥଜଗତ ଆଡକୁ ଯାଉଛ ସେତେବେଳେ ବାହାର ଘଟଣାଜନିତ ସ୍ୱପ୍ନର ରୂପ ଆଶ୍ଚର୍ଯ୍ୟଜନକ ଭାବରେ ବଦଳିଯାଉଛି ଏବଂ ଏକ ନୂତନ ପର୍ଯ୍ୟାୟ ଉନ୍ମୋଚିତ ହେଉଛି ।

ଅବଶ୍ୟ ଏହି ବିଭକ୍ତିକରଣ ଚୌତିକ ଶରୀରରେ ଏତେଟା ପାର୍ଥକ୍ୟ ସୃଷ୍ଟିକରେ ନାହିଁ । ବାସ୍ତବତା ଓ ସ୍ୱପ୍ନ ଯେତିକି ନିକଟବର୍ତ୍ତୀ ହେବ ବାହ୍ୟ ଶରୀରଠାରୁ ସେତିକି ତାହାକୁ ପୃଥକ୍ କରି ଆଦୌ ରଖିହେବ ନାହିଁ କିମ୍ବା କେଉଁଟାକୁ ନିର୍ଦ୍ଦିଷ୍ଟ ବୋଲି ଚିହ୍ନଟ କରିହେବ ନାହିଁ । ସେଥିପାଇଁ ଚୈତିକ ଶରୀରର ରୂପାନ୍ତର ଜାଣିବାପାଇଁ କେତେକ ଯୌଗିକ କୌଶଳ ବ୍ୟବହାର କରାଯାଏ । କ୍ରମାଗତ ମନ୍ତ୍ରଜପର ଉଚ୍ଚାରଣ ତୁମକୁ ବାହ୍ୟ ଜଗତଠାରୁ ବିଚ୍ଛିନ୍ନ କରି ଏକ କେନ୍ଦ୍ରିଭୂତ ସତ୍ତା ଆଡକୁ ଆକର୍ଷିତ କରେ । ଏପରିକି ତୁମେ ନିଦରେ ଶୋଇପଡ଼ିଲେ ମଧ୍ୟ ମନ୍ତ୍ରଜପର ଅବିଚ୍ଛିନ୍ନତା ତୁମପାଇଁ ସମ୍ମୋହନ ନିଦ୍ରା ସୃଷ୍ଟିକରେ । ତାହେଲେ ତୁମେ ସ୍ୱପ୍ନ ଦେଖିବା ଆରମ୍ଭ କର । ଯଦି ତୁମେ ପ୍ରକୃତରେ ଏହି ସମ୍ମୋହନ ନିଦ୍ରାରେ ମଧ୍ୟ ସକ୍ରିୟ, ଜାଗ୍ରତ ଅଛ ତେବେ ବାସ୍ତବ ଚୌତିକ ଅସ୍ତିତ୍ୱକୁ ଭଲଭାବରେ ବୁଝିପାରିବ । କିନ୍ତୁ ତୃତୀୟ ସ୍ତରର ଶରୀରରେ ସ୍ୱପ୍ନ ଏବଂ ବାସ୍ତବତା ଭିତରେ ପାର୍ଥକ୍ୟ ବାରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡେ । ଯଦି ତୁମେ ତୁମର ପୂର୍ନଜନ୍ମସ୍ମରଣ ଜୀବନକୁ ଜାଣିବାକୁ ଚେଷ୍ଟାକର ତେବେ ସ୍ୱପ୍ନ ଓ ବାସ୍ତବତା ଭିତରେ ନୈକଟ୍ୟ ଆହୁରି ଘନିଭୂତ ହେବ । ପୂର୍ନଜନ୍ମ ସ୍ମରତ୍ୱର ନିକଟବର୍ତ୍ତୀ ହେଲେ ମୃତ୍ୟୁଭୟକୁ ତୁମେ ଅତିକ୍ରମ କରିପାର । ଆତ୍ମାର ଅବିନଶ୍ୱରତା ସମ୍ପର୍କରେ ଯଦି ଜଣେ ଜାଣିପାରେ ବା ଅନୁଭବ କରିପାରେ ତେବେ ତାକୁ ଗଭୀର ଭାବରେ ଏହି ଆତ୍ମିକ ଅନୁଭବକୁ ଆହୁରି ବ୍ୟାପକ କରିବାକୁ ହେବ ।

କିନ୍ତୁ ଯଦି ତୁମେ ଆତ୍ମାର ଅବିନଶ୍ୱରତା ସମ୍ପର୍କରେ କେବଳ ବିଶ୍ୱାସ କର ତେବେ ତାହା ସ୍ୱପ୍ନଭାବରେ ଦୃଶ୍ୟମାନ ହେବ । ତୁମର ଅନୁଭବ, ଅନ୍ୱେଷା ଆତ୍ମାର ଅସୀମ ରୂପକୁ ଆହୁରି ସ୍ପଷ୍ଟଭାବରେ ନିଜ ପାଖରେ ତୋଳିଧରିବ । ଚତୁର୍ଥ ଶରୀରର ମାନସିକ ସ୍ତରରେ ସ୍ୱପ୍ନ ଏବଂ ବାସ୍ତବତା ପରସ୍ପର ପଡୋଶୀ ହୋଇ ରହିଥାନ୍ତି । ସେମାନଙ୍କର ସ୍ୱରୂପରେ ଏତେ ପରସ୍ପର ସାଦୃଶ୍ୟ ଥାଏ ଯେ ଜଣେ ଜଣଙ୍କୁ ଜଣେଇବାର ଯଥେଷ୍ଟ ସମ୍ଭାବନା ବାରିହୋଇପଡେ । ତେଣୁ ମାନସିକ ଶରୀରରେ ଯୌଗିକ, ତାନ୍ତ୍ରିକ ପଦ୍ଧତିର ସ୍ୱପ୍ନ ଦୃଶ୍ୟମାନ ହୁଏ । ଏହା ସହିତ ଅନ୍ଧକାର, ଏକାକୀତ୍ୱ, ଉପବାସ ପ୍ରଭୃତି ବ୍ୟକ୍ତିକୁ ମାନସିକ ଶରୀରର ସୂକ୍ଷ୍ମ ସ୍ୱପ୍ନତତ୍ତ୍ୱକୁ ବୁଝିବାରେ ସାହାଯ୍ୟ କରିଥାଏ । ପରବର୍ତ୍ତୀ କାଳରେ ଏ ସମସ୍ତ ଆଚରଣ ପଦ୍ଧତି ଏତେ ବାସ୍ତବମୁଖୀ ହୁଏ ଯେ ଯେଉଁ ପରିବେଶରେ ଆମେ ରହୁଛୁ ତାକୁ ବି ଅତିକ୍ରମ କରିଯାଏ । ଏହି ଶରୀରରେ ମନ ପୂର୍ଣ୍ଣଭାବରେ ସର୍ଜନକ୍ଷମ ଥାଏ । କବି, ଚିତ୍ରକର, କଳାକାରମାନେ ମାନସିକ ଶରୀର ସ୍ୱପ୍ନରେ ମସ୍‌ଗୁଲ ହୁଅନ୍ତି ଓ ତାଙ୍କର ସୃଷ୍ଟିକୁ ସର୍ଜନକ୍ଷମ କରିଥାନ୍ତି । ଜଣେ ବ୍ୟକ୍ତି ମାନସିକ ସୃଷ୍ଟିକୁ ନିଜର ଚେତନା ସ୍ତରରୁ ଉତ୍ତୀର୍ଣ୍ଣ କରାଇ କଳ୍ପନାର ରୂପନେଇ ବାସ୍ତବତାର ରଙ୍ଗରେ ତାହାକୁ କବିତା, ଚିତ୍ର ଭାବରେ ଉପସ୍ଥାପିତ କରେ । କାରଣ ଚତୁର୍ଥ ସ୍ତର ଶରୀର, ମନ ଏତେ ପରିମାଣରେ ଶକ୍ତିଶାଳୀ, ସ୍ୱଚ୍ଛ ତଥା ସ୍ପଷ୍ଟ ଯେ ଯାହା ରୂପ ନେବ ତାହାହିଁ ବାସ୍ତବବୋଲି ଜଣା ପଡ଼ିବ । ଯେହେତୁ ଚତୁର୍ଥ ଶରୀର ମନର ଶେଷଘର ଏବଂ ଏହାପରଠାରୁ ଆଉ ମନ ସୃଷ୍ଟି ହୁଏନାହିଁ । ଏତଦ୍‌ବ୍ୟତୀତ ଚତୁର୍ଥ ଶରୀର ମନର ମୂଳ କେନ୍ଦ୍ରବିନ୍ଦୁ ଯେଉଁଠାରେ ତୁମେ ଯାହା ଚାହଁ ତାହାହିଁ ସୃଷ୍ଟିକର । ଜଣେ ସବୁବେଳେ ସଚେତନ ସ୍ତରରେ ଜାଣିବା ଦରକାର ପୃଥିବୀରେ ଇଚ୍ଛା, କଳ୍ପନା, ସ୍ୱରୂପ, ଭଗବାନ, ଗୁରୁ ଏସବୁ କିଛି ନାହିଁ । ଯଦି ଏ ସମସ୍ତ ରୂପ ତୁମ ଭିତରେ ବାରମ୍ବାର ପ୍ରତିଧ୍ୱନିତ ତେବେ ତାହାର ସ୍ୱପ୍ନଭୂମି ଅଚିରେ ତିଆରି ହୋଇଯିବ ।

ତୁମେ ହିଁ ନିଜରସ୍ରଷ୍ଟା । ତୁମେ ଏତେ ଆଶୀର୍ବାଦମୟ ଯେ ତୁମପାଇଁ ଏ ସଂସାର ତାର ବାହ୍ୟ ଆକର୍ଷଣ ଆଦୌ ବନ୍ଧନ ଭାବରେ ପଥରୁଦ୍ଧ କରିପାରୁ ନାହିଁ । ତୁମେଜଣେ ସାଧକ, ସତ୍ୟାନ୍ୱେଷୀ ଭାବରେ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିସାରିଛ । ଯଦି ତୁମେ ବାସ୍ତବରେ ସଚେତନ ତେବେ ଏ ମହାନ୍ ପରିବର୍ତ୍ତନକୁ ଏକ ସାକ୍ଷୀ ଭାବରେ ହିଁ ଅବଲୋକନ କର । ତାହେଲେ ଯାଇ ତୁମେ ବାସ୍ତବତା ସମ୍ପର୍କରେ ଜାଣିପାରିବ ନହେଲେ ଖାଲି ତୁମେ ସ୍ୱପ୍ନ ଜଗତରେ ଭାସିବୁଲିବ । ତେଣୁ ସର୍ବଦା ଯେ କୌଣସି ସ୍ୱରୂପର ସ୍ୱପ୍ନ ପାଇଁ ସଚେତନ ରହିବା ନିହାତି

ଜରୁରୀ । ଯେ କୌଣସି ମୁହୂର୍ତ୍ତରେ ଗୋଟିଏ ସ୍ୱରୂପ ଯଦି ଚତୁର୍ଥ ମନରେ ଆଙ୍କି ହୋଇଗଲା ତେବେ ସ୍ୱପ୍ନର ବିଚ୍ଛୁରଣ ଆରମ୍ଭ ହେଲା ବୋଲି ଜାଣି ଥାଅ । ସେଥିପାଇଁ ଚତୁର୍ଥ ଶରୀରର ସ୍ୱପ୍ନରେ କେବଳ ତୁମକୁ ଏକ ସାକ୍ଷୀ ଭାବରେ ସଚେତନ ରହିବାକୁ କୁହାଯାଇଛି । କେବଳ ଚତୁର୍ଥ ଶରୀରରେ ହିଁ ସାକ୍ଷୀ ଏବଂ ସଚେତନତା ମନକୁ ବାସ୍ତବତା ଆଡକୁ ନେବାରେ ସମର୍ଥ ହୋଇଥାଏ । କିନ୍ତୁ ପଞ୍ଚମ ଶରୀରରେ ସ୍ୱପ୍ନ ଏବଂ ବାସ୍ତବତା ଏକ ହୋଇ ନଥାନ୍ତି । ଏଠାରେ ତୁମର ସଚେତନ ରହିବାର ପ୍ରଶ୍ନଇ ଉଠୁନାହିଁ । ଯଦି ବି ତୁମେ ସଚେତନ ରହୁଚ ତେବେ ତୁମେ ନିଜର ସମ୍ପୂର୍ଣ୍ଣ ଅଜାଣତରେ ସଚେତନ ହୋଇଯାଇଥିବ । ବର୍ତ୍ତମାନ ଏଠାରେ ପାର୍ଥକ୍ୟ ହେଉଛି ମୁଁ ଟି ବାସ୍ତବ କିନ୍ତୁ 'ମୁଁ' ବୋଲି ଯାହା ପ୍ରତିଫଳିତ ହେଉଛି ତାହା ବାସ୍ତବ ନୁହେଁ ।

ଯଦି ତୁମେ ନିଜକୁ ଦର୍ପଣରେ ଦେଖୁଛ ତେବେ ପ୍ରତିଫଳନ ଓ ତୁମ ଭିତରେ କୌଣସି ପାର୍ଥକ୍ୟ ରହିବ ନାହିଁ । ପଞ୍ଚମ ମନରେ କେତେକ ନୂତନ ଅସ୍ତିତ୍ୱ ରୂପ ଧାରଣ କରେ । ଅର୍ଥାତ୍ ନିଜକୁ ଜାଣିବାର ଅନୁଭୂତିରେ ଯେଉଁ ମାୟା ସୃଷ୍ଟିହୁଏ ତାହାର ପ୍ରତିଫଳନ ଦର୍ପଣରେ ପ୍ରତିଫଳିତ ହୁଏ । ଅନେକ ସମୟରେ ଗୋଟିଏ ବିପଦ ସୃଷ୍ଟି ହୁଏ ଯେଉଁ ପ୍ରତିଫଳନକୁ ତୁମେ ନିଜର ପ୍ରତିଫଳନ ବୋଲି ଧରିନେଇଛ ତାହା ପ୍ରକୃତରେ ବାସ୍ତବଚିତ୍ର ନୁହେଁ । ପଞ୍ଚମ ଶରୀରର ଏକମାତ୍ର ବିପଦ ହେଉଛି ଯେତେବେଳେ ତୁମେ ନିଜର ପ୍ରତିଫଳିତ ଦର୍ପଣର ପ୍ରାଚୀର ଭେଦ କରିବାକୁ ଚାହଁ ସେତେବେଳେ ତୁମେ ସିଧା ଯାଇ ଷଷ୍ଠ ଶରୀରରେ ପହଞ୍ଚିଯାଅ । କେଉଁଠାରୁ ତେବେ ଏହି ଦର୍ପଣର ସୃଷ୍ଟିହୁଏ ? ବିଭିନ୍ନ ଧାରଣା ଯେମିତି ଆଗରୁ ତିଆରି ହୋଇଛି ମୁଁ 'ଆତ୍ମା', ଅବିନଶ୍ୱର, ଶାଶ୍ୱତ । ମୃତ୍ୟୁମତେ ଛୁଇଁ ପାରିବନି କି ଜନ୍ମ ନେଇପାରିବି ନାହିଁ । ଏ ସମସ୍ତ ଧାରଣା ତୁମେ ବହି ପଢ଼ି କି ଶୁଣି ଜାଣିଲେ ତାହାହିଁ ସେହି ଦର୍ପଣରେ ପ୍ରତିଫଳିତ ହୁଏ । ତେଣୁ ଯଦି ତୁମେ ଆତ୍ମାର ଅବିନଶ୍ୱରତା ନିଜେ ଅନୁଭବ ନ କରି କୁହାଯାଉଥିବା ତଥ୍ୟ ପ୍ରତି ଦୃଷ୍ଟି ଦେଇ ଦେଖ ତେବେ ତାହା ଦର୍ପଣରେ ପ୍ରତିଫଳିତ ଜ୍ଞାନ କୁ ହିଁ ଦର୍ଶାଇବ । ଏବଂ ସେହି ପ୍ରତିଫଳନ ସ୍ୱପ୍ନ ସୃଷ୍ଟି କରିବ । ତା ହେଲେ କେମିତି ଜଣେ ପଞ୍ଚମ ଶରୀରରେ ସ୍ୱପ୍ନ ଦେଖୁଥିବାରୁ ସତ୍ୟ ବାସ୍ତବତା ପ୍ରତି ସଚେତନ ହୋଇ ପାରିବ ? ସେଥିପାଇଁ ଏକମାତ୍ର ରାସ୍ତା ହେଉଛି ତୁମେ ଜାଣିଥିବା ସମସ୍ତ ପୋଥି, ଦର୍ଶନ, ଜ୍ଞାନକୁ ବିସର୍ଜିତ କରିଦିଅ । କୌଣସି ଗୁରୁଙ୍କର ସାହାଯ୍ୟ ନିଅନାହିଁ । ବର୍ତ୍ତମାନଠାରୁ କେବଳ ତୁମେ ହିଁ ରହିଛ, ତୁମେ ହିଁ ସତ୍ୟ । ତୁମକୁ କେହି ନିର୍ଦ୍ଦେଶ ଦେଉନାହାନ୍ତି କି ଶିଖାଉ ନାହାନ୍ତି ।

ଏକମାତ୍ର ତୁମେ ହିଁ ନିଜକୁ ସମ୍ପୂର୍ଣ୍ଣ ଏକୁଟିଆ ଭାବରେ ଦେଖୁଛ, ଚିହ୍ନୁଛ, ଅନୁଭବ କରୁଛ । ବର୍ତ୍ତମାନଠାରୁ ଏକାକୀତ୍ୱ ହିଁ ପୂର୍ଣ୍ଣଭାବରେ ତୁମର ସମଗ୍ର ସତ୍ତାକୁ ଆବୋରି ସାରିଛି । ଏହା କଦାପି ଏକୁଟିଆ ଭାବ ନୁହେଁ ବରଂ ଏକାକୀତ୍ୱ, ଏକୁଟିଆ ଲାଗିବାଟା ସର୍ବଦା ସଙ୍ଗ ଖୋଜେ, ସାଥୀ ମିଳିଗଲେ ମନ ଠିକ୍ ହୋଇଯାଏ, ବୁଝିଯାଏ ।

କିନ୍ତୁ ଏକାକୀତ୍ୱ କେବଳ ନିଜକୁ ନେଇ ସୃଷ୍ଟି ହୋଇଥାଏ । ଏକାକୀତ୍ୱ ଅବସ୍ଥାରେ ଏ ମଣିଷ, ଜଗତ, ଆକର୍ଷଣ, ଦୁଃଖ, କଷ୍ଟ, ମୋହ, ମାୟା ପ୍ରତି କୌଣସି ସମ୍ପର୍କ ନଥାଏ ଏକମାତ୍ର 'ମୁଁ' ହିଁ ଏକାକୀତ୍ୱ ଅନୁଭବ କରେ । ତେଣୁ ଜଣେ ସବୁଦିଗରୁ ଏକାକୀତ୍ୱ ଅନୁଭବ କରିବା ଦରକାର । ଉଦାହରଣସ୍ୱରୂପ ସମସ୍ତକଥିତ ଆପ୍ତବଚନ, ଧାରଣା, ଦର୍ଶନ, ଶାସ୍ତ୍ର, ଗୁରୁ, ଧର୍ମ, ଶୃଙ୍ଖଳା, ନିୟମ, ବନ୍ଧନରୁ ମୁକ୍ତ ହୋଇ ଏକାକୀତ୍ୱ ସତ୍ତାକୁ ଉପଲବ୍ଧି କରିବ । ଯଦି ସେ ଉପରୋକ୍ତ ବିଶ୍ୱାସରୁ ନିଜକୁ ମୁକ୍ତ କରୁନାହିଁ ତେବେ ବର୍ତ୍ତମାନର ସ୍ଥିତି ସେଇ ସ୍ୱପ୍ନର ଦର୍ପଣଭଳି ଜଣାପଡ଼ିବ । ସେଇ ସ୍ୱପ୍ନ ହିଁ ପ୍ରତିଫଳିତ ହେବ । ତୁମେ ଯେତେବେଳେ ଏକଦମ୍ ଏକାକୀତ୍ୱ ଅନୁଭବ କରିବ ସେତେବେଳେ କୌଣସି ବାହ୍ୟ ଧାରଣା ତୁମମନରେ ପ୍ରତିଫଳିତ ହୋଇପାରିବ ନାହିଁ । ତେଣୁ ଧ୍ୟାନ ହିଁ ପଞ୍ଚମ ଶରୀରର ବାର୍ତ୍ତାଭାବରେ ଆସି ପହଞ୍ଚିଥାଏ । ଧ୍ୟାନ ସମ୍ପୂର୍ଣ୍ଣ ଏକାକୀତ୍ୱକୁ ବିକଶିତ କରେ । ଧ୍ୟାନ ଅର୍ଥମନର ସମାପ୍ତିକୁ ସୂଚିତ କରେ । ଏହି ମନ ଶୂନ୍ୟତାରେ ବର୍ତ୍ତମାନ କୌଣସି ଭାବନା, କୌଣସି ଧାରଣା ଆଉ ସ୍ଥାନ ପାଇପାରୁ ନାହିଁ । ଷଷ୍ଠ ଶରୀରରେ କୌଣସି ଦର୍ପଣ ରହେନାହିଁ ପ୍ରତିଫଳନହେବା ପାଇଁ କେବଳ ଶୂନ୍ୟ, ମହାଶୂନ୍ୟ ରହେ । ଏହି ଅନ୍ତହୀନ ବିଶାଳ ମହାଶୂନ୍ୟରେ ଯେମିତି ତମେ ତମର ସତ୍ତା ବି ହରେଇ ଦିଅ । ତମେ ଆଉ ତମେ ହୋଇ ରହିନଥାଅ । ତୁମେ ସ୍ୱପ୍ନ ଦେଖୁଥିବା ଅବସ୍ଥାକୁ ଅତିକ୍ରମ କରିଯାଇଥାଅ । କିନ୍ତୁ ତୁମେ ସ୍ୱପ୍ନ ନ ଦେଖିଲେ ବି ତାହା ତୁମ ପାଇଁ ଆହୁରି ଗଚ୍ଛିତ ହୋଇ ରହିଥାଏ । କିନ୍ତୁ ଏହି ସ୍ୱପ୍ନ ପ୍ରକୃତ ବାସ୍ତବତାକୁ ପ୍ରତୀକିତ କରୁଥାଏ । ଏହା ପରବର୍ତ୍ତୀ ପର୍ଯ୍ୟାୟରେ ତୁମର ଜ୍ଞାନ ଭାବରେ ତୁମକୁ ପୁଷ୍ଟକରେ । ଅନେକ ସମୟରେ ଏପରିବି ହୁଏ କାହାଣୀସବୁ ରୂପଧାରଣ କରି ତୁମର ସ୍ୱପ୍ନ ଜଗତକୁ ପ୍ରଭାବିତ କରିଥାନ୍ତି ।

କିନ୍ତୁ ଏଗୁଡ଼ିକ ଭାସମାନ ଅବସ୍ଥାରେ ରହନ୍ତି । ବର୍ତ୍ତମାନ ଦେଖିବା କଥା ଏହି ସ୍ୱପ୍ନଗୁଡ଼ିକ କେତେଦୂର ଯଥାର୍ଥ । ଯଦି ଏହା ଯଥାର୍ଥ ତେବେ ମାୟା ସୃଷ୍ଟିକରୁଛି

ବୋଲି ଜଣାପଡ଼ିବ ନଚେତ୍ ଏହା କେବଳ ଆକାରହୀନ, ରୂପହୀନ ହୋଇ ମୂଳକେନ୍ଦ୍ରକୁ ଫେରିଯିବ । ତାହେଲେ ଯାଇ ପ୍ରକୃତ ବାସ୍ତବତା ପୂର୍ବଭଳି କାଏମ୍ ରହିବ । ତେଣୁ ଯଦି ତୁମର ଷଷ୍ଠ ଶରୀରର ଯଥାର୍ଥତା ନଷ୍ଟ ହୁଏ ତେବେ ତୁମେ ସପ୍ତମ ଶରୀରରେ ପ୍ରବେଶ କରିବ । ଅର୍ଥାତ୍ ପ୍ରକୃତ ଷଷ୍ଠ ଶରୀରର ଦ୍ୱାର ହେଉଛି ସପ୍ତମ ଶରୀରର ପ୍ରବେଶଦ୍ୱାର । ଏଠାରେ କୌଣସି କିମ୍ବଦନ୍ତୀ, ସ୍ୱରୂପ, କାହାଣୀ କିଛି ବି ରହେ ନାହିଁ । ସ୍ୱପ୍ନର ଅନ୍ତ ହୁଏ । କେବଳ ମୂଳ ବିନ୍ଦୁ ରହେ । ମୂଳକେନ୍ଦ୍ର ରହେ । ତେଣୁ ସପ୍ତମ ଶରୀରର ଏହି ସ୍ୱପ୍ନହୀନତା, ମନହୀନତା, ମହାଶୂନ୍ୟତାକୁ 'ସମାଧି' ବୋଲି କୁହାଯାଏ । ପୂର୍ବର ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ମନ ଶେଷରେ ଆସି ମୂଳକେନ୍ଦ୍ରବିନ୍ଦୁରେ ପହଞ୍ଚିସାରିଛି ଯାହାକୁ ତୁମେ ମହାଶୂନ୍ୟ ବୀଜ ବୋଲି ନାମିତ କରିପାର । ସପ୍ତମଶରୀରରେ ସ୍ୱପ୍ନ ଏବଂ ବାସ୍ତବତା ଏକ ହୋଇ ରହିଥାନ୍ତି । ଯେହେତୁ ଏଠାରେ ସ୍ୱପ୍ନ ଆଉ ସ୍ୱପ୍ନ ହୋଇ ରହେନାହିଁ ଏହା ବାସ୍ତବତାରେ ପରିଣତ ହୋଇସାରିଥାଏ । ଯଦି ତୁମେ ସ୍ୱପ୍ନ ଦେଖ ତେବେ ଏହା ମାୟା ହିଁ କୁହାଯିବ । କାରଣ ତୁମେ ବର୍ତ୍ତମାନ ସତ୍ୟ ବାସ୍ତବତାକୁ ସର୍ବଦା ସାମ୍ନା କରୁଛ । ସପ୍ତମ ଶରୀରରେ କେବଳ ଶୂନ୍ୟତା ଅଛି । ଏପରିକି ମହାଶୂନ୍ୟ ବୀଜର ମଧ୍ୟ ଅନୁପସ୍ଥିତି ରହୁଛି । ସେଥିପାଇଁ ତାକୁ ନିର୍ବୀଜ ସମାଧି ବୋଲି କହିଲେ ଯଥାର୍ଥ ହେବ ।

ଏଠାରେ ଆଦୌ ସ୍ୱପ୍ନ ସୃଷ୍ଟି ସମ୍ଭବ ନୁହେଁ । ବର୍ତ୍ତମାନ ୭ ପ୍ରକାର ସ୍ୱପ୍ନ ଏବଂ ୭ ପ୍ରକାର ବାସ୍ତବତା ସମ୍ପର୍କରେ ଆଲୋଚନା କରାଗଲା । କିନ୍ତୁ ଏଗୁଡ଼ିକର ସମୀକ୍ଷାରୁ ଯଥେଷ୍ଟ ଜଟିଳତା ସୃଷ୍ଟି ହୁଏ । କାରଣ ଆମର ତଥାକଥିତ ମନସ୍ତତ୍ତ୍ୱ ସେ ସମସ୍ତ ଅନୁଶୀଳନରୁ ତଥାପି ଅଜ୍ଞ ରହିଛି । ଯାହା ବି ଗବେଷଣା ହୋଇଛି ଏ ସମସ୍ତ କେବଳ ବାହ୍ୟ ଶାରୀରିକ ଅନୁଭୂତିର ସ୍ୱପ୍ନାବଳୀ । ଅବଶ୍ୟ ମନସ୍ତତ୍ତ୍ୱବିତ୍ ୟୁଙ୍ଗ୍‌ଫ୍ରଏଡ୍‌ଙ୍କଠାରୁ ଆଉ ଟିକେ ଗଭୀରତର ଗବେଷଣା କରିଛନ୍ତି । କିନ୍ତୁ ତାଙ୍କର ମନସ୍ତତ୍ତ୍ୱ ଗବେଷଣାକୁ ପୌରାଣିକ, ଧାର୍ମିକ ବୋଲି ଧରାଯିବ । ତଥାପି ସେ 'ମହାବୀଜ'କୁ ସ୍ପର୍ଶ କରିପାରିନାହାନ୍ତି । ଯଦି ବି ପାଶ୍ଚାତ୍ୟ ମନସ୍ତତ୍ତ୍ୱ ଉନ୍ନତି ଲାଭ କରିଛି ତାହା ୟୁଙ୍ଗ୍‌ଙ୍କ ପାଇଁ ଫ୍ରଏଡ୍‌ଙ୍କ ପାଇଁ ନୁହେଁ । ଫ୍ରଏଡ୍ ପାଶ୍ଚାତ୍ୟ ମନସ୍ତତ୍ତ୍ୱର ପଟ୍ଟପୁରୋଧା । କିନ୍ତୁ ପୁରୋଧା ମାନେ ହିଁ ଆହୁରି ଉଚ୍ଚତର ଗବେଷଣା ଦିଗରେ ପ୍ରତିବନ୍ଧକ ହୋଇଥାନ୍ତି କାରଣ ତାଙ୍କର ପ୍ରଦର୍ଶିତ ତଥ୍ୟଗୁଡ଼ିକ ଏବେ ବି ପାଶ୍ଚାତ୍ୟ ମାନସିକତାକୁ ଗ୍ରାସ କରିବସିଛି । ଯଦିଓ ଫ୍ରଏଡ୍ ବର୍ତ୍ତମାନ ଜୀବିତ ନାହାନ୍ତି ଇତିହାସର ବସ୍ତୁ ହେଲେଣି ତଥାପି ତାଙ୍କଦ୍ୱାରା ପ୍ରତିଷ୍ଠିତ ମତବାଦ ଏବେ ବି ପାଶ୍ଚାତ୍ୟ ଜଗତକୁ

ସମପରିମାଣରେ ଆଚ୍ଛନ୍ନ କରିରଖିଛି । ଆମେରିକାରେ ବର୍ତ୍ତମାନ ବିଜ୍ଞାନଗବେଷଣାଗାର ଗୁଡ଼ିକର ବିଭିନ୍ନ ପଦ୍ଧତି ମାଧ୍ୟମରେ ସ୍ୱପ୍ନକୁ ସମୀକ୍ଷା କରାଯାଉଛି । ସେଥିପାଇଁ ଅନେକ ସ୍ୱପ୍ନ ପରୀକ୍ଷାଗାର ରହିଛି । ଏ ସମସ୍ତ ସ୍ଥାନରେ ଯେଉଁ ପରୀକ୍ଷା ନିରୀକ୍ଷା ଚାଲିଛି ତାହା ଏସବୁ ବାହ୍ୟ ଶରୀରକୁ ନେଇ । ଯୋଗ, ତନ୍ତ୍ର ଏବଂ ଅନ୍ୟ ଯୌଗିକ ପ୍ରଶକ୍ଷିଣ ଶିକ୍ଷା ଦେବାର ବ୍ୟବସ୍ଥା ଯେ ନିହାତି ହେବା ଦରକାର ତାହେଲେ ଯାଇ ସିନା ସମଗ୍ର ବିଶ୍ୱ ଜଗତ ସ୍ୱପ୍ନ ଜଗତ ସମ୍ପର୍କରେ ସଠିକ୍ ଜ୍ଞାନ ଆହରଣ କରିପାରିବ । ପ୍ରତ୍ୟେକ ସ୍ୱପ୍ନର ଯେ ସମାନ୍ତରାଳ ବାସ୍ତବତା ଅଛି ବୋଲି ଯଦି ସମସ୍ତେ ହୃଦୟଙ୍ଗମ କରିବେ ନାହିଁ ତେବେ ବାସ୍ତବତା ଓ ସ୍ୱପ୍ନ ମଧ୍ୟରେ ଯେଉଁ ପାର୍ଥକ୍ୟ ଅଛି ତାହା କେମିତି ହୃଦୟଙ୍ଗମ କରିବେ । ତେଣୁ ତୁମକୁ ସଚେତନ ହେବାକୁ ପଡ଼ିବ ତାହେଲେ ଯାଇ ସ୍ୱପ୍ନର ବାସ୍ତବତା ତୁମେ ଅନୁଭବ କରିପାରିବ । ଆମେ ନିଜର ଶରୀର ପ୍ରତି ମଧ୍ୟ ସଚେତନ ନୋହୁଁ । ଅନେକ କଥା ଆମେ ଜାଣିନୁ ।

ପ୍ରଥମେ ଜଣେ ନିଜର ଶରୀରର ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣିବା ଉଚିତ । ତା'ପରେ କାହିଁକି ରୋଗହୁଏ ଏହାର କାରଣ କ'ଣ ଖୋଜି ବାହାର କରିବା ଆବଶ୍ୟକ । ଅବଶ୍ୟ ଏହା ଏକ ପ୍ରାକୃତିକ ପ୍ରକ୍ରିୟା । ତୁମର ମନ ସଚେତନ ହେବା ଦରକାର ଯେତେବେଳେ ତୁମ ଶରୀର ରୋଗଗ୍ରସ୍ତ ହେଉଛି ତାହାର ତୁରନ୍ତ ଯତ୍ନ ନିହାତି ଆବଶ୍ୟକ । ତୁମେ ତୁମ ଶରୀର, ଏହାର କାର୍ଯ୍ୟ ଅନୁଭବ, ସଙ୍ଗୀତ, ନୀରବତା ସମ୍ପର୍କରେ ନିଶ୍ଚିତ ଜାଣିବା ଦରକାର । ବେଳେ ବେଳେ ଆମକୁ ଲାଗେ ଆମ ଶରୀର ଖୁବ୍ ନୀରବ ଅଛି । କେତେବେଳେ ଅତ୍ୟନ୍ତ କୋଳାହଳମୟ ଜଣାପଡ଼େ, ପୁଣି କେତେବେଳେ ଖୁବ୍ ହାଲୁକା ଜଣାପଡ଼େ, ପ୍ରତ୍ୟେକ ସମୟର ଅନୁଭବ ଏକଦମ୍ ଭିନ୍ନ ଅନ୍ୟ ଏକ ଅନୁଭୂତି ଠାରୁ । ଅଥଚ ଆମେ ଏ ସମ୍ପର୍କରେ ବିନ୍ଦୁବିସର୍ଗ ବି ଜାଣିପାରୁନା । ଏହା ଆମର ଦୁର୍ଭାଗ୍ୟ ବ୍ୟତୀତ କ'ଣ ହୋଇପାରେ । ତୁମେ ଯେତେବେଳେ ଶୋଇବାକୁ ଯାଅ ତୁମ ଶରୀରର କିଛି ପରିବର୍ତ୍ତନ ହୋଇଥାଏ । ସକାଳୁ ଉଠିଲାବେଳକୁ କିଛିଟା ପରିବର୍ତ୍ତନ ଅନୁଭବ କରିହୁଏ । ଏସବୁ ପ୍ରତି ତୁମେ ସଚେତନ ହୁଅ । ତୁମେ ଯେତେବେଳେ ଆଖି ଖୋଲିବାକୁ ଯାଉଛ ସେତେବେଳେ ସଙ୍ଗେ ସଙ୍ଗେ ଆଖି ଖୋଲ ନାହିଁ । ତୁମ ଶରୀରରେ କି ପରିବର୍ତ୍ତନ ହେଉଛି ସେଥିପ୍ରତି ସଚେତନ ହୁଅ । ଆଖି ଖୋଲ ନାହିଁ । କ'ଣ ହେଉଛି ତେବେ ? ଏକ ବିରାଟ ପରିବର୍ତ୍ତନ ସେଠାରେ ରୂପ ନେଉଛି । ନିଦ୍ରା ଅପସରି ଯାଉଛି ସକ୍ରିୟତା ରୂପ ନେଉଛି । ପୂର୍ବରୁ ତୁମେ ସକାଳେ ସୂର୍ଯ୍ୟ ଉଦୟ

ହେବା ଅନେକଥର ଦେଖିଛ କିନ୍ତୁ ତୁମ ଶରୀରର ଉଦୟବେଳା କେବେ ବି ଲକ୍ଷ୍ୟ କରିନାହୁଁ ଏହାର ଯେ ଏକ ନିଜସ୍ୱ ଅନ୍ତଃସୌନ୍ଦର୍ଯ୍ୟ ଅଛି । ତୁମ ଶରୀରରେ ବି ସକାଳ ହେଉଛି ଓ ସନ୍ଧ୍ୟା ହେଉଛି । ଅନେକ ରୂପାନ୍ତରୀତ ମୁହୂର୍ତ୍ତ ସକ୍ରିୟ ହେଉଛି । ପରିବର୍ତ୍ତନ ହେଉଛି । ତୁମେ ଯେତେବେଳେ ଶୋଇବାକୁ ଯାଉଛ ସେତେବେଳେ ନୀରବ ଭାବରେ ନିରୀକ୍ଷଣ କଲେ ଜାଣି ପାରିବ କ'ଣ ଘଟୁଛି । ନିଦ ତ ଘୋଟି ଆସୁଛି । ନିଦ ଲାଗିବ ହିଁ ଲାଗିବ । କିନ୍ତୁ ତୁମେ ସଚେତନ ଭାବରେ ତାହା ଅନୁଭବ କର ତେବେ ଯାଇ ନିଜର ଶରୀର ସମ୍ପର୍କରେ ସବୁ ଜାଣି ପାରିବ । ତୁମେ ଯେଉଁ ମୁହୂର୍ତ୍ତରେ ସଚେତନ ହେବ ଠିକ୍ ସେହି ସମୟରେ ବାହ୍ୟ ସ୍ୱପ୍ନ ଅନୁଭୂତି କ'ଣ ଜାଣିପାରିବ । ତା'ପରେ ଯାଇ ତୁମେ ସକାଳେ ବାହ୍ୟ ଶାରୀରିକ ସ୍ୱପ୍ନ କ'ଣ ମନେ ପକାଇପାରିବ ।

ତୁମେ ଯଦି ଅନ୍ତଃ ଅନୁଭବ, ଅନ୍ତଃକରଣର ଆବଶ୍ୟକତା, ଶରୀରର ଅନ୍ତଃସଙ୍ଗୀତ, ମୂର୍ଚ୍ଛନା ବୁଝିପାରିବ ତେବେ ତାହାହିଁ ତୁମର ସ୍ୱପ୍ନରେ ପ୍ରତିଫଳିତ ହେବ ଏବଂ ତୁମେ ସ୍ୱପ୍ନର ଭାଷା ବି ବୁଝିପାରିବ । ଆମେ ନିଜର ଶରୀରର ଭାଷା ବୁଝିପାରୁନା । ଶରୀରର ନିଜସ୍ୱ ଜ୍ଞାନର ଭଣ୍ଡାର ଅଛି ଯାହାକୁ ହଜାର ହଜାର ବର୍ଷର ଅନୁଭୂତି ଅତ୍ୟନ୍ତ ବିଭବଶାଳୀ, ଶକ୍ତିଶାଳୀ କରି ରଖିଛି । ମୋର ଶରୀରର ଅନୁଭୂତି, ମୋ ବାପା ମା, ତାଙ୍କର ବାପା, ମା ଏମିତି ଯୁଗ ଯୁଗଧରି ଅନୁଭୂତିର ମଞ୍ଜିରେ ଉନ୍ନତ ହୋଇଛି ତଥା ଏଭଳି ସକ୍ରିୟ ସାକାର ରୂପ ଗ୍ରହଣ କରିଛି । ଏହାର ନିଜସ୍ୱ ଭାଷା ଅଛି । ଏକଥାଟି ଜଣେ ବୁଝିବା ନିହାତି ଆବଶ୍ୟକ । ସ୍ୱପ୍ନର ଭାଷା ବୁଝିଗଲେ ତୁମେ ବାହ୍ୟ ସ୍ୱପ୍ନ କ'ଣ ବୁଝିଯିବ । ତା'ପରେ ତୁମେ ନିଜେ ବାହ୍ୟ ଶାରୀରିକ ସ୍ୱପ୍ନ, ବାସ୍ତବତାକୁ ଅଲଗା କରିପାରିବ । ପାର୍ଥକ୍ୟ କ'ଣ ବୁଝିପାରିବ । ତା'ହେଲେ ଯାଇ ଏକ ନୂଆ ସମ୍ଭାବନା ଜନ୍ମନେବ । ଏକ ନୂତନ ସଚେତନତା ପ୍ରାଣମୟ ହୋଇ ଉତୁରି ଆସିବ । ସ୍ୱପ୍ନ, ସ୍ୱପ୍ନର ଜଗତ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କିଛି ଆବିଷ୍କାର ହୋଇନାହିଁ । ଆହୁରି ମହାନ୍ ତଥ୍ୟ ଏବେ ବି ଲୁକ୍କାୟିତ ହୋଇ ରହିଛି ।

ଯଦିଓ ପୂର୍ବରୁ ଏକ ଧାରଣା ଥିଲା କିଛି ଜ୍ଞାନ ଗୋପୀନୟ ହୋଇ ରହିବା ଉଚିତ । ସେଥିପାଇଁ କାଳ କାଳ ଧରି ଏହି ଜ୍ଞାନସବୁ ଲୋକଲୋଚନ ଅନ୍ତରାଳରୁ ଗୋପନୀୟ ରଖାଗଲା । ତେଣୁ ବର୍ତ୍ତମାନ ବୈଜ୍ଞାନିକମାନେ ଯେଉଁସବୁ ଉଦ୍ଭାବନ କରୁଛନ୍ତି ତାହା ଜଗତକୁ ଜଣାଇ ଦେଲାପରେ ଅନେକ ସାଂଘାତିକ ପରିଣାମ ଭୋଗିବାକୁ ପଡ଼ିଛି । ଯେପରି ଆଣବିକ ବୋମା ସମ୍ପର୍କରେ ଆବିଷ୍କାର ତାହାର

ଦୁଃଖ୍‌ପରିଣାମ ଜଗତବାସୀଙ୍କୁ ଅତ୍ୟନ୍ତ କଠୋର ଭାବରେ ଭୋଗିବାକୁ ପଡ଼ିଛି । ତେଣୁ ଆମକୁ ଆହୁରି ଧୈର୍ଯ୍ୟ ସହକାରେ ଅପେକ୍ଷା କରିବାକୁ ପଡ଼ିବ ଯେଉଁଦିନ ମଣିଷ ଏଭଳି ଜ୍ଞାନର ଅଧିକାରୀ ହେବ ଏବଂ ନିଜର ଉପଲବ୍ଧ ବିରଳ ଆବିଷ୍କାରକୁ କୌଣସି ଧ୍ୱଂସ ସାଧନପାଇଁ ବିନିଯୋଗ କରିବନାହିଁ ବରଂ ତା'ର ସଦୁପଯୋଗ କରି ବିଶ୍ୱର କଲ୍ୟାଣ କରିବ ।

# ବିଦ୍ରୋହ

ଗୋଟିଏ ନୂଆ ମନ୍ଦିରର ନିର୍ମାଣ ଚାଲିଥିଲା । ଶହ ଶହ ଶ୍ରମିକ ମନ୍ଦିର ନିର୍ମାଣ କାମରେ ଲାଗି ପଡ଼ିଥାନ୍ତି । ନୂଆ ପଥରଖଣ୍ଡ ସବୁ ଭଙ୍ଗା ହେଉଥାଏ । ନୂଆ ମୂର୍ତ୍ତିଗୁଡ଼ିକ ସେଥିରେ ତିଆରି କରାଯାଇ ଲଗା ଯାଉଥାଏ । ଜଣେ ପାଗଳ ପରି ଦେଖାଯାଉଥିବା କବି ସେହି ବାଟଦେଇ ଯାଉ ଯାଉ ପଥର ଭାଙ୍ଗୁଥିବା ଶ୍ରମିକ ମାନଙ୍କ ଭିତରୁ ଜଣକୁ ପଚାରିଲେ, 'ହେ ବନ୍ଧୁ ! କ'ଣ କରୁଛନ୍ତି ?' ଶ୍ରମିକ ଜଣ ରାଗିକରି ଆଖି ଉଠାଇ କବିଙ୍କୁ କହିଲା, 'ତମେ କ'ଣ ଅନ୍ଧ ? ଦିଶୁନି ମୁଁ କ'ଣ କରୁଛି ? ମୁଁ ପଥର ଭାଙ୍ଗୁଛି ।' ତା'ପରେସେ ପଥର ଭାଙ୍ଗିବାରେ ଲାଗିଗଲା । ଶ୍ରମିକଟିର ପଥର ଭାଙ୍ଗିବାରେ ଏପରି ଜୀବନ ପ୍ରତି ବୀତସ୍ପୃହତା ପ୍ରକାଶ ପାଉଥିଲା ଯେପରି ସେ ପ୍ରତିଶୋଧ ନେଉଛି । କବି ତା'ପରେ ଆଉ କିଛିବାଟ ଗଲାପରେ ଦେଖିଲେ ସେଠି ବି ଜଣେ ଶ୍ରମିକ ପଥର ଭାଙ୍ଗୁଛି । ତାକୁ ସେ ପଚାରିଲେ, 'ହେ ବନ୍ଧୁ ! କ'ଣ କରୁଛନ୍ତି ?' ଶ୍ରମିକ ଜଣ ତା'ର ଉଦାସ୍ ଆଖିରେ କବିଙ୍କୁ ଚାହିଁ ଉତ୍ତର ଦେଲା, 'ପିଲାମାନଙ୍କ ପାଇଁ ନିତିଦିନିଆ ରୁଟି ଯୋଗାଡ଼ କରୁଛି ।' ଠିକ୍ ସେହିଭଳି ଉଦାସ ହୋଇ ସେ ପଥର ଭାଙ୍ଗିବାରେ ଲାଗିଗଲା । ଯେମିତି ତା' ଜୀବନରେ କିଛି ବି ରସ ନାହିଁ, ଆନନ୍ଦ ନାହିଁ, ସୌନ୍ଦର୍ଯ୍ୟନାହିଁ, ସୁଖ ନାହିଁ । ଜୀବନ ଏକ ବୋଝ ଭଳି ତା' ଉପରେ ବୋହି ହୋଇ ଚାଲିଛି ଏବଂ ଏହିପରି ଦିନେ ସମାପ୍ତ ବି ହୋଇଯିବ । ତା'ର ପଥର ଭାଙ୍ଗିବାରେ କୌଣସି ଆନନ୍ଦ, ଆନ୍ତରିକତା, ସୁଖ ନାହିଁ । ବାଧ ହୋଇ ବୋଝ ବୋହି ନିଜର ଅସହାୟତା ପାଖରେ ଉଜୁଡ଼ି ଯାଇ ସେ ପଥର ଭାଙ୍ଗୁଥିଲା । ଏହାବ୍ୟତୀତ ଯେପରି ଅନ୍ୟ କୌଣସି ଉପାୟ ନାହିଁ ।

ତା'ପରେ କବି ଆଉ କିଛି ବାଟ ଆଗକୁଗଲେ ସେଠାରେ ମଧ୍ୟ ଜଣେ ଶ୍ରମିକ ସେଇ ଏକା ପଥର ଭାଙ୍ଗୁଥିଲା । ଶ୍ରମିକଟି ପଥର ଭାଙ୍ଗିବା ସହିତ ଗୁଣୁ

ଗୁଣୁ ହୋଇ ଖୁବ୍ ସୁନ୍ଦର ଗୀତଟିଏ ଗାଉଥାଏ । ତା' ଆଖିରେ ଏପରି ଆନନ୍ଦ ଝଲମଲ କରୁଥିଲା, ପ୍ରାଣବନ୍ତ ମନେହେଉଥିଲା ଯେମିତି ସେ ମସ୍ତହୋଇ ଝୁମି ଝୁମି ନାଚୁଛି । ଏହି ଗୁଣୁଗୁଣୁ ପ୍ରାଣ ସଙ୍ଗୀତର ସୁଗନ୍ଧରେ ସୁରରେ ସେ ଏପରି ମୋହମୁଗ୍ଧ ଥିଲା ଯେମିତି ସେ ଶତ ଗୋଲାପର ସୁଗନ୍ଧରେ ଆହ୍ଲାଦିତ ହେଉଛି । ସ୍ୱର୍ଗଲୋକର ଅପୂର୍ବ ପରିବେଶରେ ସେ ଯେପରି ନୃତ୍ୟ କରୁଛି । କବି ତାକୁ ଦେଖି ପୁଣି ପଚାରିଲେ, 'ହେ ମୋର ବନ୍ଧୁ ! ତୁମେ କ'ଣ କରୁଛ ? ସେ ହସି ହସି ଆନନ୍ଦିତ ହୋଇ କବିଙ୍କୁ ଚାହିଁ ଉତ୍ତର ଦେଲା, 'ଭଗବାନଙ୍କ ମନ୍ଦିର ତିଆରି କରୁଛି ।' ତା' ଶବ୍ଦରୁ ବାକ୍ୟରୁ ଯେପରି ମହୁ ଝରୁ ଥିଲା । ଏଠାରେ ତିନିଜଣ ଶ୍ରମିକ ସେଇ ଏକା ପଥର ଭଙ୍ଗା କାମ କରୁଥବଲେ । କିନ୍ତୁ ତିନିଜଣଙ୍କର କାମକରିବାର ଦୃଷ୍ଟିଭଙ୍ଗୀ ପରସ୍ପରଠାରୁ ଭିନ୍ନ ଥିଲା । ପ୍ରଥମର ଦୃଷ୍ଟିରେ କ୍ରୋଧ, ଦୁଃଖ ଏବଂ ଯନ୍ତ୍ରଣା ଥିଲା । ଦ୍ୱିତୀୟର ଦୃଷ୍ଟିରେ ଉଦାସପଣ, ଜୀବନର ଅର୍ଥହୀନତାରେ ବୋଝଭଳି ଅନୁଭବ କରିବାର ବ୍ୟର୍ଥତା ଥିଲା । ତୃତୀୟ ଜଣକ କେଉଁ ଏକ ଅନନୁଭୂତ ଆନନ୍ଦରେ ମୁଗ୍ଧମଗ୍ନତାରେ ନୃତ୍ୟ କରି କରି ମନ୍ଦିର ଗଢୁଥିଲା ।

ଏଠାରେ ପ୍ରଶ୍ନଉଠିପାରେ ପଥର ଭାଙ୍ଗିବା କାମ କିପରି ସଙ୍ଗୀତ ନୃତ୍ୟମୟ ହୋଇପାରିବ । ପ୍ରତ୍ୟେକ ଦିନର ରୁଟିପାଇଁ ସଂଘର୍ଷରୁ କେଉଁଠୁ ବା ନୃତ୍ୟ ସଙ୍ଗୀତର ଲୟ ସୃଷ୍ଟି ହେବ । ସତକଥା କିନ୍ତୁ ଭଗବାନଙ୍କର ମନ୍ଦିର ନିର୍ମାଣ ଜନିତ ପଥରଭଙ୍ଗାରେ ତ ନିଶ୍ଚିତରୂପେ ଆନନ୍ଦ ଉପଲବ୍ଧି ହେବ । ଏହା ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ହେଉଛି ଜୀବନରୂପକ ମନ୍ଦିରରେ ମଧ୍ୟ ଉପରୋକ୍ତ ତିନି ପ୍ରକାର ମଣିଷ ବାସ କରନ୍ତି । ତା'ହେଲେ ଆମେ ଏହି ତିନି ଶ୍ରମିକଙ୍କ ଭିତରୁ କେଉଁ ଧରଣର ଶ୍ରମିକ ? ଯେମିତି ଆମେ ଜୀବନକୁ ଦେଖିବା ଠିକ୍ ସେହିପରି ତାହା ଆମ ପାଇଁ ହୋଇଯିବ । ଜୀବନ ତ ସତରେ ଗୋଟାଏ ଖାଲି ସ୍ଲେଟ୍ । ଆମର ଦୃଷ୍ଟି ସେହି ସ୍ଲେଟ୍ ଉପରେ କିଛି ଲେଖିବାକୁ ଆରମ୍ଭ କଲାକ୍ଷଣି ତାହା ସ୍ୱତଃ ଲେଖି ହୋଇଯାଏ । ଜୀବନ ଖାଲି କାଗଜଖଣ୍ଡେପରି । ଆମର ପ୍ରାଣଶକ୍ତି ସେଥିରେ ସଂଚରିତ ହେଲେ ହିଁ କିଛି ଲେଖିବା ଆରମ୍ଭ ହୋଇଥାଏ । ଆମର ନିଜର ଜୀବନକାହାଣୀ ଲେଖିହୋଇଯାଏ । ଜୀବନକୁ ନେଇ ଆମେ ଜନ୍ମ ହୋଇନଥିଲେ ବରଂ ଜନ୍ମପରେ ଆମେ ତାକୁ ପ୍ରତିଦିନ ନିର୍ମିତ କରୁ । ନୂଆ ରୂପରେଖ ଦେଉ । ଜୀବନ ଜନ୍ମସହିତ ମିଳେନାହିଁ ମୃତ୍ୟୁସହିତ ଉପଲବ୍ଧ ହୁଏ ।

ଜୀବନ ଏକ ଲମ୍ବା ଯାତ୍ରା । ସେହି ପଥରେ ଆମେ ଯେମିତି ଦେଖୁ ଠିକ୍ ସେମିତି ତିଆରି ହୁଏ । ଏତେ ସୁନ୍ଦର ଜୀବନକୁ କିନ୍ତୁ ଆମେ ଦୁଃଖରେ ଭରିଦେଉ ।

ମଣିଷର ହୃଦୟ ଅନ୍ଧକାରରେ ବୁଡ଼ି ରହିଛି । ଅନେକ ସମୟରେ ଜୀବନ ଖୁବ୍ ଅର୍ଥହୀନ ମନେହୁଏ । ଏହି ସମଗ୍ର ବିଶ୍ୱର ମଣିଷ ସମାଜ ଯେମିତି ଗୀତ ଗାଇବା କ'ଣ ଜାଣିନି । ଜୀବନର ମଧୁର ସଙ୍ଗୀତ ଭୁଲିଯାଇଛି । ଆନନ୍ଦକୁ କୋଉ ଯୁଗରୁ ଛାଡ଼ି ଆସିଛି । ଜୀବନର ସମସ୍ତ ପୁଲକ ମଧୁରିମାକୁ ହଜେଇ ଦେଇଛି । କାହିଁକି ସେ ଏମିତି ସବୁ ଅକାତରେ ହଜେଇ ଦେଇଛି । କ'ଣ ହେଲା ସତରେ ! ହଁ ଗୋଟେ ବହୁତ ବଡ଼ ଘଟଣା ଘଟିଯାଇଛି । ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା କିନ୍ତୁ । ହଜାର ହଜାର ବର୍ଷର ଶିକ୍ଷା ମନୁଷ୍ୟକୁ କେବଳ ଦୁଃଖୀ ହେବା ଶିଖାଇଛି । ଆଖିରେ ଲୁହର ଝରଣା ସୃଷ୍ଟି କରି ଦେଇଛି । ଆଜି ପର୍ଯ୍ୟନ୍ତ ଏ ଧରାବକ୍ଷରେ ଜୀବନର ଆନନ୍ଦକୁ ସ୍ୱୀକାର କରି କୌଣସି ଶିକ୍ଷା ପ୍ରସ୍ତୁତ କରାଯାଇ ନାହିଁ କି ସୃଷ୍ଟି ହୋଇ ନାହିଁ । ବରଂ ଅହେତୁକ ଭାବରେ ଜୀବନକୁ ନିଷେଧ କରି ଜୀବନକୁ ବିରୋଧ କରି ନିନ୍ଦା କରି ଦୁଃଖ ପୂର୍ଣ୍ଣ ଭାବରେ ପ୍ରମାଣିତ କରି ଚାଲିଛି । ଏହି ଜୀବନକୁ ପରିତ୍ୟାଗ କରିବା ଛଡ଼ା ଆଉ ଉପାୟ ନାହିଁ ।

ଜୀବନକୁ ତ୍ୟାଗ କରି ଯେଉଁଠି ମୋକ୍ଷର ସନ୍ଧାନ ଅଛି ସେହି ଦିଗରେ ଅଗ୍ରସର ହେବାକୁ ନିର୍ଦ୍ଦେଶ ଦେଇଛି ବାଧ୍ୟ କରିଛି । କିନ୍ତୁ ଜୀବନର ମୋକ୍ଷ ହିଁ ନିଜର ଆନନ୍ଦର କେନ୍ଦ୍ରବିନ୍ଦୁ ଏହି ସୂକ୍ଷ୍ମ ଅଥଚ ସହଜ ସତ୍ୟଟିକୁ ଶିଖାଇ ଦେବାରଶିକ୍ଷା ବର୍ତ୍ତମାନ ସୁଦ୍ଧା ଉତ୍ପନ୍ନ ହୋଇପାରିଲା ନାହିଁ । ସେଥିପାଇଁ ମନୁଷ୍ୟର ଦୁର୍ଦ୍ଦଶା ଚରମ ସୀମାରେ ପହଞ୍ଚିଛି । ହଜାର ବର୍ଷ ଧରି ଗୋଟିଏ ମାତ୍ର ଘଟଣା ମନୁଷ୍ୟ ମନରେ ବାରମ୍ବାର ହାତୁଡ଼ିମାରି କହୁଛି ଜୀବନ ବ୍ୟର୍ଥ, ଅସାର, ଖରାପ, ତ୍ୟାଗଯୋଗ୍ୟ ପାପପୂର୍ଣ୍ଣ । କେବଳ ସେହିଲୋକମାନେ ପୁଣି ଜନ୍ମ ନିଅନ୍ତି ଯେଉଁମାନେ ପାପ କରନ୍ତି । ଏ ଜଗତ ସାରା ପାପୀ ହିଁ ଜନ୍ମ ନେଇଛନ୍ତି, ଜୀବନ କେବଳ ପାପୀ ମାନଙ୍କର ପୀଠସ୍ଥଳୀ ହୋଇଛି । ଅଥଚ ଯେଉଁମାନେ ପୂଣ୍ୟାତ୍ମା ସେମାନେ ମୋକ୍ଷପ୍ରାପ୍ତି ପାଇଁ ଚାଲି ଯାଆନ୍ତି । ଜୀବନକୁ କେବେହେଲେ ଫେରି ଆସନ୍ତି ନାହିଁ । ଏହି କଥାଟି ଶିଖାଯାଏ ବାରମ୍ବାର ମୋହ ମାୟାରୁ ମୁକ୍ତହୁଅ ଜୀବନକୁ ତ୍ୟାଗ କର । ଜୀବନ ରୂପକ ପିଞ୍ଜରାରୁ ନିଜକୁ ମୁକ୍ତ କର । ଶିକ୍ଷାଦ୍ୱାରା ଏଭଳି ସାଂଘାତିକ ବିଷାକ୍ତ ପରିବେଶ ସୃଷ୍ଟି ହୋଇଛି ତାହାର ଇୟତ୍ତା ନାହିଁ । ମଣିଷର ପ୍ରାଣରୁ ଜୀବନ ନିଃଶେଷ କଲାପରି ଆନନ୍ଦ ଶୋଷି ନେଲାପରି ଏହିଶିକ୍ଷା ସବୁ ଓଟାରି ନେଉଛି । ଖାଲି ଛଟପଟ ହେଉଥିବା ଅସହାୟ ମାନବାତ୍ମାକୁ ଶୃଙ୍ଖଳା ଭୂଇଁରେ ଛାଡ଼ି ଦେଇଛି । ସେ ବିକଳ ହୋଇ ଯେତେ ହାତ ବଢ଼ାଉଛି କେହି ହାତ ଧରିବାକୁ ଆସୁନାହିଁକି ତାକୁ ଭୂଇଁରୁ ଉଠାଇବାକୁ ଚେଷ୍ଟା କରୁନାହିଁ । କ'ଣ କରାଯିବ ଆଉ ଉପାୟ

ନାହିଁ । ଜୀବନ ଏଭଳି ଦୁଃଖପୂର୍ଣ୍ଣ ହୋଇଯାଇଛି ଚାହିଁଲେ ବି ଜୀବନକୁ ଆନନ୍ଦ ମୁଖର କରାଯାଇ ପାରୁନାହିଁ ।

ବାସ୍ତବରେ ଜୀବନର ପ୍ରକୃତି ଦୁଃଖପୂର୍ଣ୍ଣ ନୁହେଁ କିନ୍ତୁ ଆମେ ଦୁଃଖମୟ ଦୃଷ୍ଟିରେ ଜୀବନକୁ ଦେଖୁଛୁ ବୋଲି, ଏହା ପ୍ରକୃତରେ ଦୁଃଖମୟ ହୋଇପଡୁଛି । ଜଣେ ଅନ୍ଧଲୋକ ଛିଡ଼ା ହୋଇଥାଏ । ସୂର୍ଯ୍ୟ ଉଦୟ ହେଉଥାନ୍ତି, ଚତୁର୍ଦ୍ଦିଗ ଆଲୋକମୟ ହୋଇଯାଉଥାଏ । ସମସ୍ତେ ଆଲୋକରେ ଯେମିତି ସ୍ନାନ କରୁଛନ୍ତି । ଆଲୋକମୟ ହୋଇଯାଉଛନ୍ତି । ଅଥଚ ଅନ୍ଧ ଲୋକଟି ଆଲୋକ କ'ଣ ଦେଖିପାରୁନାହିଁ ସେ କ'ଣ କହିବ । ତା' ପାଇଁ ଜଗତ ଅନ୍ଧକାରପୂର୍ଣ୍ଣ । ଅମାବାସ୍ୟାରେ ଆକ୍ରାନ୍ତ । ସୂର୍ଯ୍ୟଙ୍କର ଏଥିରେ କୌଣସି ଦୋଷ ନାହିଁ । ସେ ସମସ୍ତଙ୍କୁ ଆଲୋକମୟ କରିଛନ୍ତି । ବିଚରା ଅନ୍ଧଟିର ଆଖି ହିଁ ନାହିଁ ସେ ସୂର୍ଯ୍ୟଙ୍କୁ ଦେଖିପାରୁ ନାହିଁ । କିନ୍ତୁ ଏଠି ଆମର ଆଖି ଅଛି ଜୀବନର ଆନନ୍ଦ ଦେଖିପାରିବାର ସାଧନ ଥାଇ ବି ଆମେ ଆଖିବନ୍ଦ କରି ଛିଡ଼ା ହୋଇଛେ ।

ଅନ୍ଧ ହୋଇଥିଲେ ଅବା କ୍ଷମା କରିଦିଆ ଯାଇଥାନ୍ତା । ହେଲେ ଆଖି ଥାଇ ଆଖି ବନ୍ଦ କରି ଛିଡ଼ାହେଲେ କିଏ କ'ଣ କରିବ କୁହ । ଅବଶ୍ୟ ଜୀବନ ଦୁଃଖପୂର୍ଣ୍ଣ ବୋଲି ଆମେ ଜାଣିଛେ କାହିଁକି ନା ଜୀବନର ଆନନ୍ଦକୁ କିପରି ଦେଖାଯାଇ ପାରିବ ସେହି କଳା ସମ୍ପର୍କରେ ଆମେ ଆଦୌ ସଚେତନ ନୋହୁଁ । ଜଣେ ଭଦ୍ରବ୍ୟକ୍ତିଙ୍କ ଘରେ ଗୋଟିଏ ବହୁ ପୁରୁଣା ପ୍ରାୟ ଶହେ ବର୍ଷ ତଳର ବୀଣା ଥିଲା । ପୁରୁଣା ବୀଣାଟି ତାଙ୍କର ମୁଣ୍ଡ ବ୍ୟଥାର କାରଣ ହୋଇ ଯାଇଥିଲା । ବୀଣାଟି ଉପଦ୍ରବର ଗୋଟିଏ ବଡ଼ ମାଧ୍ୟମରେ ପରିଣତ ହୋଇଯାଇଥିଲା । ମନେକର ଘରେ କୌଣସି ଏକ ଗମ୍ଭୀର କଥାବାର୍ତ୍ତା ଚାଲିଛି କେହି ଛୋଟ ପିଲା ଯାଇ ବୀଣାର ତାରକୁ ହଲାଇ ଦେଲା ତେବେ ଏତେ ଜୋରରେ ବୀଣାର ସ୍ୱର ଗୁଞ୍ଜରି ଉଠିବ ସମସ୍ତଙ୍କର ଏକାଗ୍ରତା ଭାଙ୍ଗିବ । ସମସ୍ତେ ସେପଟକୁ ଚାହିଁବାକୁ ବାଧ୍ୟ ହେବେ । ଦେଖିଲାବେଳକୁ ସେଥିରେ ହିଁ ସଙ୍ଗୀତ ସୃଷ୍ଟି ହେଉଥିବ ।

ଘରର ବୁଢ଼ାମାନେ ରାଗିଯାନ୍ତି କାହିଁକି ଛୋଟ ପିଲାମାନେ ବୀଣାଟାରେ ଲାଗୁଛନ୍ତି । ଘରକୁ ଯଦି କେହି ଅତିଥି ଆସୁଥିଲେ ତେବେ ଘର ଲୋକମାନେ ବୀଣାକୁ ଲୁଚାଇ ରଖୁଥିଲେ ଯେମିତି ପିଲାମାନେ ସେଥିରେ ଲାଗିବେନି । ପୁଣି ବୀଣାର ତାର ଟାଣିବେ, ଶବ୍ଦ ହେବ । ଘରେ କେହି ପୂଜା କରୁଥିବେ ପିଲାଏ ବୀଣାର ତାର ଟାଣି ଦେଉଥିବେ, ବୀଣାଟାକୁ ତଳେ ପକାଇଦେଉଥିବେ ତାର ସ୍ୱରରେ ସାରା ଘର ଗୁଞ୍ଜରି ଉଠୁଥିବ । ରାତିରେ ଘରେ ସମସ୍ତେ ଶୋଇଥିବେ

ବିଲେଇ କି ମୂଷାମାନେ ବୀଣା ଉପରେ ଦୌଡ଼ିଯାଇ ଶବ୍ଦ ସୃଷ୍ଟି କରୁଥିବେ। ବୀଣା ତଳେ ପଡ଼ିଯାଇଥିବ ଏମିତି ଶବ୍ଦ ହେବ ଯେ ବାଧ୍ୟ ହୋଇ ସମସ୍ତେ ନିଦରୁ ଉଠିବେ। ଏତେ ସୁନ୍ଦର ନିଦଟା ଭାଙ୍ଗିଯିବ। ବୀଣା ଜ୍ୱାଳାରେ ସମସ୍ତେ ବଡ଼ କଲବଲ ହୋଇପଡିଲେଣି।

ତା'ପରେ ଭଦ୍ରବ୍ୟକ୍ତିଙ୍କ ଘରେ ସମସ୍ତେ ସ୍ଥିର କଲେ ବୀଣାଟାକୁ ବାହାର କରିଦେବା। ଭାରି ଅସୁବିଧା ଯା ପାଇଁ ସୃଷ୍ଟି ହେଉଛି। ସକାଳୁ ସକାଳୁ ବୀଣାକୁ ନେଇ ସେ ପାଖ ମଇଳା ଗଦାରେ ଫୋପାଡ଼ି ଦେଇ ଫେରି ଆସୁଛନ୍ତି ପଛରୁ ଖୁବ୍ ସୁନ୍ଦର ସ୍ୱରର ଲହରୀ ଶୁଣାଗଲା। ସେ ପଛକୁ ଫେରି ଚାହିଁ ଦେଖିଲେ ତାଙ୍କ ଦ୍ୱାରା ଫିଙ୍ଗା ହୋଇଥିବା ବୀଣାଟାକୁ ଭିଖାରୀଟେ ଉଠାଇନେଇ ବଜାଉଛି ଯେଉଁଥିରୁ ଏତେ ସୁନ୍ଦର ଅପୂର୍ବ ସ୍ୱର ସୃଷ୍ଟି ହେଉଛି। ସେ ପୂରାପୂରି ବିସ୍ମିତ ହୋଇ ଛିଡ଼ା ହୋଇ ରହିଗଲେ। ତାଙ୍କ ଆଖିରୁ ଲୁହ ବୋହିଗଲା ସେ ଭିଖାରିଙ୍କ ପାଖକୁ ଯାଇ କହିଲେ, 'କ୍ଷମା କରିବ ! ଆମେ ଆଦୌ ଜାଣି ପାରିନଥିଲୁ ଆମର ଏହି ବୀଣାରୁ ଏତେ ସୁନ୍ଦର ସ୍ୱର ଝଙ୍କାର ସୃଷ୍ଟି ହେଉଛି। ସଙ୍ଗୀତର ଅପୂର୍ବ ଲହର ଖେଳାଇ ହୋଇ ଯାଉଛି। ବୀଣା ଯୋଗୁଁ ଘରେ ଅଶାନ୍ତି ସୃଷ୍ଟି ହେଉଥିଲା ବୋଲି ଆମେ ତାକୁ ବାହାରେ ଫିଙ୍ଗି ଦେଇଥିଲୁ। କିନ୍ତୁ ତୁମେ ଆମର ଆଖି ଖୋଲି ଦେଲ।'

ଭିଖାରୀଟି କହିଲା, 'ବୀଣାରେ କିଛି ଲୁଚି ରହି ନଥିଲା। ମୋର ଆଙ୍ଗୁଠି ତାରକୁ ଛୁଇଁ ଲୟରେ ବଜାଇବା କ୍ଷଣି ହିଁ ଏପରି ସଙ୍ଗୀତ ସୃଷ୍ଟି ହେଉଛି। ବାସ୍ତବିକ ଜୀବନ ବୀଣାରେ ଲୁଚିକରି କିଛି ସ୍ୱର ନାହିଁ, ଯେଉଁ ଦୃଷ୍ଟି ନେଇ ତୁମେ ଜୀବନ ପାଖକୁ ଯିବ ଠିକ୍ ସେହିଭଳି ଜୀବନ ତୁମ ପାଖରେ ପ୍ରକଟ ହେବ। ଆମେ ଅଯୋଗ୍ୟ ବୋଲି ଜୀବନ ବୀଣାରେ ଆନନ୍ଦର ଲହର ସୃଷ୍ଟି କରିପାରୁନାହୁଁ। ଏବଂ ଜୀବନକୁ ହିଁ ଦୋଷ ଦେଉଛୁ ବୀଣାକୁ ଦୋଷୀ ବୋଲି ସାବ୍ୟସ୍ତ କରୁଛୁ। ଏହି ଦୋଷ ଦିଆ ଗୁଣ ଯୋଗୁଁ ଯେଉଁ ଆଙ୍ଗୁଠି ଦକ୍ଷ ଭାବରେ ବୀଣାକୁ ବଜାଇଥାନ୍ତା ତାହା ମଧ୍ୟ ଗଲା, ଆଉ କିଏ କେମିତି ଆଙ୍ଗୁଳି ଚାଳନା କରି ବୀଣା ବଜାଇବ ନ ବାଜିଲେ ବୀଣାର ସବୁ ଦୋଷ ହେବ। ଠିକ୍ ସେମିତି ମଣିଷ ଜୀବନକୁ ସେଭଳି ଯୋଗ୍ୟ କରିପାରୁନାହିଁ ଯେଉଁଥିରେ କି ଜୀବନରେ ସଙ୍ଗୀତର ଫୁଆରା ଖେଳିଯିବ। ଓଲଟା ଦୋଷଦେବ ଜୀବନକୁ ଏହା ବ୍ୟର୍ଥ, ଅସାର, ଅର୍ଥହୀନ, ନର୍କ ବୋଲି ନାମିତ କରିବ। ଶେଷରେ ଜୀବନକୁ ବିସର୍ଜନ କରିବାର ନିଷ୍ପତ୍ତି ନେବ। ଯେତେବେଳେ ଆମେ ବୀଣାକୁ ମଇଳା ଗଦାରେ ଫୋପାଡ଼ି ଦେଇଥିଲେ ତାହା ତ ବିସର୍ଜିତ ହୋଇଯାଇଥିଲା। ଯଦି ଏଥିରୁ କୌଣସି କାରଣରୁ ସଙ୍ଗୀତ ସୃଷ୍ଟି ହୁଏ ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ।

ହଜାର ହଜାର ବର୍ଷଧରି ଜୀବନ ବି ସେମିତି ଅତ୍ୟନ୍ତ ଅବହେଳିତ ଉପେକ୍ଷିତ ହୋଇ ବଞ୍ଚି ରହିଛି । କାରଣ ଜୀବନ ଦୁଃଖପୂର୍ଣ୍ଣ ବୋଲି ଆମର ଶିକ୍ଷା ଶିଖାଇ ଦେଇଛି । ବଡ଼ ଧାର୍ମିକ ମହାତ୍ମାମାନେ ଜୀବନ ଏକ ପ୍ରବଞ୍ଚନା ବୋଲି ଆମକୁ ଶିଖେଇ ଧରେଇ ଦେଇଛନ୍ତି । ଶିକ୍ଷା ଭୁଲ୍ ରାସ୍ତାରେ ଯିବାର କାରଣ ହେଉଛି ସମାଜର ବିଭିନ୍ନ ଧାର୍ମିକ ସମ୍ପ୍ରଦାୟ ଶିକ୍ଷାକୁ ଧର୍ମର ଏକ ମାଧ୍ୟମ ଭାବରେ ଗ୍ରହଣ କରି ନେଇଛନ୍ତି । ଧର୍ମକୁ ଏକ ଭୁଲ୍ ରାସ୍ତାରେ ଏହି ବଡ଼ପଣ୍ଡାମାନେ ନିଜର ସ୍ୱାର୍ଥ ପାଇଁ ନେଇଯାଇ ସାଂଘାତିକ ସଙ୍କଟ ସୃଷ୍ଟି କରିଛନ୍ତି । ଏକରେ ଦୁଃଖବାଦୀ ଶିକ୍ଷକମାନଙ୍କର ଧର୍ମ ସହିତ ସଂଯୋଗ ହେବା ଫଳରେ ଜଗତ ଘୋର ଦୁର୍ଦ୍ଦଶାମୟ ହୋଇଯାଇଛି । ଯେଉଁମାନେ ଦୁଃଖୀ, ପୀଡ଼ିତ, ଚିନ୍ତିତ, ବିକ୍ଷିପ୍ତ ତଥା ଜୀବନରେ ସଙ୍ଗୀତ ସୃଷ୍ଟି କରିବାର କୌଣସି କ୍ଷମତା ରଖୁନାହାନ୍ତି ସେମାନେ ସମସ୍ତେ କ୍ରୋଧରେ ପ୍ରତିଶୋଧ ପରାୟଣ ହୋଇ ଜୀବନକୁ ଗାଳିଦେବାରେ ଲାଗିଛନ୍ତି । ଅସ୍ୱୀକାର କରିବାରେ ଲାଗିପଡ଼ିଛନ୍ତି । ଆମର ଦୋଷଦେବା ସବୁଠାରୁ ସହଜାତ ସ୍ୱଭାବ କାରଣ ଅନ୍ୟକୁ ଦୋଷୀ କରିଦେଇ ଆମେ ନିଜକୁ ବଞ୍ଚାଇ ଦେଉଛୁ ।

ଦୁଇଜଣ ଝଗଡ଼ା କରୁଛନ୍ତି ସବୁବେଳେ ସେମାନେ ଅନ୍ୟ ଜଣକୁ ହିଁ ଏହାର କାରଣ ଭାବରେ ଦୋଷୀ ବୋଲି ସାବ୍ୟସ୍ତ କରୁଥିବେ । ଠିକ୍ ସେମିତି ଜୀବନ ସହିତ ଆମର ନିରନ୍ତର ସଂଘର୍ଷ ଚାଲିଆସିଛି ଏବଂ ଆମେ ସର୍ବଦା ଜୀବନକୁ ହିଁ ଦୋଷୀ ସାବ୍ୟସ୍ତ କରି ନିଜକୁ ବଞ୍ଚାଇବାରେ ଲାଗିଛୁ । ଅବଶ୍ୟ ଏମିତି କରିବାଦ୍ୱାରା ଜୀବନରେ କିଛି ବିଗିଡ଼ିଯାଉନାହିଁ ବରଂ ଆମର ସର୍ବସ୍ୱ ନଷ୍ଟ ହୋଇଯାଉଛି । ବାସ୍ତବିକ ଜୀବନ ଆଦୌ ଦୁଃଖମୟ ନୁହେଁ, ଆମର ଦେଖିବାର ଦୃଷ୍ଟିକୋଣରେ ହିଁ ଭୁଲ୍ ରହିଛି । ଗୋଟିଏ ଭୁଲ୍ ଜାଗାରେ ଠିଆ ହୋଇ ଆମେ ଜୀବନକୁ ଦେଖୁଛୁ । ଆମର ନିଜକୁ ଦେଖିବାର ଶୈଳୀରେ ଭ୍ରାନ୍ତି ରହିଛି ବୋଲି ଜୀବନ ଦୁଃଖମୟ ମନେ ହେଉଛି ।

ଦିନେ ଏକ ସନ୍ଧ୍ୟାରେ ରାଜମହଲରେ ଗ୍ରାମର କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଭୋଜନପାଇଁ ନିମନ୍ତ୍ରିତ କରାଯାଇଥିଲା । ଗ୍ରାମର ଜଣେ ବୁଢ଼ାଧନୀ ଲୋକକୁ ମଧ୍ୟ ନିମନ୍ତ୍ରିତ କରା ଯାଇଥାଏ । ସେ ଖୁବ୍ ସୁନ୍ଦର ବେଶଭୂଷା ହୋଇ ଗାଡ଼ିରେ ଆସି ବସିଲାବେଳକୁ ହଠାତ୍ ତା'ର ମନେପଡ଼ିଲା, ନାସତବାରେ ନାସ ଆଣିବାକୁ ଭୁଲିଯାଇଛି । ତା'ପରେ ସେ ଅଣ୍ଟାରୁ ସୁନାର ନାସଡବା କାଢ଼ି ନିଜପୁଅକୁ ଦେଇ କହିଲା, 'ପୁଅରେ ! ତୁ ଶୀଘ୍ର ଯାଇ ଭଲ ନାସ କିଣି ଡବାରେ ପୂରାଇ ନେଇ ଜଲ୍ଦି ଆସ ।' ପୁଅକୁ ନାସ କିଣିବା ପାଇଁ ୫ଟଙ୍କା ଦେଲା । ପୁଅ ବଜାରକୁ

ଦୌଡ଼ିଲା, ବଜାର ପାଖରେ ଗଲାବେଳକୁ ସେ ଖେଳଣା ଦୋକାନର ସୁନ୍ଦର ସୁନ୍ଦର ମନଲୋଭା ଖେଳଣା ଗୁଡ଼ିକୁ ଦେଖି ଲୋଭାନ୍ୱିତ ହୋଇପଡ଼ିଲା । ଖେଳଣା ଦୋକାନରେ ଥିବା ଏକ ସୁନ୍ଦର ନୂଆ ଖେଳଣା ଗାଡ଼ିଟିଏ ଭାରି ମନଲୋଭା ଦେଖାଯାଉଥାଏ । ଯାହାର ଦାମ୍ ୫ ଟଙ୍କା । ପୁଅକୁ ଭାରି ଇଚ୍ଛା ହେଲା ସେ ମଟର ଖେଳଣାଟା କିଣିବା ପାଇଁ । ତା' ପାଖରେ ନାସ କିଣିବା ପାଇଁ ବାପା ଦେଇଥିବା ୫ ଟଙ୍କା ଥାଏ । ତେଣୁ ସେ ଆଉ ସମ୍ଭାଳି ନପାରି ୫ ଟଙ୍କା ଦେଇ ଖେଳଣାଟି କିଣିପକାଇଲା । ହେଲେ ଏବେ କ'ଣ କରିବ ଘରକୁ ଗଲେ ତ ଭାରି ମୁସ୍କିଲ୍ ବ୍ୟାପାର ହେବ । ବାପା ପଚାରିବେ ନାସ କାହିଁ, ସେ ରାଜମହଲ ଯିବାକୁ ପ୍ରସ୍ତୁତ ହୋଇ ଠିଆ ହୋଇଛନ୍ତି । କ'ଣ କରିବି ? କି ବୁଦ୍ଧି କରିବି ? ଏମିତି ଭାବି ଭାବି ଆସୁ ଆସୁ ଦେଖିଲା ରାସ୍ତା କଡ଼ରେ ଘୋଡ଼ାଗୁହ ଜମାହୋଇ ରହିଛି । କାରଣ ଯୋଡ଼ାଗୁହ ନାସ ଭଳି ପ୍ରାୟତଃ ଦେଖାଯାଏ । ତେଣୁ ଫରକ ବିଶେଷ ଜଣା ପଡୁନଥାଏ । ତା'ପରେ ନାସଡବା ଆଣି ପୁଅ ବାପାଙ୍କୁ ଦେଇଦେଲା । ବାପା ଡ଼ବା ଭର୍ତ୍ତି ଦେଖି ବଡ଼ ଆନନ୍ଦରେ ରାଜମହଲକୁ ଗଲେ ।

ରାଜମହଲରେ ଖାଇବା ପର୍ବ ଆରମ୍ଭ ହେଲା ବେଳକୁ ଧନପତି ଜଣକ ରାଜାଙ୍କ ପାଖରେ ବସିଥାନ୍ତି । ଖାଇବା ସରିବା ପରେ ଧନପତି ନିଜର ସୁନାର ନାସଡ଼ବା କାଢ଼ି ରାଜାଙ୍କ ନିକଟକୁ ନେଇ ସେଥିରୁ ସୁରୁକାଏ ନେବାକୁ ଅନୁରୋଧ କଲେ । କିନ୍ତୁ ରାଜା କହିଲେ, 'ଥାଉ ଏବେ ନାହିଁ ! ଆଉ ଟିକେ ପରେ । ଧନପତି ନିଜେ ଟିପରେ ବଡ଼ ସୁରୁକାଏ ନାସ ଶୁଙ୍ଘିଲେ । କିନ୍ତୁ ନାସ ଶୁଙ୍ଘୁ ଶୁଙ୍ଘୁ ଚତୁର୍ଦ୍ଦିଗକୁ ସନ୍ଦେହାତ୍ମକ ଦୃଷ୍ଟିରେ ଚାହିଁଲେ ଓ ଆଉ ଥରେ ନାସକୁ ଶୁଙ୍ଘିବାକୁ ଲାଗିଲେ । କଥା କ'ଣ ? ତା'ପରେ ସେ ରାଜାଙ୍କୁ କହିଲେ, 'ମହାରାଜ ! ଆପଣଙ୍କୁ ଗୋଡ଼ାଗୁହର ଗନ୍ଧ ହେଲାପରି ଲାଗୁନାହିଁ ?' କି ଆଶ୍ଚର୍ଯ୍ୟ କଥା ! କ'ଣ ଏ ବୁଢ଼ା ଏତେ ବାଜେ କଥା କହୁଛି, ଗୋଡ଼ାଗୁହ ଗନ୍ଧ ! ରାଜା କହିଲେ, 'ହେ ନା ! ନା ! ରାଜ ମହଲରେ ଗୋଡ଼ାଗୁହ ଗନ୍ଧ କେଉଁଠୁ ଆସିବ ।' ତା'ପରେ ନିରୂପାୟ ହୋଇ ଧନୀକ ବ୍ୟକ୍ତିଟି ନାସଡବା ବନ୍ଦ କରିଦେଲେ, ହେଲେ ତାଙ୍କର ମନ ଜମା ବୁଝୁନଥାଏ ସେ ନାସଡବାକୁ ବାରମ୍ବାର ଶୁଙ୍ଘିବାରେ ଲାଗିଲେ ଏବଂ ଘୋଡାଗୁହର ଗନ୍ଧ ତାଙ୍କ ନାକରେ ବାଜୁଥାଏ ।

ପୁଣି ଦ୍ୱିତୀୟ ଥର ଭୋଜନ ଚାଲିଲା । ଧନପତି ଏଥର ମଧ୍ୟ ନାସଡବା ନେଇ ରାଜାଙ୍କୁ ଦେଲେ । ରାଜା ଦ୍ୱିତୀୟ ଥର ମନା କରିଦେବାଟା ଉଚିତ ମନେ କଲେ ନାହିଁ । ନାସଡବାରୁ ଟିପରେ ବଡ଼ ସୁରୁକାଏ ନେଇ ନାକରେ ଶୁଙ୍ଘିଲେ ।

ନାସ ନାକପାଖକୁ ନେଉ ନେଉ ରାଜା ମଧ୍ୟ ସନ୍ଦେହ ଦୃଷ୍ଟିରେ ଚାରି ଆଡକୁ ଦେଖିଲେ ଏବଂ ଧନପତିଙ୍କୁ କହିଲେ, 'ଆପଣଙ୍କ ନାସର ଗନ୍ଧତ ବଡ଼ ଅଦ୍ଭୁତ ମନେହେଉଛି । ମତେ ବି ଘୋଡ଼ାଗୁହ ଗନ୍ଧ ଜଣାପଡୁଛି ।' ସେହି ରାଜମହଲରେ ଆହୁରି ଅନେକ ଅତିଥି ଥିଲେ । ସମସ୍ତେ ଯଦି ନାସକୁ ଶୁଙ୍ଘିଆନ୍ତେ ତେବେ ସମସ୍ତଙ୍କୁ ଘୋଡ଼ାଗୁହ ଗନ୍ଧ ହିଁ ଜଣା ପଡ଼ିଆନ୍ତା । ପ୍ରକୃତରେ ରାଜମହଲର ତ କୌଣସି ଦୋଷ ନଥିଲା । ଡବାରେ ନାସ ପରିବର୍ତ୍ତେ ଘୋଡାଗୁହ ହିଁ ଥିଲା । ସେଇଟା ହିଁ ଗନ୍ଧ ହେଉଥିଲା । ସେମିତି ଜୀବନ ସାରା ଦୁଃଖରେ ଘାଣ୍ଟି ହୋଇ ଆମେ ଏତେ ଦୁଃଖିତ ହୋଇ ଯାଇଛୁ ଯେ ଦୁଃଖ ହିଁ ଆମକୁ ଦେଖାଯାଉଛି । ଆମେ ଏପରି ଦୁଃଖମୟ ଶିକ୍ଷା ରୂପକ ନାସ ନାକରେ ଆଘ୍ରାଣ କରୁଛୁ ଯେଉଁଥିରେ ଚତୁର୍ଦ୍ଦିଗରେ ସେହି ଦୁର୍ଗନ୍ଧ ହିଁ ଆସୁଛି । ଯଦି ବା ଆମଭିତରୁ କାହାକୁ ଦୁଃଖ ଲାଗୁନାହିଁ ତେବେ ଆମେ ତାକୁ କହୁଛୁ, 'ପୁଅ ! ତୁ ଏବେ ବୁଝିପାରୁନାହୁଁ । କିଛି ଦିନ ପରେ ଜାଣିବୁ ଦୁଃଖ କ'ଣ । ଏବେ ସିନା ଯୁବକ ଅଛୁ, ଯୌବନର ଶକ୍ତିରେ ଶକ୍ତିଶାଳୀ ମନେକରୁଛୁ । ବୁଢ଼ା ହୁଅ ! ତା'ପରେ ଦେଖିବୁ ଜାଣିବୁ ଜୀବନ କେମିତି ବ୍ୟର୍ଥ, ଅସାର, ଅର୍ଥହୀନ ହୋଇଯାଏ ।' ହଁ ସତକଥା ! ସେ ବୁଢ଼ା ହେଉ ହେଉ ସେହି ନାସ ଶୁଙ୍ଘିବ, ସେହି ଶାସ୍ତ୍ର ପଢ଼ିବ, ସେହି ଗୁରୁମାନଙ୍କର ଶରଣକୁ ଯିବ । ସେହି ମନ୍ଦିର ମସ୍‌ଜିଦ୍‌କୁ ଯିବ ଯେଉଁଠି ଦୁଃଖ ରୂପକ ନାସ ବିକ୍ରି ହେଉଛି । ବୁଢ଼ା ହୋଇଗଲେ ସରିଗଲା କଥା । ଏସବୁଥିରୁ ଛୋଟ ପିଲାମାନେ ରକ୍ଷା ପାଇଯାନ୍ତି, କିଛି ଯୁବକ ମଧ୍ୟ ରକ୍ଷା ପାଆନ୍ତି ହେଲେ ବୁଢ଼ା ହେଲାବେଳକୁ ରକ୍ଷାପାଇବା ଏକଦମ୍ ମୁସ୍କିଲ୍ କଥା ହୋଇଯାଏ ।

ଅବଶ୍ୟ ଭୋଜନର ପ୍ରଥମ ପର୍ଯ୍ୟାୟ ବେଳକୁ ନାସ ଦେଲେ ଶୁଙ୍ଘିବନି । ଦ୍ୱିତୀୟ ଥର ମଧ୍ୟ ଶୁଙ୍ଘିବନି । କିନ୍ତୁ କେହି ଜଣେ ଯଦି ବାରମ୍ବାର ନାସ ଦେବିକି ବୋଲି ପଚାରିଚାଲେ ତେବେତ ବାଧ୍ୟ ହୋଇ ତୁମେ ନାସ ଶୁଙ୍ଘିବ ଏବଂ ସଙ୍ଗେ ସଙ୍ଗେ ଜୀବନ କେତେ ଯେ ଦୁଃଖପୂର୍ଣ୍ଣ ଜଣାପଡ଼ିଯିବ । ତା'ପରେ ତୁମେ କହିଚାଲିବ ଛି ! ଏ ଜୀବନ କେତେ ଦୁଃଖମୟ ! କାହିଁକି ମୁଁ ଜନ୍ମ ହେଲି, ମରିଯାନ୍ତି କି ? ଦୁଃଖୀ ମଣିଷ ଛାତିରେ ଶିକ୍ଷା ବୋଝ ଭଳି ଏତେ ଭାରି ଜଣାପଡୁଛି ଯେ ସେଥିରୁ ନିଜକୁ ମୁକୁଳାଇ ପାରୁନି । ଏମିତି ବି ହୋଇପାରେ ଜୀବନକୁ ଦୁଃଖ ବୋଲି ପ୍ରମାଣିତ କରି ଦିଆ ସରିଛି ସତ । କିନ୍ତୁ ଆଉ ଯାହା ସିଦ୍ଧ କଲେ ଚଳିବ । ତୁମେ ଯେଉଁବେଳେ ଆନନ୍ଦରେ ମଗ୍ନଥାଅ କିଏ କ'ଣ ଜୀବନକୁ କହୁଛି କି କ'ଣ ପ୍ରମାଣିତ କରୁଛି ଏସବୁରେ ତୁମର ଯାଏ ଆସେ ନଥାଏ । ତୁମେ ସୁସ୍ଥଥିଲେ ତୁମକୁ ଜଣାପଡ଼େ ନାହିଁ ତୁମେ ସୁସ୍ଥ ବୋଲି । ଆନନ୍ଦିତ ଥିଲେ ଆନନ୍ଦିତ ବୋଲି

ଜଣାପଡ଼େ ନାହିଁ । ପ୍ରେମରେ ପୂର୍ଣ୍ଣ ଥିଲାବେଳେ ପ୍ରେମମୟ ବୋଲି ଜଣାପଡ଼େନି । କିନ୍ତୁ ରୋଗହେଲେ ସାଙ୍ଗେ ସାଙ୍ଗେ ରୋଗୀଣା ବୋଲି ତୁମେ ଜାଣିଯାଅ । ଅଥଚ ତୁମେ ସୁସ୍ଥ ଥିଲାବେଳେ ଆଦୌ ପ୍ରତିକ୍ରିୟା ପ୍ରକାଶ କରୁ ନଥିଲ । ସେଥିପାଇଁ ଯେଉଁଲୋକ ଆନନ୍ଦମୟ ରହେ ସେ ନିଜେ ଆନନ୍ଦରେ ଅଛି ବୋଲି ଜାଣିନଥାଏ । କିମ୍ବା ସେ କେବେ ଜୀବନକୁ ଆନନ୍ଦମୟ ବୋଲି ପ୍ରତିପାଦିତ କରିବାକୁ ଚେଷ୍ଟାଇ କରି ନଥାଏ । ଜୀବନ ତ ଆନନ୍ଦମୁଖର ତେଣୁ ତାକୁ ପ୍ରମାଣିତ କରିବାର ଆବଶ୍ୟକତା ଆଦୌ ନାହିଁ ।

କିନ୍ତୁ ଯେଉଁମାନେ ଦୁଃଖୀ, ଦୁଃଖରେ ପୀଡ଼ିତ ସେମାନଙ୍କ ନିକଟରେ ବର୍ତ୍ତମାନ ବିକଳ୍ପ ଆଉ କିଛି ନାହିଁ । ସେମାନଙ୍କୁ ବର୍ତ୍ତମାନ ନିଜେ ଭ୍ରାନ୍ତ ବୋଲି ମାନିନେବାକୁ ପଡ଼ିବ ବା ଜୀବନ ଦୁଃଖପୂର୍ଣ୍ଣ ବୋଲି ପ୍ରମାଣିତ କରିବାକୁ ପଡ଼ିବ । ଆତ୍ମ ସନ୍ତୋଷ ଅନ୍ତତଃ ମିଳିବ ଯେ ଜୀବନ ଦୁଃଖପୂର୍ଣ୍ଣ ବୋଲି ସଚରାଚରରେ ପ୍ରମାଣିତ ହୋଇସାରିଛି । ତେଣୁ ଦୁଃଖୀ ଲୋକମାନଙ୍କର ମେଳା ଲାଗିଛି ଜୀବନକୁ ଦୁଃଖପୂର୍ଣ୍ଣ ବୋଲି ପ୍ରମାଣିତ କରିବା ପାଇଁ । କୌଣସି ସମୟରେ ଆନନ୍ଦମୁଖର ବ୍ୟକ୍ତି ଜୀବନକୁ ଆନନ୍ଦମୟ ବୋଲି ପ୍ରମାଣିତ କରେନାହିଁ । ସେଥିପାଇଁ ଆନନ୍ଦର ଶିକ୍ଷା ଏତେଦୂର ବିକଶିତ ହୋଇପାରିନାହିଁ । କେବଳ ଦୁଃଖର ଶିକ୍ଷା ହିଁ ବିକଶିତ ହୋଇପାରିଛି । ଦୁଃଖର ଶିକ୍ଷା ଏଥିପାଇଁ ଏତେ ବ୍ୟାପକ ହୋଇଛି କାରଣ ଦୁଃଖପାଇଁ ଯୁକ୍ତି ଉପସ୍ଥାପନ ନିହାତି ଜରୁରୀ । ଦୁଃଖକୁ ବିନା କାରଣ କି ଯୁକ୍ତି ଉପସ୍ଥାପିତ ନକଲେ କେହି ସ୍ୱୀକାର କରିବାକୁ ରାଜି ହୁଅନ୍ତି ନାହିଁ । ଅଥଚ ଆନନ୍ଦ ବିନା ଯୁକ୍ତି, ବିନା କାରଣରେ ସମସ୍ତେ ସ୍ୱୀକାର କରନ୍ତି । ତୁମେ ଆନନ୍ଦିତ ହେଲାବେଳେ କେହି ତୁମେ କାହିଁକି ଆନନ୍ଦିତ ହେଉଛ ବୋଲି ପଚାରେନି । ଆନନ୍ଦର ଏହି ସହଜ ସରଳ ସ୍ୱୀକୃତି କୌଣସି ବିକଳ୍ପ ମାଗେନାହିଁ । ତୁମେ ସୁସ୍ଥ ଥିଲାବେଳେ କାହାକୁ ଯାଇ ସୁସ୍ଥ ବୋଲି ପଚାରନାହିଁ । ତୁମେ ସୁସ୍ଥତା ଓ ସ୍ୱାସ୍ଥ୍ୟକୁ ଅଚିରେ ସ୍ୱୀକାର କରିଥାଅ । ଜୀବନ କାହିଁକି ସୁସ୍ଥ, କାହିଁକି ଆନନ୍ଦମୟ ଏଥିପାଇଁ କୌଣସି ଯୁକ୍ତି, ପ୍ରମାଣ, ଶାସ୍ତ୍ର, ଶିକ୍ଷା, ଗୁରୁର ଆବଶ୍ୟକତା ଆଦୌ ନାହିଁ ।

କିନ୍ତୁ ତୁମେ ରୋଗରେ ପଡ଼ିଲେ ପଚାରିବା ଆରମ୍ଭ କର କାହିଁକି ମତେ ଜ୍ୱର ହେଲା କ'ଣ ଚିକିତ୍ସା ଦରକାର କାରଣ କ'ଣ । ଠିକ୍ ସେମିତି ଦୁଃଖିତ ହେଲେ ପଚାର କାହିଁକି ଦୁଃଖୀ ହେଲି । ବୋଧେ ଏହାର ଦୁଇଟି କାରଣ ହୋଇପାରେ ହୁଏତ ମୁଁ ଭୁଲ୍ କରୁଛି ଅବା ଜୀବନ ଦୁଃଖପୂର୍ଣ୍ଣ । କିନ୍ତୁ ମୁଁ ଭୁଲ୍ କରୁଛି ଏହି ଅହଂକାରକୁ ମଣିଷ ସ୍ୱୀକାର କରେନାହିଁ । ତା'ହେଲେ କେବଳ ଗୋଟିଏ ରାସ୍ତାଅଛି

ଜୀବନକୁ ଦୋଷଦେଇ କହି ଦେବା ଜୀବନ ଦୁଃଖପୂର୍ଣ୍ଣ । ଏଥିରେ ତୋର ମୋରର ପ୍ରଶ୍ନଉଠୁ ନାହିଁ । ଜୀବନ ହିଁ ଦୁଃଖପୂର୍ଣ୍ଣ । କାରଣ ଜୀବନକୁ ଦୁଃଖପୂର୍ଣ୍ଣ ବୋଲି ସାବ୍ୟସ୍ତ କରିବା ପାଇଁ ଅହରହ ଚେଷ୍ଟା ଚାଲିଛି । କେତେ ଶାସ୍ତ୍ରଗତ ପ୍ରମାଣ, କୌଶଳ ଖୋଜା ହୋଇ ପ୍ରମାଣିତ କରି ଦିଆଯାଇଛି । ଏହା ଆଶ୍ଚର୍ଯ୍ୟ ହେଲେ ମଧ୍ୟ ସତ୍ୟ ଅଟେ । ଜୀବନ ଯେମିତି ହେବାକଥା ସେମିତି ବାସ୍ତବରେ ହୋଇନାହିଁ । ଆମେ ଜୀବନକୁ ଦୁଃଖପୂର୍ଣ୍ଣ ବୋଲି ପ୍ରମାଣିତ କରି କରି ଏପରି ସଙ୍କଟ ସୃଷ୍ଟି କରି ଦେଇଛୁ ଯେଉଁଠି ଆନନ୍ଦର କଥା କହିଲେ ଗ୍ରହଣ କରିବାକୁ କେହି ରାଜି ନୁହନ୍ତି । କ'ଣ କରାଯିବ ଆଉ କିଛି ଉପାୟ ନାହିଁ । ଦୁଃଖମୟ ଜୀବନ ଯେଉଁମାନେ ଜୀଉଁଛନ୍ତି ଜୀବନ ଦୁଃଖମୟ ବୋଲି ପ୍ରମାଣିତ କରିସାରିଛନ୍ତି । ଆନନ୍ଦକୁ ଅନୁଭବ କରିବାକୁ ତାଙ୍କର ଦୃଷ୍ଟିକୋଣ ନାହିଁ, ମନୋଭାବ ନାହିଁ । ନିଜର ଭ୍ରାନ୍ତିକୁ ସୁଧାରିବାକୁ ଭୁଲ୍‌କୁ ଠିକ୍ କରିବା ପାଇଁ ସେମାନେ ନିଜେ କେହି ପ୍ରସ୍ତୁତ ନାହାନ୍ତି ।

# ଦୃଷ୍ଟିକୋଣ

ଜଣେ ଏପରି ଭୀଷଣ ନିଷ୍ଠୁର କୟେଦୀ ଜେଲ୍‌ରେ ଥିଲା ସେ ତା' ଜୀବନରେ ୨୦ ଜଣରୁ ଉର୍ଦ୍ଧ୍ୱ ହତ୍ୟା, ଅପହରଣ, ଚୋରି ଆଦି ଘଟଣାରେ ସଂପୃକ୍ତ ଥିଲା । ଅପରାଧର ଗମ୍ଭୀରତା ପାଇଁ ତାକୁ ଫାଶୀଦଣ୍ଡ ଶୁଣାଯାଇଥିଲା । ଯେମିତି ପଶୁମାନଙ୍କୁ ହାତଗୋଡ଼ ବେଡ଼ିରେ ବାନ୍ଧାଯାଇ ରଖାଯାଏ ଠିକ୍ ସେହିପରି ତାକୁ ରଖାଯାଇଥିଲା । କୟେଦୀଟି ଏପରି ବଦ୍‌ମାସ କ୍ରୂର ପ୍ରକୃତିର ଥିଲା ଯେ ଜେଲ୍‌ର କର୍ମଚାରୀ ତଥା ଜେଲରଙ୍କୁ ପାଣି ପିଆଇ ଦେଉଥିଲା । ଛଅ ସପ୍ତାହ ପରେ ତା'କୁ ଫାଶୀ ଦେବାର ଥିଲା । ସମସ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥିଲେ କେମିତି ଛଅସପ୍ତାହ ଶୀଘ୍ର ଆସିଯାଉ । କାରଣ ସେ କୟେଦୀଟି ସବୁକଥାରେ ହଇରାଣ କରୁଥିଲା । ରୁଟି ଦେଲେ ଫିଙ୍ଗି ଦେଉଥିଲା । ପାଣି ଦେଲେ ଲାତ ମାରି ଗଡାଇ ଦେଉଥିଲା । ଶୋଇବାକୁ ଦେଲେ ଶେଯ ବାହାରେ ଫୋପାଡ଼ି ଦେଉଥିଲା । ଯେଉଁଦିନ ତାକୁ ଫାଶୀ ଦିଆଯିବ ସେଦିନ ସକାଳୁ ତାକୁ ଉଠାଗଲା । ସେ ଉଠିବାକୁ ପୂରା ମନା କରି ଦେଲା କହିଲା, 'ମତେ ଜଳଖିଆ ଆଗ ଦିଅ । ତା'ପରେ ଯାଇ ଉଠିବି ।' ଜଳଖିଆ ଆସିଲା । ସେ ଜଳଖିଆ ଲାତ ମାରି ଫିଙ୍ଗିଦେଲା । 'ଛି ! କି ବାଜେ ଖାଇବାଆଣିଛ । ଭଲଜଳଖିଆ ଆଣ । ମୁଁ ଭଲକରି ନ ଖାଇବା ପର୍ଯ୍ୟନ୍ତ ଫାଶୀରେ ଝୁଲିପାରିବିନାହିଁ ।'

ବହୁକଷ୍ଟରେ ତାକୁ ଜେଲ୍‌ରୁ ବାହାର କରାଯାଇ ଫାଶୀ ମଞ୍ଚକୁ ନିଆଗଲା । ସିଡ଼ିରେ ଚଢ଼ିଲାବେଳକୁ ସେ କହିଲା, 'ଏସିଡ଼ି ସବୁ ହଲୁଛି । ଯଦି କିଏ ସିଡ଼ିରେ ଚଢ଼ିବ ନା ତଳେ ପଡ଼ି ତା'ର ପ୍ରାଣଯିବ ।' ମୁଁ ସିଡ଼ିରେ ଚଢ଼ି ଯିବିନାହିଁ ।' ଦେଖ କି ଅଦ୍ଭୁତ କଥା । ଲୋକଟିକୁ ଫାଶୀ ଦିଆହେବାକୁ ନିଆଯାଉଛି ଅଥଚ ସେ ସିଡ଼ିରେ ପଡ଼ିଲେ ପ୍ରାଣ ଯିବ ବୋଲି କହୁଛି । ବହୁ କଷ୍ଟରେ ବୁଝାଇ ଶୁଝାଇ ସିଡ଼ିରେତାକୁ ଚଢ଼ାଗଲା । ଫାଶୀ ମଞ୍ଚକୁ ଗଲାପରେ ଫାଶୀ କାଠ ଟାଣିବା ପାଇଁ ଠିଆ ହୋଇଥିବା ଜହ୍ଲାଦକୁ ଦେଖି କୟେଦୀ କହିଲା, 'ହେଃ ! କାଠପଟାଟା ଏକଦମ୍ ଭଙ୍ଗା ଦଦରା ଦେଖାଯାଉଛି, ଜମା ନିରାପଦ ଜଣାପଡୁନାହିଁ । କେମିତି

କାଠପଟା ଲଗେଇଛରେ ।' ଯେଉଁଲୋକଟି ମୃତ୍ୟୁର ଏତେ ନିକଟରେ ଠିଆ ହୋଇଛି ଅଥଚ ଯେଉଁ ଲୋକଟି ମୃତ୍ୟୁର ଏତେ ନିକଟରେ ଠିଆହୋଇଛି ଅଥଚ ତାକୁ କାଠପଟାଟା ଭଙ୍ଗା ଦଦରା ନିରାପଦ ମନେ ହେଉନି । ତେଣୁ କାଠପଟାଟା ମଜବୁତ ହେବା ଦରକାର ବୋଲି ସେ କହୁଛି । ଏହି ଲୋକଟି ସେମାନଙ୍କ ମଧ୍ୟରୁ ଜଣେ ଯେଉଁମାନେ ଜୀବନସାରା ଏପରିକି ମୃତ୍ୟୁପର୍ଯ୍ୟନ୍ତ ସବୁଥିରେ ଦୋଷବାହାର କରି ଚାଲନ୍ତି । ଜୀବନସାରା ବାହାରେ ହିଁ ତାଙ୍କର କଟିଯାଏ । ଥରେ ବି ସେମାନେ ନିଜକୁ ପଚାରନ୍ତି ନାହିଁ ଆମେ କ'ଣ ଭୁଲ କରିଛୁ କି ? ଯାହା ମନରେ କେବେହେଲେ ଏହି ପ୍ରଶ୍ନ ଉଠେ ନାହିଁ ସତରେ କ'ଣ ମୁଁ ଭୁଲ୍ କରିଛି କି ? କେବେ ନିଜକୁ ପଚାରିବାକୁ ଇଛା ହୁଏ ନାହିଁ । ପ୍ରକୃତ ଧାର୍ମିକ ବ୍ୟକ୍ତି ସେହିମାନଙ୍କୁ କୁହାଯିବ ଯିଏ ଭାବେ ମୋର ନିଶ୍ଚୟ ଭୁଲ୍ ହୋଇଥିବ । ମୁଁ କେଉଁଠି ଭୁଲ୍ କାମ କରିଥିବି ।'

ଏତେବଡ଼ ସମାଜକୁ ଦୋଷଦେବା ପୂର୍ବରୁ ଅନ୍ତତଃ ନିଜକୁ ପଚାରି ବୁଝିବା ଦରକାର ମୋର ବୋଧହୁଏ କେଉଁଠି ଭୁଲ୍ ରହିଯାଇଛି । ଏହାକୁ ସୁଧାରିବା ଦରକାର । ସେଥିପାଇଁ ଏତେବଡ଼ ଜୀବନକୁ ନିନ୍ଦା କରିବା ପରିବର୍ତ୍ତେ ନିଜକୁ ଦୋଷୀ ବୋଲି ସାବ୍ୟସ୍ତ କରିବା ବେଶୀ ଯୁକ୍ତିଯୁକ୍ତ ହେବ । କିନ୍ତୁ ପ୍ରକୃତରେ ଏମିତି ଆଦୌ ହୁଏନାହିଁ । ଏହି ଅନନ୍ତ ଜୀବନକୁ ଦୋଷୀ ପ୍ରମାଣିତ କରି ନିଜକୁ ବଞ୍ଚାଇବାର ଚେଷ୍ଟାରେ ମଣିଷ ସାରାଜୀବନ ବ୍ୟସ୍ତରୁହେ । ଜୀବନ ଅନନ୍ତ ସମୟ ପର୍ଯ୍ୟନ୍ତ ଚାଲିଥିବ । ପରମାତ୍ମା ସ୍ୱୟଂ ଜୀବନର ଧାରକ ସେହିଁ ଜୀବନକୁ ଚଳାଇ ଆସୁଛନ୍ତି । ଅଥଚ ଆମେ ଜୀବନକୁ ବ୍ୟର୍ଥ, ଅସାର, ଅର୍ଥହୀନ ଏଥିରୁ ମୁକ୍ତିପାଇବା ପାଇଁ ତ୍ୟାଗକରିବା ଜରୁରୀ ବୋଲି କହି ଲୁଚି ପଳାଇବାକୁ ସତତ ତତ୍ପର ହେଉଛୁ । ଏପରିକି ଜୀବନ ଏତେ କଦର୍ଯ୍ୟ ଯେ ତୁମେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛ । ତଥାକଥିତ ସାଧୁ ମହାତ୍ମାମାନେ ସନ୍ନ୍ୟାସ ନାମରେ ଧୀରେ ଧୀରେ ଆତ୍ମହତ୍ୟା କରିବାକୁ ହିଁ ନିର୍ଦ୍ଦେଶିତ କରିଥାନ୍ତି । ଯେଉଁ ସନ୍ୟାସ ସମ୍ପର୍କରେ ଆମର ଧାରଣା ଅଛି ତାହାର ନାମ ହେଉଛି କ୍ରମିକ ଆତ୍ମହତ୍ୟା । ଅର୍ଥାତ୍ ପ୍ରଥମେ ପତ୍ନୀକୁ ଛାଡ଼ିଆସିଛ ଜାଣ ଅଧା ମରିଗଲ, ପିଲାଙ୍କୁ ଛାଡ଼ିଛ ଆଉ ଅଧା ମରିଗଲ । ଏମିତି ଅଧା ଅଧା କ୍ରମାନ୍ୱୟରେ ମରିଲାପରେ ହିଁ ସନ୍ୟାସକୁ ତୁମେ ଜାବୁଡ଼ିଧରିବ । ଏଭଳି ରୁଗ୍ଣ ମୃତ୍ୟୁବାଦୀ ଶିକ୍ଷା ଯୋଗୁଁ ହିଁ ଜୀବନ ପ୍ରତି ଏତେ ପରିମାଣରେ ବୀତସ୍ପୃହତା ଜାଗ୍ରତ ହୋଇଛି ସର୍ବଦା ମୃତ୍ୟୁ ବରଣୀୟ, ମୃତ୍ୟୁରେ ଶାନ୍ତି ନିହିତ ବୋଲି ଯେଉଁ ଶିକ୍ଷା ଆମକୁ ଶିଖାଇଛି ତାହାରି ପ୍ରଭାବରେ ପ୍ରଭାବିତ ଆମର ଜୀବନ ଏଭଳି ଅଯଥା ଦୁଃଖପୂର୍ଣ୍ଣ ଦୁର୍ଦ୍ଦଶାମୟ ହୋଇଯାଇଛି । କି ଅସମ୍ଭବ ପାଗଳାମି କହିଲ । ତୁମକୁ ଶିଖାଗଲା ଜୀବନକୁ ତ୍ୟାଗକର, କବର ଆଡକୁ ଧାଅଁ ।

ଜୀବନ ଅବାଞ୍ଛିତ, ମାୟାଯୁକ୍ତ, ମୋହରେ ଲଟରପଟର, ପାପରେ ଭରପୂର । କଦାପି ଜୀବନ ଦୁଃଖମୟ, ଦୁର୍ଦ୍ଦଶାମୟ ନୁହେଁ, ବରଂ ମଣିଷ ହିଁ ଭ୍ରମିତ ହୋଇ ଏହି ଦୃଷ୍ଟିକୋଣକୁ ଆପଣେଇ ନେଇଛି । ମଣିଷର ମନସ୍ତତ୍ତ୍ୱ ସମ୍ପୂର୍ଣ୍ଣ ଭ୍ରମାତ୍ମକ । ହୋଇପାରେ, ମୁଁ ଭୁଲ୍ କରିପାରେ କିନ୍ତୁ ଜୀବନକୁ ଭୁଲ୍ ବୋଲି ପ୍ରମାଣିତ କରିବା ପାଇଁ ମୋର କି ଅଧିକାର ଅଛି ? ଯେଉଁ ବ୍ୟକ୍ତିର ଭିତର ଯେମିତି ଠିକ୍ ସେମିତି ହିଁ ସେ ଜଗତକୁ ଦେଖିବ । ତା'ର ମନ ଯେମିତି ସେମିତି ହିଁ ସେ ଜୀବନକୁ ଗ୍ରହଣ କରିବ । ଏଥିରେ କିଏ କ'ଣ କରିବ କହତ ! ସିନେମା ହଲ୍‌ରେ ତୁମେ ସିନେମା ଦେଖୁଛ, ଆଗରେ ସଫେଦ-ଧଳା ପର୍ଦ୍ଦା ଟଙ୍ଗା ହୋଇଛି । ତୁମେ ଯାଇ ଏ ଫିଲ୍ମଟା ଖରାପ ବୋଲି କହି ଫିଲ୍ମଟାକୁ ଯଦି ଲିଭାଇବାକୁ ଚେଷ୍ଟାକର ତେବେ ଲୋକେ ତୁମକୁ ପାଗଳ ବୋଲି ହିଁ କହିବେ । କାରଣ ପର୍ଦ୍ଦାଉପରେ ଲିଭାଇବା ପାଇଁ କିଛି ନାହିଁ । ଏକଦମ୍ ଖାଲି ପର୍ଦ୍ଦାଟା ଟଙ୍ଗା ହୋଇଛି । ସିନେମା ହଲ୍‌ରେ ଥିବା ପ୍ରୋଜେକ୍ଟରରେ ଫିଲ୍ମ ରିଲ୍ ପକାଇ ଚଳାଇବା ଫଳରେ ପର୍ଦ୍ଦାରେ ଚିତ୍ର ସବୁ ଦେଖାଯାଉଛି । ସିନେମା ଦେଖୁଥିବା ଲୋକଙ୍କୁ ପର୍ଦ୍ଦାଟି ସିନା ଦିଶୁଛି, ପ୍ରୋଜେକ୍ଟର ଦିଶୁନାହିଁ । ପିଠିପଛରେ ଦୂରରେ ଅନ୍ଧାରରେ ପ୍ରୋଜେକ୍ଟର ଲଗାଯାଇଛି । ସେହି ପ୍ରୋଜେକ୍ଟରରେ ଲଗାଯାଇଥିବା ଫିଲ୍ମର ପ୍ରାଣକୁ ପର୍ଦ୍ଦାରେ ରୂପାୟିତ କଲାପରେ ଫିଲ୍ମଟି ଦିଶୁଛି । ଠିକ୍ ସେମିତି ଜୀବନ ଏକ ପ୍ରକ୍ଷେପଣ । ଏକ ପ୍ରୋଜେକ୍‌ସନ ।

ତମେ ଯେମିତି ଜୀଇଁବ ଠିକ୍ ସେହି ଅନୁଭୂତି ହିଁ ସେଥିରେ ପ୍ରକ୍ଷେପିତ ହେବ । ଅଙ୍କିତ ହେବ । ଜୀବନ ଖାଲି କାଗଜ ଖଣ୍ଡେ, ଖାଲି ପର୍ଦ୍ଦାଟେ । ଅଥଚ ଜୀବନକୁ ଲିଭାଇବାକୁ ତୁମେ ତତ୍ପର ହେଉଛି, ପୋଛି ଦେବାକୁ ହାତ ବଢ଼ାଉଛ । ଅଦ୍ଭୁତ ବ୍ୟାପାର । ପତ୍ନୀ କଷ୍ଟ ଦେଉଛି ତାକୁ ଛାଡ଼ିଦିଅ । ଦୌଡ଼ ! ଆଉ ଗୋଟେ ବାହା ହୋଇପଡ଼ିବ, କେବେହେଲେ ପତ୍ନୀ ଦୁଃଖଦେବ ନା ଅନ୍ୟକେହି ତୁମକୁ ଦୁଃଖ ଦେବ । ପରଦିନ ଆଉ କିଏ ଏମିତି ଦୁଃଖ ଦେବାର କ୍ରମାନ୍ୱୟତା ବଜାୟ ରହିଥିବ । ସେ ମଣିଷ ଠିକ୍ ଯେମିତି ପୂର୍ବ ଭଳି ଥିଲା ଠିକ୍ ସେମିତି ଥିବ । ଯେତେବେଳେ ସମସ୍ତେ ସଂଘବଦ୍ଧଭାବରେ ଦୁଃଖ ଦେବେ ସେତେବେଳେ ଲୋକଟି କହିବାକୁ ଲାଗିବ ସଂସାର ଜୀବନ ଅତ୍ୟନ୍ତ ଦୁଃଖମୟ । ଜୀବନରେ ଜନ୍ମିବା ହିଁ ବ୍ୟର୍ଥ । କେବେ ହେଲେ ସେ ନିଜେ ଏକଥା ବୁଝିବ ନାହିଁ ଦୁଃଖର ପ୍ରୋଜେକ୍ଟର ନିଜେ ମୁଣ୍ଡାଇ ଚାଲୁଛି ବୋଲି ଦୁଃଖ ଏ ଅଶାନ୍ତି ସୃଷ୍ଟି ହେଉଛି ।

ନିଜେହିଁ ଏସବୁ ସୃଷ୍ଟି କରିଛି । ଦୁଃଖର ଯାଦୁଦଣ୍ଡ ନେଇ ନିଜେ ବୁଲୁଛି ଯେଉଁଠି ଯେମିତି ଛୁଇଁ ଦେଉଛି ସେଠାରେ ଦୁଃଖ ସୃଷ୍ଟି ହେଉଛି । ଗୋଟିଏକଥା ଏଠାରେ ନିଶ୍ଚିତ ହେବା ଉଚିତ ତୁମେ ଯେମିତି ଠିକ୍ ତୁମ ପରି ହିଁ ଜୀବନ ।

ତୁମର ଦୃଷ୍ଟିକୋଣ ଦୁଃଖପୂର୍ଣ୍ଣ ହେଲେ ଜୀବନ ଖୁବ୍ ଦୁଃଖୀ ଦୁଃଖୀ ଲାଗେ । ଯଦି ତୁମର ଦୃଷ୍ଟିକୋଣ ଆନନ୍ଦପୂର୍ଣ୍ଣ ଥାନ୍ତା ତେବେ ଜୀବନ ଆନନ୍ଦମୟ, ମଧୁମୟ ନିଶ୍ଚିତ ମନେ ହୁଅନ୍ତା । ଏକଥା ଥରେ ପରୀକ୍ଷା କରିଦେଖ । ତେଣୁ ଜୀବନକୁ ଦୋଷ ଦେବା ଅନ୍ତତଃ ଆଜିଠାରୁ ବନ୍ଦ କରିଦିଅ । ଜୀବନ ପ୍ରତି କୃତଜ୍ଞତା ପ୍ରକାଶ କର । ନିଜର ଅସ୍ତିତ୍ୱ ପାଇଁ ଆନନ୍ଦ ଅନୁଭବ କର । ତାହାହିଁ ପ୍ରକୃତ ଧାର୍ମିକ ବ୍ୟକ୍ତିର ମାନସିକତା । ସେ ତେଣୁ କହେ ଏ ଯେଉଁ ଶ୍ୱାସପ୍ରଶ୍ୱାସ ମୁଁ ନେଉଛି ପ୍ରଭୁ ! ଏ ତୁମର ଅପାର କରୁଣାରୁ ହିଁ ସମ୍ଭବ ହୋଇଛି । ଏ ଯେଉଁ ଆଖି ତୁମେ ଦେଇଛ ସେଥିରେ ମୁଁ ଜଗତ, ଆଲୋକ, ସୌନ୍ଦର୍ଯ୍ୟ ଦେଖିପାରୁଛି । କାନରେ ସଙ୍ଗୀତର ମଧୁର ସ୍ୱର ଶୁଣିପାରୁଛି । ହୃଦୟ ଦେଇଛ ବୋଲି ସ୍ପର୍ଶ ସୁଖର ଅଭାବିତ ଆନନ୍ଦ ଅନୁଭବ କରିପାରୁଛି । ମୁଖ ଦେଇଛ ବୋଲି ଉଚ୍ଚାରଣ କରିପାରୁଛି । ସ୍ମୃତି ଦେଇଛ ବୋଲି ସ୍ମରଣ କରୁଛି । ହେ ପ୍ରଭୁ ! କୃପାମୟ ! ତୁମେ କେତେ ମହାନ୍ ! କୃପାର ଅଖଣ୍ଡ ଭଣ୍ଡାର ! ତମେ ମତେ କେତେ କୃପା କରିଛ, କେତେ ଅନୁଗ୍ରହ କରିଛ । ଏ ଅସୀମ ବ୍ରହ୍ମାଣ୍ଡର ଅଧିଶ୍ୱର ! ମୋର ନମ୍ର କୃତଜ୍ଞତା ତୁମ ପାଦତଳେ ସମର୍ପଣ କରୁଛି । ତମରତ ସବୁ । ମୋ ପାଖରେ କିଛି ନାହିଁ ପ୍ରଭୁ ! ଏହି କୃତଜ୍ଞତା ହିଁ ତୁମକୁ ମୁଁ ଅର୍ପଣ କରୁଛି । ଭଗବାନ ସର୍ବଦା ଲୁକ୍କାୟିତ ଭାବରେ ରହନ୍ତି । କୁହାଯାଏ ଯେତେବେଳେ ଭଗବାନ ପୃଥିବୀ ସର୍ଜନା କଲେ ମଣିଷ ସୃଷ୍ଟିକଲେ ସେତେବେଳେ ଦେବତାମାନଙ୍କ ସହିତ ମିଶି ବିଚାର ବିମର୍ଷ କଲେ, 'ମୁଁ କେମିତି ମଣିଷମାନଙ୍କ କବଳରୁ ରକ୍ଷାପାଇବି, କାରଣ ମଣିଷମାନେ ବଡ଼ ଭୟଙ୍କର ଜଣାପଡୁଛନ୍ତି । ମତେ ତ ଏମାନେ ଖୋଜି ଠାବ କରିଦେଉଛନ୍ତି ସେଇଟା ହିଁ ବଡ଼ ସମସ୍ୟା ସୃଷ୍ଟି କରୁଛି । ମୁଁ କେଉଁଜାଗାରେ ଏମିତି ଲୁଚିବି ଯେଉଁଠିକି ଏମାନେ ଯାଇପାରିବେ ନାହିଁ ସେ ଜାଗା ମତେ କହିଦିଅ ।''

ଦେବତାମାନଙ୍କ ଭିତରୁ ଜଣେ କହିଲେ, 'ଆପଣ ହିମାଳୟରେ ଲୁଚିଯାନ୍ତୁ ।' ଭଗବାନ କହିଲେ, 'ତମେ ବୋଧେଜାଣିନ ଆଜି ନ ହେଲେ କାଲି କୌଣସି ତେନ୍‌ଜି, ହିଲାରୀ ଜନ୍ମହେବେ ହିମାଳୟ ଉପରେ ଚଢ଼ିଯିବେ ଏବଂ ମତେ ଖୋଜି ବାହାର କରିଆଣିବେ । ବଡ଼ ଅସୁବିଧା ହେବ ।' ଦେବତାମାନେ କହିଲେ, 'ତା'ହେଲେ ଭୂ ମଧ୍ୟସାଗରରେ ଲୁଚିଯାନ୍ତୁ, ସମୁଦ୍ର ବଡ଼ ଗଭୀର, ତା'ତଳେ ବସିରହନ୍ତୁ, ସେଠିକି ସୂର୍ଯ୍ୟକିରଣ ବି ଭେଦ କରିପାରେନାହିଁ ।' ଭଗବାନ କହିଲେ, 'ତମେ ଜାଣିନ ମଣିଷମାନେ କେମିତି ଚାଲାକ୍ । ସୂର୍ଯ୍ୟଙ୍କ କିରଣ ସିନା ସେଠି ପଡୁନାହିଁ, ହେଲେ ସେମାନେ ତା' ଭିତରକୁ ବି ଚାଲିଯିବେ । ମଣିଷର ସ୍ୱଭାବ ହେଲା ଯେଉଁ ସ୍ଥାନର କୌଣସି ମହତ୍ତ୍ୱ ନଥିବ ସେଠିକି ସେ ଆଗ ଯିବ । ଯେଉଁଠିକି ଯିବାର ଆଦୌ ଆବଶ୍ୟକତା ନଥିବ ସେଠିକି ହଜାର ଥର ମଣିଷ ଯାଇ ପହଞ୍ଚିଥିବ । ନାଇଁ ! ନାଇଁ ! ଏମିତି କହିଲେ ହେବ ନାହିଁ, ତମେ ମତେ ଲୁଚାଅ

ନାହିଁ । ଏପରି ଏକଜାଗାର ନାମ କୁହ ଯେଉଁଠି ମୁଁ ଅଧିକ ସୁରକ୍ଷିତ ରହିପାରିବି ।'' ସେଇଠୁ ଜଣେ ବୁଢ଼ା ଦେବତା କହିଲେ, 'ତମେ ଗୋଟେ କାମ କର ଭଗବାନ ! ମଣିଷର ଦେହ ଭିତରେ ଲୁଚିଯାଅ । ମଣିଷର କେବେହେଲେ ବିଶ୍ୱାସ ହେବନାହିଁ ଯେ ଏତେ ବିଶ୍ୱାସଘାତକତା, ମିଥ୍ୟା, ଭ୍ରଷ୍ଟାଚାର ଭିତରେ ମଧ୍ୟ ତୁମେ ତା' ହୃଦୟ ଭିତରେ ରହୁଛ । ଏ କଥା ସେ କସ୍ମିନକାଳେ ବିଶ୍ୱାସ କରିବ ନାହିଁ । ସେ ସାରା ଦୁନିଆ ତୁମକୁ ଖୋଜିବାରେ ଲଗାଇ ଦେଇପାରେ । କିନ୍ତୁ କେବେହେଲେ ନିଜ ଭିତରକୁ ନିରେଖି ଦେଖିବ ନାହିଁ । କେବେହେଲେ ନିଜକୁ ପଚାରିବ ନାହିଁ ।' ଭଗବାନଙ୍କ ମନକୁ କଥାଟା ଭାରି ପାଇଗଲା । ଆଉ ସତସତିକା ଭଗବାନ ମଣିଷର ଦେହ ଭିତରେ ହିଁ ଲୁଚିକରି ରହିଗଲେ । ସେବେଠାରୁ ତ ଭଗବାନ ମଣିଷ ଭିତରେ ଲୁଚିବସିଛନ୍ତି ଯେ ମଣିଷ ଯେତେବାହାରେ ତାଙ୍କୁ ଖୋଜୁଛି ଆଦୌ ପାଉନାହିଁ କି ତାଙ୍କର ଟେର୍ ସୁଦ୍ଧା ଧରିପାରୁନାହିଁ ।

ଦୁଃଖୀ ମଣିଷ ନିଜ ଆନ୍ତ ଭିତରକୁ ଯିବାକୁ ଡରେ । ଭିତରକୁ ପଶିଗଲେ କାଳେ ଏକୁଟିଆ ହୋଇଯିବ । ଭିତରେ ବି ଯଦି ଦୁଃଖ ଇ ଦୁଃଖ ଥିବ ତା'ହେଲେ ସରିଗଲା କଥା । ନିଜର ଦୁଃଖପାଇଁ ଦୁଃଖୀ ମଣିଷ ଅନ୍ତଃକରଣକୁ ଦେଖିବାକୁ ଚେଷ୍ଟାକରେ ନାହିଁ । କେବେ ହେଲେ କିଛି କ୍ଷଣ ରହି ନିଜକୁ ଦେଖିବାକୁ ଚେଷ୍ଟା କରିବ ନାହିଁ । ସେ କହିବ, 'ସମ୍ବାଦପତ୍ରଟା ଜଲ୍‌ଦି ଆଣିଲ । ପଢ଼ିବା । ଏକୁଟିଆ ମୁଁ ବସିଛି, ପଢ଼ିଦିଏଁ ହେଲେ । ଖବରକାଗଜ ପଢ଼ିପଢ଼ି ବୋର୍ ହୋଇଗଲେ ଟି.ଭି. ଖୋଜିବ, ରେଡ଼ିଓ ବଜେଇବ । ଏଥିରୁ ବୋର୍ ହୋଇଗଲେ ହୋଟେଲ ଯିବ ନହେଲେ କ୍ଲବ୍ ଯିବ । ଆଉ କେଉଁଠି କିଛି ହେଲାନି ଯଦି ମନ୍ଦିରକୁ ଯିବ । ଧାର୍ମିକ ଗୁରୁମାନଙ୍କର ପ୍ରବଚନ ଶୁଣିବ । ଯେତେବେଳ ଯାଏଁ ଶୋଇନାହିଁ ସେପର୍ଯ୍ୟନ୍ତ ଏମିତି ଗୋଟିଏ ପାଖରୁ ଆଉ ଗୋଟିଏ ପାଖକୁ ଦୌଡ଼ିପଳାଉଥିବ । ଯଦି ଆହୁରି ବି ଦୁଃଖ ଲାଗିଲା ବସିକରି ମଦ ପିଇବ ଯେମିତି ସବୁକିଛି ଭୁଲିଯିବ, ମଦନିଶାରେ ବୁଡ଼ିଯିବ । ବାସ୍ ! ନିଦ ଲାଗିଗଲା । ନିଦରେ କିଛି ଘଣ୍ଟା ବେହୋସ୍ ହୋଇଗଲା । ତା'ପରେ ଦିନେ ଏକଦମ୍‌ବୋର୍ ହୋଇ ନିଷ୍ପତ୍ତି ନେଇଯାଏ, 'ଛି ! କି ବ୍ୟର୍ଥ ଜୀବନ ମୁଁ ଜୀଉଁଛି । ଏତେସବୁ ବ୍ୟର୍ଥତା, ହତାଶା, ଅର୍ଥହୀନତାଭିତରେ ଆଉ ବଞ୍ଚିହେବନାହିଁ । ଯାଏ ଆତ୍ମହତ୍ୟା କରିଦିଏଁ ।

ଏ କି ଦୌଡ଼ିବା ପ୍ରତିଯୋଗିତା ଚାଲିଛିରେ ବାବା ! ପତି ପତ୍ନୀଠାରୁ ଦୌଡ଼ି ପଳାଉଛି, ପୁଅ ବାପା ମା'ଠାରୁ, ପୁଅ ସ୍କୁଲ୍‌ରୁ ସିନେମାହଲ୍‌କୁ ପଳାଉଛି । ସମସ୍ତେ ଦୌଡ଼ି ପଳାଇବାରେ ଲାଗିଛନ୍ତି । ସାରା ଦୁନିଆ ଏହି କାମରେ ବ୍ୟସ୍ତ ଅଛି । ଯଦି ତୁମେ ପଚାର 'କାହିଁକି ଏମିତି ଦୌଡୁଛନ୍ତି, ଆଜ୍ଞା ! ଉତ୍ତର ମିଳିବ, ମୁଁ ମୋ ନିଜଠାରୁ ଲୁଚି ଦୌଡ଼ି ପଳାଉଛି । ସମସ୍ତଙ୍କର ଉତ୍ତର ଏକାପରି ହୋଇଥିବ । ମୁଁ

ମୋର ଏକାକୀପଣଠାରୁ ଦୌଡ଼ିପଳାଉଛି । ଏକୁଟିଆ ରହିବାକୁ ମତେ ଭାରି ଡ଼ର । ମୁଁ ଆଦୌ ଏକ୍‌ଲା ରହିପାରିବି ନାହିଁ । ସେଥିପାଇଁ ଦୌଡୁଛି । ତୁମେ ଜଣେ ବ୍ୟକ୍ତିଙ୍କୁ କହ ତୁମକୁ ଛଅ ମାସ ଏକୁଟିଆ ରହିବାକୁ ପଡ଼ିବ । ସେ କହିବ, 'ତା'ହେଲେ ତ ମୁଁ ଏକ୍‌ବାର ପାଗଳ ହୋଇଯିବି । ଏକୁଟିଆ ମୁଁ ରହିପାରିବି ନାହିଁ । ମତେ ସାଥୀ ଦରକାର, ସାଙ୍ଗ ଦରକାର । କ'ଣ ପାଇଁ ତୁମକୁ ସାଙ୍ଗ ଦରକାର, ସାଥୀ ଆବଶ୍ୟକ ? ଆନନ୍ଦିତ ମଣିଷ ଏକୁଟିଆ ରହିପାରେ କିନ୍ତୁ ଦୁଃଖୀ ମଣିଷ ଏକୁଟିଆ ରହିବାକୁ ଇଚ୍ଛା କରେନାହିଁ ।

ଆନନ୍ଦିତ ବ୍ୟକ୍ତି ଏକୁଟିଆ ରହିବାକୁ କାମନାକରେ, ଭିଡ଼ରୁ ବଞ୍ଚିବାକୁ ଚାହେଁ । କାରଣ ଆନନ୍ଦିତ ମଣିଷଟି ଭିଡ଼ରେ ଏକ୍‌ଲା ଥାଏ । ସେ ନିଜ ଅନ୍ତରର ରସରେ ମଧୁର ସଙ୍ଗୀତର ମୂର୍ଚ୍ଛନାରେ ଗୁଣୁଗୁଣାଉଥାଏ । ଝୁମି ଝୁମି ବିଭୋର ହେଉଥାଏ । ଯେମିତି ତା' ଅନ୍ତର ଭିତରେ ଆନନ୍ଦର ଝରଣାଟିଏ ବୋହୁଛି ଆଉ ସେଥିରେ ସେ ବୁଡ଼ି ଗାଧୋଉଛି । ମଗ୍ନ ହୋଇଯାଉଛି । ତା'କୁ ଏକୁଟିଆପଣ କେବେ କଷ୍ଟ ଦିଏନାହିଁ । ଗୋଟିଏ କାହାଣୀ ଏଠାରେ ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରାଯାଉଛି । ଜଣେ ବ୍ୟକ୍ତି ମୃତ୍ୟୁଶଯ୍ୟାରେ ପଡ଼ିଥାଏ । ତା'ର ପତ୍ନୀ ତା'ପାଖରେ ବସିଥାଏ । ମୁମୂର୍ଷୁ ବ୍ୟକ୍ତିଟି ଆଖି ଖୋଲି ଚାହିଁଲା । ତାକୁ ଚିକିତ୍ସା କରୁଥିବା ଡାକ୍ତର କହିଲେ, 'ଆଜି ସନ୍ଧ୍ୟା ସୁଦ୍ଧା ଇଏ ମରିଯିବେ ।' ମରୁଥିବା ବ୍ୟକ୍ତିଟି ଆକୁଳ ହୋଇ ପଚାରିଲା, 'ମୋର ବଡ଼ ପୁଅ କୁଆଡେ ଗଲା ।' ପତ୍ନୀ କହିଲା, 'ତୁମେ ନିଶ୍ଚିନ୍ତରୁହ, ସେ କୁଆଡ଼େ ଯାଇନାହିଁ । ତୁମ ଗୋଡ଼ତଳେ ବସିଛି ।' ପତ୍ନୀର ଆଖିରେ ଲୁହ ଜକେଇଆସିଲା । ଆଗରୁ କେବେହେଲେ ତା'ର ସ୍ୱାମୀ ପୁଅମାନଙ୍କ କଥା ପଚାରିନଥିଲା । ସ୍ୱାମୀକୁ କେତେବେଳେ ବେଳ ଥାଏକି । ଜୀବନସାରା ପଇସା, ଯଶ, ଖ୍ୟାତି, ଦିଲ୍ଲୀ, ବମ୍ବେ, ଲଣ୍ଡନ ଯିବାରେ ସମୟ ବିତୁଥିଲା । ବୋଧହୁଏ ଆଜିର ମୃତ୍ୟୁଶଯ୍ୟାରେ ଜୀବନରୁ ବିଦାୟ ନେବାର ଅନ୍ତିମ ମୁହୂର୍ତ୍ତରେ ସେ ପୁଅମାନଙ୍କୁ ସ୍ମରଣ କରୁଛି । ଏକଥା ଭାବି ପତ୍ନୀର କଣ୍ଠ ରୁଦ୍ଧ ହୋଇଗଲା । ସେ କାନ୍ଦିଲା ଖୁବ୍ ଜୋର୍‌ରେ ଆଉ ସ୍ୱାମୀକୁ ଆଶ୍ୱାସନା ଦେଇ କହିଲା, 'ତମେ ଚିନ୍ତା କରନି । ସବୁ ଠିକ୍ ଅଛି । ଦେଖୁନ, ବଡ଼ ପୁଅ ପରା ତମ ଗୋଡ଼ ତଳେ ବସିଛି । ତମେ କାହିଁକି ଏତେ ବ୍ୟସ୍ତ ହେଉଛ ? ମରୁଥିବା ଲୋକଟି କହିଲା, ତା'ଠାରୁ ସାନପୁଅ କୁଆଡ଼େ ଗଲା । ତା'ଠାରୁ ସାନ ଏମିତି ପଚାରି ଚାଲିଲା । ବୁଢ଼ାର ପାଞ୍ଚପୁଅ ଥିଲେ । ପତ୍ନୀ ବୁଢ଼ାର ବ୍ୟସ୍ତତା ଦେଖି ଖଟ ପାଖକୁ ଲାଗିଯାଇ ମୁଣ୍ଡକୁ ଆଉଁଷି ଦେଇ କହିଲା, 'କେହି କୁଆଡ଼େ ଯାଇନାହାନ୍ତି, ହେଇ ଦେଖୁନ ସମସ୍ତେ ପରା ତମ ପାଖରେ ବସିଛନ୍ତି । ତମେ କାହିଁକି ଏମିତି ଅଧୀର ହେଉଛ ।'

ଏକଥା ଶୁଣି ମରୁଥିବା ଲୋକଟି ଖଟ ଉପରେ ଉଠିକରି ବସିପଡ଼ିଲା ଓ ବିରକ୍ତ ହୋଇ କହିଲା, 'ଏ କି କଥା, ସମସ୍ତେ ଯଦି ମୋ ପାଖରେ ବସିଛନ୍ତି ତା'ହେଲେ ଦୋକାନରେ କିଏ ବସିବ ?' ଆହା ! ବିଚରା ପତ୍ନୀ ବ୍ୟର୍ଥରେ ଏତେ କାନ୍ଦିଲା । ଖୁସି ହେଉଥିଲା ବାପା ମରିବା ପୂର୍ବରୁ ପୁଅମାନଙ୍କୁ ଦେଖିବ ବୋଲି ମନେପକାଉଛି । କିନ୍ତୁ ନା ! ବାପ ପଚାରୁଛି ଆଜି ଦୋକାନ ଖୋଲା ଅଛି ନା ନାହିଁ । ସମସ୍ତେ ଯଦି ଘରେ ଅଛନ୍ତି ତେବେ ଦୋକାନରେ ଜିନିଷ ବିକ୍ରୀ ହେବ କେମିତି । ଟଙ୍କା ରୋଜଗାର ହେବ କେମିତି । ମଲାବେଳକୁ ବି ଲୋକଟି ଦୋକାନରେ ହିଁ ବସିଛି । ନିଜ ଭିତରେ ନାହିଁ । ସାରାଜୀବନ କେବଳ ବାହାରେ ବଞ୍ଚିବା, ବାହାର ପାଇଁ ବ୍ୟାକୁଳ ହେବା ବାହାରର ଦୁଃଖଚିନ୍ତାରେ ଅନ୍ତରକୁ ପୀଡ଼ିତ କରି ରଖିବା ଚେଷ୍ଟାରେ ଜୀବନ ବ୍ୟୟ ହୋଇଛି । ତେଣୁ ଜୀବନକୁ ଦୁଃଖଭରା ଦୃଷ୍ଟିରେ ଦେଖିବା ବନ୍ଦ କରିଦିଅ । ମୁଁ ଯଦି ଖରାପ ବଦମାସ୍ ତେବେ ମତେ ସେମିତି ରହିବାକୁ ଦିଅ ହେଲେ ସେଥିପାଇଁ ଜୀବନକୁ ବଦଳାଇବାର ପ୍ରୟାସ କାହିଁକି କରୁଛ । ଜୀବନ ବିରାଟ, ଅନନ୍ତ, ଅସୀମ । ମୁଁ ଏକ କ୍ଷୁଦ୍ର କଣାଟିଏ । ଏକ ଛୋଟକାକର ବୁନ୍ଦାଟିଏ । ମୁଁ କେମିତି ଏହି ଅନନ୍ତ ମହାସାଗରକୁ ବଦଳାଇ ପାରିବି । ହେ ପ୍ରଭୁ ! ମତେ ଆନନ୍ଦମୟ କର । ପ୍ରଫୁଲ୍ଲିତ କର । ମୁଁ କୃତଜ୍ଞ ! ତମେ ମତେ ଜୀବନ ଦେଇଛ । ବଞ୍ଚିବାର ଅପୂର୍ବ ସୁଯୋଗ ଦେଇଛ । ତମେ କରୁଣାମୟ ! ତମରି କରୁଣା ପାଇଁ ମୁଁ ଜୀବନଧାରଣ କରିଛି । ପ୍ରେମ କ'ଣ ଜାଣିଛି, ହସ କ'ଣ ଜାଣିଛି, ବଞ୍ଚିବା କ'ଣ ଜାଣିଛି । ହେ ଜୀବନ...

# ପୋଷାକ

ମୁଲ୍ଲା ନସରୁଦ୍ଦିନ ନାମରେ ଜଣେ ବଡ଼ ଅଦ୍ଭୁତ ବ୍ୟକ୍ତି ଥିଲେ । ଦିନେ ସନ୍ଧ୍ୟାବେଳେ ନସରୁଦ୍ଦିନ ବନ୍ଧୁମାନଙ୍କ ସହିତ ସାକ୍ଷାତ କରିବାକୁ ବାହାରିଲାବେଳେ ଦେଖିଲେ ଘରଦ୍ୱାର ମୁହଁରେ ତାଙ୍କର ପିଲାଦିନର ଜଣେ ସାଙ୍ଗ ଘୋଡ଼ାରୁ ଓହ୍ଲାଇ ଘର ଆଡକୁ ଆସୁଛନ୍ତି । ଦୀର୍ଘ ୨୦ ବର୍ଷପରେ ସେହି ସାଙ୍ଗ ମୁଲ୍ଲାଙ୍କୁ ଦେଖା କରିବାକୁ ଆସୁଥିଲେ । ହେଲେ ନସରୁଦ୍ଦିନଙ୍କ ନିକଟରେ ଆଦୌ ସମୟ ନଥିଲା ସେ ବନ୍ଧୁଙ୍କୁ କହିଲେ, 'ତୁ ଆମ ଘରେ ଅପେକ୍ଷା କର । ଏତେଦିନ ପରେ ଆସିଛୁ ଏତେ ବାଟରୁ । ହାଲିଆ ହୋଇଯାଇଥିବୁ । ମୁଁ ଅନ୍ୟ ଜଣେ ବନ୍ଧୁଙ୍କୁ ଆଜି ଦେଖା କରିବି ବୋଲି କହିଦେଇଛି, ତେଣୁ ସେଠିକି ଯିବି ଏବଂ ସଙ୍ଗେ ସଙ୍ଗେ ଫେରିଆସିବି । ତୁ ଆଦୌ ବ୍ୟସ୍ତ ହୁଅନା । ମୁଁ ଜଲ୍‌ଦି ଫେରି ଆସୁଛି, ଆଜି ଖୁବ୍ ଗପିବା ।' ହେଲେ ମୁଲ୍ଲାଙ୍କର ପିଲାଦିନର ସାଙ୍ଗ ନଛୋଡ଼ବନ୍ଧା । ସେ ମୁଲ୍ଲାଙ୍କର ହାତ ଧରି ଅନୁରୋଧ କଲେ, 'ତତେ ଛାଡ଼ିବାକୁ ମୋର ମନ ଆଦୌ ଡାକୁନାହିଁ । କେତେଦିନ ପରେ ଆମର ଦେଖା ହୋଇଛି । ଗୋଟେ କାମ କଲେ ଭଲ ହେବ ଚାଲ ! ମୁଁ ବି ତୋ ସାଙ୍ଗରେ ଯିବି । କ'ଣ ହୋଇଛି ନା ମୋର ସବୁ ଲୁଗାପଟା ଗୁଡ଼ାକ ମଇଳା ହୋଇଯାଇଛି । ଯଦି ତୋ ପାଖରେ ହଳେ ପୋଷାକ ଅଛି ତେବେ ଆଜିକ ପିନ୍ଧିବା ପାଇଁ ଦେଇଥା । ମୁଁ ପିନ୍ଧିସାରି ତୋ ସାଙ୍ଗରେ ଯିବି ।'

ନସରୁଦ୍ଦିନ ଗୋଟେ ଫକୀର ଭଳି ବଞ୍ଚୁଥିଲେ । ତାଙ୍କର ଏତେ ଭଲ ଲୁଗାପଟା ନଥିଲା । ଥରେ ରାଜ୍ୟର ବାଦ୍‌ଶାହା ତାଙ୍କୁ ଏକ ନୂଆ ଚକଚକିଆ ପୋଷାକ ହଳେ ଉପହାର ଦେଇଥିଲେ । ଗୋଟିଏ କାରୁକାର୍ଯ୍ୟପୂର୍ଣ୍ଣ ସୁନ୍ଦର ଲମ୍ବାକୋଟ, ପଗଡ଼ି, ଜୋତା ବି ତା' ସହିତ ପାଇଥିଲେ । ଆଉ ଟିକିଏ ହେଲେ ବିଳମ୍ବ ନକରି ନସରୁଦ୍ଦିନ ସଙ୍ଗେ ସଙ୍ଗେ ସେହି ବାଦ୍‌ଶାହୀ ପୋଷାକଟିକୁ ବନ୍ଧୁଙ୍କୁ ଦେଇଦେଲେ । ଆଗରୁ କେବେ ନସରୁଦ୍ଦିନ ସେହି ନୂଆ ସୁନ୍ଦର ପୋଷାକଟିକୁ ପିନ୍ଧିନଥିଲେ । କେବେ ଦରକାର ହେଲେ ପିନ୍ଧିବେ । ଫକୀର ମୁଲ୍ଲା ନସରଦ୍ଦିନଙ୍କର ମୂଲ୍ୟବାନ ଲୁଗାପଟା ପିନ୍ଧିବାର ଆବଶ୍ୟକତା ଏତେଟା ହେଉ ନଥିଲା । ରାଜାଙ୍କର ରାଜକୀୟ ପୋଷାକ ପିନ୍ଧିବାକୁ ମୁଲ୍ଲାଙ୍କ ମନରେ ସଙ୍କୋଚ ଆସୁଥିଲା । ସାହସ ହେଉନଥିଲା ।

ମୁଲ୍ଲାଙ୍କ ବନ୍ଧୁ ଏଥର ଜଲ୍‌ଦି ଜଲ୍‌ଦି ସେହି ରାଜକୀୟ ପୋଷାକ ପିନ୍ଧି ପକାଇଲେ । ବନ୍ଧୁଙ୍କର ପୋଷାକ ପିନ୍ଧା ଦେଖି ନସରୁଦ୍ଦିନଙ୍କ ମନଟା କେମିତି ହୋଇଗଲା । ଆହା ! ଏଡ଼େ ସୁନ୍ଦର ପୋଷାକ ପିନ୍ଧି ବନ୍ଧୁ ମୋର ଜଣେ ସତସତିକା ସମ୍ରାଟ ଭଳି ଦେଖାଯାଉଛନ୍ତି । ଅଥଚ ସେ ନିଜେ ତାଙ୍କ ଆଗରେ ଫକ୍‌କଡ଼ ଭିଖାରୀ ଭଳି ଜଣାପଡୁଛନ୍ତି । ଯଦି ଇଏ ମୋ ସାଙ୍ଗରେ ଯିବେ ତେବେ ରାସ୍ତାରେ ଯାଉଥିବା ଲୋକମାନେ ମଧ୍ୟ ତାଙ୍କର ଲୁଗାପଟାକୁ ହିଁ ଦେଖିବେ । ଲୋକମାନଙ୍କର ଆଉ କ'ଣ କାମ କି ସମସ୍ତଙ୍କର ବାହାର ପୋଷାକ ପରିଚ୍ଛଦ ସେମାନଙ୍କୁ ସବୁବେଳେ ଆକୃଷ୍ଟ କରେ । ଯାହାଙ୍କ ଘରକୁ ଯାଙ୍କୁ ନେଇକରି ଯିବି ସେ ମଧ୍ୟ ତାଙ୍କର ସୁନ୍ଦର ପୋଷାକକୁ ହିଁ ଦେଖିବେ । ଏସବୁ ଭାବି ଭାବି ନସରୁଦ୍ଦିନଙ୍କ ମନରେ ବଡ଼ ଦୁଃଖ ଜାତହେଲା ।

ଛି ! ବନ୍ଧୁଙ୍କୁ ମୋର ଏତେସୁନ୍ଦର ପୋଷାକଟା ଦେଇଦେବା ଠିକ୍ ହେଲାନି । ମୁଁ ସିନା ପିନ୍ଧିଥାନ୍ତି । ହେଲେ ମୋର ପିଲାଦିନ ବନ୍ଧୁ ଏତେବର୍ଷ ପରେ ମତେ ଖୋଜି ଖୋଜି ଦେଖା କରିବାକୁ ଆସିଛି, ତାକୁ କ'ଣ ମୋର ସବୁଠାରୁ ଭଲ ପୋଷାକଟା ଦେବା କଥା ଠିକ୍ ନୁହେଁ କି ? ହଉ ଛାଡ଼ ! ଲୁଗାପଟାରେ କ'ଣ ଅଛି । ସାଙ୍ଗ ତ ମୋର ପିନ୍ଧିଛି । ଏମିତି ମନକୁ ମନ ନିଜକୁ ସାନ୍ତ୍ୱନା ଦେଇ ମୁଲ୍ଲା ନସରୁଦ୍ଦିନ ରାସ୍ତାରେ ବନ୍ଧୁଙ୍କ ସହିତ ଯାଉଥାନ୍ତି । କିନ୍ତୁ ରାସ୍ତାରେ ଯିଏ ଯାଉଥାଏ ତାହାର ଆଖି ବନ୍ଧୁଙ୍କର ଲୋଭନୀୟ ପୋଷାକ ଆଡକୁ ଆକର୍ଷିତ ହୋଇଯାଉଥାଏ । ରାସ୍ତାରେ ଯାଉଥିବା ଲୋକମାନେ ଘଡ଼ିଏ ଥମକି ଠିଆ ହୋଇଯାଉଥାନ୍ତି । ବନ୍ଧୁଙ୍କ ଆଡକୁ ସମସ୍ତେ ଅନାଇଲା ବେଳେ ମୁଲ୍ଲାଙ୍କ ମନରେ ଦୁଃଖ ହେଉଥାଏ ମୋର ପୋଷାକ ଅଥଚ ଲୋକେ ମତେ ନଦେଖି ମୋର ବନ୍ଧୁଙ୍କୁ ହିଁ ଦେଖୁଛନ୍ତି । ପୁଣି ମନକୁ ବୁଝାଉଥାନ୍ତି ଧେତ୍‌ତେରି ! ଲୁଗାପଟା କ'ଣ କାହାର କେବେ ନିଜର ହୁଏ । ଦେହକୁ ଘୋଡ଼ାଇବା ପାଇଁ ପୋଷାକଟା ଗୋଟେ ଆବରଣ ମାତ୍ର । ହଉ ଛାଡ଼ ! ସେଥିରେ କ'ଣ ଅଛି । ଏମିତି ନିଜକୁ ସମ୍ଭାଳି ନେଇ ନସରୁଦ୍ଦିନ ଯେତେବେଳେ ବନ୍ଧୁଙ୍କ ଘରେ ପହଞ୍ଚିଲେ ବନ୍ଧୁଙ୍କର ପରିବାରବର୍ଗ ଏମାନଙ୍କୁ ପାଛୋଟି ନେବାକୁ ଯେବେ ଆସିଲେ ସେତେବେଳେ ସମସ୍ତଙ୍କର ଦୃଷ୍ଟି ସ୍ୱତଃ ବନ୍ଧୁଙ୍କର ପିନ୍ଧିଥିବା ପୋଷାକ ଉପରେ ଅଟକିଯାଉଥାଏ ।

ନସ୍‌ରୁଦ୍ଦିନଙ୍କ ମନଟା କେମିତି ବିଷେଇ ଉଠୁଥାଏ । ଖୁବ୍ ଈର୍ଷା ମନରେ ତାଙ୍କ ଜାଗ୍ରତ ହେଲା । ଛି ! ଏତେ ସୁନ୍ଦର ମୋର ରାଜା ପୋଷାକଟା କାହିଁକି ତାକୁ ପିନ୍ଧବାକୁ ଦେଲି ଯେ । ତା' ଆଗରେ ମୁଁ କେଡ଼େ ନିରିମାଖି ଦୀନହୀନ ଦେଖାଯାଉଛି ସତେ । ଯେତେ ମନକୁ ବୁଝାଇବାକୁ ଲାଗିଲେ ମନ ସେତିକି ଅବୁଝା ହେବାରେ ଲାଗୁଥାଏ । ବନ୍ଧୁଙ୍କ ପରିବାର ଲୋକମାନେ ପଚାରିବସିଲେ,

'ଇଏ ଭଦ୍ରଲୋକ କିଏ ?' ନସରୁଦ୍ଦିନ ବନ୍ଧୁଙ୍କର ପରିଚୟ କରାଇଦେଇ କହିଲେ, 'ଏ ହେଉଛନ୍ତି ମୋର ପିଲାଦିନର ସାଙ୍ଗ, ତାଙ୍କର ନାମ ଜମାଲ । ବଡ଼ ଅଦ୍ଭୁତ ତାଙ୍କ ବ୍ୟକ୍ତିତ୍ୱ । ଏ ଯେଉଁ ପୋଷାକ ସେ ପିନ୍ଧିଛନ୍ତି ନା ସେଇଟା ମୋର ।' ବନ୍ଧୁଙ୍କ ଘରଲୋକେ ଏକଥା ଶୁଣି ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ । ପିଲାଦିନର ବନ୍ଧୁ ଜମାଲ ନସରୁଦ୍ଦିନଙ୍କ ଏଭଳି ଆକସ୍ମିକ ଉତ୍ତର ଶୁଣି ହତବଢ଼େଇ ଗଲେ । ନସରୁଦ୍ଦିନ ମଧ୍ୟ କଳ୍ପନା କରିନଥିଲେ ଏମିତି କଥା ତାଙ୍କ ମୁହଁରୁ ବାହାରିଯିବ । ଯାହା ଦାବି ଦିଆଯାଏ, ତାହା ସର୍ବଦା ପ୍ରକଟିତ ହୁଏ । ଯାହା ଲୁଚାଯାଏ ତାହାହିଁ ବାହାରିଆସେ । ତେଣୁ ଭୁଲ୍‌ରେ ସୁଦ୍ଧା ମିଛ ଧାରଣାକୁ ଦବେଇ ରଖିବା ଉଚିତ ନୁହେଁ । ନଚେତ୍ ମିଛ ରୂପଟି ସାରା ଜୀବନ ନିଜର ଅଭିବ୍ୟକ୍ତି ଭାବରେ ନିଜ ବ୍ୟକ୍ତିତ୍ୱରେ ଚିପ୍‌କି ଯିବ ।

ନସରୁଦ୍ଦିନ ସତକୁ ସତ ଡରିଯାଇଥାନ୍ତି । ସେ କଦାପି ଭାବି ନଥିଲେ ଏଭଳି କଥା ତାଙ୍କ ମୁହଁରୁ ବାହାରିଯିବ । ସମସ୍ତେ ଅବାକ୍ ହୋଇ ଯାଇଥାନ୍ତି । ସେହି ବନ୍ଧୁଙ୍କ ପରିବାର ବର୍ଗ ଭାବୁଥାନ୍ତି କି ଅଦ୍ଭୁତ କଥା ମୁଲ୍ଲା ଆଜି କହୁଛନ୍ତି । ଘର ବାହାରକୁ ଆସି ଜମାଲ କହିଲେ, 'ବନ୍ଧୁ ! ମତେ ତୁମେ କ୍ଷମାକର । ଆଉ ମୁଁ ତୁମ ସାଙ୍ଗରେ ଅନ୍ୟମାନଙ୍କ ଘରକୁ ଯିବିନାହିଁ । ତୁମେକି ଅଜବ ମଣିଷ ହୋ ! କ'ଣ ସବୁ ଆଜେ ବାଜେ କଥା ତୁମେ ସେମାନଙ୍କ ଆଗରେ କହୁଛ । ବହୁତ ହୋଇଗଲା ।' ଜମାଲଙ୍କ କଥାଶୁଣି ନସରୁଦ୍ଦିନଙ୍କ ଆଖିରେ ଲୁହ ଆସିଗଲା । ସେ ତାଙ୍କ ହାତଧରି କ୍ଷମା ମାଗିଲେ, ଅନୁନୟ ହୋଇ କହିଲେ, 'ଜମାଲ ! ମତେ କ୍ଷମାକର । ମୋର ବଡ଼ ଭୁଲ୍ ହୋଇଯାଇଛି । ପାଟିରୁ କେମିତି କଥା ଖସିଗଲା । ଏଇଥରକ ମତେ କ୍ଷମା କରିଦିଅ, ଭାଇ ! ଆଉ ଜୀବନରେ ସେ ଭୁଲ୍ ହେବନାହିଁ ।' ହେଲେ କହିଥିବା କଥା ତ ଆଉ ଲେଉଟିବ ନାହିଁ । ନସରୁଦ୍ଦିନ କହିଲେ, 'ମୁଁ କେବେହେଲେ ସ୍ୱପ୍ନରେ ଭାବିନଥିଲି ଏମିତି ଅପ୍ରତ୍ୟାଶିତ ଘଟଣା ଘଟିଯିବ । ପୋଷାକରେ କ'ଣ ଅଛି ? ପୋଷାକପତ୍ରକୁ କେବେହେଲେ ମୁଁ ଗୁରୁତ୍ୱ ହିଁ ଦେଇନାହିଁ । ସତ କହିବାକୁ ଗଲେ ମଣିଷ ଯାହା ଭାବେ ତାହା କହେନାହିଁ । କହେ ଗୋଟେ ପ୍ରକାର ଚିନ୍ତା କରେ ଗୋଟେ ପ୍ରକାର । ମୁଁ କହିଦେଲି ସିନା ହେଲେ ମୋ ମନରେ ଟିକିଏ ମଧ୍ୟ ଏହି ପୋଷାକ ପାଇଁ ଆସକ୍ତି ନଥିଲା । ତଥାପି ଏତେ ଜଗୁ ଜଗୁ ଏଭଳି ବାଜେ କଥା କେମିତି ଖସିଗଲା, କେଜାଣି ?'

ଅଥଚ ଘରୁ ବାହାରିଲା ପରଠାରୁ ବନ୍ଧୁଙ୍କ ଘରକୁ ଆସିଲାଯାଏଁ ନସରୁଦ୍ଦିନ ପୋଷାକଛଡା ଆଉ କିଛି ଭାବୁ ନଥିଲେ । ଆଶ୍ଚର୍ଯ୍ୟ...ସତରେ ବଡ଼ ଆଶ୍ଚର୍ଯ୍ୟ । ମଣିଷ ସର୍ବଦା ବଡ଼ ଅବିଶ୍ୱାସୀ । ଯାହା ମନ ଭିତରେ ଭାବେ ତାହା କେବେହେଲେ ପ୍ରକାଶ କରେନାହିଁ । ଦେଖିଲା ବେଳକୁ ଯାହା ବାହାରେ କହୁଥାଏ ସେ ସବୁ

ଆଦୌ ତା ମନର କଥା ନୁହେଁ । ସବୁକଥା ଶୁଣିଲାପରେ ଜମାଲ୍ କହିଲେ, 'ମୁଁ ତୁମ ସାଙ୍ଗରେ ଗୋଟିଏ ସର୍ତ୍ତରେ ହିଁ ଯିବି । ତୁମେ ଆଦୌ ଏଇ ପିନ୍ଧା ପୋଷାକ କଥା ଉଠାଇବ ନାହିଁ ।' ନସରୁଦ୍ଦିନ ବନ୍ଧୁଙ୍କୁ ବିଶ୍ୱାସ ଦେଇ କହିଲେ, 'ହଉ ହେଲା । ଏ ପୋଷାକଟି ତୁମର ହୋଇଗଲା । ମୁଁ କେବେହେଲେ ସେ ପୋଷାକ ଆଉ ପିନ୍ଧିବି ନାହିଁ । ଲୁଗାପଟାରେ କ'ଣ ଅଛି ଯେ ।'

ନସରୁଦ୍ଦିନ ସିନା ଉପରକୁ କହୁଥିଲେ ଲୁଗାପଟାରେ କ'ଣ ଅଛି କିନ୍ତୁ ଦେଖିଲାବେଳକୁ ଲୁଗାପଟାରେ ହିଁ ସବୁ କେଁ ଅଟକି ରହିଛି । ପୋଷାକଟା ଜମାଲଙ୍କୁ ଖୁବ୍ ମାନୁଥାଏ । ସେ ଅତି ସମ୍ଭ୍ରାନ୍ତ ଜଣା ପଡୁଥାନ୍ତି । ମନକୁ ଶୁଖାଇ ଉପରକୁ ହସ ଦେଖାଇ ଜମାଲ ଓ ନସରୁଦ୍ଦିନ ବାଟ ଚାଲୁଥାନ୍ତି । ମନକୁ ସେ ବାରମ୍ବାର ବୁଝାଇବାକୁ ଲାଗିଲେ, ଛାଡ଼ ! ଯାହା ହେଲାଣି ହେଉ, ହେଲେ ପୋଷାକଟା ସାଙ୍ଗ ନେଇଯାଉ । କିନ୍ତୁ ମନଟା ବାରମ୍ବାର ଗୋଳେଇ ଘାଣ୍ଟି ହେଉଥାଏ । ଆହା ! ଏଡେସୁନ୍ଦର ଚପକନ୍‌ଟା ଥରୁଟିଏ ହେଲେ ପିନ୍ଧିପାରିଲିନାହିଁ ।' ଏମିତି ହେଉ ହେଉ ସେମାନେ ଦ୍ୱିତୀୟ ବନ୍ଧୁଙ୍କ ଘରର ଦୁଆର ନିକଟରେ ପହଞ୍ଚିଗଲେ । ନସରୁଦ୍ଦିନ ନିଜକୁ ଯଥାସମ୍ଭବ ସଂଯତ କରି ରଖୁଥାନ୍ତି । ସଂଯମୀ ବ୍ୟକ୍ତି ବେଶୀ କଷ୍ଟପାଏ କାରଣ ସଂଯମୀର ଲକ୍ଷଣ ହେଲା ସେ ନିଶ୍ଚୟ ଭିତରେ କିଛି ଦବେଇ କରି ରଖିବ । ସତ୍ ବ୍ୟକ୍ତିର ଏସବୁ ଅସୁବିଧା ନାହିଁ । ତା'ର ସବୁ ଖୋଲା, ସବୁ ପରିଷ୍କାର । ହେଲେ ସଂଯମୀ ବ୍ୟକ୍ତିର ଭିତରେ କିଛି ନା କିଛି ସର୍ବଦା ଦବି କରି ରହିଥାଏ । ଉପରକୁ ସବୁ ଠିକ୍ ଦେଖାଯାଉଥାଏ ସତ, ହେଲେ ଠିକ୍ ଓଲଟା ଭିତରେ ଘଟୁଥାଏ । ଯେତେସବୁ ଭାବନାକୁ ଲୁଚାଇବା ଓ ଦବେଇବାର ପ୍ରୟାସ ଭିତରେ ହିଁ ସେ ସଂଯମୀ ପାଲଟିଯାଏ । ସଂଯମୀ ବ୍ୟକ୍ତିର ଭିତରଟା ବାରୁଦ ନିଆଁର ଉଷ୍ମତାରେ ଉତପ୍ତ ରହିଥାଏ । ଟିକେ ନିଆଁ ଲାଗିଗଲେ ସବୁ ଜଳି ପୋଡ଼ି ଛାରଖାର ହୋଇଯିବ । ଟିକିଏ ସୁଯୋଗ ପାଇଲାକ୍ଷଣି ଭିତରର ଆଗ୍ନେୟଗିରି ବିସ୍ଫୋରିତ ହୋଇ ଲାଭା ରୂପରେ ଛିଟିକି ବାହାରକୁ ବାହାରି ଆସିବ ।

ସେଥିପାଇଁ ସଂଯମୀ ବ୍ୟକ୍ତି ଆନନ୍ଦରେ ଖିଲ୍‌ଖିଲ୍ ହୋଇ ହସିପାରେ ନାହିଁ । ରାତିରେ ଶୋଇଲାବେଳକୁ ସବୁ ଓଲଟପାଲଟ ହୋଇଯାଏ । ସ୍ୱପ୍ନରେ ସବୁ ଦୃଶ୍ୟ ବଦଳିଯାଏ । ସେଥିପାଇଁ ସଂଯମୀ ସ୍ୱପ୍ନ ଦେଖିବାକୁ, ନିଦରେ ଶୋଇବାକୁ ଡରେ । ଦିନସାରା ନିଜକୁ ଯେତେ ଦବେଇ ରଖିଲେ ବି ରାତିରେ ନିଦରେ ସ୍ୱପ୍ନରେ ସେ ସବୁ ଧକ୍କା ଦେଇ ଭିନ୍ନ ରୂପରେ ଆସି ଛିଡ଼ା ହୁଅନ୍ତି । ବଡ଼ କଷ୍ଟରେ ମୁଲ୍ଲା ନସରୁଦ୍ଦିନ ନିଜକୁ ବସ୍ତ୍ର ମୋହରୁ ମୁକୁଳାଇ ଅନ୍ୟ ବନ୍ଧୁ ଘର ଭିତରକୁ ପ୍ରବେଶ କଲେ । ନିଜ ମନକୁମନ କହୁଥାନ୍ତି, 'ଚୁପ୍ ! ପାଟି ବନ୍ଦକର ତୋର ଏ କୋଟ୍ ନୁହେଁ, ଏହା ଜମାଲର' । ହେଲେ ମନ କହୁଥାଏ ନା ଏଇଟା ମୋର...ମୋର ।

ତାଙ୍କର ଉପରମନ କହୁଥାଏ ଏହି କୋଟ୍ ମୋର, ଅର୍ନ୍ତମନ କହୁଥାଏ ମୋର । ଉପରକୁ ନସରୁଦ୍ଦିନଙ୍କୁ ଦେଖି ଭାବିପାରିବ ନାହିଁ ଯେ ସେ ସାଧାରଣ ସୁନ୍ଦର ଏକ ପୋଷାକ ପାଇଁ ମନ ସହିତ ଏତେ ସଂଘର୍ଷ କରୁଛନ୍ତି ।

ଘର ଭିତରେ ବନ୍ଧୁ ନଥିଲେ । ତାଙ୍କର ସୁନ୍ଦରୀ ପତ୍ନୀଙ୍କର ଆଖି ନସରୁଦ୍ଦିନଙ୍କ ବନ୍ଧୁଙ୍କ ପୋଷାକକୁ ଦେଖି ଅଟକିଗଲା । ନସରୁଦ୍ଦିନଙ୍କୁ ବଡ଼ ଧକ୍କା ଲାଗିଲା । ସୁନ୍ଦରୀ ବନ୍ଧୁପତ୍ନୀ ଏତେ ପ୍ରେମରେ ଅନୁରାଗରେ କେବେହେଲେ ତାଙ୍କୁ ଥରୁଟିଏ ହେଲେ ଦେଖି ନଥିଲେ । ନସରୁଦ୍ଦିନଙ୍କୁ ପଚାରିବାକୁ ଲାଗିଲେ, 'ଇଏ କିଏ ? ଯାଙ୍କୁ ତ କେବେହେଲେ ଆଗରୁ ଦେଖିନଥିଲି ?' ନସରୁଦ୍ଦିନ ଭାବିଲେ ଏହି ଦୁଷ୍ଟ ଜମାଲକୁ ମୁଁ କାହିଁକି ସାଙ୍ଗରେ ଆଣିଲି ଯେ । ଯିଏ ଯାକୁ ଦେଖୁଛି ସେ ତା' ପାଖରେ ଚକିତ ହୋଇ ରହିଯାଉଛି । ଆଗରୁ ପୁରୁଷମାନେ ନାରୀମାନଙ୍କୁ ଅନାଇ ରହୁଥିଲେ ବୋଲି ଜାଣିଥିଲି, ହେଲେ ସୁନ୍ଦରୀ ନାରୀମାନେ ଯେ ଏପରି ପୁରୁଷଙ୍କୁ ନିଠେଇ ନିଠେଇ ଦେଖିପାରନ୍ତି ଏକଥା ଆଜି ଜାଣିଲି । ନିଜକୁ ପ୍ରକୃତିସ୍ଥ କରି ନସରୁଦ୍ଦିନ କହିଲେ, 'ମୋର ପିଲାଦିନର ସାଙ୍ଗ ଜମାଲ୍ । ଭାରି ଭଲ ମଣିଷ । ମତେ ଦେଖା କରିବାକୁ ଅନେକଦୂରରୁ ଆସିଛନ୍ତି । ହେଲେ ସେ ଯେଉଁ ପୋଷାକ ପିନ୍ଧିଛନ୍ତି ସେଇଟା ତାଙ୍କର, ମୋର ନୁହେଁ ।' କି ଅଦ୍ଭୁତ କଥା ନସରୁଦ୍ଦିନ ପୁଣି ଏଠି ଆରମ୍ଭ କରୁଛନ୍ତି । ପୋଷାକ ଜମାଲ୍ ପିନ୍ଧିଛନ୍ତି ହେଲେ ତାଙ୍କର କ'ଣ କହିବା ଦରକାର ଥିଲାଯେ ଏଠି ଏ ପୋଷାକ ତାଙ୍କର, ମୋର ନୁହେଁ । ଆଜି ବଡ଼ ଅଜବ କାଣ୍ଡ ସବୁ ନସରୁଦ୍ଦିନ କରୁଛନ୍ତି, ସକାଳୁ ଏତେବେଳ ଯାଏ । ପୁଣି ନସରୁଦ୍ଦିନ ନିଜର ଜିଭକୁ ଦୋଷଦେଲେ ଛି ଛା ହେଲେ କାହିଁକି ପୁଣି ମୁଁ ପୋଷାକ କଥା ଉଠାଇଲି । ଯେତେ ନିଜକୁ ଜଗିଲେ ବି ସେହି ଭୁଲ୍ ବାରମ୍ବାର ହେଉଛି ।

ଭୁଲ୍‌ର ନିୟମ ହେଲା ଅଧିକ ଥର ସେହି କାମଟିକୁ କିମ୍ବା କଥାକୁ ଦୋହରାଇବା । ସେଥିପାଇଁ ଗୋଟିଏ ଅତିଶୟୋକ୍ତିରୁ ମୁକ୍ତି ପାଇବାକୁ ଯାଇ ଦ୍ୱିତୀୟଟି ଉପରେ ବ୍ୟକ୍ତି ସବାର୍ ହୋଇଯାଏ ।

ଭୁଲ୍ ଘଣ୍ଟାର ପେଣ୍ଡୁଲମ୍ ଭଳିଚାଲୁଥାଏ । ତାହା ଗୋଟିଏ ଡୋରରୁ ଅନ୍ୟ ଡୋରକୁ ଅଦୃଶ୍ୟ ସୂତାରେ ଟାଣିହୋଇଯାଉଥାଏ । କେବେହେଲେ ଭୁଲ୍‌ର ପୁନରୁକ୍ତି ବନ୍ଦ ହୁଏନାହିଁ । ଯେମିତି ଉପବାସ ଅଧିକା ଖାଇବାଠାରୁ ଯନ୍ତ୍ରଣାଦାୟକ । କାରଣ ଅଧିକ ଖାଉଥିବା ବ୍ୟକ୍ତି ଦିନରେ ଥରେ ଦି ଥର ଅଧିକା ଖାଇପାରେ କିନ୍ତୁ ଉପବାସୀ ଦିନସାରା ମାନସିକ ଭୋଜନ କରେ । ସେ ୨୪ ଘଣ୍ଟା ଖାଇବାର ଇଚ୍ଛାରେ ବ୍ୟସ୍ତ ରହେ । ସେଥିପାଇଁ ଗୋଟିଏ ଭୁଲ୍‌ରୁ ମଣିଷ ନିଜକୁ ବଞ୍ଚାଇବା ବେଳକୁ ଦ୍ୱିତୀୟ ଭୁଲ୍ ପୁଣି ଆପେ ଆପେ ହୋଇଯାଉଥାଏ । ମାତ୍ରାଧିକ କାର୍ଯ୍ୟଦ୍ୱାରା ବ୍ୟକ୍ତି ସର୍ବଦା ପ୍ରଭାବିତ ହେଉଥାଏ ।

ନସରୁଦ୍ଦିନଙ୍କ କ୍ଷେତ୍ରରେ ସେହି କଥା ହିଁ ହୋଇଥିଲା । ଲୁଗାଟି ବନ୍ଧୁଙ୍କୁ ସିନା ସେ ଦେଇଦେଲେ, ହେଲେ ମନଟା ପୋଷାକର ସୌନ୍ଦର୍ଯ୍ୟରେ ବାନ୍ଧି ହୋଇରହିଗଲା । ତେଣୁ ଯିଏ ବନ୍ଧୁଙ୍କୁ ଦେଖିଲା ପୋଷାକର ତାରିଫ୍ କଲା ସେହି ପ୍ରଶଂସା ନସରୁଦ୍ଦିନଙ୍କ ମନକୁ ଆହୁରି ବ୍ୟାକୁଳ କରି ଦେଉଥାଏ ଏବଂ ସେ ଯେତେ ଉପର ମୁହଁରେ ଏଇଟା ମୋର ନୁହେଁ 'ତାଙ୍କର' ବୋଲି କହିଲେ ମଧ୍ୟ 'ପୋଷାକ' ପାଇଁ ଆସକ୍ତି ନସରୁଦ୍ଦିନଙ୍କ ଭୁଲ୍‌କୁ ବାରମ୍ବାର ଦୋହରାଉଥିଲା । ମଜା କଥା ହେଉଛି ଖୁବ୍ ଜୋର୍‌ରେ ସମସ୍ତଙ୍କ ଆଗରେ ଚିତ୍କାର କରି ସେହିକଥା କହିବାକୁ ପଡ଼େ ଯାହା ଆଦୌ ସତ୍ୟ ନୁହେଁ । ଯଦି କେହି କୁହେ ମୁଁ ବଡ଼ ସାହସୀ ସେଥିରୁ ବୁଝିଯିବା କଥା ସେ ଏକନମ୍ବର କାପୁରୁଷ ଓ ଦୁର୍ବଳ । ଉଦାହରଣ ସ୍ୱରୂପ: ଚୀନ୍ ଭାରତଉପରେ ହଠାତ୍ ଆକ୍ରମଣ କରିଦେଲା । ସଙ୍ଗେ ସଙ୍ଗେ ଦେଶସାରା ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ କବିମାନେ ବାହାରିପଡ଼ିଲେ ଏବଂ କବିତା ଲେଖିଲେ 'ଆମେ ଶୋଇଥିବା ସିଂହ ଆମକୁ ଟାହିଟାପରା କରି ଉଠାଇବାର ଚେଷ୍ଟା କରନାହିଁ ।' ଏଥିରୁ କ'ଣ ସୂଚିତ ହେଉଛି ଯାହା ଶୋଇଥିବା ସିଂହକୁ ଉଠାଇବାକୁ ଚେଷ୍ଟା କରନାହିଁ । ଆମେ ସତକୁ ସତ ଶୋଇପଡ଼ିଛୁ । ସେଥିପାଇଁ ଭାରତର ହଜାର ହଜାର ମାଇଲ୍ ଚୀନ୍ ଭୂଖଣ୍ଡ ଜୋର ଜବରଦସ୍ତ ମାଡ଼ି ବସିଲା । ଆମେ ଯୁଦ୍ଧ କରି କି ଶାନ୍ତିର ସହ ସେହି ଜାଗାକୁ ଛଡ଼ାଇ ଆଣିପାରିଲୁନାହିଁ । ଅଥଚ ଏପଟେ ଆମେ ଶୋଇଥିବା ସିଂହର ବୃଥା ଆସ୍ଫାଳନ କରୁଛୁ ଏବଂ ସତକୁ ସତ ନିଦରେ ଶୋଇପଡ଼ିଛୁ । କେବଳ ସିଂହ ସିଂହ ବୋଲି ପାଟିକରି ଜୋର୍‌ରେ ସଂସାରକୁ ଜଣାଇବାର ଆବଶ୍ୟକତା ନାହିଁ । ସେଥିପାଇଁ ନିଜକୁ ମୁକ୍ତ ବୋଲି ପ୍ରମାଣିତ କରିବାକୁ ହେଲେ କାମକରି ଦେଖାଇବାକୁ ହେବ । ଯଦି କାହାକୁ କହ ମୁଁ ତୁମକୁ ବହୁତ ଭଲ ପାଏ ତେବେ ବଡ଼ ସନ୍ଦିଗ୍ଧ ସେହି ପ୍ରେମ ବୋଲି ଜାଣିଯିବା ଦରକାର । ପ୍ରେମ ଅନୁଭବ କରାଯାଏ, କାହା ଉପରେ ଲଦି ଦିଆଯାଏନାହିଁ । ହେଲେ ମଣିଷର ବିଚିତ୍ର ମାନସିକତା ସର୍ବଦା ଅବୁଝା ଅସମ୍ଭବ କାର୍ଯ୍ୟଗୁଡ଼ିକ ଉପରେ କେନ୍ଦ୍ରିତ ହେଉଥାଏ ।

ନସରୁଦ୍ଦିନ ସିନା କହିଦେଲେ ଏ ପୋଷାକ ମୋର ନୁହେଁ ହେଲେ ମନ ପୋଷାକରେ ହିଁ କେନ୍ଦ୍ରିତ ହୋଇ ରହିଲା । ବନ୍ଧୁ ପତ୍ନୀ ନସରୁଦ୍ଦିନଙ୍କ ଉତ୍ତରରେ ଆଶ୍ଚର୍ଯ୍ୟ ହୋଇଗଲେ । ଜମାଲ୍ ସତକୁ ସତ ଏଥର ଖୁବ୍ ରାଗିଗଲେ ଓ କହିଲେ, 'ଭାଇ ! ନସରୁଦ୍ଦିନ ମତେ କ୍ଷମାକର । ଆଉ ମୁଁ ତୁମ ସାଙ୍ଗରେ ଯାଇପାରିବି ନାହିଁ । ତୁମ ସାଙ୍ଗରେ ଆସି ମୋର ବଡ଼ ଭୁଲ୍ ହୋଇଗଲା । କି ଗୋଟେ ରାଜକୀୟ ପୋଷାକ ତମେ ମତେ ଦେଲ ଯେ ତମକୁ ଖାଲି ସେଇଟାକୁ ନେଇ ଯେତେ ବାଜେକଥା କହିବାକୁ ଦିଶୁଛି । ନିଅ ତୁମର କୋଟ୍ । ଦେହରୁ ପୋଷାକଟା କାଢ଼ିବାକୁ ଜମାଲ ଉଦ୍ୟତ ହେଲାବେଳେ ନସରୁଦ୍ଦିନ ତାଙ୍କର ହାତ ଧରି ପକାଇଲେ

'ଭାଇ, ମତେ ଯାହାପାରୁଛ ପଛେ ଗାଳିଦିଅ କିନ୍ତୁ ମୁଁ ନିଜେ ମଧ୍ୟ ଜାଣି ପାରୁନାହିଁ ମୋର କ'ଣ ହୋଇଛି। ଆଜିଯାଏଁ ଜୀବନରେ କେବେହେଲେ ମତେ ଲୁଗାପଟାର ମୋହ ଏତେ ଆସକ୍ତ କରିନଥିଲା। ଅଥଚ ଆଜି ହିଁ ଯେତେସବୁ ଅଘଟଣ ଘଟୁଛି। ପ୍ରଥମ ଗୋଟେ ଭୁଲ୍ ହେଲା ପୁଣି ଥରକୁଥର ଭୁଲ୍ ଦୋହରାଉଛି। କିଛି ଗୋଟେ ମସ୍ତିଷ୍କରେ ଗଡ଼ବଡ଼ ହୋଇଛି ନିଶ୍ଚୟ। ତୁମ ଆଗରେ ଶପଥ କରି କହୁଛି ମୁଁ ଆଦୌ ଲୁଗାପଟା କଥା କହିବି ନାହିଁ। ଆଉ ଜଣେ ବନ୍ଧୁଙ୍କ ଘର ଅଛି ସେଠିକି ଟିକେ ଯିବା ତା'ପରେ ଘରକୁ ଫେରିଯିବା। ଆଉ ଭୁଲ୍ ହେବନି ଜମାଲ୍। ଏଇ ଥରକ ମତେ ସୁଯୋଗ ଦିଅ। ନହେଲେ ସାରା ଜୀବନ ମୁଁ ଏକ ଅପରାଧୀ ଭାବନାରେ ଜଳିପୋଡ଼ି ହେବି ଯେ ମୁଁ ମୋର ପିଲାଦିନର ବନ୍ଧୁଙ୍କୁ ଦୁର୍ବ୍ୟବହାର କଲି। ଏମିତି ଅନେକ ବୁଝାଶୁଝା କରିବା ପରେ ଜମାଲ୍ ନସରୁଦ୍ଦିନଙ୍କ ସାଙ୍ଗରେ ଯିବାକୁ ରାଜିହେଲେ।

ନସରୁଦ୍ଦିନ ନିଜେ ନିଶ୍ଚିତ ହୋଇଗଲେ ଯେ ଆଉ ଭୁଲ୍ ହେବନାହିଁ। କିନ୍ତୁ ତାଙ୍କୁ ଜଣାନଥିଲା ଭୁଲ୍‌କରିବା ଲୋକଗୁଡ଼ିକ ବଡ଼ ସର୍ଜନଶୀଳ। ନୂଆ ଭୁଲ୍ ନୂଆ ବାଗରେ ସେମାନେ ଛାଆଁକୁଛାଆଁ ସୃଷ୍ଟି କରିଦେବେ। ଯାହା କେହି ସ୍ୱପ୍ନରେବି ଭାବି ନଥିବ। ଯାହାହେଉ ଦୁଇଜଣ ବନ୍ଧୁ ଶେଷରେ ଯାଇ ତୃତୀୟ ବନ୍ଧୁଙ୍କ ଘରେ ପହଞ୍ଚିଲେ। ଏଥର କିନ୍ତୁ ନସରୁଦ୍ଦିନ ନିଜକୁ ଖୁବ୍ ସଂଯତରେ ସଜାଡ଼ି ରଖିବାକୁ ଚେଷ୍ଟା କରୁଥାନ୍ତି। ଏଥର ଯେମିତି ତାଙ୍କ ମୁହଁରୁ ଆଉ ପୋଷାକ କଥା ନବାହାରୁ। ଅଥଚ ଯେକୌଣସି ବିଷୟକୁ ଚାପିକରି ରଖିବ ତାହା ସେତିକି ବେଗରେ ପ୍ରକାଶିତ ହେବାକୁ ଆଗଭର ହେବ। ଚାପିହେଲେ ସେହି ବସ୍ତୁକୁ ନୂତନ ଶକ୍ତିମିଳେ ସଂଚାରିତ ହେବାପାଇଁ। ଯେତିକି ଚାପ ସୃଷ୍ଟିହେବ ସେତିକି ଶକ୍ତି ତା ଭିତରକୁ ଚାଲିଯିବ ସେ ଶକ୍ତିମାନ ହୋଇଯିବ। ନସରୁଦ୍ଦିନ ପୋଷାକ କଥା ନ କହିବା ପାଇଁ ଯେତିକି ନିଜକୁ ଚାପିଲେ ମନକୁ ଦବାଇଲେ ବସ୍ତ୍ର ସେତିକି ସେତିକି ମୁହଁରେ କୁହାଇଦେବାକୁ ବେଗବାନ୍ ହେଲା। ସାଧାରଣ ଗୋଟେ ପୋଷାକ ଏତେ ଶକ୍ତିଶାଳୀ ଭାବରେ ମନରେ ପ୍ରଭାବ ବିସ୍ତାର କରିପାରେ ତାହା ନସରୁଦ୍ଦିନଙ୍କୁ ଆଶ୍ଚର୍ଯ୍ୟ କରିଦେଉଥାଏ। ଜୀବନସାରା ସେ ସମସ୍ତ ପାର୍ଥିବ ମୋହରୁ ନିଜକୁ ମୁକ୍ତି କରିବାକୁ ଚେଷ୍ଟାକରି ଆସିଛନ୍ତି ଅଥଚ ଆଜି ସାଧାରଣ ଲୁଗାର ମୋହ ନିକଟରେ ହାରି ଯାଉଛନ୍ତି। କିନ୍ତୁ ତାଙ୍କୁ ଜଣାନଥିଲା ଯାହା ବିରୁଦ୍ଧରେ ସମସ୍ତ ଶକ୍ତି ପ୍ରୟୋଗ କରୁଛନ୍ତି ତାଠାରୁ ହିଁ ହାରିଯାଉଛନ୍ତି। ଏକଦମ୍ ଭୟଭୀତ ହୋଇଯାଉଛନ୍ତି। ଯାହାଠାରୁ ଆମେ ହାରିଯାଉ ତାଠାରୁ କେବେହେଲେ ଜିତିପାରୁନାହୁଁ। ଶକ୍ତିପ୍ରୟୋଗ କରି ସଂସାରେ କେହି ଜିତିପାରେନାହିଁ। ନିର୍ଭୟ ହେଲେ ଜିତିବାର ସୂତ୍ର ମିଳିଯାଏ।

ଅନେକ ସମୟରେ ଶକ୍ତିମାନ ବ୍ୟକ୍ତିର ହାର ହୁଏ ଏଇଥିପାଇଁ ଯେ ସେ

ଅନ୍ତର ଭିତରେ ସର୍ବଦା ହାରିବାର ଭୟରେ ଭୟଭୀତ ହେଉଥାଏ। ଆମେ ହାରୁ କେବଳ ନିଜ ଭିତରର ଅହେତୁକ ଭୟ ଯୋଗୁଁ। କାରଣ ମାନସିକ ଜଗତର ମୂଳ ବିଶେଷତ୍ୱଟି ହେଲା ଅନ୍ୟମାନେ ଆମକୁ ହରାଇ ପାରନ୍ତି ନାହିଁ। ଆମରଭୟ ହିଁ ଆମକୁ ହରାଏ। ନସରୁଦ୍ଦିନ ଯେତିକି ଭୟଭୀତ ହେଉଥାନ୍ତି ସେତିକି ପରିମାଣରେ ନିଜକୁ ଦବେଇ କରି ଲୁଚାଇ ରଖିବାକୁ ଚେଷ୍ଟା କରୁଥାନ୍ତି। ହେଲେ 'ପୋଷାକ'ର ମୋହ ତାଙ୍କ ପିଛା ଛାଡୁ ନଥାଏ। ଜମାଲ୍‌ଙ୍କ ସହିତ ସେ ତୃତୀୟ ବନ୍ଧୁଙ୍କ ଘର ଭିତରକୁ ଗଲେ। ବେହୋସ୍ ଜଣାପଡୁଥାନ୍ତି। ଯେମିତି ଆଜିସେ ନିଜ ହୋସ୍‌ରେ ନାହାଁନ୍ତି। ସେ କାହା ମୁହଁକୁ ସିଧାସଳଖ ଦେଖୁନଥାନ୍ତି କେବଳ ଘରର କାନ୍ଥବାଡ଼କୁ ଦେଖୁଥାନ୍ତି । ଅଥଚ କାନ୍ଥରେଯେପରି ସେହି କୋର୍ଟ ପଗଡ଼ି ଟଙ୍ଗା ହୋଇଛି ଆଉ କିଛି ନୁହେଁ। ଜମାଲଙ୍କ ମୁହଁ କି ଅନ୍ୟ ବନ୍ଧୁଙ୍କ ମୁହଁ ଦେଖାଯାଉନଥାଏ। କେବଳ ଲୁଗାପଟା ଦେଖାଯାଉଥାଏ। ଅନ୍ତରରେ ନସରୁଦ୍ଦିନଙ୍କ କି ପ୍ରକାର ଝଡ଼ ସୃଷ୍ଟି ହୋଇସାରିଛି ତାର ଟିକିଏହେଲେ ଆଭାସ ମୁହଁରେ ତାଙ୍କର ଫୁଟିଉଠୁନଥାଏ। ଏହି ଦ୍ୱନ୍ଦ କଥା କେହି ଜାଣିପାରୁନଥାନ୍ତି । ବନ୍ଧୁପଚାରିଲେ, 'ତୁମ ସାଙ୍ଗରେ ଇଏ କିଏ ?' ହେଲେ ନସରୁଦ୍ଦିନଙ୍କ ପାଟି ଖୋଲୁନଥାଏ । ସତେ ଯେପରି ତାଙ୍କୁ କିଏ ମାଡ଼ିବସିଛି ଏବଂ ତାଙ୍କ ପାଟିଟା ଜବରଦସ୍ତ ଭାବରେ ବନ୍ଦକରିଦେଇଛି। ତାଙ୍କର ଆଦୌ ମନେପଡୁନଥାଏ ବନ୍ଧୁଙ୍କ ନାମ କିମ୍ବା କ'ଣ କହି ଚିହ୍ନେଇବେ ଜାଣିପାରୁନଥାନ୍ତି । କାଳେ ପାଟିରୁ ଆଉ କ'ଣ ଯଦି ବାହାରିପଡ଼ିବ ତେବେ ତ କଥା ସରିଗଲା। ନସରୁଦ୍ଦିନଙ୍କୁ ଦେଖିଲେ ଜଣାପଡୁଥାଏ ଯେମିତି ତାଙ୍କୁ ଭାରି କଷ୍ଟ ହେଉଛି ମନେପକାଇବା ପାଇଁ। ବଡ଼କଷ୍ଟରେ ନିଜକୁ ସମ୍ଭାଳି ନେଇ ସେ କହିଲେ, 'ମୋର ପିଲାଦିନର ସାଙ୍ଗ । ତାଙ୍କର ନାମ ଫଲାଂ' ଆଉ ଯେଉଁ ପୋଷାକ ସେ ପିନ୍ଧିଛନ୍ତି ସେ ବିଷୟରେ ମୋର କିଛି କହିବାର ନାହିଁ କି ସେ ପ୍ରସଙ୍ଗ ଉଠାଇବାର ନାହିଁ ।' ଆରେ ! ଏ କ'ଣ ହେଲା ମୁଲ୍ଲାଙ୍କର । ପୁଣି ସେଇ ପୋଷାକ କଥା ଉଠିଲା। ଯେଉଁ କଥା ନହେବାର ଦମନ ଚାଲେ ସେହି କଥା ହିଁ ବେଶୀ ଆଲୋଚିତ ହୁଏ।

ଆମ ସମାଜରେ ଯେମିତି ସେକ୍ସ ଯୌନତା ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିପାରିବା ନାହିଁ ବୋଲି ସ୍ଥିର ହୋଇଯାଇଛି। ଅଥଚ ୨୪ ଘଣ୍ଟା ସେହି ବିଷୟରେ ଆମର ବାର୍ତ୍ତାଳାପ, କ୍ରିୟାକଳାପ ଚାଲିଛି। ଯୌନତାକୁ ନେଇ କୌଣସି ଆଲୋଚନା କାହା ସହିତ ହୋଇନପାରେ ସତ କିନ୍ତୁ ନିଜ ସହିତ ବାର୍ତ୍ତାଳାପରୁ ଆମର ମୁକ୍ତି କାହିଁ। କୋହ୍ଲୁର ବଳଦ ପରି ନିଜ ଭିତରେ ଘୂରୁଥିବା ଛଡ଼ା ଅନ୍ୟ ଉପାୟ କାହିଁ। ଯୌନତା ସମ୍ପର୍କରେ କିଛି କଥାବାର୍ତ୍ତା କରିବାର ନାହିଁ। ସେ ବିଷୟ ଉଠାଇବାର ନାହିଁ। ମା ନିଜ ଝିଅକୁ ଯୌନତା ସମ୍ପର୍କରେ ଶିକ୍ଷା ଦେବନାହିଁ କି ପୁଅ ବାପାକୁ କୌଣସି କୌତୂହଳର ସମାଧାନ ପାଇଁ ପରାମର୍ଶ

ମାଗିପାରିବ ନାହିଁ । ସାଙ୍ଗ ସାଙ୍ଗ ଭିତରେ ଏ ପ୍ରସଙ୍ଗ ଉଠିବ ନାହିଁ। କାରଣ ଏହା ଅତ୍ୟନ୍ତ ଅଶ୍ଳୀଳ ଭାବନା । ବାସ୍ତବରେ ଦେଖିଲାବେଳକୁ ପ୍ରତ୍ୟେକବ୍ୟକ୍ତିର ମନରେ ଯୌନତା ସମ୍ପର୍କରେ ଅଶ୍ଳୀଳ ଭାବନା ଆସୁଥାଏ। ଯୌନତା ସେକ୍ସ ଯେତେଟା ମହତ୍ତ୍ୱପୂର୍ଣ୍ଣ ନୁହେଁ କିନ୍ତୁ ସେ ବିଷୟରେ ଆଲୋଚନା ନ ହେବାରୁ ତାହା ବେଶୀ ମହତ୍ତ୍ୱପୂର୍ଣ୍ଣ ହୋଇଯାଇଛି । ସାମ୍ନା କବାଟରେ ଗୋଟିଏ ବୋର୍ଡ ମାରିଦେଲେ ଯେ ଏହି ଘରଭିତରକୁ ଦେଖିବା ମନା। ତା'ହେଲେ ସେହି କବାଟ ଫାଙ୍କରୁ ଭିତରକୁ କେମିତି ଦେଖିବାକୁ ହେବ ତାହା ସବୁଠାରୁ ବେଶୀ ମହତ୍ତ୍ୱପୂର୍ଣ୍ଣ ହୋଇଯିବ। ମନେକରାଯାଉ ବିଶ୍ୱବିଦ୍ୟାଳୟରେ ଆଇନଷ୍ଟାଇନଙ୍କ ଭଳି ମହାନ୍ ବୈଜ୍ଞାନିକ ଆସି ଗଣିତ ଉପରେ ମହତ୍ତ୍ୱପୂର୍ଣ୍ଣ ଭାଷଣ ଦେଉଛନ୍ତି କିନ୍ତୁ ଛାତ୍ରଛାତ୍ରୀଙ୍କର ମନ ସେହି ବନ୍ଦକବାଟର ବୋର୍ଡଆଡକୁ ଚାଲିଯିବ। ସେସବୁ ବେକାର ମନେହେବ । କେବଳ ବନ୍ଦ କବାଟ ମହତ୍ତ୍ୱପୂର୍ଣ୍ଣ ହୋଇଯିବ। ସମସ୍ତ ଛାତ୍ରଛାତ୍ରୀ ବନ୍ଦ କବାଟ ପାଖରେ ହିଁ ଭିଡ଼ ଜମାଇବାକୁ ଲାଗିବେ।

ମନ ଖାଲି କହିବ ବନ୍ଦ କବାଟ ଘରେ କ'ଣ ଅଛି ଦେଖିବା। ଯେଉଁ ଛାତ୍ରଛାତ୍ରୀ ଆଗରୁ ଅତି ଭଦ୍ର ଭଲର ମୁଖା ପିନ୍ଧିଛନ୍ତି ସେମାନେ ହିଁ ଆଗ ଆସି ବନ୍ଦକବାଟକୁ ଖୋଲି ଦେଖିବାକୁ ଚେଷ୍ଟା କରିବେ। ଆଜି ତାଙ୍କୁ କେହି ଖରାପ କହିଲେ ବି ସେମାନଙ୍କର କିଛି ଯାଏ ଆସେ ନାହିଁ। ବୋର୍ଡ଼ ତ ଲେଖା ହୋଇଛି ଭିତରକୁ ନ ଦେଖିବା ପାଇଁ ହେଲେ ଯେଉଁମାନେ ସଜ୍ଜନ, ଭଦ୍ର, ଭଲଲୋକ ସେମାନେ ମଧ୍ୟ ରାସ୍ତାରେ ଚାଲିଗଲାବେଳକୁ ବନ୍ଦଘର ଆଡେ ଟିକେ ବଙ୍କେଇ ଚାହିଁବେ । ସେମାନଙ୍କ ବାଙ୍କ ଚାହାଣୀରେ କେବଳ କବାଟ ଭିତରର ଦୃଶ୍ୟ ଦେଖିବାର ପ୍ରବଳ ଇଚ୍ଛା ଜାଗ୍ରତ ହେଉଥିବ। ଆଉ ବାଙ୍କ ଚାହାଣୀରେ ଯେଉଁ ଦୃଶ୍ୟ ଥରେ ଦେଖି ନିଆଯାଏ ତାହାର କଳ୍ପିତ ରୂପ ଅତ୍ୟନ୍ତ ଭୟାନକ ହୁଏ। କାରଣ ପ୍ରକୃତରେ ଭିତରର ଦୃଶ୍ୟ ଦିଶୁନଥିବ ହେଲେ ଦିଶୁଥିବା ଭଳି ଭ୍ରମ ସୃଷ୍ଟି କରୁଥିବ। ଏପଟେ ମନରେ ପ୍ରବଳ ଉତ୍କଣ୍ଠା ଜାଗ୍ରତ ହେଉଥିବ ଭିତରକୁ ଝାଙ୍କିବାପାଇଁ।

ତେଣୁ ଯେଉଁ ପୀଡ଼ିତ ମଣିଷମାନେ ଭଦ୍ରବ୍ୟକ୍ତି ମାନେ ତେରଛି ଚାହାଣୀରେ ବନ୍ଦ କବାଟ ଭିତରକୁ ଦେଖିବାର ପ୍ରୟାସ କରି ଚାଲିଗଲେ ସେମାନେ ପ୍ରତିଶୋଧ ପରାୟଣ ସେତିକିପରିବାଣରେ ହୋଇ ପଡନ୍ତି। କାହାଉପରେ ତେବେ ପ୍ରତିଶୋଧ ନେବେ। ଯେଉଁମାନେ ଭିତରକୁ ଦେଖୁଥିଲେ ସେମାନଙ୍କ ଉପରେ ପ୍ରତିଶୋଧ ନେବେ। ଦୁଷ୍ଟ, ବଦ୍‌ମାସ୍, ଅଶ୍ଳୀଳ ବୋଲି କହି ସେମାନଙ୍କୁ ଗାଳିଦେବେ । ଏମିତି ଗୁଡାଏ କହି ମନକୁ ମନ ସାନ୍ତ୍ୱନା ଦେବେ ଆମେ ଭଲଲୋକ ବୋଲି କବାଟ ଭିତରକୁ ଡୁଙ୍ଗି ଦେଖିଲୁ ନାହିଁ। କିନ୍ତୁ ଏପଟେ ମନ ବାରମ୍ବାର ଉସୁକାଉଥିବ ଭଲକରି କବାଟ ଭିତରେ କ'ଣ ଅଛି ଦେଖିଦେଲେ ଭଲ ହୁଅନ୍ତା। ଧୀରେଧୀରେ

ସନ୍ଧ୍ୟାହେବ ରାତି ଆସିବ କିନ୍ତୁ ବନ୍ଦକବାଟକୁ ଦେଖିବାର କୌତୂହଳ କଥା ମନରୁ ଦୂରହେବ ନାହିଁ। କ୍ଲାସ୍‌ରେ ପଢ଼ିଲାବେଳେ, ଖେଳିଲାବେଳେ, ବିଜ୍ଞାନଗାରରେ ପରୀକ୍ଷା କଲାବେଳେ ବି ସେହି କଥା ହିଁ ଦିଶିବ। ପାଠପଢିବାକୁ ଆଦୌ ଇଚ୍ଛା ହେବନାହିଁ। ସେମାନେ ବାଧ୍ୟ ହୋଇ ବନ୍ଦକବାଟ ଘର ନିକଟରେ ସକାଳୁ ଭିଡ଼ ଜମାଇବେ।

ମଣିଷ ମନରେ ଏକ ନିୟମ ଅଛି। ସେହି ନିୟମ ଅନୁସାରେକିଛି ହେଲେ ଶ୍ଳୀଳ, ଅଶ୍ଳୀଳ ଅପବାଦ ମାନେ ନାହିଁ। ସଂସାରର କୌଣସି ନିୟମରେ ଅପବାଦ ନଥାଏ। ଜଗତର ନିୟମ ଅତ୍ୟନ୍ତ ଶୃଙ୍ଖଳିତ ଭାବରେ ବୈଜ୍ଞାନିକ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ। ମନର ନିୟମ ମଧ୍ୟ ସେତିକି ପରିମାଣରେ ବୈଜ୍ଞାନିକ। ଯୌନତା ଏତେ ମହତ୍ତ୍ୱପୂର୍ଣ୍ଣ ହେବାର କାରଣ ହେଉଛି ତାହା ବର୍ଜିତ ହେଉଛି, ଗୁହ୍ୟ ରଖାଯାଉଛି। ଯୌନତାକୁ ବର୍ଜନ କରିବାପାଇଁ ବୋର୍ଡ଼ ସମ୍ମୁଖରେ ମରା ହୋଇଛି। ଏହି ବର୍ଜନୀୟ ବ୍ୟବସ୍ଥା ପାଇଁ ସେକ୍ସ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇ ମଣିଷର ମନକୁ ଆକ୍ରାନ୍ତ କରି ରଖୁଛି। ସମଗ୍ର ମାନସିକ ଚେତନା ସେକ୍ସ ଚାରିପାଖେ ଘୂରିବୁଲୁଛି। ଫ୍ରଏଡ୍ ତେଣୁ କହିଥିଲେ ମଣିଷର ମନ ସେକ୍ସର ଚତୁଃପାର୍ଶ୍ୱରେ ଘୂରୁଥାଏ। କିନ୍ତୁ ଫଏଡ୍‌ଙ୍କର ଯୌନତା ସମ୍ପର୍କରେ ଅନ୍ୟତମ ଭୂଲ୍‌ଟି ହେଲା ସେକ୍ସ ମହତ୍ତ୍ୱପୂର୍ଣ୍ଣ ହେବାରୁ ମଣିଷ ମନରେ ସର୍ବଦା ଆସ୍ଥାନ ଜମାଇ ରହେ। ସେକ୍ସକୁ ବିରୋଧ, ନିଷେଧ ବା ବର୍ଜନରୁ ହିଁ ତାହା ମନକୁ ବିଶେଷ ବିଚଳିତ କରୁଛି। ଅବଶ୍ୟ ଏଥିପାଇଁ ଆମର ତଥାକଥିତ ରକ୍ଷଣଶୀଳ ପରମ୍ପରା ଦାୟୀ।

ଆମର ଧର୍ମ, ଧର୍ମର ରକ୍ଷକ ପଣ୍ଡା ପୁରୋହିତ ତଥା ସାଧୁ ମହାତ୍ମାମାନେ ସେକ୍ସକୁ ବର୍ଜନୀୟ ବୋଲି ବୋର୍ଡ ଟଙ୍ଗାଇଦେଇ ଯୌନତାକୁ ବେଶୀ ପ୍ରଭାବଶାଳୀ କରି ଦେଇଛନ୍ତି। ମାନବଜାତିକୁ ଯୌନତା ଆଡକୁ କାମୁକତା ଆଡକୁ ଟାଣିନେବାରେ ଆମର ତଥାକଥିତ ସାଧୁ ମହାତ୍ମାମାନେ ଦାୟୀ। ସାଧୁ ମହାତ୍ମାମାନେ ଯେତିକି ସେକ୍ସ ବର୍ଜନୀୟ ବୋର୍ଡ ମାରିଲେ ସେତିକି ପରିମାଣରେ ମଣିଷ ସେ ଆଡକୁ ଟାଣି ହୋଇଗଲା। କାରଣ ସତ୍ୟ ହେଲା ଯୌନତା ମଣିଷର ଅଙ୍ଗ ଅଙ୍ଗରୁ ଉପୁଚିକରି ବାହାରି ଆସୁଛି। ଟିକିଏ ଭଲକରି ନିରୀକ୍ଷଣ କଲେ ଉପରର ଧୂଳିକୁ ଛାଡ଼ିଦେଇ ଦେଖିବାକୁ ଖାଲି ସେକ୍ସ ଭର୍ତ୍ତି ହୋଇଛି ମିଳିବ। ଗଳ୍ପ, ଉପନ୍ୟାସ ଦେଖିବାକୁ ଖାଲି ସେକ୍ସ ଭର୍ତ୍ତି ହୋଇଛି ମିଳିବ। ଗଳ୍ପ, ଉପନ୍ୟାସ କାହାଣୀ, ଚିତ୍ରକଳା, ମୂର୍ତ୍ତି, ସିନେମା ସବୁଥିରେ ସେହି ଯୌନତା ସ୍ଥାନ ପାଇଛି। ଅଥଚ ଆମର ଧର୍ମର ବଡ଼ପଣ୍ଡାମାନେ ଏସବୁକୁ ଘୋରବିରୋଧ କରିଛନ୍ତି। କାଳିଦାସଙ୍କ ସାହିତ୍ୟରେ ନାରୀପୁରୁଷ ମିଳନର ଯେଉଁ ନଗ୍ନବର୍ଣ୍ଣନା ରହିଛି ତାହା ଆହୁରି ଏତେ ପରିମାଣରେ ସିନେମାରେ ପ୍ରଦର୍ଶିତ ହୋଇନାହିଁ। ପୁରାଣ, ସାହିତ୍ୟ, ମନ୍ଦିରର ମୂର୍ତ୍ତି, ସ୍ଥାପତ୍ୟକଳାରେ

ଯେଉଁ ନଗ୍ନତା ସ୍ଥାନପାଇଛି ଯୌନତା ସ୍ଥାନ ପାଇଛି ତାହା ଆମେ ସିନେମାରେ ଦେଖୁଛୁ । ଅଧିକା କିଛିନୁହେଁ । କିନ୍ତୁ ଏସବୁଥିରେ ଆମର ଆଖି ଖୋଲୁନାହିଁ । ଆମେ ଅନ୍ଧ ଭାବରେ ସେହି ଚିରାଚରିତ ଶଗଡ଼ଗୁଳାର ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି ଚାଲିଆସିଛୁ ।

ଯୌନତାକୁ ଯେତେଦିନ ଯାଏ ଦମନ କରି ରଖାଯିବ, ସୁସ୍ଥ ସ୍ୱାଭାବିକ ଭାବରେ ଗ୍ରହଣୀୟ କରାନଯିବ ତେବେ କୌଣସି ମଣିଷ ମନରୁ କୌତୂହଳ ଦୂର ହେବନାହିଁ । ନିଷେଧର ବୋର୍ଡ଼ ନ ଉଠିବ ସେତେଦିନଯାଏ ସଂସାରରୁ ଯୌନତା ପ୍ରତି ଥିବା ଅହେତୁକ ବାସନାଗତ ପ୍ରତିବନ୍ଧକରୁ ମଣିଷ ମୁକ୍ତ ହୋଇ ପାରିବ ନାହିଁ । ବରଂ ଯୌନତା ଏକ ରୋଗ ଭଳି ମଣିଷକୁ ଗ୍ରାସ କରିଚାଲଥିବ । ମଣିଷ ଲୁଗାପିନ୍ଧୁ, ଖାଦ୍ୟଖାଉ, ବହିପଢୁ, ଗୀତଗାଉ, ନିଜକୁ ଯେତେ ଘୋଡେଇ ରଖିଲେ ବି ଦୃଷ୍ଟି କିନ୍ତୁ ସେହି ସେକ୍ସ ଉପରେ ନିବଦ୍ଧ ରହିବ । ସାରା ଜୀବନ ତାରି ଚତୁର୍ଦ୍ଦିଗରେ ଘୂରୁଥିବ । ସେଥିରୁ ତା'ର ରକ୍ଷାନାହିଁ ।

# ମହାଜ୍ଞାନ

ତୁମେ ଆଲୋକିତ ହେବାର ଏକମାତ୍ର ଉପାୟ ନିଜକୁ ମୁକ୍ତଭାବରେ ବୁଝିବା, ଗ୍ରହଣ କରିବା । କିନ୍ତୁ ପିଲାଦିନରୁ ମଣିଷକୁ ଅନେକ ଜାଣି ନଥିବା ବୁଝି ନଥିବା ବିଷୟ ଗୁଡ଼ିକୁ ବିନାପ୍ରଶ୍ନରେ ଗ୍ରହଣ କରିଯିବାକୁ କୁହାଯାଏ ଏବଂ ସେ ତାହା ଗ୍ରହଣ କରେ । ଧରାଯାଉ ତୁମକୁ କୁହାଗଲା ତୁମେ ସୁନ୍ଦର ନୁହଁ ତୁମେ ବିନା ପ୍ରତିବାଦରେ ତାହା ଗ୍ରହଣ କରିନେଲ । କୌଣସି ଯଦି କିମ୍ବା କିନ୍ତୁର ଟିକିଏ ବି ଦ୍ୱିଧାବୋଧ ତୁମର ଆଉ ରହିଲା ନାହିଁ । ତୁମେ ଅଯୋଗ୍ୟ ତୁମେ ଅପଦାର୍ଥ ବୋଲି କହିଲେ ମଧ୍ୟ ତୁମେ ଖୁବ୍ ସହଜରେ ଗ୍ରହଣ କରିନେଲ । କାରଣ ପିଲାଦିନରୁ ତୁମକୁ ଜୀବନ ସମ୍ପର୍କରେ ଏକ ବାସ୍ତବ ଯଥାର୍ଥ ଦୃଷ୍ଟିକୋଣ ଦିଆଯାଇନାହିଁ । ସବୁବେଳେ ବାପା, ମା, ସମାଜ, ପୁରୋହିତମାନେ ତୁମ ଉପରେ ଚାପ ସୃଷ୍ଟି କରିଛନ୍ତି ଏମିତି ହୁଅ, ସେମିତି ହେବା ଉଚିତ । ସମସ୍ତେ ଭାବୁଛନ୍ତି ଗୌତମବୁଦ୍ଧଙ୍କ ଭଳି ଅନ୍ୟ ସମସ୍ତ ମଣିଷ ସମାନ ମଧ୍ୟ ହୋଇଯିବେ । ଯେମିତି ଫୋର୍ଡକାର୍ କମ୍ପାନୀ ଏକା ମଡେଲ୍‌ର ଶହ ଶହ କାର୍ ଏକସଙ୍ଗେ ତିଆରିକରି ବଜାରକୁ ଛାଡେ । କିନ୍ତୁ ଗୌତମ ବୁଦ୍ଧ ମେସିନ୍ ନୁହଁନ୍ତି କି ତାଙ୍କ ଭଳି ବ୍ୟକ୍ତିତ୍ୱ ତିଆରିକରିବା ପାଇଁ ତାଙ୍କର ମଡେଲ୍ ହିଁ ବ୍ୟବହୃତ ହୋଇପାରିବ ।

ଗୌତମବୁଦ୍ଧ ନିଜେ ଆଲୋକିତ ହେଲେ ଆଶୀର୍ବାଦମୟ ହେଲେ ନିଜର ଇଚ୍ଛାରୁ, ନିଜର ସତ୍ୟ ଅନ୍ୱେଷାରୁ । କାହାର ନିର୍ଦ୍ଦେଶରେ, ଚାପରେ ଆଦୌ ନୁହେଁ । ତୁମେ ନିଜ ଆତ୍ମାର, ଚେତନାର ବିକାଶ ଚାହୁଁଛ, ଆଲୋକିତ ହେବାକୁ ଚାହୁଁଛ ତେବେ ନିଜେ ହିଁ ଉଦ୍ୟମ କର । କାହାର ନିର୍ଦ୍ଦେଶକୁ ଅପେକ୍ଷା କରନାହିଁ । ସମସ୍ୟା ଟି ଉତ୍ପନ୍ନ ହେଉଛି ଏଇଥିପାଇଁ ଯେତେବେଳେ ତୁମେ ତୁଳନା କରିବା ଆରମ୍ଭ କରୁଛ । ମୁଁ ଯଦି ଚେତନାର ଆଲୋକରେ ଆଲୋକିତ ହୁଏ ତେବେ ବୁଦ୍ଧ, ଯୀଶୁଖ୍ରୀଷ୍ଟ ବା ବୋଧିଧର୍ମଙ୍କ ପରି କାହିଁକି ଦିବ୍ୟପୁରୁଷରେ ପରିଣତ ହେବିନାହିଁ । କାହିଁକି ଏତେ ତୁଳନା, କ'ଣ ଆବଶ୍ୟକ ଅଛି । ମୁଁ ବିଧୁ । ମୁଁ ଠିକ୍ ମୋ ଭଳି ରହିବି । ମୋତେ କେହି ପୂଜା କରିବା ଦରକାର ନାହିଁ । ମୁଁ ଯେଉଁଆଡେ ଯାଏନା

କାହିଁକି ମୁକ୍ତ ଭାବରେ ବଞ୍ଚିବି, କିଏ ମତେ ପ୍ରାଧାନ୍ୟ ଦେଉ କି ନଦେଉ। ସେଥିରେମୋର ଯାଏ ଆସେକ'ଣ। ପୁଣି ମୋଭିତରେ ଖଟ୍‌କା ଲାଗିବ, ମୋର ବୋଧେ ଯଥାର୍ଥ ଜ୍ଞାନ ଉଦୟ ହୋଇନାହିଁ ତେଣୁ ମୋତେ କେହି ଗ୍ରହଣ କରୁନାହାନ୍ତି। ଏମିତି ଅନୁଭବ ହେବାର ଏକମାତ୍ର କାରଣ କେତେ ହଜାର ବର୍ଷଧରି ଆମ ମନରେ ବଦ୍ଧଧାରଣା ଜନ୍ମାଇ ଦିଆଯାଇଛି ନିଜ ଅସ୍ତିତ୍ୱର ବିକାଶ କରିବା ଯେମିତି ଏକ ଲକ୍ଷ୍ୟ ହାସଲର ସଫଳତା ସହିତ ସମାନ। କିନ୍ତୁ ବାସ୍ତବରେ ଆଲୋକିତ ହେବା ସଫଳତା ହାସଲର ମାପକାଠି ନୁହେଁ।

ତୁମେ ଯଦି ନିଜକୁ ହଜେଇ ଦେଲାଭଳି ଅନୁଭବ କରୁଛ ତା'ର କାରଣ ହେଲା ତୁମେ ତୁମ ପରିସରର ସବୁକାର୍ଯ୍ୟରେ ସଂପୃକ୍ତ ହୋଇଛ କିନ୍ତୁ ନିଜକୁ ସମ୍ପୂର୍ଣ୍ଣ ଛାଡ଼ିଦେଇଛ। ତୁମେ ସବୁଦିନ ସକାଳୁ ଉଠି ମନ୍ଦିରକୁ ଯାଉଛି, ଶ୍ରୀମଦ ଭଗବଦ୍ ଗୀତା ପାଠ କରୁଛ। ସମସ୍ତ ଧାର୍ମିକ ପଣ୍ଡିତ ପୁରୋହିତ, ପାଦ୍ରୀଙ୍କୁ ସାକ୍ଷାତ କରୁଛ ଯେଉଁମାନେ ନିଜକୁ ପ୍ରକୃତ ଗୁରୁ ବୋଲି ଭାବିଥାନ୍ତି ଆଉ ତୁମ ସହିତ ପ୍ରତାରଣ କରିଥାନ୍ତି। ଅବଶ୍ୟ ଏତିକି କରୁଛ ବୋଲି ତୁମେ ଖୁବ୍ ଆତ୍ମସନ୍ତୋଷ ଅନୁଭବକରୁଛ ଓ ବାହାସ୍ଫୋଟ ମାରୁଛ ଯେ ତୁମେ ଜ୍ଞାନର ଆଲୋକରେ ଆତ୍ମାର ଆଲୋକରେ ଆଲୋକିତ ହୋଇପାରିବ। ଏଇଟା ଖାଲି ତୁମର ସମସ୍ୟା ନୁହେଁ। ସମସ୍ତଙ୍କର। ଜଣେ ବୌଦ୍ଧମହାବୀରଙ୍କୁ ଜ୍ଞାନୀ ଆଲୋକମୟ ବ୍ୟକ୍ତିତ୍ୱ ବୋଲି ମାନେନାହିଁ। ବୌଦ୍ଧମାନେ ମହାବୀରଙ୍କୁ ଲଙ୍ଗଳା ହୋଇ ରହିବା ଯୋଗୁଁ ବେଶି ଘୃଣା କରିଥାନ୍ତି। କାହିଁକି ନା ଗୌତମ ବୁଦ୍ଧଙ୍କ ଖୁବ୍ ସୁନ୍ଦର ମସୃଣ ବାଳ ଥିଲା। ଅଥଚ ମହାବୀର ନିଜର ସମସ୍ତ ବାଳ କାଟି ଦେଇଥିଲେ। ତା'ହେଲେ କେମିତି ମହାବୀର ଜଣେ ଆଲୋକିତ ବ୍ୟକ୍ତିତ୍ୱରେ ପରିଣତ ହେବେ। କିନ୍ତୁ ଆମେ ସମସ୍ତେ ବିନା ବିଚାରରେ ଏକ ସିଦ୍ଧାନ୍ତ କରିନେଇଛୁ ପ୍ରତ୍ୟେକ ଦିବ୍ୟଦ୍ରଷ୍ଟା ବ୍ୟକ୍ତିମାନେ ନିଜ ନିଜର ପଥରେ ଅନ୍ୱେଷାରେ ଆଶୀର୍ବାଦମୟ ହୋଇଛନ୍ତି। ସମାନତା କେତେକାଂଶରେ ଥାଏ କିନ୍ତୁ ଅବିକଳ ମଣିଷଟିଏ କଦାପି ସୃଷ୍ଟି ହୋଇପାରିବ ନାହିଁ। ଏହାହିଁ ତା'ର ପ୍ରକୃତ ସୌନ୍ଦର୍ଯ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ନିଜର ଅସ୍ତିତ୍ୱକୁ ଗଭୀର ଭାବରେ ଜାଣିବା କଦାପି ଏକ ସିଷ୍ଟମ୍‌ରେ ପରିଣତ ହୋଇପାରିବ ନାହିଁ। କିମ୍ବା ଏହା ଏକ ପର୍ଯ୍ୟାୟରେ ଉପନୀତ ହୋଇପାରିବ ନାହିଁ। ତୁମେ କେବଳ ଏତିକି ବୁଝ ତୁମର ସବୁ ସାଧାରଣତ୍ୱ ହିଁ ତୁମର ଶୁଦ୍ଧତାକୁ ଦର୍ଶାଉଛି। କୌଣସି ଆବରଣ ସେଥିପାଇଁ ଆଦୌ ଦରକାର ନାହିଁ।

ତୁମେ ତୁମ ସାଧାରଣତ୍ୱ ଭିତରେ ଆନନ୍ଦରେ ବଞ୍ଚିରହିଲେ ହିଁ ଅସ୍ତିତ୍ୱର ମଧୁରତା ଉପଲବ୍ଧି କରିପାରିବ। ତୁମର ଆଲୋକିତ ହେବାର ଏହାହିଁ ଉପଯୁକ୍ତ ସମୟ। ତୁମର ଗ୍ରହଣଯୋଗ୍ୟତା, ସ୍ୱାଭିମାନ ଏହାକୁ ଆଉଟିକେ ସୁନ୍ଦର କରିଦେବ।

ଆଉ ଟିକେ ଆଉଁଷି ଦେବ। ତୁମେ ନିଜ ଘରେ ରହିବାକୁ ଚାହୁଁନ ବୋଲି ଅନ୍ୟମାନଙ୍କ ଘରଆଡକୁ ମୁହାଁଇଛ। କେତେବେଳେ ଗୌତମବୁଦ୍ଧଙ୍କ ଆଡକୁ ତ କେତେବେଳେ ଯୀଶୁଖ୍ରୀଷ୍ଟ, କେତେବେଳେ ଲାଓଜୁଙ୍କ ଆଡକୁ ପଳାଇଯାଉଛ। ଏତେ ବିଭକ୍ତିକରଣ ଯେ ସମସ୍ତେ ସର୍ବଦା ବିଭିନ୍ନ ଦିଗକୁ ହିଁ ପରିବର୍ତ୍ତିତ ହେଉଛନ୍ତି। ତେଣୁ ତୁମକୁ ସାଧାରଣ ଭାବରେ ଜୀଇଁବାକୁ ହେବ। ସରଳ ଓ ସାଧାରଣ ଜୀବନଯାପନ ହିଁ ମଣିଷକୁ ବଞ୍ଚିବାର ସ୍ୱାଦୁ ଚଖାଏ। ସେହି ନିଛକ ଅନୁଭବ ହିଁ ତୁମର ଆଲୋକିତ ହେବାର ପ୍ରମାଣ। କିନ୍ତୁ ତୁମେ ଅପେକ୍ଷାକର କିଛି ଗୋଟାଏ ହେବାକୁ ବାକି ଅଛି। ସେହି ଭାବନାରେ ତୁମର ନିଜସ୍ୱ ନିରୋଳା ଅନୁଭବକୁ ତୁମେ ଭୁଲିଯାଅ। ପୁଣି ସେହି ପୁରୁଣା ଧାରଣା ପାଇଁ ତୁମେ କିଛି ଗୋଟାଏ ଚମତ୍କାର ହେବାର ଅପେକ୍ଷା କର। କାହିଁକି ନା ତୁମପାଇଁ ଖୁବ୍ ମନଯୋଗ ସହକାରେ ନୀରବରେ ନିଜର ଖାଇବାଟାକୁ ଉପଭୋଗ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ଏକଦମ୍ ଚିନ୍ତାଶୂନ୍ୟ ହୋଇ ଶାନ୍ତିରେ ଶୋଇବା, ଖୁସିରହିବା ଭଳି ଅତ୍ୟନ୍ତ ଅପରିହାର୍ଯ୍ୟ ସାଧାରଣ ଜୀବନଯାପନ କିନ୍ତୁ ତୁମକୁ ଭଲ ଲାଗେ ନାହିଁ। ତୁମେ କିଛି ଗୋଟାଏ ମିଛ ଆଦର୍ଶର ମୁଖାକୁ ନିଜର ଲକ୍ଷ୍ୟ ବୋଲି ଭାବିନେଇ ବଞ୍ଚିବାକୁ ଭଲପାଅ। ତୁମେ ସର୍ବଦା ଆଦର୍ଶ ମୂଲ୍ୟବୋଧ ଭଳି ବଡ଼ ବଡ଼ ଫମ୍ପା କଥା ଗୁଡ଼ିକର ମୋହରେ ପଡ଼ିଛ ଏବଂ ତାହାର ଦାସତ୍ୱ ସ୍ୱୀକାର କରିଛ। ତେଣୁ ତୁମକୁ ଏହି ସାଧାରଣ ଜୀବନଚର୍ଯ୍ୟା ଖୁବ୍ ମୂଲ୍ୟହୀନ ମନେହେଉଛି।

ତୁମେ କେବେ ଦେଖିଛ କୌଣସି ଖ୍ରୀଷ୍ଟିୟାନ୍ ଯୀଶୁଖ୍ରୀଷ୍ଟଙ୍କ ଭଳି ହେବାକୁ ଉଦ୍ୟମ କରିଛନ୍ତି ? ନା... ବରଂ ଗତ ଦୁଇହଜାର ବର୍ଷଧରି ସମଗ୍ର ବିଶ୍ୱକୁ ଖ୍ରୀଷ୍ଟିୟାନ୍ ଧର୍ମରେ ଧର୍ମାନ୍ତରୀତ କରିବା ପାଇଁ ମିଶନାରୀ ପାଦ୍ରୀମାନେ ଉଦ୍ୟମ କରିଛନ୍ତି। କିନ୍ତୁ କେହି ବି ଯୀଶୁଖ୍ରୀଷ୍ଟଙ୍କ ଭଳି ହେବାକୁ ଇଚ୍ଛା କରିନାହାନ୍ତି। ସବୁ ଧର୍ମରେ ଏହି ଅବସ୍ଥା ହୋଇଛି। ଜୈନ, ହିନ୍ଦୁ, ବୌଦ୍ଧ, ମୁସଲମାନ ସବୁ ଧର୍ମରେ କେବଳ ଧର୍ମାନ୍ତରୀତ ହେବାର ପ୍ରକ୍ରିୟା ଜାରିରହିଛି ସିନା ମାନବତାର କୌଣସି ମଙ୍ଗଳ ସାଧିତ ହୋଇ ନାହିଁ। ତୁମ ଆଗରେ ବର୍ତ୍ତମାନ ଦୁଇଟି ବାଟ ଅଛି। ତୁମେ ଗୌତମ ବୁଦ୍ଧଙ୍କର ଅନନ୍ୟ ଗୁଣ ପାଇଁ ତାଙ୍କୁ ଭଲପାଅ କିନ୍ତୁ ଅନୁକରଣ କରି ସମୟ ନଷ୍ଟ କରନାହିଁ। କାରଣ ସେ କେବେହେଲେ କାହାକୁ ଅନୁକରଣକରିନଥିଲେ ବୋଲି ଅନନ୍ତଜ୍ଞାନର ଅଧିକାରୀ ହୋଇଥିଲେ। ଏହି ସରଳ ସାଧାରଣ ସତ୍ୟଟି କେମିତି ଗୃହୀତ ହେଲାନାହିଁ ଆଜିଯାଏଁ। ମହାବୀର କାହାକୁ ଅନୁକରଣ କରିନଥିଲେ। କବୀର କାହାକୁ ଅନୁକରଣ କରିନଥିଲେ। କବୀରଙ୍କ ଜୀବନର ଏକ ଘଟଣା ଉଲ୍ଲେଖ କରୁଛି।

ହିନ୍ଦୁମାନେ ଗଙ୍ଗାନଦୀକୁ ସବୁଠାରୁ ପବିତ୍ର ବୋଲି ମାନନ୍ତି। କାରଣ

ହିନ୍ଦୁମାନଙ୍କର ବିଶ୍ୱାସ ଗଙ୍ଗାନଦୀକୂଳରେ ମୃତ୍ୟୁବରଣ କଲେ ନିଶ୍ଚିତ ରୂପେ ସ୍ୱର୍ଗପ୍ରାପ୍ତି ହୁଏ। ତୁମେ ପଛେ ଜୀବନସାରା ସହସ୍ର ଅପରାଧ କରିଥାଅ କିନ୍ତୁଗଙ୍ଗାରେ ସବୁ ପାପ ଧୋଇଯିବ। ତା'ବୋଲି କ'ଣ ସମଗ୍ର ହିନ୍ଦୁ ସମାଜ ଗଙ୍ଗାକୂଳରେ ବାସ କରୁଛନ୍ତି। ସେଥିପାଇଁ ଗଙ୍ଗା କୂଳରେ ଏତେ ଗହଳି ହୋଇଛି। ଯେଉଁମାନେ ଗଙ୍ଗାକୂଳରେ ମୂଳରୁ ବାସ କରୁଛନ୍ତି ସେମାନେ ଭାଗ୍ୟବାନ ନିଶ୍ଚିତ ରୂପରେ କିନ୍ତୁ ଯେଉଁମାନେ ରହୁନାହାନ୍ତି ଅନ୍ତତଃ ବୁଢ଼ା କାଳେ ଗଙ୍ଗା କୂଳରେ ମରିବାକୁ ଆକାଙ୍କ୍ଷା କରନ୍ତି। ତୁମେ ଦେଖି ଆଶ୍ଚର୍ଯ୍ୟ ହେବ ବାରଣାସୀରେ ଏତେ ସଂଖ୍ୟକ ବୁଢ଼ାବୁଢ଼ୀ ଠୁଳ ହୋଇଛନ୍ତି। ସେମାନେ ସମସ୍ତେ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି। କେତେବେଳେ ହେଲେ ମୃତ୍ୟୁ ଆସିଯିବ। ଏପରିକି ବାରଣାସୀ ସହରର ପାଖାପାଖି ଗ୍ରାମଗୁଡ଼ିକରେ ଯେଉଁମାନେ ବାସକରୁଛନ୍ତି ସେମାନେ ମରିଗଲା ପରେ ତାଙ୍କର ଆତ୍ମୀୟମାନେ ତାଙ୍କର ଶବଗୁଡ଼ିକୁ ବାରଣାସୀ ନେଇ ଆସୁଛନ୍ତି ଗଙ୍ଗାରେ ବିସର୍ଜନ ଦେବାପାଇଁ।

କବୀର ସାରାଜୀବନ ହିନ୍ଦୁମାନଙ୍କର ପବିତ୍ର ବାରଣାସୀ ନଗରୀରେ ଜୀବନଯାପନ କରିଥିଲେ। ଗଙ୍ଗାର ଅପର ପାର୍ଶ୍ୱରେ ଗୋଟିଏ ଛୋଟିଆ ଗାଁ ଥିଲା। ତାର ନାମ ମଗହାର। ଏହି ଗ୍ରାମକୁ ନେଇ ଏପରି ଏକ ଅପଧାରଣା ଲୋକଙ୍କ ଭିତରେ ସୃଷ୍ଟି ହୋଇଥିଲା ଯିଏ ବାରଣାସୀରେ ମରିବ ସେ ସ୍ୱର୍ଗକୁ ଯିବ କିନ୍ତୁ ଯିଏ ମଗହାରରେ ମୃତ୍ୟୁବରଣ କରିବ ସେ ଗଧ ହୋଇ ଜନ୍ମ ହେବ। ଅଥଚ ମଗହାର ଗ୍ରାମ ଠିକ୍ ଗଙ୍ଗାର ଆରକୂଳରେ ଅବସ୍ଥିତ। କବୀର ନିଜ ମୃତ୍ୟୁର କିଛିଦିନ ପୂର୍ବରୁ ତାଙ୍କର ବନ୍ଧୁମାନଙ୍କୁ କହିଲେ, 'ମୋତେ ଟିକେ ମଗହାର ଗ୍ରାମକୁ ନେଇଯାଅ।' ସେମାନେ କହିଲେ, 'ଆପଣ କ'ଣ ପାଗଳ ହେଲେକି ? କେହି ମଗହାରରେ ମରିବାକୁ ରାଜି ନୁହଁନ୍ତି। ଏପରି ଯେଉଁମାନେ ମଗହାରରେ ରହୁଛନ୍ତି ସେମାନେ ଡରୁଛନ୍ତି ଓ ମୃତ୍ୟୁବେଳକୁ ବାରଣାସୀ ପଳାଇ ଆସୁଛନ୍ତି। ଅଥଚ ଆପଣ ସାରାଜୀବନ ବାରଣାସୀରେ ରହିଲେ ଆଉ ଏବେ ମଗହାର ଯିବାକୁ ଚାହୁଁଛନ୍ତି। ଏବଂ ଆପଣ ଜାଣନ୍ତି ମଗହାରରେ ଯିଏ ମରିବ ସେ ଗଧହୋଇ ଜନ୍ମହେବ।'

କିନ୍ତୁ କବୀର ତାଙ୍କ ନିଷ୍ପତ୍ତିରେ ଅଟଳ ହୋଇ କହିଲେ, 'ଯଦି ତୁମେ ମୋକଥା ଶୁଣିବ ନାହିଁ ତେବେ ମୁଁ ନିଜେ ଚାଲି ଚାଲି ମଗହାର ଯିବି। ଯଦି ପ୍ରକୃତରେ ମୁଁ ଆଲୋକିତ ତେବେ ବାରଣାସୀ କି ମଗହାର ଭଳି ସ୍ଥାନର କୌଣସି ମହତ୍ତ୍ୱ ମତେ ସେଥିପାଇଁ ଅଟକାଇ ପାରିବ ନାହିଁ। ଅନ୍ତତଃ ମଗହାର ଗ୍ରାମ ନାମରେ ବୃଥା ଅପପ୍ରଚାର ଯେଉଁ ଭଳି ଭାବରେ ଚାଲିଛି ଅନ୍ତତଃ ସେଠାରେମୁଁ ମଲାପରେ ତ କେହି ଗଧ ହୋଇ ଜନ୍ମହେବେ ବୋଲି କହିପାରିବେ ନାହିଁ।' କବୀର ସତରେ ମଗହାରରେ ହିଁ ମୃତ୍ୟୁବରଣ କଲେ। ସେ ମଗହାର ନାମରେ

ଥିବା ଅପବାଦକୁ ସମ୍ପୂର୍ଣ୍ଣ ବଦଳାଇ ଦେଲେ । ଏପରିକି କବୀରଙ୍କୁ ଯେଉଁମାନେ ଗଭୀର ଶ୍ରଦ୍ଧାକରୁଥିଲେ ସେମାନେ ଯାଇ ମଗହାର ଗ୍ରାମରେ ବାସ କରିବାକୁ ଲାଗିଲେ । ଦିନେ ମଗହାର କବୀରଙ୍କ ପାଇଁ ଏକ ତୀର୍ଥସ୍ଥଳରେ ପରିଣତ ହେଲା । ମୀରା ଥରେ ବାରଣାସୀ ଦର୍ଶନ ପାଇଁ ଆସିଥିଲେ । ବାରଣାସୀ ହିନ୍ଦୁ ସଂସ୍କୃତ ପଣ୍ଡିତମାନଙ୍କର ସର୍ବଶ୍ରେଷ୍ଠପୀଠସ୍ଥଳୀ ଥିଲା । ହିନ୍ଦୁପଣ୍ଡିତ ସଭାର ବାର୍ଷିକ ଉତ୍ସବରେ ଯୋଗଦେବାପାଇଁ କେତେକ ପଣ୍ଡିତ କବୀରଙ୍କୁ ନିମନ୍ତ୍ରଣ ଦେବାକୁ ଚାହିଁଲେ ।

କିନ୍ତୁ ସମସ୍ୟା ହେଲା କବୀର ଜାତିରେ ତନ୍ତୀ ଥିଲେ । ସେ ହିନ୍ଦୁ ନା ମୁସଲମାନ ଏହି ସନ୍ଦେହ ମଧ୍ୟ ରହିଥିଲା । ତାଙ୍କ ନାମ 'କବୀର'ର ଆରବିକ ଅର୍ଥ ହେଉଛି 'ଆଲ୍ଲା' ଯାହା ମୁସଲମାନମାନଙ୍କର ଈଶ୍ୱର ନାମରେ ପରିଚିତ । ଏବଂ ସେ ଗଙ୍ଗାକୂଳରେ ଥିବା ସନ୍ଥ ସନ୍ୟାସୀ ରାମାନନ୍ଦଙ୍କ ଦ୍ୱାରା ଲାଳିତ ପାଳିତ ହୋଇଥିଲେ । ତାଙ୍କର ବାପା ମା' ଗଙ୍ଗାକୂଳରେ କବୀରଙ୍କୁ ଛାଡ଼ି ଦେଇ ପଳାଇଥିଲେ । ରାତିସାରା କବୀର ସେହି ପାହାଚରେ ବସିରହିଥିଲେ । ଖୁବ୍ ପାହାନ୍ତାରୁ ରାମାନନ୍ଦ ଗଙ୍ଗାକୁ ଆସି ସ୍ନାନ କରି ସୂର୍ଯ୍ୟଙ୍କୁ ନମସ୍କାର କରି ଫେରିଲା ବେଳକୁ ଛୋଟ ବାଳକଟି ତାଙ୍କର ଧୋତିକୁ ଟାଣି ଧରିଲା । ପଛକୁ ଫେରିଚାହିଁଲେ ରାମାନନ୍ଦ ଏକ ସୁନ୍ଦର ନିରୀହ ବାଳକ ତାଙ୍କୁ ଚାହିଁ ହସୁଛି । କେହି ତା' ପାଖରେ ନାହିଁ । ବାପା ମା' ପିଲାଟିକୁ ଛାଡ଼ଇ ଦେଇ ପଳାଇଛନ୍ତି । ରାମାନନ୍ଦ ଛୋଟ ବାଳକଟିକୁ ତଳୁ ଉଠାଇ କାଖେଇ ପକାଇଲେ ଓ ତାଙ୍କର ଆଶ୍ରମକୁ ନେଇ ଆସିଲେ । ଶିଷ୍ୟମାନେ ରାମାନନ୍ଦଙ୍କୁ କହିଲେ, 'ଆପଣ କାହିଁକିଏ ଅଯଥା ବିପଦକୁ ବରଣ କରି ଆଣିଲେ । ଏହାର ହାତରେ ତ କବୀର ବୋଲି ଲେଖା ହୋଇଛି,ନିଶ୍ଚୟ ଏ ଜଣେ ମୁସଲମାନ ବାଳକ । ତା'ପରେ ହିନ୍ଦୁଧର୍ମାଧିକାରୀମାନେ ଆପଣଙ୍କୁ ନିଶ୍ଚୟ ବିରୋଧ କରିବେ । ସନ୍ୟାସୀମାନଙ୍କର ତ ଘର ସଂସାର ପିଲାଛୁଆ ନଥାଏ । ସେମାନେ ସଂସାର ତ୍ୟାଗ କରିଥାନ୍ତି ।'

କିନ୍ତୁ ରାମାନନ୍ଦ ଦୃଢ଼ ଭାବରେ ଉତ୍ତର ଦେଲେ, 'ମୋତେ କେହି ପୂଜା କରୁ କି ପ୍ରଶଂସା କରୁ ଏଥିପାଇଁ ମୁଁ କିଛି କରୁନାହିଁ । ଯାହାର ଇଚ୍ଛାହେଉଛି ସେ ମୋ ପାଖକୁ ଆସୁ । ଯାହାର ଇଚ୍ଛା ନାହିଁ ସେ ନ ଆସୁ ସେଥିରେ ମୋର କିଛି ଯାଏ ଆସେ ନାହିଁ । କିମ୍ୱା ମତେ କେହି ବାଧ୍ୟ ବା ନିର୍ଦ୍ଦେଶ ଦେଇ ପାରିବେ ନାହିଁ । କାରଣ ମୁଁ କେବେହେଲେ କାହାକୁ ନିର୍ଦ୍ଦେଶ ଦେଇନାହିଁ ।' ଏହାକହି ସେ କବୀରଙ୍କୁ ନିଜପାଖରେ ରଖି ପାଳନ କରିଥିଲେ । ସେଥିପାଇଁ ଲୋକମାନେ ଭାବନ୍ତି କବୀର ହିନ୍ଦୁ, ଅନେକେ ତାଙ୍କ ନାମ ପାଇଁ ମୁସଲମାନ ବି କହିଥାନ୍ତି । ଯେହେତୁ କବୀର ଜଣେ ଜ୍ଞାନୀ, ରହସ୍ୟବାଦୀ ଧାରାର ମୁଖ୍ୟ ପ୍ରବର୍ତ୍ତକ ଭାବରେ ଭାରତରେ ପରିଚିତ ଥିଲେ, ତେଣୁ କିଛି ପଣ୍ଡିତ ତାଙ୍କୁ ହିନ୍ଦୁ ମହାସଭାକୁ ନିମନ୍ତ୍ରଣ କରିବାକୁ ଚାହୁଁଥିଲେ ।

ଅଥଚ ବୃତ୍ତିରେ ସେ ତନ୍ତୀ ଥିଲେ। ଏହି ତନ୍ତୀପଣ ତାଙ୍କର ଯୋଗ୍ୟତାର ବଡ଼ ବିରୋଧାଭାସ ଅନ୍ୟମାନଙ୍କ ପାଇଁ ଥିଲା। ସେ ଯାହାହେଉ ହିନ୍ଦୁ ପଣ୍ଡିତ ସଭା କବୀରଙ୍କୁ ବାର୍ଷିକ ଉତ୍ସବରେ ଯୋଗଦେବାପାଇଁ ନିମନ୍ତ୍ରଣ ଜଣାଇବାକୁ ସ୍ଥିର କଲେ।

ସେମାନେ କବୀରଙ୍କ ପାଖରେ ପହଞ୍ଚିଲା ପରେ କବୀର ସଭାକୁ ଯିବାପାଇଁ ଏକ ସର୍ତ୍ତ ଉପସ୍ଥାପିତ କଲେ। 'ଆପଣମାନଙ୍କୁ ମୀରାବାଈଙ୍କୁ ନିମନ୍ତ୍ରଣ କରିବାକୁ ହେବ। ମୀରା ବର୍ତ୍ତମାନ ବାରଣାସୀ ଆସିଛନ୍ତି ଏବଂ ମୋ ଘରେ ରହୁଛନ୍ତି। ଆପଣ ମତେ ନଡ଼ାକି ତାଙ୍କୁ ସଭାକୁ ନିମନ୍ତ୍ରଣ କରନ୍ତୁ।' କିନ୍ତୁ ମୀରାଙ୍କୁ ନିମନ୍ତ୍ରଣ କରିବା ତ ଆହୁରି କଷ୍ଟକର ବ୍ୟାପାର। କାରଣ ସେ ଜଣେ ନାରୀ। କେବେହେଲେ ହିନ୍ଦୁ ପଣ୍ଡିତ ସଭାକୁ ଜଣେ ନାରୀକୁ ନିମନ୍ତ୍ରଣ କରାଯାଇ ପାରିବନାହିଁ। ନାରୀକୁ ସମ୍ପୂର୍ଣ୍ଣ ପବିତ୍ର ଭାବରେ ମଧ୍ୟ ଗ୍ରହଣ କରାଯାଏ ନାହିଁ। ମୂଳତଃ ସେ ଅପବିତ୍ର ତେଣୁ ତା'ର ସ୍ୱର୍ଗପ୍ରାପ୍ତି ମଧ୍ୟ ସମ୍ଭବନୁହେଁ। ଯଦି ନାରୀ କଠୋର ତପସ୍ୟା କରେ ବା ପୁରୁଷ ଜନ୍ମପାଏ ତେବେ ଯାଇ ତା'ର ପାପ ଧୋଇଯିବ ସିନା। ସେ ସିଧାସଳଖ ଆଦୌ ସ୍ୱର୍ଗକୁ ଯାଇ ପାରିବ ନାହିଁ ତାକୁ ପୁରୁଷ ମାଧ୍ୟମ ଦେଇ ସ୍ୱର୍ଗକୁ ଯିବାକୁ ହେବ। ଅଥଚ ବର୍ତ୍ତମାନ କବୀର ଏପରିଏକ ଦୁରୂହ ସର୍ତ୍ତ ମୀରାଙ୍କୁ ନେଇ ଉପସ୍ଥାପିତ କରୁଛନ୍ତି ଯାହା ଚିନ୍ତା କରିବା ମଧ୍ୟ ଅସମ୍ଭବ।

ସେମାନେ କହିଲେ, 'ଏକେତ ଆପଣଙ୍କୁ ନିମନ୍ତ୍ରିତ କରିବା ପାଇଁ ଆମକୁ ଯେଉଁ ବିରୋଧର ସାମ୍ନା ହେବାକୁ ପଡ଼ିଛି ତାହା କହିଲେ ନ ସରେ। ପୁଣି ଆପଣ ଏପରି ଅସମ୍ଭବ ସର୍ତ୍ତ ଯିବାପାଇଁ ରଖୁଛନ୍ତି କେମିତି ?' କବୀର ଉତ୍ତର ଦେଲେ, ମୁଁ ଯାହା କହି ସାରିଛି ତାହା ପରିବର୍ତ୍ତନ ହେବାର ନାହିଁ। ତୁମେମାନେ ଯଦି ମୀରାଙ୍କୁ ସମ୍ମାନିତ କରିବାକୁ ଚାହୁଁନାହଁ ତେବେ ତୁମେମାନେ କିଛି ଜାଣିନାହଁ। ଏବଂ ମୁଁ ଏଭଳି ଅଜ୍ଞ ଲୋକମାନଙ୍କର ସଭାକୁ ଯିବାକୁ ଇଚ୍ଛା କରେ ନାହିଁ। ଆପଣମାନେ ଫେରିଯାନ୍ତୁ।' କବୀରଙ୍କ ଶିଷ୍ୟମାନେ ତାଙ୍କୁ ଅନୁରୋଧ କରି କହିଲେ, 'ଗୁରୁଦେବ ! ଆପଣ ଏଭଳି ଏକ ସୁଯୋଗକୁ କିପରି ହାତଛଡ଼ା କରୁଛନ୍ତି କହିଲେ। ଆଜି ସୁଦ୍ଧା କୌଣସି ତନ୍ତୀ ବ୍ରାହ୍ମଣ ପଣ୍ଡିତମାନଙ୍କ ଦ୍ୱାରା ଗୃହୀତ ହୋଇପାରିନାହାନ୍ତି। ଆପଣ ଦୟାକରି ଏହି ସୁଯୋଗ ହାତଛଡ଼ା କରନ୍ତୁ ନାହିଁ।' କବୀରଙ୍କ ଦୃଢ଼ତାରେ ନିରୂପାୟ ହୋଇ ପଣ୍ଡିତ ମହାସଭା ମୀରାଙ୍କୁ ମଧ୍ୟ ନିମନ୍ତ୍ରଣ ଜଣାଇଲେ। ହିନ୍ଦୁ ମହାସଭାର ଇତିହାସରେ ପ୍ରଥମଥର ପାଇଁ ଜଣେ ନାରୀ ମୀରା, ତନ୍ତୀ ମୁସଲମାନ କବୀର ଆସିଥିଲେ। ଏହାହିଁ ଥିଲା ହିନ୍ଦୁ ପଣ୍ଡିତ ସଭାର ଏକ ପ୍ରଚଣ୍ଡ ବିରୋଧାଭାସ, ଏକ ଆଗ୍ନେୟବିପ୍ଳବ। କବୀରଙ୍କ ଦୃଢ଼ତା ଏବଂ ନିଷ୍ଠା ହିନ୍ଦୁ ପଣ୍ଡିତମାନଙ୍କର ରକ୍ଷଣଶୀଳ ରୂଢ଼ି ଚେତନାକୁ ସମ୍ପୂର୍ଣ୍ଣ ଓଲଟପାଲଟ କରି ଦେଇଥିଲା। ସାରା ଜୀବନ କବୀର ତନ୍ତୀ ଭାବରେ ଜୀବନଯାପନ କରିଥିଲେ। ଅନେକ ରାଜା ମହାରାଜା ତାଙ୍କର

ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେମାନେ ଥରେ କବୀରଙ୍କୁ କହିଲେ, 'ଆପଣ ଏହି ବୃଦ୍ଧାବସ୍ଥାରେମଧ୍ୟ ସବୁଦିନସୂତା କାଟୁଛନ୍ତି ଏବଂ ବଜାରରେ ବିକ୍ରୀକରି ଚଳୁଛନ୍ତି ତାହାଆମକୁ ଭାରି ଲଜ୍ୟା ଦେଉଛି, ଅପମାନ ଲାଗୁଛି । ଆମେ ଆପଣଙ୍କୁ ଯାହା ଚାହିଁବେ ସବୁ ଦେବୁ, ତେଣୁ ଏ ହୀନବୃତ୍ତି ଆପଣ ପରିତ୍ୟାଗ କରନ୍ତୁ ।'

କବୀର ଉତ୍ତରଦେଲେ, 'ମୋର ତନ୍ତୀପଣ ଏକ ପ୍ରଶ୍ନ ନୁହେଁ । ଭବିଷ୍ୟତର ମାନବ ସମାଜ ମନେରଖିବ ଜଣେ ତନ୍ତୀ ମଧ୍ୟ ଆଲୋକିତ ହୋଇପାରେ । ଦିବ୍ୟଜ୍ଞାନର ଅଧିକାରୀ ହୋଇପାରେ । ସୂତା କାଟିବା ଭଳି ଏକ ସାଧାରଣ ବୃତ୍ତି କୌଣସି ବ୍ୟକ୍ତିକୁ ମହାଜ୍ଞାନ ଅର୍ଜନ କରିବା ପାଇଁ ପ୍ରତିବନ୍ଧକ କଦାପି ସୃଷ୍ଟି କରିନପାରେ ।' ସୂତା କାଟିବାଟା ହିଁ କବୀରଙ୍କ ପ୍ରାର୍ଥନାରେ ପରିଣତ ହୋଇଥିଲା । ସେ ତାଙ୍କର ସମସ୍ତ ଶ୍ରଦ୍ଧା, ନିଷ୍ଠା, ଐକାନ୍ତିକ ପ୍ରେମ ସୂତା ବୁଣିବାରେ ନିୟୋଜିତ କରିଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଅସୀମ କୃତଜ୍ଞତା ଏହି ସୂତା କାଟିବାରେ ସେ ଅର୍ପଣ କରୁଥିଲେ । 'ମୁଁ ଜଣେ ଚିତ୍ରକର, କି ସ୍ଥପତି ହୋଇନପାରେ । କିନ୍ତୁ ଜୋର ଦେଇ କହିପାରେ ମୁଁ ଯେଉଁଭଳି ମନଯୋଗ ସହକାରେ ଯତ୍ନରେ ସୂତା କାଟେ ଲୁଗାବୁଣେ ସେଭଳି କେହି ବୁଣିପାରିବେ ନାହିଁ । ମୋର ପ୍ରତିଟି ବୁଣାରେ ହୃଦୟର ଚରମ ଉଲ୍ଲାସ, ଅପୂର୍ବ ଆନନ୍ଦର ଲହର ଖେଳାଇ ହୋଇ ରହିଥାଏ ଏବଂ ମୋ ଦ୍ୱାରାପ୍ରସ୍ତୁତ ଲୁଗାଟି ଖାଲି ବିକିବା ପାଇଁ ନୁହେଁ ବରଂ ଏହା ଈଶ୍ୱରଙ୍କ ପାଇଁ ଅର୍ପିତ,ଅସ୍ତିତ୍ୱ ପାଇଁ ଉତ୍ସର୍ଗୀକୃତ । ଏଇଥିରେ ମୁଁ ଭଗବାନଙ୍କର ଏବଂ ମାନବ ସମାଜର ସେବା କରିବାପାଇଁ ମହାର୍ଘ ସୁଯୋଗ ପାଇଛି । ତେଣୁ ମୁଁ ଗଭୀର ଭାବରେ ଆନ୍ତରିକ ଭାବରେ ଈଶ୍ୱରଙ୍କ ନିକଟରେ କୃତଜ୍ଞ ।'

କବୀରଙ୍କ ନିକଟକୁ ଲୁଗା କିଣିବାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ 'ରାମ' ବୋଲି ସମ୍ବୋଧନ କରୁଥିଲେ । 'ରାମ ! ମୁଁ ତୁମପାଇଁ ଏହି ଲୁଗାଟି ବୁଣିଛି । ଏହାର ଯତ୍ନ ନେବ । ଏହା ଗୋଟିଏ ସାଧାରଣ ବସ୍ତ୍ରନୁହେଁ । ଏହାର ପ୍ରତିଟି ବୁଣାରେ ମୋର ଅନ୍ତରର ଆବେଗ, କୃତଜ୍ଞତା, ଶ୍ରଦ୍ଧା, କରୁଣା, ମୋର ପ୍ରାର୍ଥନା ଏକାକାର ହୋଇ ରହିଛି । ତେଣୁ ଏହାକୁ ହେୟ ମନେ କରିବ ନାହିଁ ଶ୍ରଦ୍ଧାରେ ପିନ୍ଧିବ । ଅସମ୍ମାନ କରିବ ନାହିଁ ।' ବେଳେବେଳେ ଏମିତି ହେଉଥିଲା ବଜାର ବନ୍ଦ ହେବାପରେ ବି କବୀର ଅପେକ୍ଷା କରି ରହୁଥିଲେ । ଲୋକମାନେ ପଚାରୁଥିଲେ, 'ଆଉ କାହା ପାଇଁ ଆପଣ ଅପେକ୍ଷା କରୁଛନ୍ତି, ବଜାର ତ ବନ୍ଦ ହୋଇଗଲାଣି ।' କବୀର କହୁଥିଲେ, 'ମୁଁ ମୋର ରାମଙ୍କର ଆସିବାକୁ ପ୍ରତୀକ୍ଷା କରିଛି । ଯାହାଙ୍କ ପାଇଁ ମୁଁ ଏ ଲୁଗାଟି ବୁଣିଛି । କବୀର ସେହିପରି ପ୍ରତୀକ୍ଷା କରି ରହୁଥିଲେ । ଏପରିକି ସାତଦିନ ଧରି ସେ ବଜାର ବନ୍ଦ ହୋଇ ଯିବା ପରେ ମଧ୍ୟ 'ରାମ'ଙ୍କର ଆସିବାକୁ ଅପେକ୍ଷା କରି ରହୁଥିଲେ । ମୋର 'ରାମ' ନିଶ୍ଚୟ ଆସିବେ,

ସେ କେବେହେଲେ ମତେ ଭୁଲଯିବେ ନାହିଁ । ସେ ମତେ କଥା ଦେଇଛନ୍ତି । ହଁ ! କିଛି ଅସୁବିଧା ନିଶ୍ଚୟ ହୋଇଛି ଯେଉଁଠି ସେ ଅଟକି ଯାଇଛନ୍ତି କିମ୍ବା ତାଙ୍କର ଦେହ ବୋଧେ ଖରାପ ହୋଇଛି । କିନ୍ତୁ ମୁଁ ଏ ଜାଗାରୁ କେଉଁଆଡ଼େ ଯାଇପାରିବବି ନାହିଁ । ଯଦି ରାମ ଆସି ପହଞ୍ଚିଯିବେ, ମତେ ଖୋଜିଲା ବେଳକୁ ମୁଁ ନଥିବି କେତେ ଅସୁବିଧା ହେବ । ଏଇଟା ତ ମୋ ତରଫରୁ ଅବହେଳା ଓ ଅକୃତଜ୍ଞତାର କାମ ହେବ ।'

କବୀର ସମ୍ପୂର୍ଣ୍ଣ ଭାବରେ ଆତ୍ମିକ ଭାବରେ ବଞ୍ଚିଥିଲେ । ଗୌତମ ବୁଦ୍ଧ, ମୀରା ମଧ୍ୟ ପୂର୍ଣ୍ଣ ଭାବରେ ଜୀଇଁଥିଲେ । ମୀରା ସାରା ଭାରତ ନୃତ୍ୟ କରି କରି ବୁଲିଥିଲେ । ମଥୁରାର ସର୍ବଶ୍ରେଷ୍ଠ ଶ୍ରୀକୃଷ୍ଣଙ୍କ ମନ୍ଦିରରେ ମୀରା ପ୍ରବେଶ କଲାବେଳେ ଘୋର ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ । କାରଣ ମଥୁରାର ଶ୍ରୀକୃଷ୍ଣ ମନ୍ଦିର ଭିତରକୁ ନାରୀମାନଙ୍କୁ ପ୍ରବେଶ କରିବାକୁ ଅନୁମତି ଦିଆ ଯାଉନଥିଲା । ମନ୍ଦିର ବାହାରୁ ପ୍ରଣାମ କରି ସେମାନଙ୍କୁ ଫେରିଯିବାକୁ ହେଉଥିଲା । ମନ୍ଦିରର ପୁରୋହିତ ଦୀର୍ଘ ୩୦ ବର୍ଷ ଧରି ସ୍ତ୍ରୀ ଲୋକ ଦେଖି ନଥିଲେ । କାରଣ ସେ ମନ୍ଦିର ବାହାରକୁ କେବେହେଲେ ଆସୁନଥିଲେ । ମୀରାଙ୍କ ମନ୍ଦିରକୁ ଆସିବା ଖବର ଶୁଣି ସେ ବ୍ୟସ୍ତ ହୋଇପଡ଼ିଲେ । ମୀରାଙ୍କୁ ମନ୍ଦିର ଭିତରକୁ ପଶିବାକୁ ନ ଦେବା ପାଇଁ ପୁରୋହିତ ଦୁଇଜଣ ପ୍ରହରୀଙ୍କୁ ମୁଖ୍ୟ ଫାଟକ ସାମ୍ନାରେ ଠିଆ କରାଇଥିଲେ । କିନ୍ତୁ ମୀରା ଯେତେ ବେଳେ ନାଚି ନାଚି ମନ୍ଦିରକୁ ଆସିଲେ ସେହି ପ୍ରହରୀ ଦୁଇଜଣ ସେମାନଙ୍କର କାମ ଭୁଲିଗଲେ ଓ ସ୍ତବ୍ଧ ହୋଇ ମୀରାଙ୍କ ନାଚ ଦେଖିବାକୁ ଲାଗିଲେ । ମୀରାଙ୍କନାଚ ଅତ୍ୟନ୍ତ ମୋହମୁଗ୍ଧ କରି ଦେଉଥିଲା ମୀରା ଅତ୍ୟନ୍ତ ତେଜିୟାନ୍ ଓ କମନୀୟା ଦେଖାଯାଉଥିଲେ ମଧୁର ଭଙ୍ଗୀରେ ନାଚି ନାଚି ସେ ସେମିତି ମନ୍ଦିର ଭିତରକୁ ପ୍ରବେଶ କଲେ । ପୁରୋହିତ ମହାଶୟ ସୁବର୍ଣ୍ଣଥାଳିରେ ଗୋଲାପ ଫୁଲ ନେଇ ଶ୍ରୀକୃଷ୍ଣଙ୍କୁ ସଜାଉଥାନ୍ତି । ନୃତ୍ୟରତା ମୀଚାଙ୍କୁ ଆସିବାର ଦେଖି ସେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ କହିଲେ, 'ତୁମର ଏତେ ସାହସ । ତୁମେ ଜଣେ ନାରୀ ହୋଇ ମନ୍ଦିର ଭିତରକୁ ପ୍ରବେଶ କଲ । ଏହା ଘୋର ଅପରାଧ । ତୁମକୁ ଏଥିପାଇଁ ଦଣ୍ଡଭୋଗ କରିବାକୁ ପଡ଼ିବ ।' କ୍ରୋଧିତ ପୁରୋହିତଙ୍କୁ ମୀରାଙ୍କ ଉତ୍ତର ଥିଲା, 'ହେ ଭଗବାନ ! ଆପଣ ଏ କ'ଣ କହୁଛନ୍ତି । ମୁଁ ଜାଣିଛି କେବଳ କୃଷ୍ଣ ହିଁ ପୁରୁଷ ଆଉ ସମସ୍ତେ ନାରୀ । ଆଜି ମୁଁ ତେବେ ଏଠି ଦୁଇଜଣ ପୁରୁଷଙ୍କୁ ଦେଖୁଛି ! ଆପଣ ତା'ହେଲେ ଜଣେ ପୁରୁଷ ?' ଯେମିତି ନିଛକ ଭାବରେ ମୀରା ପୁରୋହିତଙ୍କୁ କଥାଟି କହିଲେ ସେଥିରେ ସେ ପୂରା ଥରିବାକୁ ଲାଗିଲେ । ସେଭାବିଲେ ବୋଧହୁଏ ମୀରା ଠିକ୍ କହୁଛନ୍ତି ।

ସୁଫୀ ରହସ୍ୟବାଦୀମାନେ ଭଗବାନଙ୍କୁ ପୁରୁଷ ଭାବରେ ଗ୍ରହଣ କରିଥାନ୍ତି ଓ ଅନ୍ୟ ସମସ୍ତଙ୍କୁ ସ୍ତ୍ରୀ ଭାବରେ ଗ୍ରହଣ କରନ୍ତି । ଭଗବାନ ଶ୍ରୀକୃଷ୍ଣ ହିଁ ଏକମାତ୍ର

ପ୍ରେମିକ ପୁରୁଷ ଏବଂ ଅନ୍ୟ ସମସ୍ତେ ତାଙ୍କର ପ୍ରେମିକା ନାରୀମାତ୍ର । ମୀରା କହିଲେ 'ବର୍ତ୍ତମାନ ଏଇଟି ଗୋଟିଏ କଥା ସ୍ଥିର କରିବାକୁ ପଡ଼ିବ ଯେ ଆପଣ ନିଜକୁ ପୁରୁଷ ବୋଲି ପ୍ରମାଣିତ କରିବେ ନତୁବା ସ୍ତ୍ରୀ ବୋଲି ମାନିନେବାକୁ ହେବ ।' ମୀରାଙ୍କ ଭକ୍ତି ଦୃଢ଼ତା, ବ୍ୟକ୍ତିତ୍ୱର ପ୍ରଭାବରେ ମହାକୋପୀ ପୁରୋହିତ ଜଣକ ବାଧ୍ୟ ହୋଇ ନିଜକୁ ଜଣେ ନାରୀବୋଲି ସ୍ୱୀକାର କଲେ ।

ତା'ପରେ ମୀରା ସେଠାରେ ଘୋଷଣା କଲେ, 'ଆଜିଠାରୁ ଏହି ନିୟମର ଅବସାନ ହେଲା । କେବଳ ନାରୀମାନେ ହିଁ ମଥୁରାର ଶ୍ରୀକୃଷ୍ଣ ମନ୍ଦିରକୁ ପ୍ରବେଶ କରିପାରିବେ । ଯେଉଁମାନେ ନିଜକୁ ପୁରୁଷ ବୋଲି ମନେ କରୁଛନ୍ତି ସେମାନଙ୍କର ଶ୍ରୀକୃଷ୍ଣ ମନ୍ଦିର ଭିତରକୁ ପ୍ରବେଶ ନିଷେଧ ହେଲା ।' ପ୍ରତ୍ୟେକ ରହସ୍ୟବାଦୀ ସାଧକ କବିମାନଙ୍କର ଚେତନାରେ ଐକ୍ୟତା ଥିଲା । ଖୁବ୍ ସାଧାରଣ ସେମାନେ ବାହାରକୁ ଦେଖାଯାଉଥିଲେ ହେଁ ଅନ୍ତରରେ ସେମାନେ ତେଜସ୍ୱୀ ମହାଜ୍ଞାନୀ ଥିଲେ । ସେମାନେ ଏଭଳି ଦିବ୍ୟ ଆଲୋକର ଅଧିକାରୀ ହୋଇଥିଲେ ଅନ୍ଧ ମଧ୍ୟ ସେହି ଆଲୋକକୁ ଅନୁଭବ କରିପାରୁଥିଲା । ନିଜତ୍ୱର ଆତ୍ମିକ ବିକାଶ ଯାଇଁ ଆଦର୍ଶର ଷ୍ଟାମ୍ପ କେବେହେଲେ ଆବଶ୍ୟକ ହୁଏନାହିଁ । ଗୁରୁଙ୍କ ପାଇଁ ଉପାଧି, ପୂଜାର ଉପକରଣ ଦରକାର ପଡ଼େ ନାହିଁ । ସେ ନିଜେପାଇଥିବା ଆତ୍ମାର ଆଲୋକକୁ, ସୁଗନ୍ଧକୁ ବିକିରିତ କରିବାପାଇଁ ଶିଷ୍ୟ ତିଆରି କରନ୍ତି । ସେ ଶିକ୍ଷକ ନୁହଁନ୍ତି, ବହିପାଠ ପଢ଼ାନ୍ତି ନାହିଁ । ଆତ୍ମାକୁ ଜାଗରୁକ କରିବା ପାଇଁ ଆଲୋକ ଦେଖାନ୍ତି । ଅସ୍ତିତ୍ୱକୁ ଚିହ୍ନାଇଦିଅନ୍ତି । ବାହ୍ୟ ଆବରଣକୁ ଛିନ୍ନ କରିଦିଅନ୍ତି ।

# ପ୍ରତିଭା

ଏମିତି ବି ବେଳେ ବେଳେ ହୁଏ ପୃଥିବୀର କିଛି ଗୋଟାଏ ନୂଆ ସମସ୍ୟାକୁ ଆବିଷ୍କାର କରିବାକୁ ଯାଇଛନ୍ତି ସେତେବେଳେ ସେମାନଙ୍କୁ ଖୁବ୍ କଷ୍ଟ ସ୍ୱୀକାର କରିବାକୁ ହୋଇଛି । ଏକଥା ଉଲ୍ଲେଖକରିବା ପଛରେ ଗୋଟିଏ ମାତ୍ର ଉଦ୍ଦେଶ୍ୟ ଅଛି ତାହା ହେଉଛି ଯେତେବେଳେ ମଣିଷର ମନ ନୂଆକିଛି ଉଦ୍ଭାବନ କରିବାରେ ସ୍ପୃହା ଦେଖାଏ ସେତେବେଳେ ତା'ପାଖରେ ରେଡ଼ିମେଡ କିଛି ଉତ୍ତର କି ଉପାଦାନ ନଥାଏ ସେସବୁ ସମାଧାନ କରିବାପାଇଁ । ପ୍ରଶ୍ନ ସ୍ୱତଃ ଉଠେ କାହିଁକି ଏମିତି ହୁଏ ? ଥରେ ପୃଥିବୀର ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ଗୋଟିଏ ବସ୍‌ରେ ବିଶ୍ୱବିଦ୍ୟାଳୟକୁ ଯାଉଥିଲେ । ବସ୍‌ରେ ଚଢ଼ିଲାପରେ ସେ ବସ୍ କଣ୍ଡକ୍ଟର୍‌କୁ ଟିକଟ ପାଇଁ କିଛି ପଇସା ଦେଲେ ଓ କଣ୍ଡକ୍ଟର କିଛି ଖୁଚୁରାପଇସା ଫେରାଇଲା । ଆଇନ୍‌ଷ୍ଟାଇନ୍ ପଇସା ଗଣିକରି ପାଟିକରି ଉଠିଲେ, 'ହେ କଣ୍ଡକ୍ଟର୍ ବାବୁ ! ତମେ ମତେ ଠକିଛ । କିନ୍ତୁ କଣ୍ଡକ୍ଟର୍ କହିଲା, କାଇଁ ଦେଖି । ମତେ ଦେଲେ ମୁଁ ଆଉଥରେ ଗଣିଦିଏ । ସେଗଣିଲା ଏବଂ ଆଇନ୍‌ଷ୍ଟାଇନ୍‌ଙ୍କୁ କହିଲା, ହେଃ ! ଏଥିରୁ ଜଣାପଡୁଛି ତମକୁ ପଇସା ବୋଧେ ଗଣି ଆସେନି । ପଇସା ଏକଦମ୍ ଠିକ୍ ଅଛି ଅଥଚ ତମେ ମତେ ଠକୁଛ ବୋଲି କହୁଛ । ତେଣୁ ଆଉଥରେ କହି ଦେଉଛି ବେଶୀ ପାଟି କରନି ଚୁପ୍‌ଚାପ ବସ ।'

ବସ୍ ଭିତରେ ଯେତେକ ଯାତ୍ରୀ ଥିଲେ ସମସ୍ତେ ଏକଥାରେ ଖୁବ୍ ହସିଉଠିଲେ । ଆଇନ୍‌ଷ୍ଟାଇନ୍‌ଙ୍କୁ ଭାରି ଲାଜ ମାଡ଼ିଲା ସେଘରକୁ ଫେରିଲାପରେ ସ୍ତ୍ରୀଙ୍କୁ ଡାକି କହିଲେ, ଦେଖିଲ ଟିକେ ସେ ବସ୍ କଣ୍ଡକ୍ଟର୍‌ଟା କେମିତି ମତେଲୋକହସା କଲା । ତମେ ସେ ଫେରାଇଥିବା ପଇସାଟା ଗଣିଦେଖିଲ । ସେବଦ୍‌ମାସଟା ମତେ ସଂଖ୍ୟା ଗଣି ଆସେନି କହୁଛି । ରକ୍ଷା ହୋଇଛି ସେ ବସ୍‌ରେ ମୋର କେହି ଛାତ୍ର କି ଅଧ୍ୟାପକ ନଥିଲେ ନହେଲେ କି ଅବସ୍ଥା ହୋଇଥାନ୍ତା ଯେ। ଆରେ କି ଅବାସ୍ତବ କଥା ! ମୋର ସାରା ଜୀବନ ତକ ଏହି ସଂଖ୍ୟା ଗଣିବାରେ ବିତିଗଲା । ଛାଡ଼ ! ଯାହା ହେବାର ହେଲାଣି ଖାଲି ତମେ ଟିକେ ଗଣିକରି ଦେଖିଲ ସେ କଣ୍ଡକ୍ଟର୍‌ଟା

ଠକିଛି ନା ମୁଁ ଭୁଲ୍ ଗଣିଛି ।' ଆଇନ୍‌ଷ୍ଟାଇନ୍‌ଙ୍କ ପତ୍ନୀ ସେହି ପଇସାତକ ଗଣିଲେ ଏବଂ କହିଲେ, 'ହଁ ଏକଦମ୍ ଠିକ୍ ଅଛି ତ । ତମ ଟିକଟ ପାଇଁ ଯେତିକି ପଇସା ଦେଇଥିଲ ସେତିକି ରଖି ସେ ଠିକ୍ ପଇସା ଫେରାଇଛି । ବରଂ ମତେ ଲାଗୁଛି ତମେ ଠିକ୍‌ରେ ଗଣିନ । କାରଣହେଲା ଯେହେତୁ ତୁମେ ସବୁବେଳେ ଖୁବ୍ ବଡ଼ ବଡ଼ ସଂଖ୍ୟା ସମାଧାନର ସୂତ୍ର ଖୋଜ ଯାହାଫଳରେ ଏଭଳି ଏକ ଛୋଟ ସଂଖ୍ୟା ଯେ ଅଛି ତାହା ତମେ ପୂରା ଭୁଲିଯାଇଛ । ତେଣୁ ଗୋଟେ କାମକର ଏକଥା ଆଉ କାହାକୁ କହନାହିଁ ବରଂ ଯଦି ଏଭଳି ପରିସ୍ଥିତି କେବେ ପୁଣିଥରେ ଆସେ ସେତେବେଳେ ସେଠାରେ ଅଯଥା ଯୁକ୍ତି ନ କରି ନୀରବ ରହିବ ।'

ଆଉ ଥରେ କ'ଣ ହେଲାନା ଜର୍ମାନୀରେ ଶିକ୍ଷାପ୍ରାପ୍ତ ଡଃ ରାମମନୋହର ଲୋହିଆ ଆଇନ୍‌ଷ୍ଟାଇନ୍‌ଙ୍କୁ ସାକ୍ଷାତ କରିବାକୁ ଗଲେ । ଠିକ୍ ସମୟରେ ସେ ଯାଇ ତାଙ୍କ ଘରେ ପହଞ୍ଚିଲେ । ଆଇନଷ୍ଟାଇନ୍‌ଙ୍କ ପତ୍ନୀ ଡଃ ଲୋହିଆଙ୍କୁ ସ୍ୱାଗତ ଜଣାଇ ଘର ଭିତରକୁ ପାଛୋଟି ନେଲେ ଓ କହିଲେ, 'ଆପଣଙ୍କୁ କିନ୍ତୁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ, ଆଇନଷ୍ଟାଇନ୍‌ଙ୍କ ଆସିବା ପର୍ଯ୍ୟନ୍ତ । କାରଣ ସେ ତାଙ୍କର ଗାଧୁଆଘରର ଗାଧୁଆକୁଣ୍ଡରେ ଗାଧଉଛନ୍ତି । ମୁଁ ନିଶ୍ଚିତ ହୋଇ କହିପାରିବିନ କେତେ ସମୟରେ ସେ ଗାଧୁଆଘରୁ ବାହାରିବେ । କାହିଁକି ନା ସେ ଯେତେବେଳେ ତାଙ୍କର ଗାଧୁଆ ଟବ୍‌ରେ ଥାନ୍ତି ସେତେବେଳେ କେହି ତାଙ୍କୁ ଡିସଟର୍ବ କଲେ ଭାରି ବିରକ୍ତ ହୁଅନ୍ତି । ଏବଂ କେତେ ସମୟ ଯେ ସେ ଏପରି ଗାଧୁଆଘରେ ରହିବେ ସେ କଥା କହିହେବନାହିଁ ।' ଡଃ ଲୋହିଆ କହିଲେ, ଠିକ୍ ଅଛି ମ୍ୟାଡମ୍ ! ମୁଁ ଅପେକ୍ଷା କରୁଛି । ଲୋହିଆ ଭାବିଲେ ବୋଧେ ୧୫ ମିନିଟ୍ କିମ୍ବା ଅଧଘଣ୍ଟା ଖଣ୍ଡେ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିବ । କ'ଣବା ଜଣେ ଗାଧୁଆଘରେ ଏତେ ସମୟ କରିବ ? ଏମିତି ଅପେକ୍ଷା କରୁ କରୁ ଛଅଘଣ୍ଟା ବିତିଗଲା । ଆଇନ୍‌ଷ୍ଟାଇନ୍‌ଙ୍କ ପତ୍ନୀ ତାଙ୍କୁ ଜଳଖିଆ ଦେଲେ, ଲଞ୍ଚ୍ ଦେଲେ । ଅତି ଆଶ୍ଚର୍ଯ୍ୟ ହୋଇ ଡଃ ଲୋହିଆ କହିଲେ,'ହେ ଭଗବାନ ! ଏତେବେଳେଯାଏଁ ଆଇନ୍‌ଷ୍ଟାଇନ୍ ବାଥ୍‌ଟବ୍‌ରେ ଅଛନ୍ତି ? କ'ଣ କରୁଛନ୍ତି ସେ ? ସ୍ତ୍ରୀ ଉତ୍ତର ଦେଲେ ଆମର ବାହାଘର ପରେସେ ଏମିତି ଗାଧୁଆ ଘରେ ଘଣ୍ଟା ଘଣ୍ଟା ରହନ୍ତି । ମତେ ଖୁବ୍ ରାଗଲାଗେ ଏବଂ ମୁଁ ବାରମ୍ବାର କବାଟ ବାଡ଼େଇ ତାଙ୍କୁ ଡାକେ, କିନ୍ତୁ ସେ ମୋର ଏଭଳି ଡାକରାରେ ଭାରି ରାଗି ଯାଉଥିଲେ ଏବଂ ଘରର ସବୁ ଆସବାବ ପତ୍ର ଫିଙ୍ଗା ଫୋପଡ଼ା, ଭଙ୍ଗାରୁଜା କରୁଥିଲେ । ଦିନସାରା ପାଟିକରୁଥିଲେ ଓ ଖୁବ୍ ବିଚଳିତ ହୋଇପଡୁଥିଲେ । ଏହାର କାରଣ କ'ଣ ଜାଣିଛନ୍ତି ସେ ତାଙ୍କର ବାଥ୍‌ଟବ୍‌ଭିତରେ ହିଁ ସମସ୍ତ ଆବିଷ୍କାରର ସୂତ୍ର ବାହାର କରନ୍ତି । ବାଥ୍‌ଟବ୍‌ପାଣିରେ ସାବୁନ୍ ଫେଣରୁ ଯେଉଁ ଫୋଟକା ତିଆରିହୁଏ ସେଥିରେ ସେ ଖେଳନ୍ତି । ଏଗୁଡ଼ିକ ଖାଲି ସାବୁନ୍ ଫେଣର ଫୋଟକା ନୁହେଁ ଯେମିତି ତାଙ୍କ ପାଇଁ ତାରା ସମୂହ । ସେହି ଫୋଟକାକୁ

ନେଇହିଁ ତାଙ୍କର ଆବିଷ୍କାରର ସୂତ୍ର ବାହାରେ। ମୁଁ ଜାଣି ପାରେନି କେମିତି ସେ ଏହାକୁ ନେଇ କାମ କରନ୍ତି। ଅଥଚ ସେ କହିଚାଲନ୍ତି । ବାଥ୍‌ରୁମ୍‌ର କାନ୍ଥସାରା ଗଣିତର ସଂଖ୍ୟାରେ ଭର୍ତ୍ତି ହୋଇ ଯାଇଛି। ଆପଣ ଦେଖିଲେ ନା ଆଶ୍ଚର୍ଯ୍ୟ ହୋଇଯିବେ ?'

ସତକୁ ସତ ଠିକ୍ ଛଅଘଣ୍ଟା ପରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ ବାଥ୍‌ରୁମ୍‌ରୁ ବାହାରିଆସିଲେ ଏବଂ ଡଃ ଲୋହିଆଙ୍କୁ ଦେଖି ଖୁସି ହୋଇ କହିଲେ, 'ଯାହାହେଉ ଏତେଦିନ ପରେ ତମେ ଆସିଲ। ଠିକ୍ ସମୟରେ ତମେ ପହଞ୍ଚିଯାଇଛ । ଦେଖୁନ ମୁଁ ଏଇ ସାଙ୍ଗେ ସାଙ୍ଗେ ବାଥ୍‌ରୁମ୍‌ରୁ ବାହାରୁଛି।' ଡଃ ଲୋହିଆ କହିଲେ, 'ମୁଁ ଏଠାରେ ଦୀର୍ଘ ଛଅଘଣ୍ଟା ହେଲା ବସିଛି।' ଆଇନ୍‌ଷ୍ଟାଇନ୍ ଭାରି ଲଜ୍ଜିତ ହୋଇ ଉତ୍ତର ଦେଲେ, 'ହେ ଭଗବାନ୍ ! କ'ଣ କହୁଛ । ଦୟାକରି ମତେ କ୍ଷମାକର ଲୋହିଆ । କ'ଣ କରିବି କହ ମୁଁ ବାଥ୍‌ଟବ୍‌ରେ ବସି ସାବୁନ୍ ଫେଣର ଫୋଟକାକୁ ଦେଖିଲେ ନା ପୂରା ସମୟ ଭୁଲିଯାଏ । ସେତେବେଳେ ମତେ ଖାଲି ତାରା ଆଉ ତାରା ସମୀକରଣ ପୁଣି ନୂଆ ତାରାର ସୃଷ୍ଟି, ଦୂରତା ଏସବୁ ହିଁ ଦେଖାଯାଏ। ଆସୁନ ଦେଖିବ ମୋର ଗାଧୁଆଘର।'

ଏହା କହି ଆଇନଷ୍ଟାଇନ ଲୋହିଆଙ୍କୁ ଗାଧୁଆ ଘରକୁ ନେଇଗଲେ। କାନ୍ଥସାରା ସମୀକରଣର ଚିତ୍ର। ଆପଣ ତ ବାଥ୍‌ରୁମ୍‌କୁ ଆପଣଙ୍କ ପରୀକ୍ଷାଗାରରେ ପରିଣତ କରିଛନ୍ତି। ଆଇନଷ୍ଟାଇନ ଉତ୍ତର ଦେଲେ, ମୁଁ ଏସବୁ କରିନାହିଁ। ଏଇଟା ତା' ମନକୁ ମନ ଲାବୋରଟେରୀରେ ପରିଣତ ହୋଇସାରିଛି। କାରଣ ସାବୁନଫେଣର ଫୋଟକା ସହିତ ତାରାର ବହୁତ ସାମଞ୍ଜସ୍ୟ ଅଛି । ଅଥଚ ଏହି ମହାନ୍ ବ୍ୟକ୍ତି ଜଣକ ପୃଥିବୀର ସର୍ବ ଶ୍ରେଷ୍ଠ ଜ୍ଞାନୀ, ବୈଜ୍ଞାନିକ ଭାବରେ ପ୍ରସିଦ୍ଧ। କିନ୍ତୁ ସେ ଏପରି ଏକ ଅମାନବିକ ମୂର୍ଖତାର କାର୍ଯ୍ୟ କରିଥିଲେ ତାହା କୁହାଯାଇନପାରେ ଅର୍ଥାତ୍ ହିରୋସୀମା ଏବଂ ନାଗାସାକିର ଯେଉଁ ଭୟାବହତା ସୃଷ୍ଟି ହୋଇଥିଲା ତାହା ଆଇନଷ୍ଟାଇନଙ୍କର ପରମାଣୁ ବୋମା ଉଦ୍ଭାବନ ଯୋଗୁଁ ହିଁ ହୋଇଥିଲା। କାରଣ ସେ ଆମେରିକାର ରାଷ୍ଟ୍ରପତି ରୁଜ୍‌ଭେଲଟ୍‌ଙ୍କୁ ଗୋଟିଏ ଚିଠିଲେଖି ଜଣାଇଲେ, ମୁଁ ଆଟମ୍‌ବମ୍ ତିଆରି କରିଦେବି। ଯଦି ତମ ପାଖରେ ଗୋଟିଏ ବି ଆଟମ୍‌ବମ୍ ରହିବ ତେବେ ତାକୁ କୌଣସି ଦେଶ ଉପରେ ପ୍ରୟୋଗ କରିବା ଦରକାର ନାହିଁ ଖାଲି ତମ ପାଖରେ ଏହା ଅଛି ବୋଲି ଜାଣିଲେ ଜର୍ମାନ ଓ ଜାପାନ ସ୍ୱତଃ ଆତ୍ମସମର୍ପଣ କରିଦେବେ।'

କିନ୍ତୁ ଆଟମ୍‌ବମ୍ ତିଆରି କରିବାଟା ହିଁ ଆଇନ୍‌ଷ୍ଟାଇନ୍‌ଙ୍କର ସବୁଠାରୁ ବଡ଼ ମୂର୍ଖାମୀ। ତା'ପରେ ରୁଜ୍‌ଭେଲଟ୍ ଆଇନ୍‌ଷ୍ଟାଇଙ୍କୁ ଆଟମ୍‌ବମ୍ ତିଆରି କରିବାପାଇଁ ସମସ୍ତ ସୁଯୋଗ ଖଞ୍ଜିଦେଲେ। ଏବଂସେ ଆଟମ୍‌ବମ୍ ତିଆରି କଲେ। ଯେତେବେଳେ

ପରମାଣୁ ବୋମା ତିଆରି ହେଲା ତାହା ରାଜନୈତିକ ନେତାମାନଙ୍କ ହାତକୁ ଚାଲିଗଲା । ଆଇନ୍‌ଷ୍ଟାଇନ୍‌ଙ୍କର କଥା କିଏ ବା ଶୁଣିବ ? ରୁଜ୍‌ଭେଲଟ୍ ସେତେବେଳକୁ ରାଷ୍ଟ୍ରପତି ନାହାଁନ୍ତି । ଟ୍ରୁମାନ୍ ରାଷ୍ଟପତି ହୋଇଥାନ୍ତି । ଆଇନ୍‌ଷ୍ଟାଇନ୍ ତାଙ୍କୁ ଲେଖିଥିଲେ,ଏହି ପରମାଣୁ ବୋମା ଗୁଡ଼ିକୁ ଦୟାକରି କୌଣସି ଦେଶ ଉପରେ ପ୍ରୟୋଗ କରିବେ ନାହିଁ ଏହା ମୋର ପ୍ରଥମ ସର୍ତ୍ତ । କିନ୍ତୁ ରାଷ୍ଟ୍ରପତି ଟ୍ରୁମାନ୍ ତାଙ୍‌କୁ କୌଣସି ଉତ୍ତର ଦେଇନଥିଲେ । କିଏ ପଚାରୁଛି ତମ ଚିଠିକୁ । ତମେ ତମରକାମ କରିଛସେଥିପାଇଁ ନିଜର ପରିଶ୍ରମର ପ୍ରାପ୍ୟ ମଧ୍ୟ ପାଇ ସାରିଛ । ତମର ଆଉ କ'ଣ ଏହାପରେ କହିବାର ଅଛି । କିମ୍ବା ତମେ ତ ଆଟମ୍‌ବମ୍‌ର ମାଷ୍ଟର ନୁହଁ । ବର୍ତ୍ତମାନ ବମ୍ ସରକାରଙ୍କର । ସେ ଚାହିଁଲେ ଯାହା ଇଚ୍ଛା ତାହା କରିବେ । ତମେ କିଏ ସର୍ତ୍ତ ବାଡ଼ିବାକୁ ।

ପରିଣତି ସ୍ୱରୂପ ଆମେରିକାର ରାଷ୍ଟ୍ରପତି ଟ୍ରୁମାନ ସେହି ଆଟମ୍‌ବମ୍‌ଗୁଡ଼ିକୁ ଦ୍ୱିତୀୟ ବିଶ୍ୱ ମହାଯୁଦ୍ଧ ସମୟରେ କୌଣସି କାରଣ ନଥାଇ ଜାପାନର ହିରୋସୀମାନାଗାସାକିର ନିରୀହ ଜନସାଧାରଣଙ୍କ ଉପରେ ନିକ୍ଷେପ କଲେ । ଜର୍ମାନ୍ ଆଗରୁ ଆତ୍ମସମର୍ପଣ କରିସାରିଥିଲା କେବଳ ଜାପାନ ଥିଲା କରିବାପାଇଁ ।ଅବଶ୍ୟ ଜାପାନ ଜର୍ମାନ ବିନା କେମିତି ଏକୁଟିଆ ତିଷ୍ଠି ରହିଥାନ୍ତା । ଏହାସତ୍ତ୍ୱେ କୌଣସି କାରଣ ନଥାଇ ଜାପାନର ଦୁଇଟି ସହର ଉପରେ ଆମେରିକା ଆଟମବମ୍ ନିକ୍ଷେପ କଲା । ଅଥଚ ସହର ଦୁଇଟିରେବାସକରୁଥିବା ନିରୀହ ଜନସାଧାରଣ ଶିଶୁ,ମହିଳା, ବୃଦ୍ଧ, ମା, ଗର୍ଭବତୀ, କିଶୋରୀ, ରୁଗ୍‌ଣ, ଅର୍କମଣ୍ୟ ଏ ସମସ୍ତଙ୍କର ତ ଯୁଦ୍ଧ ସହିତ କୌଣସି ସମ୍ପର୍କ ବି ନଥିଲା । କମ୍ ଲୋକସଂଖ୍ୟା ହେଲେ ହୋଇଥାନ୍ତା । ପ୍ରତ୍ୟେକ ସହର ହଜାର, ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ବାସସ୍ଥାନ ଥିଲା । ଜାପାନ୍ ଉପରେ ଆଟମ୍‌ବମ୍ ନପକାଇଥିଲେ କ'ଣ ଏମିତି ପ୍ରଳୟ ହୋଇଯାଇଥାନ୍ତା । କିନ୍ତୁ ଟ୍ରୁମାନ୍‌ଙ୍କୁ ଗୋଟିଏ କଥା ଦିଶିଲା ଯେମିତିହେଉ ଜାପାନ ଉପରେ ଆଟମ୍‌ବମ୍ ପ୍ରୟୋଗ କରିବେ । କାରଣ ଯଦି ଏହାପୂର୍ବରୁ ଜାପାନ ଆତ୍ମସମର୍ପଣ କରିଦିଏ ତେବେ ଆଉ ବମ୍ ପଡ଼ିପାରିବ ନାହିଁ । ଏସୁଯୋଗକୁ ହାତଛଡ଼ା କରିବ କିଏ ? ଯେମିତି ହେଉ ପରୀକ୍ଷା କରାଯିବ । ଆଟମ୍‌ବମ୍‌ର ପ୍ରୟୋଗ ପରୀକ୍ଷା ନହେଲେ ଏହା କେତେଦୂର ଯଥାର୍ଥ କେମିତି ଜଣାପଡ଼ିବ । ତେଣୁ ପରୀକ୍ଷା ସ୍ୱରୂପ ଜାପାନର ହିରୋସୀମା ନାଗାସାକି ଉପରେ ବୋମା ନିକ୍ଷିପ୍ତ ହେଲା ଏବଂ ଏହା ସହିତ ଦୁଇଶହ ହଜାର ଲୋକ ମୃତ୍ୟୁବରଣ କଲେ । କେବଳ ସେତିକିରେ ହେଲେ ସରିଥାନ୍ତା । ବରଂ ଦୀର୍ଘ ଦଶନ୍ଧି ଧରି ବୋମା ନିକ୍ଷେପର ପ୍ରଭାବ ଚାଲୁ ରହିଲା । ଖାଲି ମଣିଷ ଉପରେନୁହେଁ, ପ୍ରକୃତି, ଗଛ, ଲତା, ନଦୀ, ସମୁଦ୍ର ସବୁଉପରେ ତେଜସ୍କ୍ରିୟ ଆଣବିକ ରଶ୍ମିର ପ୍ରଭାବ ସେମିତି ଅବ୍ୟାହତ ରହିଲା ।

ଆଲବର୍ଟ ଆଇନ୍‌ଷ୍ଟାଇନ୍ କଳ୍ପନା ବି କରିନଥିଲେ ତାଙ୍କର ଏତେ ପରିଶ୍ରମର ଫଳ ପରମାଣୁ ବୋମାର ଏପରି ଭୟାବହ ପରିଣତି ହେବ ବୋଲି । ସେ ଏହାପରେ ଭାରି ଅନୁତାପ କଲେ ଓ କାନ୍ଦିଲେ । ମୋ ଠାରୁ ବଳି ବଡ଼ ମୂର୍ଖ ଏ ଜଗତରେ କିଏ ଅଛି ? ଆଟମ୍‌ବମ୍‌ର ଭୟାବହତା ଏତେଦୂର ବ୍ୟାପିଯିବ ତାହା ତାଙ୍କର ଧାରଣାର ଏକଦମ୍ ବାହାରେ ଥିଲା । ଭାରି ମନଦୁଃଖ ସେ କରୁଥାନ୍ତି । ଅନୁତପ୍ତ ହେଉଥାନ୍ତି । ସେତେବେଳକୁ ଆଉ କିଛି କରିବାର ଉପାୟ ନଥିଲା । ଥରେ ଯଦି ତମେ କ୍ଷମତା ରାଜନୈତିକ ଲୋକଙ୍କୁ ଦେଇଦିଅ ନା ତେବେ ତମହାତରେ କିଛି କରିବାର ଉପାୟ ନାହିଁ ।

ଆଇନ୍‌ଷ୍ଟାଇନ୍ ଶେଷବେଳକୁ ତାଙ୍କର ମୃତ୍ୟୁନୋଟ୍‌ରେ ଲେଖିଥିଲେ, 'ମୁଁ ଆଗାମୀ ଜନ୍ମରେ ଜଣେ ସାଧାରଣ ମଣିଷ ହୋଇ ଜନ୍ମହେବାକୁ ଚାହେଁ । କିନ୍ତୁ କେବେହେଲେ ଜଣେ ପଦାର୍ଥବିଜ୍ଞାନୀ ଭାବରେ ନୁହେଁ । ଅନ୍ତତଃ ଏଭଳି ଅମାନୁଷିକକାର୍ଯ୍ୟ କରିବାରୁ ରକ୍ଷାତ ପାଇଯିବି । ମୋର ମୂର୍ଖତା ପାଇଁ ଏତେବଡ଼ ବିପତ୍ତି ପୃଥିବୀର ମାନବସମାଜକୁ ସହ୍ୟ କରିବାକୁ ହେଲା । ହେ ପ୍ରଭୁ ! ମତେକ୍ଷମା କର ।'

# ବୋଝ

ଜଣେ ସନ୍ୟାସୀ ହିମାଳୟ ଯାତ୍ରାରେ ଯାଇଥିଲେ । ଦିନେ ଖରାବେଳେ ହିମାଳୟର ଉଚ୍ଚାଉଚ୍ଚା ଶୃଙ୍ଗ, ଆବଡ଼ା ଖାବଡ଼ା ପଥୁରିଆ ରାସ୍ତାରେ ଏକଦମ୍ ଝାଳ ଲଟପଟ ହୋଇ ଥକ୍କା ହୋଇ ନିଜର ଛୋଟିଆ ବୁଜୁଳିଟିକୁ କାଖରେ ଜାକି ସନ୍ୟାସୀ ପାହାଡ଼ ଚଢୁଥାନ୍ତି । ତାଙ୍କ ସାମ୍ନାରେ ଗୋଟିଏ ଛୋଟିଆ ଝିଅ ତା' ଛୋଟ ଭାଇକୁ କାନ୍ଧରେ ବସାଇ ପାହାଡ଼ ଚଢୁଥାଏ । ଝିଅଟି ମଧ୍ୟ ଝାଳରେ, ପରିଶ୍ରମରେ ଲଟପଟ ହୋଇଯାଉଥାଏ । ଦୀର୍ଘ ନିଃଶ୍ୱାସ ଜୋର୍‌ରେ ନେଉଥାଏ । ସନ୍ନ୍ୟାସୀଙ୍କୁ ବଡ଼ ଦୟା ଲାଗିଲା । ସହାନୁଭୂତି ଭରା ସ୍ୱରରେ ସେ ଝିଅଟିକୁ କହିଲେ, 'ଝିଅ ! ତୋ ଉପରେ ଏ ବଡ଼ ବୋଝଟା ଭାରିକଷ୍ଟ ହେଉଛି ନା । ନିରୀହ ଝିଅଟି ଆଖିଉପରକୁ ଉଠାଇ ସନ୍ୟାସୀଙ୍କୁ ଉତ୍ତରଦେଲା, ସ୍ୱାମୀଜି ! ବୋଝ ତ ଆପଣ ଉଠାଇ ଚାଲୁଛନ୍ତି । ଯେ ମୋର ଛୋଟ ଭାଇ । ବୋଝ ଆଉ ଛୋଟ ଭାଇ ଭିତରେ କିଛି ତ ଫରକ ରହିବ । ନିକିତି କୁ କ'ଣ ଜଣାଅଛି କି କେଉଁଟା ଛୋଟଭାଇ ଆଉ କେଉଁଟା ସନ୍ନ୍ୟାସୀଙ୍କର ବୁଜୁଳି । ଏମିତି ବି ହୋଇପାରେ ନିକିତିରେ ଓଜନ କଲାବେଳକୁ ଛୋଟ ଭାଇର ଓଜନଅଧିକାହୋଇପାରେ । ସାଧୁଙ୍କର ବୁଜୁଳି କମ୍ ହୋଇପାରେ । ପାହାଡ଼ି ପୁଅ ନିଶ୍ଚୟ ଅଧିକା ଓଜନ ତା'ର ଥିବ । ଓଜନ କେବଳ ଓଜନର କଥା କହିବ ସିନା କିନ୍ତୁ ହୃଦୟର ନିକିତିର ତର୍କତ ଅଲଗା ପ୍ରକାର ନିଶ୍ଚୟ ହେବ ।

ସେହି ଛୋଟ ଝିଅଟିର କଥା ସନ୍ୟାସୀ ନିଜ ଆତ୍ମକଥାରେ ଲେଖିଥିଲେ । ତାଙ୍କର ନାମ ଭବାନୀ ଦୟାଲ ଥିଲା । ସେ ନିଜର ଆତ୍ମକଥାରେ ଲେଖିଥିଲେ, ଛୋଟ ଝିଅର ଉତ୍ତର ଶୁଣି ମୁଁ ଏକଦମ୍ ହଡ଼ବଡ ହୋଇଗଲି ଏତେ ଛୋଟ କଥାଟେ ମୁଁ ଜାଣିନଥିଲି । ଏହି ନିରୀହ ସରଳ ଝିଅଟି କେତେବଡ଼ କଥାମତେ କହି ଦେଲା । ବୁଝାଇଦେଲା ଛୋଟ ଭାଇକୁ ବୋହି ଚାଲୁଛି ସେଥିରେ ବୋଝ କ'ଣ ? କଷ୍ଟ କ'ଣ ? ମୋର ଭାଇ ତାକୁ କାଖେଇ ଚାଲିବାରେ କଷ୍ଟ କେଉଁଠୁ

ଆସିବ ? ସତକଥା ! ପ୍ରେମରେ ଶ୍ରଦ୍ଧାରେ ଜୀଇଁଲେ ଜୀବନ ତ କେବେ ବୋଝ ଭଳି ଲାଗିବ ନାହିଁ। ମଣିଷ ପ୍ରତି ପ୍ରେମ ପ୍ରକୃତି, ଗଛଲତା, କାଠ, ପଥର, ଜୀବଜନ୍ତୁ ଜୀବନ ପ୍ରତି ଅପାରପ୍ରେମ ଥିଲେ କେବେହେଲେ କଷ୍ଟ ଜାତ ହେବନାହିଁ । ଯେହେତୁ ଆମେ ପ୍ରେମହୀନ ଜୀବନ ଜୀଉଁଛୁ ବୋଲି ଜୀବନ ଏତେ ଉଦାସ, ଦୁଃଖମୟ ଜଣାପଡୁଛି । ତୁମେ ସବୁବେଳେ ଭାବୁଛ ମତେ କିଏ ସାନ୍ତ୍ୱନା ଦେଉ । ମନକୁ ବୁଝାଇଲା ପରି କହୁ । ଯଦି କେହି ତୁମକୁ କହିଲା ଛାଡ଼ ! ଯାହା ହେବାର ହେଲା ଗତଜନ୍ମରେ ଯେଉଁସବୁ ଭୁଲ୍ କର୍ମ କରିଥିଲ ତା'ର ଫଳ ହିଁ ଭୋଗ କରିବାକୁ ପଡୁଛି, ଯେମିତିହେଉ ଏହି ବୋଝ ଭଳି ପାହାଡ଼ ଭଳି ଜୀବନକୁ ଘୋଷାଡ଼ି ଘୋଷାଡ଼ି ଶୁଣିଲେ ଭାରି ଆଶ୍ୱାସନା ମିଳେ। ଏବେ ପୂର୍ବଜନ୍ମର କର୍ମଫଳ ପାଇଁ କ'ଣ ବା ଉପାୟ କରାଯାଇପାରିବ। ଯାହା ହେବାର ଥିଲା ହୋଇଗଲା। ଏବେ ଯାହା ମିଳିଛି ତାକୁ ନେଇ ବଞ୍ଚିବାକୁ ହେବ। ବଞ୍ଚ । କିନ୍ତୁ ପୂର୍ବଜନ୍ମର ଭୁଲ୍ ପାଇଁ ତୁମେ କଷ୍ଟଭୋଗ କରନାହିଁ ବରଂ ବର୍ତ୍ତମାନର ଜୀବନପ୍ରତି ତୁମର ଭୁଲ୍ ଦୃଷ୍ଟିକୋଣ ପାଇଁ କଷ୍ଟ ଭୋଗୁଛ ଏକଥା ବୁଝିପାରୁ ନାହଁ। ପୂର୍ବ ଜନ୍ମକୁ ଦୋଷଦେଇ ଆମେ ନିଜର ଭୁଲ୍‌କୁ ଆଡେଇ ଦେବାର କୌଶଳ ଯାହା ଶିଖିଛୁ।

ଆରେ ବାବୁ ! ପୂର୍ବଜନ୍ମର କର୍ମଫଳ ତୁମେ ଭୋଗିସାରିଛ। ପରମାତ୍ମା ତୁମକୁ କାଲିର ହିସାବ ମାଗୁନାହାନ୍ତି । ଆଜିର କଥା ଆଜିର ହିଁ ହେବ। କାଲି ଉଧାର ଆଣିଥିଲ ଆଜି ନଗଦ ନେବ ଏକଥା କେବେ ହୋଇନାହିଁ। ଜୀବନ କାଲି ଥିଲା ଆଜି ବି ଅଛି। ନିଆଁରେ ହାତ ଦେଖାଇବ ପୋଡ଼ିବ ନିଶ୍ଚୟ। ହେଲେ ପୋଡ଼ିବା ଏବେ ହିଁ ହେବ। ଶୋଷ ଲାଗିଲା ପାଣି ପିଇବ। ଆର ଜନ୍ମ ପାଇଁ ପୋଡ଼ିବା କି ଶୋଷ ଲାଗିବା ଜମା ହୋଇ ରହିବ ନାହିଁ । ନିଜର ଜୀବନ ଶୈଳୀକୁ ଟିକେ ପରଖି ଦେଖ। ଧର ! ଯେଉଁ ଲୋକଟି କହୁଛି ଏ ଘର ସଂସାର କରି ମୁଁ କେମିତି ବା ଖୁସିରେ ରହିବି। ଏ ଘର ସଂସାର ପତ୍ନୀ, ପିଲାଛୁଆ, ବ୍ୟବସାୟ ଛାଡ଼ି ଛୁଡ଼ି ଦେଇ ହିମାଳୟ ପଳାଇଯାଇ ଶାନ୍ତିରେ କେଉଁ ଗୁମ୍ଫାରେ ବସିରହିବ। ତେବେ ହେଲେ ଭଲା ଆରାମ ମିଳିବ। ଆଚ୍ଛା ଦେଖିଲ। ଯେଉଲୋକ ଜୀବନକୁ ତ୍ୟାଗ କରି ଏହାକୁ ମୋହମାୟା ବୋଲି କହି ସବୁ ବିସର୍ଜନ କରି ହିମାଳୟ ଯିବାକୁ ପ୍ରସ୍ତୁତ । ଏହି କିଛିକ୍ଷଣ ପୂର୍ବରୁ ଯେଉଁ ଲୋକ ଘୋଡ଼ିରେବସି ମୁଣ୍ଡରେ ପାଗଭିଡ଼ି ବାହାହେବାକୁ ବାହାରିଥିଲା ସେଏବେ କହୁଛି ଜୀବନ ଘୋର ପାପମୟ, ନିର୍କର ଦ୍ୱାର। ଏଠାରୁ ମୋର ମୁକ୍ତି ଦରକାର। ଏମିତି ଭାବରେ ଏ ଜଗତର ସମସ୍ତ ମଣିଷ ଚିନ୍ତା କରୁଛନ୍ତି। ଏହି ତଥାକଥିତ ଶିକ୍ଷା ଏଭଳି ମଣିଷକୁ ବିଷାକ୍ତ କରିଦେଇଛି । ତା'ର ଏଥିରୁ ମୁକ୍ତି ନାହିଁ। ସେ ଏସବୁ ବିରୋଧାଭାସ ଚିନ୍ତା କରିବା ପାଇଁ ବାଧ୍ୟ। ଅନେକ ସମୟରେ କିଛି ଯୁବକଯୁବତୀ କହିବାର ଶୁଣିଛି, 'କ'ଣ କରିବି। ବାପା ମା' ପଛରେ ପୂରା ପଡ଼ିଛନ୍ତି ବାହାହେବାପାଇଁ

ବାଧ୍ୟ କରୁଛନ୍ତି । ଏ ପାପରେ ଘାଣ୍ଟିହେବା ପାଇଁ ପଠାଉଛନ୍ତି ତା'ହେଲେ ତୁମେ ଶୁଣି ଉତ୍ତରଦେବ। 'ତୁ ବଡ଼ ସାତ୍ତ୍ୱିକ, ଧାର୍ମିକ ଦେଖୁଛି । ମାୟାମୋହ କଥା । ତୋ ଭିତରେ ଜ୍ଞାନ ଉଦୟ ହୋଇଛି।'

ଯଦି ଯୁବକ ଜଣକ ବିବାହ କରୁଛି ତେବେ ବି ଅସୁବିଧାରେ ପଡୁଛି ନ କରୁଛି ତେବେ ବି ଅସୁବିଧାରେ ପଡୁଛି। ବିବାହ ନ କରି କାମନା ବାସନାକୁ ଦବାଇ ରଖିଲେ ମଧ୍ୟ ମନ ଭ୍ରମିତ ହେବ। ଅନ୍ତଃ ସଂଘର୍ଷରେ ସେ ଆହୁରି ବିଷର୍ଣ୍ଣ ହୋଇଯିବ। ନିଜ ସହିତ ସେ ନିରନ୍ତର ଲଢ଼େଇ କରି ଚାଲିବ। ସର୍ବଦା ନିଜ ସହିତ ଲଢ଼ିଲେ ଜଣେ କେବେହେଲେ ପ୍ରସନ୍ନ ରହିପାରିବ ନାହିଁ। ଯଦି ବା ବିବାହ କରୁଛି ତଥାପି ଖୁସିରେ ରହିବ ନାହିଁ। କହିବ ଜୀବନ ପାପପୂର୍ଣ୍ଣ, ଦୁଃଖମୟ, ଆମର ଜୀବନକୁ ଦେଖିବାର ପଦ୍ଧତିରେ ବୁନିୟାଦି ଭ୍ରାନ୍ତି ରହିଛି। ଆମର ନିର୍ଣ୍ଣୟ ପ୍ରକ୍ରିୟା ଭୁଲ୍ ବୋଲି ପ୍ରମାଣିତ ହୋଇଛି। ତୁମେ କହୁଛ, ମତେ ଉଦାସ ଲାଗୁଛି । କାହିଁକି କାରଣ ଜାଣିନାହିଁ । କାହିଁକି ତୁମେ ଏତେ ଉଦାସ ହେଉଛ ଏହାର ପଛରେ ତୁମର ଶୁଷ୍କ ଦର୍ଶନଶାସ୍ତ୍ର ଗୁଡ଼ିକ କାମ କରୁଛନ୍ତି। ତୁମେ ଯେଉଁ ଧର୍ମ ଦର୍ଶନକୁ ଜାବୁଡ଼ି ଧରିବ ସେମାନେ ହିଁ ତୁମକୁ ଅଧିକ ଉଦାସ କରିଦେଉଛନ୍ତି। ତେଣୁ ଏ ସମସ୍ତ ଭ୍ରାନ୍ତ ଦୃଷ୍ଟିକୋଣରୁ ନିଜକୁ ମୁକ୍ତ କର। ସରଳତା ହିଁ ବଞ୍ଚିବାର ଆଧାର। ଏହାକୁ ପୁଞ୍ଜିକରି ଜୀବନରେ ବଞ୍ଚିବା ଆରମ୍ଭ କର। ସିଦ୍ଧାନ୍ତ କିମ୍ବା ଶାସ୍ତ୍ରଗତ ଦୃଷ୍ଟିକୋଣରେ ଜୀବନକୁ ଦେଖନାହିଁ । ଟିକେ ସହଜଭାବରେ ସରଳ ଭାବରେ ପ୍ରାକୃତିକ ନୈସର୍ଗିକ ରୂପରେ ଜୀବନକୁ ଦେଖିଲେ ଏକ ଅପୂର୍ବ ଆନନ୍ଦ ଜାତ ହେବ।

ଧରାଯାଉ ! ଗୋଲାପ ମନରେ ଏହି ଭାବନା ସୃଷ୍ଟିହେବ ଫୁଟିବାପାପ ତେବେ ଫୁଲ ଫୁଟିଲେ ଆଉ ତାଜା ଦେଖା ନଯାଇ ଉଦାସ ଦେଖାଯିବ। ଗୋଲାପ ଫୁଲ ଯଦି ପୂର୍ଣ୍ଣରୂପରେ ଫୁଟିବ ନାହିଁ ତେବେ ତା' ମନରେ ଖୁବ୍ କଷ୍ଟ ହେବ। ସେହି ଆତ୍ମକଷ୍ଟ ଫୁଲ ଦେହରେ ହିଁ ଉକୁଟି ଉଠିବ । ଫୁଲ ଫୁଟିବନି, ଫୁଲ ଝଡ଼ିବନି ଏବଂ ଏଇଆକୁ ଗଛ ଜୋର ଜବରଦସ୍ତ ବନ୍ଦ କରିଯଦି ରଖିବ ତାହେଲେ ତ ଗଛ ଆତ୍ମଘାତୀ ହେବ। ଯଦିବା ଅନୁମତି ଦେଲା ତେବେ ଫୁଲ ଉଦାସ ହୋଇ ଫୁଟିବ। ସେଥିରେ ସୁବାସ ରହିବନାହିଁ। ପ୍ରାଣବନ୍ତ ମନେହେବ ନାହିଁ। ଯେମିତି ମୃତ୍ୟୁ ସେଥିରେ ଛପି କରି ବସିଛି ବୋଲି ଜଣାପଡ଼ିବ। ମଣିଷର ଦୃଷ୍ଟିକୋଣ ଅତ୍ୟନ୍ତ ପ୍ରାଚୀନ, ସମ୍ମାନିତ ତଥା ଆଦୃତ ମଧ୍ୟ ହୋଇସାରିଛି। ସେଥିପାଇଁ ଅସୁବିଧା ହେଉଛି । ଭ୍ରମାତ୍ମକ ଦୃଷ୍ଟିକୋଣ ଯୋଗୁଁ ହିଁ ତୁମେ ଉଦାସ ହୋଇ ପଡ଼ିଛ। ତା'ପରେ ଏଭଳି ଉଦାସ ମନନେଇ ତୁମେପୁଣି ସାଧୁ ମହାତ୍ମାଙ୍କ ନିକଟକୁ ଯାଉଛ ଯେଉଁମାନେ କି ଏହି ଉଦାସପଣର ମୂଳମଞ୍ଜି ସେମାନେ ପରାମର୍ଶ ଦେଉଛନ୍ତି

ପୂର୍ବଜନ୍ମର ପାପର ଫଳପାଇଁ ଏ ଜନ୍ମରେ ଏମିତି ଉଦାସ ହୋଇଯାଉଛ । କେବେ ତୁମେ ନିଜକୁ ଏହି ମହାତ୍ମାଙ୍କ କବଳରୁ ମୁକ୍ତ କରିବ ?

ନିଜର ଅନ୍ତରର ଆହ୍ୱାନକୁ ଶୁଣିବାକୁ ଚେଷ୍ଟାକର । ପରମାତ୍ମାଙ୍କ ଠାରୁ ମୁକ୍ତ ହୁଅ । ପରମାତ୍ମାଙ୍କୁ ଶୁଣିବାକୁ ହେଲେ ମଝିରେ ଥିବା ସାଧୁସନ୍ଥମାନଙ୍କୁ ହଟାଇବାକୁ ପଡ଼ିବ । ଶାନ୍ତ ହୋଇ ବସି ଅନ୍ତରର ଆହ୍ୱାନକୁ ମନପ୍ରାଣ ଦେଇ ଶୁଣ । ଦେଖିବ କେମିତି ଅପୂର୍ବ ପୁଲକରେ ସମସ୍ତଚେତନା ପୁଲକିତ ହେଉଛି, ପ୍ରଫୁଲ୍ଲିତ ହେଉଛି । ଅନ୍ତରର ଉପଦେଶମାନି, କଥାମାନି ଚଳ ଦେଖିବ ଜୀବନ ପ୍ରସନ୍ନତାରେ ଭରିଯାଉଛି । ଚତୁର୍ଦ୍ଦିଗ ଆଲୋକମୟ ହୋଇଯାଇଛି । ଯେମିତି ସହସ୍ର ଦୀପର ରୋଷଣୀରେ ସମଗ୍ର ଜଗତ ଆଲୋକିତ ହୋଇଯାଇଛି ।

# ବିଭୋର ପ୍ରତୀକ୍ଷା

ରାମକୃଷ୍ଣ ପରମହଂସ ଠିକ୍ ମରିବାପୂର୍ବରୁ ପତ୍ନୀ ଶାରଦାଦେବୀଙ୍କୁ କହିଥିଲେ, 'ଶାରଦା ! ଗୋଟିଏ କଥା ସର୍ବଦା ମନେରଖିବ ମୁଁ ସବୁବେଳେ ତୁମ ପାଖରେ ରହିଛି, ରହିଥିବି। ତେଣୁ ମୁଁ ମରିଗଲାପରେ କଦାପି ନିଜକୁ ବିଧବା ବୋଲି ଭାବିବ ନାହିଁ। କେବଳ ଏଇ ମୋର ଶରୀର ହିଁ ମୃତ୍ୟୁରେ ନଷ୍ଟ ହେଉଛି। ତୁମେ ମତେ ବିବାହ କରିଛ ମୋର ଶରୀରକୁ ନୁହେଁ।' ଭାରତବର୍ଷରେ ସ୍ୱାମୀ ମରିଗଲାପରେ ସ୍ତ୍ରୀକୁ ବିଧବା ଯନ୍ତ୍ରଣା ଯେଭଳି ଭୋଗିବାକୁ ହୁଏ ତାହା ଅବର୍ଣ୍ଣନୀୟ । ବିଶେଷକରି ବଙ୍ଗଳାରେ ଏହି ବୈଧବ୍ୟ ଯାତନା ଅତ୍ୟନ୍ତ ମର୍ମନ୍ତୁଦ। ସଦ୍ୟ ସ୍ୱାମୀ ମରିଥିବା ନାରୀଟିର ମୁଣ୍ଡର ବାଳକୁ କାଟି ଲାଣ୍ଡି କରି ଦିଆଯାଏ। ବାଳ ନାରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ବାଳ କାଟିଦେବା ଫଳରେ ସେ ଅଧା ଅସୁନ୍ଦରୀ, ହୀନିମାନ ଦେଖାଯାଏ । ବିଧବା ସ୍ତ୍ରୀକୁ ରଙ୍ଗୀନ ଶାଢ଼ୀ ପିନ୍ଧିବାକୁ ଦିଆଯାଏ ନାହିଁ । କେବଳ ଧଳା ଥାନ ଧୋତି ସେ ପିନ୍ଧିବ । ଅଳଙ୍କାର, କାଚଚୂଡ଼ି, ସିନ୍ଦୂର ଏସବୁ ଯାହା ବିବାହିତା ସୋହାଗିନୀ ନାରୀର ଆଭୂଷଣ, ସେସବୁ ମନା କରିଦିଆଯାଏ। ପତିର ମୃତ୍ୟୁପରେ ସେ ନିଜେ ତା'ର କାଚଚୂଡ଼ି ଚଟାଣରେ ପିଟି ଭାଙ୍ଗେ । କାଚଚୂଡ଼ିକୁ ବିବାହିତା ନାରୀର ପ୍ରମୁଖ ଆଭୂଷଣର ପ୍ରତୀକ ଭାବରେ ଗ୍ରହଣ କରାଯାଏ।

କାଚ ଭଳି ମଣିଷର ଜୀବନ କ୍ଷଣ-ଭଙ୍ଗୁର। ତେଣୁ ସ୍ୱାମୀର ମୃତ୍ୟୁପରେ ହିନ୍ଦୁନାରୀର ସୁଖ ସୌଭାଗ୍ୟର ଚିହ୍ନ ସ୍ୱରୂପ କାଚ ଚୂଡ଼ି ଭାଙ୍ଗିଦିଆଯାଏ। ଲଣ୍ଡିତ ମସ୍ତକ, ଲଙ୍ଗଳାହାତ, ଶୃଙ୍ଗାର ବିବର୍ଜିତ ଖଣ୍ଡେ ଧଳା ଥାନ ସୂତା ଶାଢ଼ୀ ପିନ୍ଧି ବିଧବା ସ୍ତ୍ରୀଟି ଠିଆ ହୁଏ । ସେହି କରୁଣ ଛବି ଦେଖିହୁଏନାହିଁ । ସମବେଦନାର ଦୀର୍ଘଶ୍ୱାସ ସମସ୍ତଙ୍କ ମୁହଁରୁ ବାହାରେ। ଆହା ଚୁ ଚୁ ପଦ ଅନାୟାସ ସ୍ୱରେ । ଏଥିପାଇଁ ରାମକୃଷ୍ଣ ପରମହଂସ ଶାରଦାଙ୍କୁ ବୈଧବ୍ୟ ବେଶ ଗ୍ରହଣ କରିବାକୁ ମନା କରିଥିଲେ। ରାମକୃଷ୍ଣ ପରମହଂସ ହିନ୍ଦୁ ସମାଜରେ ପ୍ରଚଳିତ ଏହି ଘୃଣ୍ୟ ପରମ୍ପରାକୁ ପ୍ରଥମ କରି ବିରୋଧ କରିଥିଲେ। ସେ ଶାରଦାଙ୍କୁ କହିଥିଲେ, ଯେତେ ସାମାଜିକ ବିରୋଧ ହେଲେ ମଧ୍ୟ ତୁମେ କଦାପି ବିଧବା ଭଳି ଜୀବନ ଜୀଇଁବ ନାହିଁ।

ତୁମେ ଯେମିତି ପୂର୍ବରୁ ମୋ ସଙ୍ଗେ ରହିଆସିଥିଲ ଠିକ୍ ସେମିତି ବଞ୍ଚିବ । ମୁଁ ତୁମ ହାତରନ୍ଧା ଖାଦ୍ୟ, ମିଠା, ମାଂସ, ତୁମେ ଯେମିତି ମତେ ଏସମସ୍ତ ସବୁଦିନ ରାନ୍ଧି ମୋପାଇଁ ବାଢ଼ିବ । ମୋ ଖାଇବା ପାଖରେ ତୁମେ ଯେମିତି ବସି ମତେ ପଙ୍ଖା କର ସେମିତି ନିଶ୍ଚୟ କରିବ । ନିଶ୍ଚୟ ଦିନେ ମୁଁ ପୁଣି ଫେରି ଆସିବି । ଏହାପରେ ରାମକୃଷ୍ଣ ମୃତ୍ୟୁବରଣ କଲେ । ସମସ୍ତେ ଶାରଦାଙ୍କୁ ବୁଝାଇବାରେ ଲାଗିଲେ, ଶାରଦା ! କଥା ମାନ । ପରମ୍ପରାକୁ ଭାଙ୍ଗନାହିଁ । ଅମଙ୍ଗଳ ହେବ । ଅନର୍ଥ ଘଟିବ । ତୁମ ପତି ରାମକୃଷ୍ଣ ସର୍ବଦା ଅଧାପାଗଳ ଭଳି କଥା କହୁଥିଲେ ଓ କାର୍ଯ୍ୟ କରୁଥିଲେ । ବୋଧହୁଏ ତୁମକୁ ସେ ଏଭଳି ଭୟଙ୍କର ଅନ୍ୟାୟ କଥା କହିଲାବେଳକୁ ସମ୍ପୂର୍ଣ୍ଣ ପାଗଳ ହୋଇଯାଇଥିଲେ । ନହେଲେ ଏମିତି ପାପ କଥା କେଉଁସ୍ୱାମୀ ତା' ସ୍ତ୍ରୀକୁ କହିପାରେ ?

କିନ୍ତୁ ଶାରଦା ଏମାନଙ୍କ କଥାରେ ଆଦୌ ବିଚଳିତ ନହୋଇ କହିଲେ, 'ମୁଁ ତୁମର ପରମ୍ପରାକୁ ବିବାହ କରିନାହିଁ । ତୁମର ଅନ୍ୟାୟ ନୀତି ନିୟମକୁ ବିବାହ କରିନାହିଁ । ମୁଁ ଏହି ଅଧାପାଗଳ ସୁନ୍ଦର ମଣିଷକୁ ବିବାହ କରିଥିଲି ତେଣୁ ସେ ଯାହା ମତେ କହିଯାଇଛନ୍ତି ତାହାହିଁ ମୁଁ ପାଳନ କରିବି ।' ତେଣୁ ରାମକୃଷ୍ଣଙ୍କ ମୃତ୍ୟୁପରେ ଶାରଦା ଆଦୌ କାନ୍ଦିଲେ ନାହିଁ । ସେମିତି ପୂର୍ବପରି ଅଳଙ୍କାର, କାଚଚୂଡ଼ି, ସିନ୍ଦୂର, ରଙ୍ଗୀନ ଶାଢ଼ୀ ପିନ୍ଧିବାକୁ ଲାଗିଲେ । ତାଙ୍କର ମୁଣ୍ଡ ଲଣ୍ଡା କଲେନାହିଁ । ଲୋକମାନେ କହିବାକୁ ଲାଗିଲେ, 'ଆମେ ଭାବୁଥିଲୁ ରାମକୃଷ୍ଣ ପାଗଳ ଥିଲେ ହେଲେ ଏଇ ଶାରଦା ତ ତାଠାରୁ ବି ଅଧିକା ପାଗଳାମି କରୁଛି । ଦେଖ ତ ! ଜଣେ ବିଧବା ହୋଇ କେମିତି ସଦ୍ୟ ବିବାହିତା ଭଳି ଆଚରଣ କରୁଛି ।' ଶାରଦା ସବୁଦିନଭଳି ପରମ ଶ୍ରଦ୍ଧାରେ ରାମକୃଷ୍ଣଙ୍କ ପାଇଁ ଭାତ ଡାଲି ତରକାରୀ ରାନ୍ଧୁଥିଲେ ଏବଂ ସବୁ ଖାଇବା ଜିନିଷକୁ ଥାଳି ଗିନାରେ ପରଷି ରାମକୃଷ୍ଣଙ୍କ କୋଠରୀରେ ପିଢ଼ା ପାଣିଢ଼ାଳ ଥୋଇ ବାଢୁଥିଲେ । ପୂର୍ବଭଳି ହାତରେ ବିଞ୍ଚଣା ଧରି ତାଙ୍କ ଖାଇବା ପାଖରେ ବସି ମାଛି ଉଡାଉଥିଲେ । ଯେମିତି ମାଛିଟେ ରାମକୃଷ୍ଣଙ୍କ ଖାଇବାଥାଳିରେ ନ ପଡ଼ିବ । କିନ୍ତୁ ଏସବୁ ଦେଖି ଲୋକମାନେ କହୁଥିଲେ, ଶାରଦା ତୁମେ ବଦ୍ଧ ପାଗଳ ହେଲଣି । କେହି ତ ସେ କୋଠରୀରେ ନାହାନ୍ତି, ତୁମେ ଅଯଥାରେ କାହିଁକି ଏସବୁ ଖାଇବା ବାଢୁଛ ।

କୌଣସି କଥା, ଟିପ୍ପଣି ଶାରଦା ଶୁଣୁ ନଥିଲେ । ଦିନରେ ଦି ଥର ପୂର୍ବପରି ସେ ରାମକୃଷ୍ଣଙ୍କ ପାଇଁ ନିଶ୍ଚୟ ପରୁଷୁଥିଲେ । କେହି ତାଙ୍କୁ ଏଥିପାଇଁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ସେ କହୁଥିଲେ, 'ମୁଁ ଜାଣେ ସେ ନିଶ୍ଚୟ ଦିନେ ଫେରିଆସିବେ । ତେଣୁ ମୁଁ ତାଙ୍କୁ ହିଁ ଖାଇବାକୁଦେଉଛି ।' କି ଅସମ୍ଭବ ଧୈର୍ଯ୍ୟ ଶାରଦାଙ୍କର । ଅସୀମ ଧୈର୍ଯ୍ୟ ସହକାରେ ଶାରଦା ସମସ୍ତ ପାରମ୍ପରିକ ନିୟମକୁ ଭ୍ରୂକ୍ଷେପ ନକରି

ସ୍ୱାମୀଙ୍କୁ ଅପେକ୍ଷା କରିଥିଲେ। ଶାରଦା ଅନେକ ଦିନ ଯାଏ ବଞ୍ଚିଥିଲେ। ହୁଏତ ରାମକୃଷ୍ଣ ଦିନେ ଆସିପାରନ୍ତି, ନଆସି ପାରନ୍ତି । ସେ ଦିନେ ବୋଧିଦ୍ରୁମ ତଳେ ବସି ବୁଦ୍ଧତ୍ୱ ପ୍ରାପ୍ତି ହେବେ ଏ ସତ୍ୟତା ଅଛି। ତୁମର ଆଲୋକିତ ହେବାର ସମୟ ଯେ ନିଶ୍ଚୟ ଆସିବ ଏଥିରେ କୌଣସି ସନ୍ଦେହ ନାହିଁ। ସେହି ଅସୀମ ଆଲୋକରେ ଅବଗାହନ କରିବ, ଅନିନ୍ଦ୍ୟ ଆନନ୍ଦରେ ଉତ୍‌ଫୁଲ୍ଲିତ ହେବ। ଯଦି ତୁମେ ଅଳସୁଆ ତେବେ ସେହି ବୋଧିଦ୍ରୁମ ନିକଟରେ ପହଞ୍ଚିବାକୁ, ବୁଦ୍ଧତ୍ୱ ଲାଭ କରିବାକୁ ଆହୁରି ଅନେକ ଜନ୍ମ ନେବ। ମହାଜ୍ଞାନ, ମହାଆଲୋକର ଅର୍ଥ କିଛି ନୁହେଁ ତୁମ ଅନ୍ତରର ଆତ୍ମାର ଆଲୋକ ହିଁ ତୁମେ ଦେଖିପାରୁଛ ଓ ଅନୁଭବ କରିଛ । ତାହାହିଁ ବୁଦ୍ଧତ୍ୱ ପ୍ରାପ୍ତି, ନିର୍ବାଣ ପ୍ରାପ୍ତି । ପଦାର୍ଥ ବିଜ୍ଞାନୀମାନେ କହନ୍ତି ଯେକୌଣସି ବସ୍ତୁ ଆଲୋକର ତୀବ୍ର ଗତି ସହିତ ଯଦି ଘୂରେ ତେବେ ତାହା ମଧ୍ୟ ଆଲୋକିତ ହେବ। କାରଣ ଆଲୋକର ଗତି ଏତେ ତୀବ୍ର ଯେ ତାହା ବସ୍ତୁ ସହିତ ଘର୍ଷଣ ହୋଇ ଅଗ୍ନି ସ୍ଫୁଲିଙ୍ଗ ସୃଷ୍ଟି କରିବ। ସେହି ଘର୍ଷଣରୁ ହିଁ ଆଲୋକ ସୃଷ୍ଟି ହେବ। ଆଲୋକ ସହିତ ବସ୍ତୁ ଉଭେଇଯିବ କେବଳ ଚତୁର୍ଦ୍ଦିଗ ଆଲୋକମୟ ହୋଇଯିବ। ତୁମେ ମହାଜ୍ଞାନର ମହାଆଲୋକର ଅଧିକାରୀ ଯଦି ହେବାକୁ ଚାହଁ ତେବେ ନିଜର ଇଚ୍ଛାକୁ କାମନାକୁ ଆଲୋକରେ ରୂପାନ୍ତରିତ କର। ଅଗଣିତ ସୂର୍ଯ୍ୟ ରଶ୍ମିରେ ତୁମେ ତେଜିୟାନ୍ ଦେଖାଯାଉଛ। ଦେଦୀପ୍ୟମାନ ମନେ ହେଉଛ।

ତେଣୁ ତୁମେ କାହାଠାରୁ ଅନୁଭବ ଧାର ଆଣିପାରିବ ନାହିଁ । ତୁମକୁ ନିଜେ ସେଥିପାଇଁ ଅନୁଭବ କରିବାକୁ ପଡ଼ିବ। ପ୍ରୟାସ ଜାରିରଖିବାକୁ ପଡ଼ିବ। ତୁମେ ସେହି ଅପୂର୍ବ ଅନୁଭୂତିକୁ ନିଜେ ଅନୁଭବ ନକଲେ କେବେହେଲେ ବୁଝିପାରିବ ନାହିଁ। ପୃଥିବୀର ଧର୍ମ ହେଉଛି ପ୍ରଥମେ ତୁମେ ଗୋଟିଏ ଘଟଣାକୁ ବୁଝ ତା'ପରେ ନିଜ ଭିତରେ ତାହା ଅନୁଭବ କର। ତାହେଲେ ଯାଇ ସମଗ୍ର ଜାଗତିକ ସତ୍ୟକୁ ବୁଝିପାରିବ। ନିଜେ ଆଲୋକିତ ହେବାପାଇଁ ପୁରୁଣା ପାରମ୍ପରିକ ଧାରାରେ ନିଜ ଶରୀରକୁ କଷ୍ଟ ଦେବାର କୌଣସି କାରଣ ନାହିଁ। ନିଜର ଆତ୍ମାର ଅନ୍ତରର ଆହ୍ୱାନକୁ ଶୁଣିବା, ଅନ୍ତଃ ଆଲୋକରେ ଆଲୋକିତ ହେବାପାଇଁ କୌଣସି ଧର୍ମର ପ୍ରତିବନ୍ଧକ, ନୀତିନିୟମ ଗୁଳାରେ ନିଜକୁ ଜର୍ଜରିତ କରିବାର କୌଣସି ଆବଶ୍ୟକତା ନାହିଁ। ଏଠାରେ ଏକ ସୁଫୀଗଳ୍ପର ଅବତାରଣା କରାଯାଉଛି । ଜଣେ ରାଜା ଥିଲେ। ସେ କେବଳ ଜଣେ ଶାସକ ନଥିଲେ ବରଂ ଆତ୍ମିକ ସ୍ତରରେ ଅତ୍ୟନ୍ତ ଉନ୍ନତ ସ୍ତରର ବ୍ୟକ୍ତିତ୍ୱ ମଧ୍ୟ ଥିଲେ। ଦିନେ ସେ ତାଙ୍କର ରାଜଜ୍ୟୋତିଷଙ୍କୁ କହିଲେ, ତୁମର ଜ୍ୟୋତିଷ ବିଜ୍ଞାନ ବାସ୍ତବରେ ଖୁବ୍ କଠିନ ଜଣାପଡୁଛି। ଜଣେ ଜଣେ ବ୍ୟକ୍ତିବିଶେଷର ଆଚରଣ, ଭବିଷ୍ୟତ, ଅତୀତ ଇତ୍ୟାଦି ଉପରେ ଗବେଷଣା କରିଫଳାଫଳ ଘୋଷଣାକରିବା ଏକବାରେ ଅସମ୍ଭବ ବ୍ୟାପାର। କାରଣ ମଣିଷ ଜୀବନର ପ୍ରତିଟି ପଦକ୍ଷେପରେ ଏତେ ସମସ୍ୟା ଗୋଲକଧନ୍ଦା ଭରି ରହିଛି।

ଯେତେବେଳେ କେଉଁବ୍ୟକ୍ତି କ'ଣ କରିବାକୁ ଯିବ କି ମତ ପରିବର୍ତ୍ତନ କରିବ ତାହାର କୌଣସି ଠିକ୍‌ଠିକଣା ନାହିଁ। ତା'ପରେ ଜୀବନ ଏତେ ଆକସ୍ମିକ, ଘଟଣାବହୁଳ ଯେ ସବୁକିଛି ଅନ୍ଧକାରରେ ରହିଛି । ଏସବୁସତ୍ତ୍ୱେ ମଣିଷ ଆଦୌ *ସଚେତନ ନୁହନ୍ତି ।*

କିନ୍ତୁ ଏହା ଶୁଣି ଜ୍ୟୋତିଷ କହିଲେ, 'ନା ! ଏହା ସତ୍ୟ ନୁହେଁ ।' ରାଜା କହିଲେ, 'ତା'ହେଲେ ତୁମକୁ ପ୍ରମାଣ ସହ ପରୀକ୍ଷା କରିବାକୁ ପଡ଼ିବ ।' ଗୋଟିଏ ଭିଖାରୀ ରାଜପ୍ରାସାଦର ଆଗରେ ସବୁଦିନ ବସୁଛି ତାକୁ ନେଇ ପରୀକ୍ଷା କରାଯାଉ । ରାଜପ୍ରାସାଦ ଆଗରେ ଏକ ସୁନ୍ଦର ମନୋରମ ନଦୀ ବୋହି ଯାଉଥିଲା । ପ୍ରତ୍ୟେକ ଦିନ ସେହି ଭଖାରୀ ପୋଲ ପାରହୋଇ ଆସି ଠିକ୍ ରାଜପ୍ରାସାଦ ସାମ୍ନାରେ ବସୁଥିଲା । ସେ ଜଣକ ଆଦୌ ସାଧାରଣ ଭିଖାରୀ ନଥିଲା । ମାନେ ରାଜକୀୟ କହିଲେ ଅତ୍ୟୁକ୍ତି ହେବନାହିଁ । ଖୁବ୍ ଧନୀ ଭିଖାରୀ ଥିଲା । ଦେଖିବାକୁ ବେଶ୍ ଶକ୍ତିଶାଳୀ ମନେ ହେଉଥିଲା । ସେ ରାଜଧାନୀର ସମସ୍ତ ଭିକାରୀଙ୍କୁ ସତର୍କ କରିଦେଇଥିଲା କେହି ଯେମିତି ତା' ଇଲାକାକୁ ଭିକ ମାଗିବାକୁ ପଶି ନ ଆସନ୍ତି । ଏବଂ ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ ଭିକାରୀମାନେ ମଧ୍ୟ ତାହା ଶୁଣୁଥିଲେ ଓ ମାନୁଥିଲେ । ଦିନେ ରାଜା କହିଲେ, ଆସନ୍ତାକାଲି ଭିକାରୀ ରାଜପ୍ରାସାଦ ନିକଟକୁ ଆସିଲା ପୂର୍ବରୁ ଆମେ ଗୋଟିଏ ପାତ୍ରରେ ସୁନାମୋହର ଭର୍ତ୍ତି କରି ଠିକ୍ ପୋଲ ମଝିରେ ପାତ୍ରକୁ ରଖିଦେବା । କାରଣ ଭିଖାରୀଟି ସର୍ବପ୍ରଥମେ ପୋଲକୁ ଅତିକ୍ରମ କରିଆସେ । ତେଣୁ ସେ ମଝିରେ ରଖାହୋଇଥିବା ସୁନାମୋହର ପାତ୍ରକୁ ନିଶ୍ଚୟ ଦେଖିପାରିବ ଓ ନେଇପାରିବ । ରାଜା, ଜ୍ୟୋତିଷ ଏବଂ ଅନ୍ୟମାନେ ରାଜପ୍ରାସାଦ *ଉପରେଥାଇ ସକାଳୁ କ'ଣ ହେଉଛି ଦେଖିବାପାଇଁ ଉତ୍କଣ୍ଠିତ ହୋଇ ଅପେକ୍ଷାକରିବାକୁ* ଲାଗିଲେ । ଟିକିଏ ଦୂରକୁ ଚାହିଁ ଜ୍ୟୋତିଷ ରାଜାଙ୍କୁ କହିଲେ, ଏତ ବଡ଼ ଆଶ୍ଚର୍ଯ୍ୟର କଥା ମହାରାଜ ! ଭିଖାରୀଟା ତ ସୁବର୍ଣ୍ଣପାତ୍ର ଆଡକୁ ଆଦୌ ଦେଖୁନାହିଁ ଆଖି ବନ୍ଦକରି ଚାଲି ଆସୁଛି । ତାପରେ ଭିଖାରୀଟି ରାଜପ୍ରାସାଦରେ ପହଞ୍ଚିଲା ରାଜା ତାକୁ ଡାକି କହିଲେ, 'ଘଟଣା କ'ଣ ? ତୁମେ ତ ଅନ୍ଧ ନୁହଁ ।' ଭିଖାରୀ ଉତ୍ତରଦେଲା, 'ନା ! ମୁଁ ଅନ୍ଧ ନୁହେଁ ।' ରାଜା କହିଲେ, 'ତା'ହେଲେ କାହିଁକି ତୁମେ ଅନ୍ଧଭଳି ଆଖି ବନ୍ଦ କିର ପୋଲ ଉପରେ ଚାଲି ଚାଲି ଆସୁଥିଲ ?' ଭିଖାରୀ ଉତ୍ତର ଦେଲା । ସକାଳୁ ଘରୁ ବାହାରିଲା ବେଳକୁ ମୋ ମୁଣ୍ଡରେ ଗୋଟିଏ ଧାରଣା ଆସିଲା ଯଦି ମୁଁ ଅନ୍ଧ ହୋଇଯାଏ ତେବେ କ'ଣ ପୋଲ ପାର ହୋଇ ରାଜପ୍ରାସାଦକୁ ଯାଇପାରିବି ? ଏମିତି ଭାବି ଭାବି ମୁଁ ଦେଖିବାକୁ ଚାହୁଁଥିଲି ଯେ ଆଖି ବନ୍ଦ କରି ଅନ୍ଧ ଭଳି ମୁଁ ପୋଲ ପାରହୋଇ ଆସିପାରୁଛି ନା ନାହିଁ । ପ୍ରକୃତରେ ମୁଁ ଅନ୍ଧ ନୁହେଁ କିନ୍ତୁ ଅନ୍ଧଭଳି ଅଭିନୟ କରି ଆସୁଥିଲି । ଯଦି ଭବିଷ୍ୟତରେ କେବେ ମୁଁ ଅନ୍ଧ ହୋଇଯାଏ ତେବେ ମୋର ଏହି ଅନ୍ଧତ୍ୱ ଅଭ୍ୟାସ ମତେ ସେତେବେଳେ ସାହାଯ୍ୟ କରିବ । ତେଣୁ ଅଭ୍ୟାସ କାହିଁକି ଆଜିଠାରୁ ନ କରିବି ?'

ରାଜା ଜ୍ୟୋତିଷଙ୍କୁ କହିଲେ, ଦେଖିଲ ତ ମୁଁ ତୁମକୁ କ'ଣ କହିବାକୁ ଚାହୁଁଥିଲି । ଲୋକଟି ପୋଲ ଉପରେ ଥୁଆହୋଇଥିବା ସୁବର୍ଣ୍ଣ ଭର୍ତ୍ତି ପାତ୍ରକୁ ଅତିକ୍ରମ କରିଆସିଲା କେବଳ ଗୋଟିଏ ଧାରଣା ପାଇଁ, ଯଦି ମୁଁ ଦିନେ ଅନ୍ଧ ହୋଇଯାଏ ତେବେ କାହିଁକି ଆଗରୁ ଅଭ୍ୟାସ କରି ଏହି କଳାକୁ ଆୟତ୍ତ କରିବି ନାହିଁ । ସେତେବେଳେ ଆଉ ଅସୁବିଧା ଲାଗିବ ନାହିଁ । ତେଣୁ ସେ ଆଜି ଦିନଟିକୁ ଅଭ୍ୟାସ ଭାବରେ ଗ୍ରହଣ କଲା ଓ ଆଖି ବନ୍ଦ କରି ଆସିଲା । ସୁତରାଂ ଏହା ଖୁବ୍ କଷ୍ଟକର ଜାଣିବା କିଏ କେତେବେଳେ ସଚେତନ ହେବ । ଆଶୀର୍ବାଦମୟ ହେବ । ଏପରିକି ମଣିଷମାନେ ଶେଷପର୍ଯ୍ୟନ୍ତ ଯାଇଥିବେ ହଠାତ୍ ମୁଣ୍ଡକୁ କ'ଣ ଧାରଣାଜୁଟିବ ଓହରି ଆସିବେ । ଏକଦମ୍ ମନ୍ଦିରର ନିକଟବର୍ତ୍ତୀ ହୋଇଯାଇଥିବେ ଅଥଚ ଅନ୍ଧତ୍ୱ ଭଳିଧାରଣା ମନକୁ ଆସିବା ଯୋଗୁଁ ଫେରି ଆସିବେ । ସଚେତନ ହେବା ନହେବା କାହା ହାତରେ ନାହିଁ । ଏହା କାହାରି ଇଚ୍ଛା ଅନିଚ୍ଛା ଉପରେ ନିର୍ଭରଶୀଳ ନୁହେଁ । ଅନ୍ତଃସ୍ମରଣର ଆଶୀର୍ବାଦ କେତେବେଳେ କାହାଉପରେ ଝରିବ କାହାକୁ ଆନନ୍ଦମୟ କରିଦେବ ସେସବୁ ତୁମର ନା ମୋ ହାତରେ ଅଛି ।



ଡକ୍ଟର ବିଧୁପ୍ରଭା ରଥ

ସମକାଳୀନ ଓଡ଼ିଆ ସାହିତ୍ୟର ପ୍ରଚଣ୍ଡ ପ୍ରତିଭାଶାଳିନୀ ଡକ୍ଟର ବିଧୁପ୍ରଭା ରଥ କବିତା ସର୍ଜନାରେ ଯେପରି ସ୍ରୋତସ୍ୱିନୀ ନଈଟିଏ, ସେହିପରି ପ୍ରଜ୍ଞା, ପ୍ରତିଭା ଓ ପ୍ରଗଲଭତାରେ ପରିପୂର୍ଣ୍ଣ କଥା-ଗଦ୍ୟଶିଳ୍ପୀ । ୭୦-୮୦ ଦଶନ୍ଧିର ଛାତ୍ରୀ ଜୀବନରେ ବ୍ରହ୍ମପୁର ଖଲିକୋଟ ମହାବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯେପରି ଏକାଧିକ ସ୍ୱର୍ଣ୍ଣପଦକର ବିଜୟିନୀ ଥିଲେ, ପରବର୍ତ୍ତୀ କାଳରେ ସେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଜଣେ ପ୍ରଜ୍ଞାପୂର୍ଣ୍ଣ ଗବେଷିକାଭାବେ ନିଜ ସାଧନା ଓ ସିଦ୍ଧି ପ୍ରମାଣିତ କରିଛନ୍ତି । ଚଉଠ ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ବ୍ୟାପି ତାଙ୍କ ସାରସ୍ୱତ ସାଧନା ମଧ୍ୟରେ ତାଙ୍କ ରଚିତ ପୁସ୍ତକମାନଙ୍କ ମଧ୍ୟରେ- 'ଠାକୁର ଅଭିରାମ ପରମହଂସଙ୍କ ସାହିତ୍ୟ ଓ ଦର୍ଶନ', 'ସୀତାକାନ୍ତ ମହାପାତ୍ର କାବ୍ୟମାନସ-ମିଥ୍', 'ପ୍ରେମ ଓ ପ୍ରତୀକ୍ଷା', 'ମିଛ ମଣିଷର ଅସ୍ମିତା' (ଲଳିତା ନିବନ୍ଧ ଓ ସମାଲୋଚନା), 'ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ' (ଗବେଷଣା ନିବନ୍ଧ), ଉପନ୍ୟାସ ମଧ୍ୟରେ 'ଶୁଣ ଫାଲ୍‌ଗୁନୀ', 'ମହାନାୟକ', 'ରକ୍ତ ରଞ୍ଜିତ ନାୟକ', ଆଦି ପୁସ୍ତକ ନିମନ୍ତେ ଅଜସ୍ର ପାଠକୀୟ ଶ୍ରଦ୍ଧା ଅର୍ଜନ କରିଛନ୍ତି, ସେତିକି ନୁହେଁ ଓଡ଼ିଶାର ବୁଦ୍ଧିଜୀବି ପାଠକ ମାନସରେ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହୋଇପାରିଛନ୍ତି । 'ହୃଦୟଭିକ୍ଷା'ରେ ସ୍ଥାନିତ ଲଳିତ ନିବନ୍ଧଗୁଡ଼ିକ ଗତ ୧୦ ବର୍ଷ ମଧ୍ୟରେ 'ଝଙ୍କାର', 'ସ୍ପର୍ଶ' ଦୈନିକ 'ଅନୁପମ ଭାରତ', 'ଦୈନିକ ଆଶା', 'ଦୈନିକ ସମାଜ', 'ଦୈନିକ ପ୍ରଜାତନ୍ତ୍ର' ଓ ମହାପାତ୍ର ଭାସ୍କର ଗନ୍ତାଘରେ ସଂପାଦିତ 'କଳିଙ୍ଗାବର୍ତ୍ତ' ଏବଂ 'ସାହିତ୍ୟ' ଆଦି ପତ୍ର-ପତ୍ରିକାରେ ପ୍ରକାଶିତ ହୋଇ ତାଙ୍କୁ ପ୍ରସିଦ୍ଧି ଆଣିଦେଇଥିବାବେଳେ ପ୍ରଜାତନ୍ତ୍ର ପ୍ରଚାର ସମିତି (କଟକ) ଦ୍ୱାରା ପୁରସ୍କାର-ସମ୍ମାନରେ ମଧ୍ୟ ମଣ୍ଡିତ କରିଥିଲା ।

- ପ୍ରକାଶକ